# ସକାଳ
THE SAKALA

RNI REGD NO: 42041/83 | PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

PANIKOILI | VOLUME- 44 • ISSUE-97 • WEDNESDAY • 30 SEPTEMBER 2026 • PAGE-12 • ₹ 7.00

• ବର୍ଷ-୪୪ • ସଂଖ୍ୟା-୯୭ • ବୁଧବାର • ୩୦ ସେପ୍ଟେମ୍ବର ୨୦୨୬ • ପୃଷ୍ଠା-୧୨ • ଟ.୭.୦୦


# ସୁପ୍ରିମକୋର୍ଟକୁ ଟଣାହେବେ ଜ୍ଞାନେଶ



**ଆସନ୍ତା ସପ୍ତାହରେ ଶୁଣାଣି**

■ ନୂଆଦିଲ୍ଲୀ, ୨୯।୯ (ଏଜେନ୍ସି): ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍‌ଆଇଆର୍ ଆଳରେ କୋଟି କୋଟି ଭୋଟରଙ୍କୁ କାଟିଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ବିରୋଧରେ ଅଭିଯୋଗର ଶୁଣାଣି କରିବେ ସୁପ୍ରିମକୋର୍ଟ। ଏଥିପାଇଁ ଆସନ୍ତା ସପ୍ତାହ ଦିନ ଧାର୍ଯ୍ୟ କରାଯାଇଛି। ଅନ୍ୟ ଦୁଇ ଜଣ କମିସନରଙ୍କ ଆପତ୍ତିକୁ ଖାତିର ନକରି ଏକତରଫା ନିଷ୍ପତ୍ତି ନେଇଥିବା ଜ୍ଞାନେଶ କୁମାରଙ୍କୁ ସସପେଣ୍ଡ କରିବା ଲାଗି ଆଗତ ଜନସ୍ୱାର୍ଥ ମାମଲା ଉପରେ ବିଚାର କରିବେ ସର୍ବୋଚ୍ଚ ଅଦାଲତ। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଭି ମୋହନାଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରିବାକୁ ରାଜି ହୋଇଛନ୍ତି।

ଜନସ୍ୱାର୍ଥ ମାମଲାରେ ଅଭିଯୋଗ କରାଯାଇଛି ଯେ, ଦୁଇ ନିର୍ବାଚନ କମିସନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀଙ୍କ ଅନୁମୋଦନ ବିନା ମୁଖ୍ୟ ନିର୍ବାଚନ କମିସନର ନିଜ ଇଚ୍ଛା ▶ପୃଷ୍ଠା-୭

# ଶାସକ ଦଳରେ ବି 'ଆୟୁଷ୍ମାନ' ଅସନ୍ତୋଷ

## ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ସାଂସଦ, ବିଧାୟକ

- ଭର୍ତ୍ତି ହେବା ପରେ କାର୍ଡରୁ ସରିଯାଉଛି ଟଙ୍କା
- ରୋଗୀଙ୍କୁ କରାଯାଉଛି ହଇରାଣ, ମଗାଯାଉଛି ଟଙ୍କା
- ସାଧାରଣ ଲୋକଙ୍କ ସ୍ୱର; ବିଏସ୍‌କେୱାଇ ପରି ସୁବିଧା ଆୟୁଷ୍ମାନରେ ଉପଲବ୍ଧ କରାନ୍ତୁ ସରକାର

■ ଭୁବନେଶ୍ୱର, ୨୯।୯ (ସମିସ): ଆୟୁଷ୍ମାନ ଭାରତ-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାକୁ ନେଇ ରାଜ୍ୟ ସରକାର ବଡ଼ ବଡ଼ ଦାବି କରୁଛନ୍ତି। ଦେଶବ୍ୟାପୀ ୨୯ ହଜାର ହସ୍ପିଟାଲରେ ଲୋକଙ୍କୁ ଏହି ଯୋଜନା ଅଧୀନରେ କ୍ୟାସ୍‌ଲେସ୍ ଚିକିତ୍ସା ସୁବିଧା ମିଳିପାରୁଛି ବୋଲି ସରକାରଙ୍କ ପକ୍ଷରୁ ପ୍ରଚାର ପ୍ରସାରରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ତେବେ ବାସ୍ତବ ପକ୍ଷେ ଏହି ଯୋଜନାରେ ରୋଗୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ହେଉଛି। ତେବେ ସରକାରୀ ସ୍ତରରେ ସମସ୍ତ ଅଭିଯୋଗକୁ ଅସ୍ୱୀକାର କରାଯାଉଥିବା ବେଳେ, ଖୋଦ୍ ଶାସକ ଦଳର ସାଂସଦ ଓ ବିଧାୟକ ଏହାର ପୋଲ୍ ଖୋଲିଛନ୍ତି। ରୋଗୀ ସେବା ପଛ; ଏହି ଯୋଜନାରେ ବେସରକାରୀ ହସ୍ପିଟାଲଗୁଡ଼ିକ ଟଙ୍କା ଲୁଟି ନେଉଛନ୍ତି ସେନେଇ ସେମାନେ କ୍ଷୋଭବ୍ୟକ୍ତ କରିବା ସହ ଏନେଇ ରାଜ୍ୟ ସରକାରଙ୍କର ହସ୍ତକ୍ଷେପ ଲୋଡ଼ିଛନ୍ତି।

ଗତ ସୋମବାର ବିଧାନସଭାରେ ଏନେଇ କଡ଼ା ଉଦବେଗ ପ୍ରକାଶ କରିଥିଲେ ଢେଙ୍କାନାଳ ପରଜଙ୍ଗ ନିର୍ବାଚନମଣ୍ଡଳୀର ବିଧାୟକ ବିଭୂତି ଭୂଷଣ ପ୍ରଧାନ। କ୍ଷୋଭ ବ୍ୟକ୍ତ କରି ସେ କହିଲେ ଯେ ଆୟୁଷ୍ମାନ ଭାରତ କାର୍ଡ ଧରି ଯଦି ରୋଗୀ କୌଣସି ଘରୋଇ ହସ୍ପିଟାଲକୁ ଯାଉଛନ୍ତି ତ ତେବେ କଥା ସରିଲା। ହସ୍ପିଟାଲରେ ଭର୍ତ୍ତି ହେବା ପରେ କାର୍ଡରୁ ସବୁ ଟଙ୍କା ସରିଯାଉଛି। ରୋଗୀ ଜଣକ ଯଦି ମରିଗଲା ତ ତରିଗଲା। ନହେଲେ ସେ କୁଆଡ଼େ ଯିବ ବାଟ ପାଉନାହିଁ। ଉଦାହରଣ ଦେଇ ସେ କହିଥିଲେ ଯେ ତାଳଚେରରେ ଥିବା ଜେବିଆର୍ ହସ୍ପିଟାଲ ଏକ ସ୍ୱାସ୍ଥ୍ୟ କ୍ୟାମ୍ପ କରି ଲୋକଙ୍କୁ ଉନ୍ନତ ଚିକିତ୍ସା ପାଇଁ ନିଜ ହସ୍ପିଟାଲରେ ଭର୍ତ୍ତି ▶ପୃଷ୍ଠା-୭


ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର : ମୁଫ୍ତ ବିଜୁଳି ଯୋଜନା
(PMSG:MBY)



ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ,
ପ୍ରୋତ୍ସାହନ ରାଶି ଦେଶରେ ସର୍ବାଧିକ



ମାସକୁ ୩୦୦ ୟୁନିଟ୍ ପର୍ଯ୍ୟନ୍ତ
ବିଜୁଳି ଦେୟ ଉପରେ ସଞ୍ଚୟ

ରୁଫ-ଟପ ସୌର ପ୍ରକଳ୍ପ ପାଇଁ
ପ୍ରତି ଘର ପିଛା ୩ କିଲୋୱାଟ ପର୍ଯ୍ୟନ୍ତ
୧,୩୮,୦୦୦ ଟଙ୍କା ସବସିଡି
(କେନ୍ଦ୍ର ସରକାରଙ୍କ ତରଫରୁ ୭୮,୦୦୦ ଟଙ୍କା
ଓ ରାଜ୍ୟ ସରକାରଙ୍କ ତରଫରୁ ୬୦,୦୦୦ ଟଙ୍କା)

pmsuryaghar.gov.in ରେ
ଅନଲାଇନ ରେଜିଷ୍ଟ୍ରେସନ କରନ୍ତୁ ଏବଂ ଯୋଜନାର ଲାଭ ପାଆନ୍ତୁ।
ଅଧିକ ଜାଣିବା ପାଇଁ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ।

ଶକ୍ତି ବିଭାଗ, ଓଡ଼ିଶା ସରକାର



TPSODL
TP SOUTHERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)



ପେନ୍ ଇନ୍ ବୁକ୍ସ
ଉତ୍କର୍ଷର ୨୧ ବର୍ଷ
ଓଡ଼ିଶାର ସବୁଠୁ ପ୍ରସିଦ୍ଧ ପ୍ରକାଶନ

ସାରା ଓଡ଼ିଶା ପଢୁଛି ଆପଣ ପଢ଼ିନାହାନ୍ତି ?
୨୭ ପ୍ରସିଦ୍ଧ ଲେଖକଙ୍କ ୫୩୭ଟି କାହାଣୀ ଅଧା ମୂଲ୍ୟରେ ହାତଘଡ଼ି ଓ ଉପହାର କୁପନ ସହ

ପ୍ରତିଘର ପାଠାଗାର
ଖୋଲିଦିଏ ମସ୍ତିଷ୍କର ମୁଦା ଦୁଆର
ପେନ୍ ଇନ୍ ବୁକ୍ସର ସୃଜନ ଉଦ୍ୟମ

ଶେଷ ସୁଯୋଗ ଯୋଜନା ସୀମିତ ସମୟ ପାଇଁ






୨୭ଟି ପୁସ୍ତକ ଏକତ୍ର ଅଧା ମୂଲ୍ୟରେ
୪,୯୯୯ ଟଙ୍କାରେ
୪,୯୯୯ ଟଙ୍କା ବିନିମୟରେ ପାଉଛନ୍ତି
୧୦,୦୦୦ ଟଙ୍କାର ୨୭ଟି ପୁସ୍ତକ
୨,୪୯୯ ଟଙ୍କା ମୂଲ୍ୟର ହାତଘଣ୍ଟା
୭,୦୦୦ ଟଙ୍କାର ଉପହାର କୁପନ

ପେନ୍ ଇନ୍ ବୁକ୍ସ
ପୋଥି ସରାଗିଆଙ୍କ ସ୍ୱର୍ଗ
୨୦୦୬ ମସିହାରୁ
facebook.com/PENINBOOKS

ଯୋଗାଯୋଗ
ଓଡ଼ିଆ ମିଡିଆ ପ୍ରାଇଭେଟ ଲିମିଟେଡ
ଏମ୍-୬/୫୧, ଆଚାର୍ଯ୍ୟ ବିହାର
ଭୁବନେଶ୍ୱର - ୭୫୧୦୧୩
ଫୋନ୍ : ୯୧୨୪୬ ୦୯୬୩୧

ପୁସ୍ତକ ପାଇବା ପଦ୍ଧତି

- ଯେକୌଣସି ୟୁପିଆଇ ଆପ୍, ଯଥା- ଫୋନ୍‌ପେ', ପେ'ଟିଏମ୍, ଗୁଗୁଲ୍‌ପେ', ଭିମ୍ ଆପ୍, କ୍ରେଡ୍ ଇତ୍ୟାଦିରେ ଡାହାଣ ପାଖରେ ଥିବା କ୍ୟୁ-ଆର୍ କୋଡ୍ ସ୍କାନ୍ କରି କିମ୍ବା ୟୁପିଆଇ ଆଇଡି odiamedia@iciciରେ ୪,୯୯୯ ଟଙ୍କା ପଇଠ କରନ୍ତୁ।
- ୟୁପିଆଇ ରେଫରେନ୍ସ ନମ୍ବର ସ୍ପଷ୍ଟ ଦିଶୁଥିବା ସଫଳ ପଇଠର ସ୍କ୍ରୀନ୍‌ସଟ୍ ସହ ନିଜର ସମ୍ପୂର୍ଣ୍ଣ ଠିକଣା, ପିନ୍ କୋଡ୍ ଓ ଫୋନ୍ ନମ୍ବର ତଳ ନମ୍ବରକୁ ହ୍ୱାଟ୍‌ସଆପ୍‌ରେ ପଠାଇବେ।
- ଭାରତୀୟ ଡାକ ପାର୍ସଲ ଯୋଗେ କ୍ରେତାଙ୍କୁ ରସିଦ ସହିତ ପୁସ୍ତକ ଓ ଉପହାର ପଠାଯିବ।
- ଯୋଜନା ୪ ଅକ୍ଟୋବର ୨୦୨୬, ରବିବାର ରାତି ୧୧ଟା ୫୯ ଯାଏଁ ବୈଧ। ଏହି ତାରିଖ ପରେ ଅଥବା ୪,୯୯୯/ - ଭିନ୍ନ ଅନ୍ୟ ପରିମାଣର ଅର୍ଥ ପଇଠ କଲେ ପୁସ୍ତକ ପଠାଯିବ ନାହିଁ।

9124609631

Odia Media Private Limited
odiamedia@icici

OMPL/2609/SK05

# ଦେଶ ବିଦେଶ



## ସମ୍ଭଲ ହିଂସା ଅଭିଯୁକ୍ତଙ୍କ ଏନ୍‌ଏସ୍‌ଏ ଅଟକାଦେଶ ବାତିଲ, ୟୁପି ସରକାରଙ୍କୁ ୧୦ ଲକ୍ଷ ଟଙ୍କା ଜରିମାନା



ନୂଆଦିଲ୍ଲୀ, ୨୯ ।୯ (ଏଜେନ୍ସି): ସମ୍ଭଲ ହିଂସା ମାମଲାର ଅଭିଯୁକ୍ତ ମୁଲ୍ଲା ଆଫ୍ରୋଜଙ୍କ ବିରୋଧରେ ଉତ୍ତରପ୍ରଦେଶ ସରକାର ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ) ଅଧୀନରେ ଜାରି କରିଥିବା ଅଟକାଦେଶକୁ ସୁପ୍ରିମକୋର୍ଟ ମଙ୍ଗଳବାର ବାତିଲ କରିଛନ୍ତି । ଏହାସହ ଅବୈଧ ଅଟକାଦେଶ ଜାରି କରିଥିବାରୁ ୟୁପି ସରକାରଙ୍କ ଉପରେ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ଲାଗୁ କରିଛନ୍ତି । ଜଷ୍ଟିସ୍ ଦୀପଙ୍କର ଦତ୍ତ ଓ ଜଷ୍ଟିସ୍ ଶୀଲ ନାଗୁଙ୍କ ଖଣ୍ଡପୀଠ କହିଛନ୍ତି ଯେ ପୁଲିସ ହେପାଜତରେ ଅଭିଯୁକ୍ତ ଦେଇଥିବା କଥିତ ସ୍ୱୀକାରୋକ୍ତିକୁ ଆଧାର କରି ଏନ୍‌ଏସ୍‌ଏ ଅଧୀନରେ ପ୍ରତିଷେଧମୂଳକ ଅଟକ ରଖାଯାଇପାରିବ ନାହିଁ। ପୁଲିସ ହେପାଜତରେ ଦିଆଯାଇଥିବା ଏଭଳି ବୟାନ ଆଇନଗତ ଭାବେ ଅଗ୍ରହଣୀୟ ହୋଇଥିବାରୁ ଏହାକୁ ଅଟକାଦେଶର ଆଧାର କରାଯାଇପାରିବ ନାହିଁ ବୋଲି କୋର୍ଟ ମତ ଦେଇଛନ୍ତି । ୨୦୨୪ ନଭେମ୍ବରରେ ସମ୍ଭଲର ଶାହି ଜାମା ମସଜିଦ ସର୍ଭେ ସମୟରେ ଘଟିଥିବା ହିଂସାରେ ଆଫ୍ରୋଜଙ୍କୁ ମୁଖ୍ୟ ଷଡ଼ଯନ୍ତ୍ରକାରୀ ବୋଲି ଅଭିଯୋଗ କରାଯାଇଥିଲା । ଆଲ୍ଲାହାବାଦ ହାଇକୋର୍ଟରୁ ଜାମିନ ପାଇବା ପରେ ୨୦୨୫ ଅକ୍ଟୋବରରେ ତାଙ୍କୁ ୟୁପି ସରକାର ଏନ୍‌ଏସ୍‌ଏ ଅଧୀନରେ ପୁନଃ ଅଟକ ରଖିଥିଲେ । ଅକ୍ଟୋବର ୧୩, ୨୦୨୫ରେ ତାଙ୍କ ବିରୋଧରେ ଅଟକାଦେଶ ଜାରି ହୋଇଥିଲା । ୟୁପି ସରକାର ଯୁକ୍ତି ଦେଇଥିଲେ ଯେ ଆଫ୍ରୋଜଙ୍କ ମୁକ୍ତି ଦ୍ୱାରା ପୁଣିଥରେ ହିଂସା କିମ୍ବା ଅଞ୍ଚଳରେ ଆଇନଶୃଙ୍ଖଳା ଭଙ୍ଗ ହେବାର ଆଶଙ୍କା ରହିଥିଲା । ତେଣୁ ସାଧାରଣ ଶୃଙ୍ଖଳା ବଜାୟ ରଖିବା ପାଇଁ ଏନ୍‌ଏସ୍‌ଏ ଅଧୀନରେ ଅଟକ ଆବଶ୍ୟକ ଥିଲା ବୋଲି ସରକାର କହିଥିଲେ । କିନ୍ତୁ ସୁପ୍ରିମକୋର୍ଟ ଏହି ଯୁକ୍ତି ଉପରେ ପ୍ରଶ୍ନ ଉଠାଇଥିଲେ ।

## ନନ୍ଦିଗ୍ରାମ କଂଗ୍ରେସ ପ୍ରାର୍ଥୀ ମିଳନ ପ୍ରଧାନଙ୍କୁ ଜାମିନ, ପ୍ରଚାର କରିପାରିବେ



କୋଲକାତା, ୨୯ ।୯ (ଏଜେନ୍ସି): ନନ୍ଦିଗ୍ରାମ ବିଧାନସଭା ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ମିଳନ ପ୍ରଧାନଙ୍କୁ ଅନ୍ତରୀଣ ଜାମିନ ଦେଇଛନ୍ତି କଲକାତା ହାଇକୋର୍ଟ । ୨୦୦୭ରେ ରୁଜୁ ହୋଇଥିବା ୬ଟି ଅପରାଧିକ ମାମଲାରେ ଗିରଫ ହୋଇଥିବା ପ୍ରଧାନ ଅକ୍ଟୋବର ୬ରେ ହେବାକୁ ଥିବା ଉପନିର୍ବାଚନ ପାଇଁ ପ୍ରଚାର କରିପାରିବେ । ବିଚାରପତି ତୀର୍ଥଙ୍କର ଘୋଷ ଅକ୍ଟୋବର ୨୦ ପର୍ଯ୍ୟନ୍ତ ତାଙ୍କୁ ଅନ୍ତରୀଣ ଜାମିନ ଦେଇଥିବା ବେଳେ ଅକ୍ଟୋବର ୨୧ରେ ଟ୍ରାଏଲ୍ କୋର୍ଟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ୬ଟି ମାମଲା ପାଇଁ ପ୍ରତ୍ୟେକରେ ୨୦ ହଜାର ଟଙ୍କାର ଜାମିନ ବଣ୍ଡ ଦାଖଲ କରିବାକୁ ମଧ୍ୟ କୋର୍ଟ କହିଛନ୍ତି । ପ୍ରଧାନଙ୍କ ବିରୋଧରେ ୨୦୦୭ର ନନ୍ଦିଗ୍ରାମ ଜମି ଅଧିଗ୍ରହଣ ବିରୋଧୀ ଆନ୍ଦୋଳନ ସମୟର ହତ୍ୟା, ହତ୍ୟା ଉଦ୍ୟମ ଏବଂ ଅସ୍ତ୍ରଶସ୍ତ୍ର ଆଇନ ଉଲ୍ଲଂଘନ ଭଳି ଅଭିଯୋଗରେ ମାମଲା ରହିଛି । ଗତ ୧୮ ତାରିଖରେ ଗିରଫ ହେବା ପରଠାରୁ ସେ ନ୍ୟାୟିକ ହେପାଜତରେ ଥିଲେ । ଉପନିର୍ବାଚନ ପ୍ରଚାର ଅକ୍ଟୋବର ୪ରେ ଶେଷ ହେବ ଏବଂ ଅକ୍ଟୋବର ୯ରେ ଭୋଟ ଗଣତି ହେବ ।

## ମ୍ୟାଁମାରରେ ସେନାର ଆକ୍ରମଣ, ୪୯ ମୃତ

ନେପିଦ, ୨୯ ।୯ (ଏଜେନ୍ସି): ମ୍ୟାଁମାରର ପଶ୍ଚିମ ରାଖାଇନ ରାଜ୍ୟରେ ସୋମବାର ସେନା ପକ୍ଷରୁ ହୋଇଥିବା ବିମାନ ଆକ୍ରମଣରେ ଅନ୍ତତଃ ୪୯ ଜଣଙ୍କ ମୃତ୍ୟୁ ହୋଇଛି । ଓ ୫୮ ଜଣ ଆହତ ହୋଇଥିବା ରିପୋର୍ଟରେ କୁହାଯାଇଛି । ଆକ୍ରମଣ ସମୟରେ ଏକ ଭିଡ଼ଭାଡ଼ ବଜାରରେ ବ୍ୟବସାୟୀ ଓ ଗ୍ରାହକଙ୍କ ସମାଗମ ଥିଲା । ଆହତଙ୍କ ମଧ୍ୟରୁ ୨୨ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି । ସଶସ୍ତ୍ର ବିଦ୍ରୋହୀ ସଂଗଠନ ଆରାକାନ ଆର୍ମି ଅଭିଯୋଗ କରିଛି ଯେ, ଏକ ସେନା ଯୁଦ୍ଧବିମାନ ବଜାର ନିକଟରେ ଦୁଇଟି ବୋମା ପକାଇଥିଲା । ଏହି ଅଞ୍ଚଳ ଆରାକାନ ଆର୍ମି ନିୟନ୍ତ୍ରଣରେ ରହିଛି । ମଙ୍ଗଳବାର ଆରାକାନ ଆର୍ମି ପକ୍ଷରୁ ଜାରି ବିବୃତିରେ ଆକ୍ରମଣର ପ୍ରତିଶୋଧ ନିଆଯିବ ବୋଲି ଧମକ ଦିଆଯାଇଛି । ସେନା ଏହି ଘଟଣା ନେଇ ତୁରନ୍ତ କୌଣସି ମନ୍ତବ୍ୟ ଦେଇନାହିଁ । ସେନା ପୂର୍ବରୁ ନିଜର ବିମାନ ଆକ୍ରମଣ କେବଳ ସାମରିକ ଘାଟିକୁ ଲକ୍ଷ୍ୟ କରି କରାଯାଉଥିବା ଦାବି କରିଆସିଛି । ୨୦୨୧ରେ ଅଙ୍ଗ ସାନ ସୁ କିଙ୍କ ନେତୃତ୍ୱାଧୀନ ନିର୍ବାଚିତ ସରକାରକୁ ହଟାଇ ମିଆଁମାରର ସେନା କ୍ଷମତା ଦଖଲ କରିବା ପରଠାରୁ ସଂଘର୍ଷ ଜାରି ରହିଛି ।

## ଆତଙ୍କବାଦୀ ଆକ୍ରମଣ, ଆସାମ ରାଇଫଲ୍ସ ଯବାନ ସହିଦ

ଇଟାନଗର, ୨୯ ।୯ (ଏଜେନ୍ସି): ଅରୁଣାଚଳ ପ୍ରଦେଶର ଚାଙ୍ଗଲାଙ୍ଗ ଜିଲ୍ଲାରେ ମଙ୍ଗଳବାର ସକାଳେ ମିଲିଟାଣ୍ଟ ଆକ୍ରମଣରେ ଆସାମ ରାଇଫଲ୍ସର ଜଣେ ଯବାନଙ୍କ ମୃତ୍ୟୁ ହୋଇଥିବା ବେଳେ ୪ ଜଣ ଆହତ ହୋଇଛନ୍ତି । ଭାରତ-ମ୍ୟାଁମାର ସୀମା ନିକଟ ନାମ୍‌ପୋଙ୍ଗ ସର୍କଲରେ ସକାଳ ପ୍ରାୟ ୬ଟା ୩୦ରେ ପାଟ୍ରୋଲିଂ ସମୟରେ ଏହି ଆକ୍ରମଣ ହୋଇଥିବା ପ୍ରାଥମିକ ସୂଚନାରୁ ଜଣାପଡ଼ିଛି । ଆକ୍ରମଣରେ ୪୨ ବର୍ଷୀୟ ହାବିଲଦାର ଜାନଖୋକାଇ କୁକିଙ୍କ ମୃତ୍ୟୁ ହୋଇଛି । ନାମ୍‌ପୋଙ୍ଗ ଷ୍ଟ୍ରିମ୍ ନିକଟରେ ସୀମାବାଡ଼ ନିର୍ମାଣ କାର୍ଯ୍ୟ ଚାଲିଥିବା ସମୟରେ ଯବାନମାନେ ପାଟ୍ରୋଲିଂ କରୁଥିଲେ । ପ୍ରାଥମିକ ତଦନ୍ତ ଓ ଗୁଇନ୍ଦା ସୂଚନା ଆଧାରରେ ନ୍ୟାସନାଲ ସୋସାଲିଷ୍ଟ କାଉନ୍‌ସିଲ ଅଫ୍ ନାଗାଲାଣ୍ଡର ୟୁଙ୍ଗ୍ ଆଙ୍ଗ ଗୋଷ୍ଠୀର ମିଲିଟାଣ୍ଟମାନେ ଏହି ଆକ୍ରମଣ କରିଥିବା ସନ୍ଦେହ କରାଯାଉଛି ।

## ଗୋଲ୍ଡି ବିରୋଧରେ ଆମେରିକାର ୧୦ କୋଟି ଟଙ୍କା ପୁରସ୍କାର

ୱାଶିଂଟନ୍, ୨୯ ।୯ (ଏଜେନ୍ସି): ଭାରତୀୟ ଗ୍ୟାଙ୍ଗଷ୍ଟର ସତିନ୍ଦରଜିତ ସିଂହ ଓରଫ ଗୋଲ୍ଡି ବ୍ରାରକୁ ଆମେରିକାର ଏଫ୍‌ବିଆଇ 'ଟପ୍-୧୦ ମୋଷ୍ଟ ୱାଣ୍ଟେଡ୍' ତାଲିକାରେ ସାମିଲ କରିଛି । ତାଙ୍କ ସମ୍ପର୍କରେ ସୂଚନା ଦେଲେ ସର୍ବାଧିକ ୧ ନିୟୁତ ଡଲାର, ପ୍ରାୟ ୯.୫ କୋଟି ଟଙ୍କା ପୁରସ୍କାର ଦିଆଯିବ ବୋଲି ଆମେରିକା କହିଛି । ଆମେରିକୀୟ ଅଭିଯୋଗ ଅନୁସାରେ, ଗୋଲ୍ଡି ବରାଡ଼ ଲରେନ୍ସ ବିଷ୍ଣୋଇ ସଂଗଠିତ ଅପରାଧ ଗୋଷ୍ଠୀର ଉତ୍ତର ଆମେରିକା ଶାଖାର ପ୍ରମୁଖ ଅପରେସନାଲ ନେତା । ଲରେନ୍ସ ବିଷ୍ଣୋଇ ଓ ବରାଡ଼ଙ୍କ ଉପରେ ୨୦୨୩ରେ ଖଲିସ୍ତାନୀ ନେତା ହରଦୀପ ସିଂହ ନିଜ୍ଜରଙ୍କ ହତ୍ୟା ଷଡ଼ଯନ୍ତ୍ରର ଅଭିଯୋଗ ରହିଛି । ଆମେରିକାର ଅଭିଯୋଗପତ୍ରରେ କୁହାଯାଇଛି ଯେ, ଭାରତୀୟ ଜେଲ୍‌ରେ ଥାଇ ମଧ୍ୟ ଲରେନ୍ସ ମୋବାଇଲ ଓ ଇଣ୍ଟରନେଟ୍ କଲିଂ ବ୍ୟବସ୍ଥା ମାଧ୍ୟମରେ ହତ୍ୟା, ଦାଦାବଟି, ଅପହରଣ ଓ ମାଦକ ଚୋରାଚାଲାଣ ଭଳି ଅପରାଧ ନିର୍ଦ୍ଦେଶ ଦେଉଥିଲା । 'ଅପରେସନ୍ ହାର୍ଡ ବଲ୍'ରେ ଆମେରିକା, କାନାଡା ଓ ୟୁରୋପରେ ଏହି ନେଟୱର୍କ ସହ ଜଡ଼ିତ ୩୭ ଜଣଙ୍କ ବିରୋଧରେ ମାମଲା ହୋଇଥିବା ଏବଂ ୨୪ ଜଣ ଗିରଫ ହୋଇଥିବା ଆମେରିକା କହିଛି ।

## ମହିଳାଙ୍କ ମୃତଦେହକୁ ୯ ଖଣ୍ଡ କରି କେନାଲରେ ଫିଙ୍ଗିଲା ବନ୍ଧୁ

ବିଜୟୱାଡ଼ା, ୨୯ ।୯ (ଏଜେନ୍ସି): ଆନ୍ଧ୍ରପ୍ରଦେଶର ବିଜୟୱାଡ଼ାରେ ଟଙ୍କାକୁ ନେଇ ବିବାଦରୁ ଜଣେ କଂସେଇ ତାଙ୍କ ପରିଚିତ ମହିଳାଙ୍କୁ ହତ୍ୟା କରିବା ସହ ମୃତଦେହକୁ ୯ ଖଣ୍ଡ କରି କେନାଲରେ ଫିଙ୍ଗିଥିବା ଅଭିଯୋଗ ହୋଇଛି । ପୁଲିସ ଘଟଣାର ତଦନ୍ତ କରି ମହିଳାଙ୍କ ପରିଚୟ ଜାଣିବା ସହ ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି । ମୃତକଙ୍କୁ କଲ୍ୟାଣୀ ବୋଲି ଚିହ୍ନଟ କରାଯାଇଛି । ଇବ୍ରାହିମପଟନମ ଅଞ୍ଚଳରୁ ମିଳିଥିବା ଅଜଣା ମୃତଦେହ ସମ୍ପର୍କିତ ତଥ୍ୟ ସୋସିଆଲ ମିଡିଆରେ ପ୍ରସାରିତ ହେବା ପରେ ତାଙ୍କ ହାତରେ ଥିବା ଟାଟୁ ଦେଖି ସମ୍ପର୍କୀୟମାନେ ପରିଚୟ କରିଥିଲେ । ପୁଲିସ ତଦନ୍ତରେ ଭବାନୀପୁରମରେ ମଟନ୍ ଦୋକାନ ଚଳାଉଥିବା ଶାଫିଙ୍କ ନାମ ସାମ୍ନାକୁ ଆସିଥିଲା । ଟଙ୍କାକୁ ନେଇ ଶାଫି ଓ କଲ୍ୟାଣୀଙ୍କ ମଧ୍ୟରେ ପୂର୍ବରୁ ବିବାଦ ଥିବା ପୁଲିସ କହିଛି । ସେପ୍ଟେମ୍ବର ୧୭ରେ ଶାଫି କଲ୍ୟାଣୀଙ୍କୁ ନିଜ ଘରକୁ ନେଇଥିବା ଏବଂ ସେଠାରେ ବଚସା ପରେ ଛୁରିରେ ଆକ୍ରମଣ କରି ତାଙ୍କ ଗଳା କାଟିଥିବା ଅଭିଯୋଗ ହୋଇଛି । ପରେ ଶାଫି ତାଙ୍କ ମଟନ୍ ଦୋକାନର କର୍ମଚାରୀ ଗୁରୁଭୁଲୁଙ୍କ ସହାୟତାରେ ମୃତଦେହକୁ ୯ ଖଣ୍ଡ କରି ଗୋଲ୍ଲାପୁଡ଼ି ଅଞ୍ଚଳର କୁଲିଂ କେନାଲରେ ଫିଙ୍ଗିଥିବା ପୁଲିସ ସନ୍ଦେହ କରୁଛି । ଉଭୟଙ୍କୁ ଅଟକ ରଖି ଘଟଣାର ପ୍ରକୃତ କାରଣ ଓ ଭୂମିକା ନେଇ ତଦନ୍ତ ଜାରି ରହିଛି ।

# ଜ୍ଞାନେଶଙ୍କ ଅଡୁଆ ବଢ଼ାଇଲେ ମହାରାଷ୍ଟ୍ର ନିର୍ବାଚନ ଅଧିକାରୀ

## 'ଇସିଆଇନେଟ୍' ବିରୋଧରେ ସ୍ୱର ଉଠାଇଲେ



ନୂଆଦିଲ୍ଲୀ, ୨୯ ।୯ (ଏଜେନ୍ସି): ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍)କୁ ନେଇ ନିର୍ବାଚନ ଆୟୋଗ ମଧ୍ୟରେ ମତଭେଦ ଚର୍ଚ୍ଚାରେ ଥିବାବେଳେ ମହାରାଷ୍ଟ୍ରର ମୁଖ୍ୟ ନିର୍ବାଚନ ଅଧିକାରୀ ଏସ୍ ଚୋକ୍କଲିଙ୍ଗମ୍‌ଙ୍କ ଏକ ଚିଠି ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଅଡୁଆ ବଢ଼ାଇ ଦେଇଛି । ସେପ୍ଟେମ୍ବର ୨୪ରେ ନିର୍ବାଚନ ଆୟୋଗର ବରିଷ୍ଠ ଅଧିକାରୀଙ୍କୁ ଲେଖିଥିବା ଏହି ଚିଠିରେ ସେ ଏସ୍‌ଆଇଆର୍ ପ୍ରକ୍ରିୟାରେ ବ୍ୟବହୃତ 'ଇସିଆଇନେଟ୍' ସଫ୍ଟୱେରକୁ ନେଇ ଆପତ୍ତି ଉଠାଇବା ସହିତ ଏଥିରେ ୫ଟି ପରିବର୍ତ୍ତନ ପାଇଁ ଦାବି କରିଛନ୍ତି । ସେ କହିଛନ୍ତି ଯେ ଆଇନ ଅନୁଯାୟୀ ଭୋଟରଙ୍କୁ ଯୋଡ଼ିବା/କାଟିବା କ୍ଷମତା ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନଙ୍କ ପାଖରେ ରହିବା ଜରୁରୀ । କିନ୍ତୁ ବିବାଦୀୟ 'ଇସିଆଇନେଟ୍' ସଫ୍ଟୱେର ନିର୍ବାଚନ ଅଧିକରୀଙ୍କ ସେହି କ୍ଷମତାକୁ ସଙ୍କୁଚିତ କରିଦେଇଛି ।

ସୂଚନାଯୋଗ୍ୟ ଯେ ଏହି 'ଇସିଆଇନେଟ୍' ସଫ୍ଟୱେରକୁ ନେଇ ଦୁଇଜଣ ନିର୍ବାଚନ କମିସନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ ଆପତ୍ତି ଉଠାଇବା ସହିତ ଏହାର କେନ୍ଦ୍ରୀକରଣକୁ ବିରୋଧ କରିଥିଲେ । ସେମାନେ ମଧ୍ୟ ଯୁକ୍ତି କରିଥିଲେ ଯେ ଭୋଟରଙ୍କୁ ଯୋଡ଼ିବ/କାଟିବା କ୍ଷମତା କେବଳ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ରହିବା ଉଚିତ ।

**ଭୋଟରଙ୍କୁ ଯୋଡ଼ିବା/କାଟିବା କ୍ଷମତା ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ପାଖରେ ରହୁ**

ଚୋକ୍କଲିଙ୍ଗମ୍ ତାଙ୍କ ପତ୍ରରେ ଯୁକ୍ତି କରିଛନ୍ତି, ଯଦି କୌଣସି ଭୋଟର ଆବଶ୍ୟକ ଓ ସନ୍ତୋଷଜନକ ଦଲିଲ ଦାଖଲ କରିଥାନ୍ତି, ତେବେ ତାଙ୍କୁ ବ୍ୟକ୍ତିଗତ ଶୁଣାଣିରୁ ମୁକ୍ତ କରିବାର ବିକଳ୍ପ (ଇଲେକଟୋରାଲ ରେଜିଷ୍ଟ୍ରେସନ ଅଫିସର) ଇଆର୍‌ଓଙ୍କୁ ଦିଆଯାଉ । ଏହାଛଡ଼ା, ଏସ୍‌ଆଇଆର୍‌ରେ ଉଲ୍ଲେଖ ଥିବା ୧୩ ପ୍ରକାର ଦଲିଲ ବ୍ୟତୀତ ଅନ୍ୟ ଦଲିଲ ଗ୍ରହଣ କରିବାର ସୁବିଧା ମଧ୍ୟ ରହୁ । ବିଶେଷକରି ଆଦିବାସୀ, ଗୃହହୀନ ଓ ଯୌନକର୍ମୀ ସମୁଦାୟର ଲୋକଙ୍କ ପାଖରେ ତାଲିକାଭୁକ୍ତ ଦଲିଲ ନଥାଇପାରେ ବୋଲି ସେ ଦର୍ଶାଇଛନ୍ତି । 'ଲଜିକାଲ୍ ଡିସ୍କ୍ରେପାନ୍ସି' ମାମଲାରେ ମଧ୍ୟ ଇଆର୍‌ଓମାନଙ୍କୁ ଅଧିକ ଅଧିକାର ଦେବାକୁ ସେ ଦାବି କରିଛନ୍ତି । ପୂର୍ବ ଏସ୍‌ଆଇଆର୍ ତାଲିକାରେ ପିତା କିମ୍ବା ଜେଜେବାପାଙ୍କ ନାମ, ବୟସ ଆଦିରେ ମେଳ ନହେବା ଭଳି କାରଣରୁ ଏପରି ଅସଙ୍ଗତି ଚିହ୍ନଟ ହୋଇପାରେ । ଏହାକୁ ଆଧାର କରି ଭୋଟର ଅଯୋଗ୍ୟ ବୋଲି ସ୍ୱତଃସିଦ୍ଧ ହୁଏ ନାହିଁ । ଇସିଆଇନେଟ୍‌ରେ 'ଲଜିକାଲ୍ ଡିସ୍କ୍ରେପାନ୍ସି' ମାମଲାରେ ପୂର୍ବ ଏସ୍‌ଆଇଆର୍‌ର ତଥ୍ୟ ଅପଲୋଡ୍‌କୁ ବାଧ୍ୟତାମୂଳକ ନକରିବା ସହ ଇଆର୍‌ଓମାନଙ୍କ ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ଓ ପ୍ରଶ୍ନୋତ୍ତର ବ୍ୟବସ୍ଥା କରିବାକୁ ମଧ୍ୟ ସେ କହିଛନ୍ତି । ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଚାଲିଥିବା ଆନ୍ଦୋଳନରେ ମହାରାଷ୍ଟ୍ର ନିର୍ବାଚନ ଅଧିକାରୀଙ୍କ ଏହି ପତ୍ର ନିଆଁରେ ଘିଅ ଢାଳିବା ଭଳି କାମ କରିଛି ।

## କେଜ୍ରିୱାଲଙ୍କ ଆବେଦନ ଖାରଜ କଲେ ଗୁଜରାଟ ହାଇକୋର୍ଟ

ନୂଆଦିଲ୍ଲୀ, ୨୯ ।୯ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶିକ୍ଷାଗତ ଡିଗ୍ରୀ ସମ୍ପର୍କିତ ମାମଲାରେ ଆମ୍ ଆଦମୀ ପାର୍ଟି (ଆପ୍) ଆବାହକ ଅରବିନ୍ଦ କେଜ୍ରିୱାଲଙ୍କ ଆବେଦନକୁ ଗୁଜରାଟ ହାଇକୋର୍ଟ ମଙ୍ଗଳବାର ଖାରଜ କରିଛନ୍ତି । ମୁଖ୍ୟ ବିଚାରପତି ସୁନୀତା ଅଗ୍ରୱାଲ ଓ ବିଚାରପତି ଡିଏନ୍ ରାୟଙ୍କ ଖଣ୍ଡପୀଠ ଏକକ ବିଚାରପତିଙ୍କ ରାୟକୁ ବଳବତ୍ତର ରଖିବା ସହ କେଜ୍ରିୱାଲଙ୍କ ଉପରେ ଲାଗିଥିବା ୨୫ ହଜାର ଟଙ୍କା ଜରିମାନାକୁ ମଧ୍ୟ କାଏମ ରଖିଛନ୍ତି । ୨୦୧୬ରେ କେନ୍ଦ୍ରୀୟ ସୂଚନା ଆୟୋଗ ପ୍ରଧାନମନ୍ତ୍ରୀଙ୍କ ଡିଗ୍ରୀ ସମ୍ପର୍କିତ ତଥ୍ୟ ପ୍ରକାଶ ପାଇଁ ଗୁଜରାଟ ବିଶ୍ୱବିଦ୍ୟାଳୟକୁ ଦେଇଥିବା ନିର୍ଦ୍ଦେଶକୁ ୨୦୨୩ ମାର୍ଚ୍ଚରେ ଏକକ ଖଣ୍ଡପୀଠ ରଦ୍ଦ କରିଥିଲେ । ଏହାସହ କେଜ୍ରିୱାଲଙ୍କ ଉପରେ ୨୫ ହଜାର ଟଙ୍କା ଜରିମାନା ଲାଗୁ କରାଯାଇଥିଲା । କେଜ୍ରିୱାଲଙ୍କ ଓକିଲ ଅଭିଷେକ ମନୁ ସିଂହଭି ଏହି ଜରିମାନା ଲାଗୁ କରିବାର ଆଧାରକୁ ଚ୍ୟାଲେଞ୍ଜ କରିଥିଲେ । ତାଙ୍କ ଯୁକ୍ତି ଥିଲା, କେଜ୍ରିୱାଲ ଡିଗ୍ରୀ ପାଇଁ ମାମଲାକୁ ଜାରି ରଖି ନ ଥିଲେ ଏବଂ ସୂଚନା ଆୟୋଗ ନିଜ ଆଡୁ ପ୍ରକ୍ରିୟା ଆରମ୍ଭ କରିଥିଲା । ଅନ୍ୟପକ୍ଷରେ ଗୁଜରାଟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେତା କେଜ୍ରିୱାଲ ମାମଲାକୁ ନିରନ୍ତର ଭାବେ ଆଗକୁ ବଢ଼ାଇଥିବା ଯୁକ୍ତି ଦେଇଥିଲେ ।

**ଜ୍ଞାନେଶଙ୍କ ଉପରେ ଇସ୍ତଫା ଚାପ**

# କଂଗ୍ରେସ ଏଜେଣ୍ଡା ପ୍ରସ୍ତୁତ, 'ଇଣ୍ଡିଆ' ବୈଠକ ଆଜି



ନୂଆଦିଲ୍ଲୀ, ୨୯।୯: ଏସଆଇଆରକୁ ନେଇ ନିର୍ବାଚନ କମିସନରେ ମତଭେଦ ଖବର ପ୍ରକାଶ ପାଇବା ପରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ହଟାଇବା ଲାଗି ଚାରି ଆଡୁ ଚାପ ବଢ଼ିବାରେ ଲାଗିଛି । ଏସଂପର୍କରେ ମିଳିତ ରଣନୀତି ପ୍ରସ୍ତୁତ କରିବା ଲାଗି ଆସନ୍ତାକାଲି ଇଣ୍ଡିଆ ମେଣ୍ଟର ଗୁରୁତ୍ୱପୂର୍ଣ୍ଣ ବୈଠକ ହେବାକୁ ଯାଉଥିବାବେଳେ ଆଜି କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକରେ ଏଥିଲାଗି ଏଜେଣ୍ଡା ପ୍ରସ୍ତୁତ କରିଛି ।

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଏବଂ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିଛି । ବୈଠକରେ ଗୃହୀତ ପ୍ରସ୍ତାବରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରାଯାଇଛି । ଏବେ ଯେଉଁସବୁ ରାଜ୍ୟରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସଆଇଆର ଚାଲିଛି, ତାହାକୁ ସ୍ଥଗିତ ରଖିବା ଲାଗି ଦାବି କରାଯିବା ସହିତ ଏହି ପ୍ରକ୍ରିୟାରେ ଯେଉଁ ୧୩ କୋଟି ଭୋଟରଙ୍କ ନାମ କଟିଛି, ତାହାକୁ ବଜାୟ ରଖିବା ଲାଗି ମଧ୍ୟ ଦାବି କରାଯାଇଛି । ପ୍ରସ୍ତାବରେ ଆହୁରି କୁହାଯାଇଛି ଯେ ପ୍ରଧାନମନ୍ତ୍ରୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଇସାରାରେ ଭୋଟ ଚୋରି ହୋଇଛି । ତେଣୁ ସେମାନେ ଇସ୍ତଫା ନଦେବା ପର୍ଯ୍ୟନ୍ତ ସମ୍ବିଧାନ ଓ ଗଣତନ୍ତ୍ର ସୁରକ୍ଷିତ ରହିପାରିବ ନାହିଁ ।

- କଂଗ୍ରେସ ବୈଠକରେ ପ୍ରସ୍ତାବ ଗୃହୀତ
- ଜ୍ଞାନେଶ କୁମାର ଇସ୍ତଫା ଦିଅନ୍ତୁ
- ବାତିଲ ହେଉ ଏସ୍‌ଆଇଆର୍ ପ୍ରକ୍ରିୟା
- ୧୩ କୋଟି ଭୋଟରଙ୍କୁ ବଜାୟ ରଖାଯାଉ

ବୈଠକ ପରେ କଂଗ୍ରେସ ସାଧାରଣ ସଂପାଦକ କେସି ବେଣୁଗୋପାଳ କହିଲେ ଯେ ଆସନ୍ତାକାଲି ହେବାକୁ ଥିବା ଇଣ୍ଡିଆ ମେଣ୍ଟ ବୈଠକରେ ତାଙ୍କ ଦଳ ଏହି ପ୍ରସଙ୍ଗ ଉଠାଇବ । ଭୋଟ୍ ଚୋରି ବିରୋଧରେ ମିଳିତ ଆନ୍ଦୋଳନ ପାଇଁ ସେହି ବୈଠକରେ ରଣନୀତି ପ୍ରସ୍ତୁତ କରାଯିବ । ଦେଶର ସମ୍ବିଧାନ ଓ ଗଣତନ୍ତ୍ରର ସୁରକ୍ଷା ଲାଗି ସମସ୍ତ ରାଜନୈତିକ ଦଳଙ୍କ ସହଯୋଗରେ କଂଗ୍ରେସ ଏକ ବ୍ୟାପକ ଆନ୍ଦୋଳନ କରିବାକୁ ଚାହୁଁଛି । ଏସଂପର୍କରେ ସମସ୍ତ ଦଳର ମତାମତ ଗୁରୁତ୍ୱ ବହନ କରୁଛି । ବ୍ୟାପକ ବିଚାରବିମର୍ଶ ପରେ ଆନ୍ଦୋଳନ ସଂପର୍କରେ ନିଷ୍ପତ୍ତି ନିଆଯିବ ।

ଆସନ୍ତାକାଲି ଇଣ୍ଡିଆ ମେଣ୍ଟର ଯେଉଁ ଉଚ୍ଚସ୍ତରୀୟ ବୈଠକ ହେବ, ସେଥିରେ କଂଗ୍ରେସ ସଭାପତି ସମେତ ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ, ଟିଏମସି ସୁପ୍ରିମୋ ମମତା ବାନାର୍ଜୀ ଓ ଅଭିଷେକ ବାନାର୍ଜୀ, ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା, ପିଡିପି ମୁଖ୍ୟ ମେହବୁବା ମୁଫତି, ଆରଜେଡି ମୁଖ୍ୟ ତେଜସ୍ୱୀ ଯାଦବ ଯୋଗ ଦେବେ । ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଏହି ବୈଠକରେ ଯୋଗ ଦେବେ ନାହିଁ। ତାଙ୍କ ବଦଳରେ ଦଳର ବରିଷ୍ଠ ନେତା ଆସିବେ । ସେହିଭଳି ଉଦ୍ଧବ ଠାକରେ ମୁମ୍ବାଇରୁ ଭିଡିଓ କନଫେରେନ୍ସ ଜରିଆରେ ଯୋଡ଼ିହେବେ । ଇଣ୍ଡିଆର ମେଣ୍ଟରୁ ଡିଏମକେ ବାହାରି ଯାଇଥିବାରୁ ବୈଠକରେ ଏହାର ପ୍ରତିନିଧି ଆସିବେ ନାହିଁ। ଜେଏମଏମକୁ ନେଇ ଅନିଶ୍ଚିତା ରହିଛି । ତେବେ ସିପିଆଇ, ସିପିଏମର ବରିଷ୍ଠ ନେତାମାନେ ଯୋଗଦେବେ ବୋଲି ସୂଚନା ମିଳିଛି ।

ଅନ୍ୟପକ୍ଷରେ ଅଖିଳେଶଙ୍କ ଅନୁପସ୍ଥିତିକୁ ନେଇ ଭିନ୍ନ ଚର୍ଚ୍ଚା ଚାଲିଛି । କୁହାଯାଉଛି ଯେ ଆସନ୍ତାବର୍ଷ ଉତ୍ତର ପ୍ରଦେଶରେ ହେବାକୁ ଯାଉଥିବା ରାଜ୍ୟ ବିଧାନସଭା ନିର୍ବାଚନରେ ଆସନ ଭାଗବଣ୍ଟାକୁ ନେଇ କଂଗ୍ରେସ ଆଲୋଚନା ପାଇଁ ବିଳମ୍ବ କରୁଥିବାରୁ ଏଥିରେ କ୍ଷୁବ୍ଧ ଅଛନ୍ତି ଅଖିଳେଶ । ଏହି କାରଣରୁ ସେ ଇଣ୍ଡିଆ ମେଣ୍ଟ ବୈଠକକୁ ଆସିବେ ନାହିଁ ବୋଲି କୁହାଯାଉଛି । କିନ୍ତୁ କଂଗ୍ରେସ ଏହାକୁ ଖଣ୍ଡନ କରିଛି ।

# ପାକିସ୍ତାନ ଗସ୍ତରେ ଭାରତୀୟ ପ୍ରତିନିଧିଦଳ

ଇସଲାମାବାଦ, ୨୯ ।୯ (ଏଜେନ୍ସି): ଅପରେସନ ସିନ୍ଦୂର ପରେ ପ୍ରାୟ ଦେଢ଼ ବର୍ଷ ପରେ ଭାରତୀୟ ଅଧିକାରୀଙ୍କ ଏକ ପ୍ରତିନିଧି ଦଳ ଶାଂଘାଇ ସହଯୋଗ ସଂଗଠନ ବୈଠକରେ ଯୋଗଦେବା ପାଇଁ ପାକିସ୍ତାନ ପହଞ୍ଚିଛି । ବୈଦେଶିକ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ତଥା ଭାରତର ଏସ୍‌ସିଓ ସଂଯୋଜକ ଆଲୋକ ଡିମ୍ରି ଭାରତୀୟ ପ୍ରତିନିଧିଦଳର ନେତୃତ୍ୱ ନେଉଛନ୍ତି । ଇସଲାମାବାଦରେ ସୋମବାରଠାରୁ ଆରମ୍ଭ ହୋଇଥିବା ବୈଠକ ବୁଧବାର ପର୍ଯ୍ୟନ୍ତ ଚାଲିବ । ପାକିସ୍ତାନର ଅଧ୍ୟକ୍ଷତାରେ ଏସ୍‌ସିଓର କାର୍ଯ୍ୟକ୍ରମ, ଆଗାମୀ ବୈଠକର ପ୍ରସ୍ତୁତି ଓ ସଂଗଠନ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହେବ । ଆଗାମୀ ଏସ୍‌ସିଓ ଶିଖର ସମ୍ମିଳନୀକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପାକିସ୍ତାନ ନିମନ୍ତ୍ରଣ କରିପାରେ ବୋଲି ମଧ୍ୟ ଚର୍ଚ୍ଚା ହେଉଛି । ତେବେ ଏହି ମଞ୍ଚରେ ଭାରତ-ପାକିସ୍ତାନ ଦ୍ୱିପାକ୍ଷିକ ଆଲୋଚନାର କୌଣସି ଯୋଜନା ନାହିଁ। ଭାରତ କହିଆସିଛି ଯେ, ଏସ୍‌ସିଓ ମଞ୍ଚରେ ସହଯୋଗ ଜାରି ରହିବ, କିନ୍ତୁ ପାକିସ୍ତାନ ସହ ପ୍ରତ୍ୟକ୍ଷ ଆଲୋଚନା ପାଇଁ ଆତଙ୍କବାଦମୁକ୍ତ ପରିବେଶ ଆବଶ୍ୟକ । ପହଲଗାମ ଆତଙ୍କବାଦୀ ଆକ୍ରମଣ ଓ ଅପରେସନ ସିନ୍ଦୂର ପରେ ଭାରତ ଏହି ଆଭିମୁଖ୍ୟକୁ ପୁନର୍ବାର ସ୍ପଷ୍ଟ କରିଥିଲା । ଏହା ପୂର୍ବରୁ ୨୦୨୪ ଅକ୍ଟୋବରରେ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଏସ୍‌ସିଓ ଶିଖର ବୈଠକରେ ଯୋଗଦେବା ପାଇଁ ପାକିସ୍ତାନ ଯାଇଥିଲେ । ପ୍ରାୟ ୯ ବର୍ଷ ପରେ ପାକିସ୍ତାନ ଯାଇଥିବା ସେ ପ୍ରଥମ ଭାରତୀୟ ବୈଦେଶିକ ମନ୍ତ୍ରୀ ଥିଲେ । ୨୦୦୧ରେ ପ୍ରତିଷ୍ଠିତ ଏସ୍‌ସିଓରେ ଭାରତ ଓ ପାକିସ୍ତାନ ୨୦୧୭ ରେ ସଦସ୍ୟ ହୋଇଥିଲେ । ସୁରକ୍ଷା, ଅର୍ଥନୀତି ଓ ଆଞ୍ଚଳିକ ସହଯୋଗ ସହ ଆତଙ୍କବାଦ, ମାଦକ ଚୋରାଚାଲାଣ ଓ ସାଇବର ଅପରାଧ ଭଳି ପ୍ରସଙ୍ଗରେ ସଦସ୍ୟ ଦେଶଗୁଡ଼ିକ ମଧ୍ୟରେ ସହଯୋଗ ବଢ଼ାଇବା ଏହାର ଲକ୍ଷ୍ୟ । ୨୦୨୫ ମେ' ୭ରେ ପହଲଗାମ ଆକ୍ରମଣର ପ୍ରତିକ୍ରିୟାରେ ଭାରତ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା । ଏହା ପରେ ଦୁଇ ଦେଶ ମଧ୍ୟରେ ସାମରିକ ଉତ୍ତେଜନା ବଢ଼ିଥିଲା । ମେ' ୧୦ରେ ଦୁଇ ଦେଶ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବାକୁ ସହମତ ହୋଇଥିଲେ ।

- ଅପରେସନ ସିନ୍ଦୂର ପରେ ପ୍ରଥମ ଥର ଗସ୍ତ
- ମୋଦୀଙ୍କୁ ମିଳିପାରେ ଆମନ୍ତ୍ରଣ

# ରାଜ୍ୟସଭାକୁ ଫେରିପାରନ୍ତି ସ୍ମୃତି ଇରାନୀ, ବରୁଣ ଗାନ୍ଧୀ



ନୂଆଦିଲ୍ଲୀ, ୨୯ ।୯ (ଏଜେନ୍ସି): ଉତ୍ତରପ୍ରଦେଶରୁ ଆସନ୍ତା ରାଜ୍ୟସଭା ନିର୍ବାଚନ ପାଇଁ ବିଜେପିରେ ପ୍ରାର୍ଥୀ ଚୟନକୁ ନେଇ ଚର୍ଚ୍ଚା ଜୋରଦାର ହୋଇଛି । ଦଳୀୟ ସୂତ୍ର ଅନୁସାରେ ଜାତୀୟ ସାଧାରଣ ସମ୍ପାଦକ ସ୍ମୃତି ଇରାନୀ ଓ ହରିଶ ଦ୍ୱିବେଦୀଙ୍କ ନାମ ଆଗରେ ରହିଛି । ଏଥିସହ ବରୁଣ ଗାନ୍ଧୀ, ସଞ୍ଜୀବ ବାଲିଆନ, ସତ୍ୟପାଲ ସିଂହ, ସୁରେଶ ରାଣା ଓ ଅନ୍ୟ କିଛି ନେତାଙ୍କ ନାମ ମଧ୍ୟ ବିଚାରାଧୀନ ଥିବା ସୂଚନା ମିଳିଛି । ଉତ୍ତରପ୍ରଦେଶର ୧୦ଟି ରାଜ୍ୟସଭା ଆସନ ପାଇଁ ଅକ୍ଟୋବର ୧୬ରେ ନିର୍ବାଚନ ହେବ । ବିଜେପି ୭ଟି ଆସନ ଜିତିବା ସ୍ଥିତିରେ ଥିବାବେଳେ ୮ମ ଆସନ ପାଇଁ ମଧ୍ୟ ପ୍ରୟାସ କରିପାରେ । ଏହା ହେଲେ ଦଶମ ଆସନକୁ ନେଇ ବିଜେପି ଓ ସମାଜବାଦୀ ପାର୍ଟି ମଧ୍ୟରେ ମୁକାବିଲା ହେବା ସମ୍ଭାବନା ରହିଛି । ଏସ୍‌ପି ୩ ଜଣ ପ୍ରାର୍ଥୀ ଦେବାକୁ ବିଚାର କରୁଥିବା ସୂଚନା ମିଳିଛି । ଦଳର ଏବେକାର ସଂଖ୍ୟା ଅନୁସାରେ ୨ଟି ଆସନ ଜିତିବା ସମ୍ଭବ । ବରିଷ୍ଠ ନେତା ରାମଗୋପାଳ ଯାଦବଙ୍କୁ ପୁଣି ରାଜ୍ୟସଭା ପଠାଇବା ନେଇ ଚର୍ଚ୍ଚା ଥିବାବେଳେ ପୂର୍ବତନ ଆଇଏଏସ୍ ଅଧିକାରୀ ଆଲୋକ ରଞ୍ଜନ ଓ ସଲିମ ଇକବାଲଙ୍କ ନାମ ମଧ୍ୟ ଆଲୋଚନାରେ ରହିଛି । ବିଜେପି ନିଜ ପ୍ରାର୍ଥୀ ଚୟନରେ ଆଗାମୀ ବିଧାନସଭା ନିର୍ବାଚନକୁ ମଧ୍ୟ ଦୃଷ୍ଟିରେ ରଖୁଥିବା ସୂଚନା ମିଳିଛି । ଜାଟ, ରାଜପୁତ, ଓବିସି ଓ ସଂଖ୍ୟାଲଘୁ ସମୁଦାୟକୁ ପ୍ରତିନିଧିତ୍ୱ ଦେବା ନେଇ ଦଳରେ ବିଚାର ଚାଲିଛି । ଯୁବ ଓ ମହିଳା ନେତୃତ୍ୱକୁ ଅଧିକ ସୁଯୋଗ ଦେବା ନେଇ ମଧ୍ୟ ଆଲୋଚନା ହୋଇଛି । ଆଜି ଲକ୍ଷ୍ନୌରେ ବିଜେପିର କୋର୍ କମିଟି ବୈଠକରେ ସମ୍ଭାବ୍ୟ ପ୍ରାର୍ଥୀଙ୍କ ନାମ ଉପରେ ଆଲୋଚନା ହୋଇଛି ।

## ସୁପ୍ରିମକୋର୍ଟ ବିଚାରପତି ପାଇଁ ୩ ମୁଖ୍ୟ ବିଚାରପତିଙ୍କ ନାମ ସୁପାରିସ



ନୂଆଦିଲ୍ଲୀ, ୨୯ ।୯ (ଏଜେନ୍ସି): ସୁପ୍ରିମକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଁ ତିନି ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ନାମ ସୁପାରିସ କରିଛି ସୁପ୍ରିମକୋର୍ଟ କଲେଜିୟମ୍ । ଏହି ତାଲିକାରେ ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତି ଦେବେନ୍ଦ୍ର କୁମାର ଉପାଧ୍ୟାୟ, ଗୁଜରାଟ ହାଇକୋର୍ଟର ମୁଖ୍ୟ ବିଚାରପତି ସୁନୀତା ଅଗ୍ରୱାଲ ଏବଂ ତେଲେଙ୍ଗାନା ହାଇକୋର୍ଟର ମୁଖ୍ୟ ବିଚାରପତି ଅପରେଶ କୁମାର ସିଂହ ଅଛନ୍ତି । ଜଷ୍ଟିସ୍ ଦେବେନ୍ଦ୍ର କୁମାର ଉପାଧ୍ୟାୟ ଲକ୍ଷ୍ନୌରୁ ନିଜ ଆଇନଜୀବୀ ଓ ନ୍ୟାୟିକ ଜୀବନ ଆରମ୍ଭ କରିଥିଲେ । ଗତ ୨୫ ବର୍ଷ ମଧ୍ୟରେ ଆହ୍ଲାବାଦ ହାଇକୋର୍ଟର ଲକ୍ଷ୍ନୌ ବେଞ୍ଚରୁ ସୁପ୍ରିମକୋର୍ଟକୁ ପଦୋନ୍ନତି ପାଇବାକୁ ଯାଉଥିବା ଦ୍ୱିତୀୟ ଆଇନଜୀବୀ ବୋଲି ତାଙ୍କୁ କୁହାଯାଉଛି । ତାଙ୍କ ପୂର୍ବରୁ ଜଷ୍ଟିସ୍ ବ୍ରିଜେଶ କୁମାର ୨୦୦୦ ମସିହାରେ ସୁପ୍ରିମକୋର୍ଟ ବିଚାରପତି ହୋଇଥିଲେ । ଦିଲ୍ଲୀ ହାଇକୋର୍ଟ ୱେବସାଇଟ୍ ଅନୁଯାୟୀ, ଜଷ୍ଟିସ୍ ଉପାଧ୍ୟାୟ ୧୯୬୫ ଜୁନ୍ ୧୬ରେ ଉତ୍ତରପ୍ରଦେଶର ଆମ୍ବେଦକର ନଗର ଜିଲ୍ଲାର ମୁସ୍କରାଇ ଗାଁରେ ଜନ୍ମଗ୍ରହଣ କରିଥିଲେ । ୨୦୦୭ ମେ'ରେ ସେ ଉତ୍ତରପ୍ରଦେଶର ମୁଖ୍ୟ ସ୍ଥାୟୀ ଆଇନଜୀବୀ ଭାବେ ନିଯୁକ୍ତ ହୋଇଥିଲେ । ୨୦୧୧ ନଭେମ୍ବରରେ ହାଇକୋର୍ଟ ବିଚାରପତି ହେବା ପର୍ଯ୍ୟନ୍ତ ସେ ଏହି ପଦରେ ରହିଥିଲେ । ୨୦୧୧ ନଭେମ୍ବର ୨୧ରେ ସେ ଆହ୍ଲାବାଦ ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତ ହୋଇଥିଲେ । ୨୦୨୩ ମାର୍ଚ୍ଚ ୨୮ ରେ ସେ ଲକ୍ଷ୍ନୌ ବେଞ୍ଚର ବରିଷ୍ଠ ବିଚାରପତି ହୋଇଥିଲେ । ପରେ ୨୦୨୩ ଜୁଲାଇ ୨୯ରେ ସେ ବମ୍ବେ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଶପଥ ନେଇଥିଲେ ।

# କନେଷ୍ଟବଳଙ୍କ ସ୍ୱାମୀଙ୍କୁ ଗୁଳିକରି ହତ୍ୟା

## ନଗଦ ଟଙ୍କା ବ୍ୟାଗ୍ ଧରି ଲୁଟେରା ଫେରାର୍; କେନ୍ଦୁଝରରେ ଉତ୍ତେଜନା



ତୁରୁମୁଙ୍ଗା, ୨୯।୯(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା କେନ୍ଦେଇପଶି ପାଟଣା ରାସ୍ତାର ଖୁଣ୍ଟାପଡ଼ା ନିକଟରେ ସୋମବାର ରାତିରେ ଦୁର୍ବୃତ୍ତଙ୍କ ଭୁଜାଲି ଓ ଗୁଳିମାଡ଼ରେ ପାଟଣା ଥାନାର କାର୍ଯ୍ୟରତ କନେଷ୍ଟବଳ ତୁଳସୀ ମହାନ୍ତଙ୍କ ସ୍ୱାମୀ ତ୍ରିଲୋଚନ ମହାନ୍ତ (୪୫)ଙ୍କ ମୃତ୍ୟୁ ଘଟିଛି। ପତ୍ନୀ ତୁଳସୀଙ୍କ ମୋବାଇଲ୍ ଫୋନରୁ କଲ୍‌ରେ ସେ କହିଥିଲେ ଯେ ତାଙ୍କୁ ଗୁଳିମାଡ଼ ହୋଇଛି। ଏହାପରେ ତୁରନ୍ତ ପାଟଣା ଥାନାଧିକାରୀ କିରଣପ୍ରସାଦ ସାହୁ, ଏସଆଇ ଲକ୍ଷ୍ମଣ ମାଝୀ, ଧନଞ୍ଜୟ ପାତ୍ର ଓ ଏସଆଇ ସୁରେଶ ସାହୁ, ତୁରୁମୁଙ୍ଗା ଥାନାଧିକାରୀ ଦୀପ୍ତିରଞ୍ଜନ ସାହୁ, ଏଏସଆଇ ସୁଜାତା ମହାନ୍ତ ସମେତ ତ୍ରିଲୋଚନଙ୍କ ପତ୍ନୀ ତୁଳସୀ ମହାନ୍ତ ଘଟଣାସ୍ଥଳରେ ପହଞ୍ଚି ତ୍ରିଲୋଚନଙ୍କୁ ଉଦ୍ଧାର କରି କେନ୍ଦୁଝର ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

ସୂଚନା ଅନୁସାରେ, ତ୍ରିଲୋଚନଙ୍କ ଘର ତୁରୁମୁଙ୍ଗା ଥାନା ଖଜିରାପଶିରେ ହୋଇଥିବା ବେଳେ ସେ ପତ୍ନୀ ଓ ପରିବାର ସହ ପାଟଣା ଥାନା କ୍ୱାର୍ଟର୍ସରେ ରହୁଥିଲେ। ତାଙ୍କର କେନ୍ଦେଇପଶି ବଜାରର ବଲାଣିପଶି ରାସ୍ତାରେ ଥିବା ମାର୍କେଟ କମ୍ପ୍ଲେକ୍ସରେ ଏକ ଜନସେବା କେନ୍ଦ୍ର କରି ବ୍ୟବସାୟ କରିଆସୁଥିଲେ। ସୋମବାର ମଧ୍ୟ ରାତିରେ ସେ ଦୋକାନ ବନ୍ଦ କରି ଇଭି ସ୍କୁଟିରେ ପାଟଣା ଥାନାକୁ ଫେରୁଥିବା ସମୟରେ କିଛି ଦୁର୍ବୃତ୍ତ ତାଙ୍କୁ ପିଛା କରି ଲୁଟ କରିବାକୁ ଉଦ୍ୟମ କରିଥିଲେ। ଏଥିରେ ଲୁଟେରାଙ୍କ ସହ କିଛି ସମୟ ଧସ୍ତାଧସ୍ତି ହୋଇ ଟଙ୍କା ବ୍ୟାଗ ନଦେବାକୁ ତ୍ରିଲୋଚନ ସଙ୍ଘର୍ଷ କରିଥିଲେ। ପରେ ଲୁଟେରାମାନେ ତାଙ୍କ ହାତ ଓ ପେଟକୁ ଭୁଜାଲିରେ ଆକ୍ରମଣ କରିବା ସହ ୭ ରାଉଣ୍ଡ ଗୁଳି ଚାଳନା କରିଥିଲେ। ଏହି ଫାଙ୍କା ଗୁଳି ଚାଳନା ପରେ ତ୍ରିଲୋଚନଙ୍କ ଉପରକୁ ଗୁଳି ମାଡ଼ କରିଥିଲେ। ତ୍ରିଲୋଚନଙ୍କ ବାମହାତରେ ଗୁଳି ବାଜିବାରୁ ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡ଼ିଯିବାରୁ ଦୁର୍ବୃତ୍ତମାନେ ଟଙ୍କା ବ୍ୟାଗ ଧରି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ।



ଘଟଣାସ୍ଥଳକୁ ପୁଲିସ ନାକାବନ୍ଦୀରେ ରଖି ମଙ୍ଗଳବାର ସକାଳୁ ଚମ୍ପୁଆ ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁଙ୍କ ନେତୃତ୍ୱରେ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରିଥିଲେ। ମୃତକଙ୍କ ସ୍କୁଟି ସହ ୨ଟି ଜୀବନ୍ତ ଗୁଳି ୩ଟି ଖୋକା ଜବତ କରାଯାଇଛି। କେନ୍ଦୁଝର ଏସ୍‌ପି ନିତିନ କୁଶଲକର ଦାଗୁଡୁ ହତ୍ୟାକାଣ୍ଡସ୍ଥଳ ନିଜେ ଅନୁଧ୍ୟାନ କରିବା ସହ ୩ ଟିମ୍ ଗଠନ କରିଛନ୍ତି। ଏ ସଂକ୍ରାନ୍ତରେରେ ତୁରୁମୁଙ୍ଗା ଥାନାରେ ଏକ ମାମଲା ରୁଜୁ ହୋଇ ଛାନଭିନ ଆରମ୍ଭ ହୋଇଛି। ସହକାରୀ ଥାନାଧିକାରୀ ସବିତା ନାଏକ ଘଟଣାର ତଦନ୍ତ କରୁଥିବା ବେଳେ ତ୍ରିଲୋଚନଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ମଙ୍ଗଳବାର ଅପରାହ୍ନରେ ହତ୍ୟାକାଣ୍ଡକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ହତ୍ୟାକାରୀ ଲୁଟେରାଙ୍କୁ ଧରିବା ସହ ଅଞ୍ଚଳରେ ବେଆଇନ ମଦର ଚୋରା କାରବାର ବନ୍ଦ କରିବା, ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ଏବଂ କେନ୍ଦେଇପଶିରେ ଫାଣ୍ଡି ସ୍ଥାପନ ଦାବିରେ ମହିଳାମାନେ ରାସ୍ତାରୋକ କରିଥିଲେ। ତୁରୁମୁଙ୍ଗା ଥାନାଧିକାରୀ ଲୋକଙ୍କୁ ବୁଝାସୁଝା କରିବା ପରେ ଉତ୍ତ୍ୟକ୍ତ ମହିଳା ଆନ୍ଦୋଳନରୁ ଓହରିଥିଲେ। ତ୍ରିଲୋଚନଙ୍କ ମୃତ୍ୟୁ ପରେ କେନ୍ଦେଇପଶି ବଣିକ ସଙ୍ଘ ପକ୍ଷରୁ କେନ୍ଦେଇପଶି ବଜାରକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ମୃତଦେହ ମେଡ଼ିକାଲରୁ ପୈତୃକ ଗାଁ ଖଜିରାପଶି ଗାଁକୁ ଆଣିବା ପରେ କେନ୍ଦେଇପଶି ବଜାରରେ ରଖାଯାଇ ବଣିକ ସଙ୍ଘ ସଭାପତି ମିତ୍ରଭାନୁ ନାଏକ, ସମ୍ପାଦକ ଚନ୍ଦ୍ରମୋହନ ମହାକୁଡ଼, କୋଷାଧ୍ୟକ୍ଷ କୀର୍ତ୍ତିରଞ୍ଜନ ସାମଲ ସମେତ ସଦସ୍ୟ ବ୍ରହ୍ମାନନ୍ଦ ସାହୁ, ବନଜ ମହାପାତ୍ର, ଦୁର୍ଯ୍ୟୋଧନ ନାଏକ ଏବଂ ଶତାଧିକ ବ୍ୟବସାୟୀ ଏବଂ ଅଞ୍ଚଳବାସୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରାଇ ପାର୍ଥିବ ଶରୀରକୁ ଗାଁକୁ ନେଇ ସେଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

## ଆଜି ଓଏସ୍ଏସ୍‌ଟିଇଟି

# ୨୬୧ କେନ୍ଦ୍ରରେ ୫୯ ହଜାର ପରୀକ୍ଷାର୍ଥୀ

କଟକ,୨୯।୯(ସମିସ): ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ଓଡ଼ିଶା ସେକେଣ୍ଡାରୀ ସ୍କୁଲ ଟିଚର ଏଲିଜିବିଲିଟି ଟେଷ୍ଟ (ଓଏସଏସଟିଇଟି-୨୦୨୬) ପରୀକ୍ଷା ଆସନ୍ତା କାଲି ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁସାରେ ହେବ ବୋଲି ସ୍ପଷ୍ଟ କରାଯାଇଛି। ଓଡିଶା ବନ୍ଦ ପାଇଁ ଏହି ପରୀକ୍ଷା ସ୍ଥଗିତ ରଖାଯାଇଥିବା ନେଇ ସୋସିଆଲ ମିଡିଆରେ କେତେକ ଗୁଜବ ପ୍ରଚାରିତ ହୋଇଥିଲା। ତେବେ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ଏହାକୁ ଅସ୍ୱୀକାର କରିବା ସହ ବୋର୍ଡ ପକ୍ଷରୁ ଆସନ୍ତାକାଲି ହେବାକୁ ଥିବା ପରୀକ୍ଷା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା କହିଛନ୍ତି। ସମସ୍ତ ୩୦ଟି ଜିଲ୍ଲାରେ ମୋଟ ୨୬୧ଟି ପରୀକ୍ଷା କେନ୍ଦ୍ର କରାଯାଇଥିବା ବେଳେ ମୋଟ ୫୯ହଜାର ୩୫୩ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ପଞ୍ଜୀକୃତ ହୋଇଛନ୍ତି। ଓଡିଶା ବନ୍ଦ ଡାକରାରେ ଏହା ପ୍ରଭାବିତ ହେବ ନାହିଁ ତେବେ ପରୀକ୍ଷାର୍ଥୀଙ୍କୁ ନ ଅଟକାଇବା ପାଇଁ ବୋର୍ଡ ସଭାପତି ନିବେଦନ କରିଛନ୍ତି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଏହି ପରୀକ୍ଷା ଗୋଟିଏ ସିଟିଂରେ ସକାଳ ୯ଟା ରୁ ପୂର୍ବାହ୍ନ ୧୧ଟା ୩୦ ପର୍ଯ୍ୟନ୍ତ ଚାଲିବ। ପରୀକ୍ଷା କେନ୍ଦ୍ରରେ କୌଣସି ପ୍ରକାରର ବିଳମ୍ବ ଏଡ଼ାଇବା ପାଇଁ ସମସ୍ତ ପରୀକ୍ଷାର୍ଥୀଙ୍କୁ ପରୀକ୍ଷା ଦିନ ସକାଳ ୭ଟା ୪୫ସୁଦ୍ଧା ପରୀକ୍ଷା କେନ୍ଦ୍ରରେ ପହଞ୍ଚିବାକୁ ବୋର୍ଡ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ହାଇସ୍କୁଲ ଶିକ୍ଷକତା ଯୋଗ୍ୟତା ପାଇଁ ବିଏଡ ଡିଗ୍ରୀ ଧାରୀ ମାନେ ଏହି ପରୀକ୍ଷା ଦେବା ପାଇଁ ଆବେଦନ କରିଛନ୍ତି।

# ହାଇକୋର୍ଟଙ୍କ ଅନ୍ୟ ଖଣ୍ଡପୀଠରେ ହେବ ରାଜ୍ୟସଭା ନିର୍ବାଚନ କ୍ରସଭୋଟିଂ ମାମଲାର ଶୁଣାଣି

କଟକ,୨୯।୯(ସମିସ): ବିଭିନ୍ନ ସମୟରେ ଦଳୀୟ ହୁଇପକୁ ଅମାନ୍ୟ କରିବା ସହ ରାଜ୍ୟସଭା ନିର୍ବାଚନରେ କ୍ରସଭୋଟିଂ କରିଥିବା ୮ ବିଜେଡି ବିଧାୟକଙ୍କ ସଭ୍ୟପଦ ରଦ୍ଦ ପ୍ରସଂଗକୁ ନେଇ ରୁଜୁ ମାମଲାର ଶୁଣାଣି ଭିନ୍ନ ଖଣ୍ଡପୀଠରେ ହେବ। ପୂର୍ବରୁ ଏହି ମାମଲାଗୁଡିକର ଶୁଣାଣି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ କରିଆସୁଥିଲେ। ତେବେ ଆଜି ଏହି ମାମଲାଗୁଡିକ ଶୁଣାଣିରୁ ଜଷ୍ଟିସ ପଟ୍ଟନାୟକ ବିରତ ରହିବା ସହ ମୁଖ୍ୟ ବିଚାରପତିଙ୍କ ଅନୁମୋଦନକ୍ରମେ ଏଗୁଡିକ ଅନ୍ୟ ଖଣ୍ଡପୀଠରେ ଶୁଣାଣି କରାଯିବ ବୋଲି କହିଛନ୍ତି। ଏଣୁ ମୁଖ୍ୟ ବିଚାରପତିଙ୍କ ଅନୁମୋଦନ ପରେ କେଉଁ ଖଣ୍ଡପୀଠରେ ଏହାର ଶୁଣାଣି ପାଇଁ ତାଲିକାଭୁକ୍ତ ହେବ ତାହା ଆଗାମୀ ଦିନରେ ଜଣାପଡିବ।

ପ୍ରକାଶଥାଉକି, ଗତ ଶୁଣାଣି ବେଳେ ତିନିଟି ପିଟିସନରେ ପକ୍ଷଭୁକ୍ତ ହୋଇଥିବା ୩ ବିଧାୟକ ଅରବିନ୍ଦ ମହାପାତ୍ର, ସୌଭିକ ବିଶ୍ୱାଳ ଓ ସନାତନ ମହାକୁଡ଼ଙ୍କ ସମେତ ବିଧାନସଭା ସଚିବଙ୍କୁ ସତ୍ୟପାଠ ମାଧ୍ୟମରେ ଜବାବ ରଖିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଏଥିପୂର୍ବରୁ ବିଧାୟକ ଚକ୍ରମଣି କହଁର ଓ ସୁବାସିନୀ ଜେନା ପକ୍ଷଭୁକ୍ତ ହୋଇଥିବା ମାମଲାରେ ବିଧାନସଭା ବାଚସ୍ପତିଙ୍କୁ ମଧ୍ୟ ହାଇକୋର୍ଟ ଜବାବତଲବ କରିଥିଲେ। ମାମଲାରୁ ପ୍ରକାଶ ଯେ ବିଜେଡିରୁ ନିଲମ୍ବିତ ବିଧାୟକ ଅରବିନ୍ଦ ମହାପାତ୍ର, ସନାତନ ମହାକୁଡ଼ଙ୍କ ସମେତ ନବକିଶୋର ମଲ୍ଲିକ, ଦେବୀରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ, ରମାକାନ୍ତ ଭୋଇ, ସୁବାସିନୀ ଜେନା, ଚକ୍ରମଣି କହଁରଙ୍କ ସଭ୍ୟପଦ ରଦ୍ଦ ପ୍ରସଂଗ ନେଇ ଆବେଦନ ଗୁଡ଼ିକୁ ଖାରଜ କରି ବିଧାନସଭା ବାଚସ୍ପତି ପ୍ରଦାନ କରିଥିବା ନିର୍ଦ୍ଦେଶ ବିରୋଧରେ ବିଜେଡି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ୮ଗୋଟି ପିଟିସନ ରୁଜୁ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଦଳର ହ୍ୱିପ ମାନି ନଥିବା ଓ ଦଳ ବିରୋଧୀ କାର୍ଯ୍ୟରେ ସଂପୃକ୍ତ ଥିବା ଅଭିଯୋଗ ଆଣି ୮ଜଣ ବିଧାୟକଙ୍କ ବିରୋଧରେ ବାଚସ୍ପତିଙ୍କ ନିକଟରେ ଦାଖଲ ପିଟିସନକୁ ବିନା ଶୁଣାଣିରେ ଖାରଜ କରାଯାଇଥିଲା। ଆବେଦନକାରୀଙ୍କୁ ପକ୍ଷ ରଖିବାକୁ ସୁଯୋଗ ନ ଦେଇ ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଂଗ ସଂପର୍କିତ ପିଟିସନ ଖାରଜ କରାଯିବା ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି। ଖାରଜ ନିର୍ଦ୍ଦେଶ ସଂପର୍କିତ ଓଡ଼ିଶା ବିଧାନସଭା ସଚିବାଳୟର ଗତ ୨୦୨୬ଜୁନ ୧୯ର ବିଜ୍ଞପ୍ତିକୁ ରଦ୍ଦ କରାଯାଉ ବୋଲି ଆବେଦନରେ ନିବେଦନ କରାଯାଇଛି। ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ମିଳନ କାନୁନଗୋ ଓ ଆଇନଜୀବୀ ଆଶିଷ କୁମାର ମିଶ୍ର ମାମଲା ପରିଚାଳନା କରୁଛନ୍ତି।

# ଆଜି ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ

**୭ ଦଫା ଦାବିରେ ନବନିର୍ମାଣ ଛାତ୍ର ସଂଗଠନ ପକ୍ଷରୁ ବନ୍ଦ ଡାକରା**

ଭୁବନେଶ୍ୱର, ୨୯।୯(ସମିସ): ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ସମେତ ୭ ଦଫା ଦାବି ନେଇ ନବନିର୍ମାଣ ଯୁବଛାତ୍ର ସଂଗଠନର ଆନ୍ଦୋଳନ ଜାରି ରହିଛି। ସଂଗଠନର ସତ୍ୟାଗ୍ରହ ୪୧ ଦିନରେ ଏବଂ ପ୍ରତିଷ୍ଠାତା ଅକ୍ଷୟ କୁମାରଙ୍କ ଅନିର୍ଦ୍ଦିଷ୍ଟକାଳୀନ ଅନଶନ ୨୪ ଦିନରେ ପହଞ୍ଚିଛି। ଦାବି ପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ବୁଧବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ 'ଓଡ଼ିଶା ବନ୍ଦ' ଡାକରା ଦିଆଯାଇଛି।

ମଙ୍ଗଳବାର ସତ୍ୟାଗ୍ରହ ସ୍ଥଳରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅକ୍ଷୟ କୁମାର କହିଥିଲେ, ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ୧୬୭୮ଟି ତ୍ରୁଟି ଥିବା ସଂଗଠନ ଅଭିଯୋଗ କରିଛି। ଏହି ପ୍ରସଙ୍ଗରେ ଦୀର୍ଘଦିନ ଧରି ଆନ୍ଦୋଳନ ଚାଲିଥିଲେ ମଧ୍ୟ ସରକାର ଆଲୋଚନା ପାଇଁ କୌଣସି ଠୋସ୍ ପଦକ୍ଷେପ ନେଇନଥିବା ସେ ଅଭିଯୋଗ କରିଥିଲେ। ଏହାର ପ୍ରତିବାଦରେ ବନ୍ଦ ଡାକରା ଦିଆଯାଇଥିବା ସେ କହିଥିଲେ।

ବନ୍ଦକୁ ସଫଳ କରିବା ପାଇଁ ଦୋକାନ ବଜାର ବନ୍ଦ ରଖିବା ସହ ଗାଡ଼ି ଚଳାଚଳ ବନ୍ଦ କରି ସହଯୋଗ କରିବାକୁ ସେ ରାଜ୍ୟବାସୀଙ୍କୁ ନିବେଦନ କରିଥିଲେ। ଏଥିସହ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ଦିଅନ୍ତୁ କିମ୍ବା ସରକାର ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଅକ୍ଷୟ ଦାବି କରିଥିଲେ। ସଂଗଠନର ରାଜ୍ୟ ସଂଯୋଜକ ଏମ୍‌ଡି ମନୱର ଅଲ୍ଲୀ କହିଥିଲେ, ପାଠ୍ୟପୁସ୍ତକର ତ୍ରୁଟି ଯୋଗୁଁ ବହୁ ଛାତ୍ରଛାତ୍ରୀ ପ୍ରଭାବିତ ହେଉଛନ୍ତି। ସରକାର ଦାବି ପ୍ରତି ଧ୍ୟାନ ନଦେଲେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ। ଛାତ୍ର ଓ ଯୁବକଙ୍କ ସହ ଚାଷୀ, ମୂଲିଆ ଓ ଶ୍ରମିକମାନେ ମଧ୍ୟ ଆନ୍ଦୋଳନରେ ସାମିଲ ହେବେ ବୋଲି ରାଜ୍ୟ ମହିଳା ଆବାହକ ମଧୁମିତା ସାମଲ କହିଥିଲେ। ସାମ୍ବାଦିକ ସମ୍ମିଳନୀରେ ନବନିର୍ମାଣ କୃଷକ ସଂଗଠନର ଉପଦେଷ୍ଟା ଡା. କୁଳମଣି, କୃଷକ ନେତା ସୁରେନ୍ଦ୍ର ମହାରଣା, ପ୍ରସନ୍ନ କଅଁର, ଅମିତି ଜେନା, ସ୍ମୃତି ରଞ୍ଜନ ସାମଲ ଓ ଏସ୍.କେ. ହେଦାଇଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ରାୟଗଡ଼ା ପୌରାଧ୍ୟକ୍ଷ ବିଜେଡିରୁ ନିଲମ୍ବିତ

ଭୁବନେଶ୍ୱର,୨୯।୯(ସମିସ): ରାୟଗଡା ମୁନିସପାଲିଟିର ଅଧ୍ୟକ୍ଷ ପି. ମହେଶ ପଟ୍ଟନାୟକ ଏବଂ ୧୬ ନମ୍ବର ୱାର୍ଡର କାଉନସିଲର ଶ୍ରମିତା ପାଢ଼ୀ ବିଜେଡିରୁ ନିଲମ୍ବିତ ହୋଇଛନ୍ତି। ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା କାରଣରୁ ଉଭୟଙ୍କୁ ନିଲମ୍ବିତ କରାଯାଇଥିବା ନେଇ ବିଜେଡି କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ଭୟଭୀତ ହୋଇ ବିଧାନସଭାକୁ ଚାରି ଦିନ ଆଗରୁ ବନ୍ଦ କରିଦେଲେ ସରକାର : ବିଜେଡି



■ ବିଜେଡିର ବିକ୍ଷୋଭକୁ ବିପୁଳ ଜନ ସମର୍ଥନ ପାଇଁ ରାଜ୍ୟବାସୀଙ୍କୁ କୃତଜ୍ଞତା
■ ସଂଶୋଧିତ ଖଣି ଆଇନର ପ୍ରତ୍ୟାହାର ଦାବି ଆହୁରି ଜୋରଦାର କରାଯିବ

ଭୁବନେଶ୍ୱର,୨୯।୯(ସମିସ): ସଂଶୋଧିତ ଏମଏମଡିଆର ଆଇନର ପ୍ରତ୍ୟାହାର ଦାବିରେ ବିଜେଡି ଦ୍ୱାରା ଲୋୟର ପିଏମଜି ଠାରେ ଆୟୋଜିତ ହୋଇଥିବା ଗଣବିକ୍ଷୋଭ କାର୍ଯ୍ୟକ୍ରମକୁ ବିପୁଳ ଜନ ସମର୍ଥନ ମିଳିବାରୁ ରାଜ୍ୟ ସରକାର ଭୟଭୀତ ହୋଇ ବିଧାନସଭାର କାର୍ଯ୍ୟକାଳ ଚାରି ଦିନ ପୂର୍ବରୁ ବାତିଲ କରିଦେଇଛନ୍ତି ଅଭିଯୋଗ କରିଛି ବିଜେଡି । ଏହାଛଡା ଏହି ଗଣବିକ୍ଷୋଭ କାର୍ଯ୍ୟକ୍ରମକୁ ବିପୁଳ ସମର୍ଥନ ଦେଇଥିବା ଜନସାଧାରଣଙ୍କୁ ବିଜେଡି କୃତଜ୍ଞତା ଜଣାଇଛି।

ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକଡ. ଅରୁଣ କୁମାର ସାହୁ, ପିଏସି ସଦସ୍ୟା ଟୁକୁନି ସାହୁ, ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି, ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ କୁମାର ସାହୁ ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ ଦଳର ଗଣବିକ୍ଷୋଭ କାର୍ଯ୍ୟକ୍ରମକୁ ବିପୁଳ ଜନ ସମର୍ଥନ ମିଳିଥିବାରୁ ଜନସାଧାରଣଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହାସହ ବିଧାନସଭାକୁ ଚାରି ଦିନ ପୂର୍ବରୁ ବନ୍ଦ କରିଥିବାରୁ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଛନ୍ତି। ବିଜେଡିର ନେତୃବୃନ୍ଦମାନେ କହିଥିଲେ ଯେ ଏମଏମଡିଆର ସଂଶୋଧନ ଆଇନ ଓଡ଼ିଶାକୁ ବିପୁଳ କ୍ଷତି ପହଞ୍ଚାଇବ ବୋଲି ବିଜୁ ଜନତା ଦଳ ପକ୍ଷରୁ ପ୍ରଥମ ଦିନରୁ କୁହାଯାଇ ଆସୁଛି । ଖଣିରୁ ଟିକସ ଆକାରରେ ଆଦାୟ ହେବାକୁ ଥିବା ବକେୟା ବାବଦକୁ ୧ ଲକ୍ଷ କୋଟି ଟଙ୍କା ଓ ଖଣି ରାଜସ୍ୱ ବାବଦକୁ ବର୍ଷକୁ ପ୍ରାୟ ୧୨ ହଜାର କୋଟି ଟଙ୍କା କ୍ଷତି ଓଡ଼ିଶା ସହିବ ବୋଲି ବିଜେଡିର ଦାବି ସହ ଅନ୍ୟ ବିରୋଧୀ ମଧ୍ୟ ସହମତ। କିନ୍ତୁ ସରକାରରେ ଥିବା ବିଜେପି ଏହା କ୍ଷତି ନୁହେଁ ବରଂ ଲାଭ ହେବ ବୋଲି କହୁଛି । ଯେହେତୁ ରାଜ୍ୟ ସ୍ୱାର୍ଥ ଦୃଷ୍ଟିରୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ, ରାଜ୍ୟ ବିଧାନସଭାରେ ଏହା ଉପରେ ଆଲୋଚନା ପାଇଁ ବିଜେଡି ପକ୍ଷରୁ ଏକ ମୋସନ ଦାଖଲ କରାଯାଇଥିଲା । ଯେହେତୁ ସଂଶୋଧିତ ଏମଏମଡିଆର ଆଇନ ଯୋଗୁଁ ରାଜ୍ୟର କ୍ଷତି ନୁହେଁ ଲାଭ ହେବ ବୋଲି ବିଜେପି ଦାବି କରୁଛି, ବିଜେପି ପକ୍ଷରୁ କେନ୍ଦ୍ର ସରକାରଙ୍କ ସପକ୍ଷରେ ଧନ୍ୟବାଦ ପ୍ରସ୍ତାବ ଆଣୁ ଆମେ ଆଲୋଚନା ପାଇଁ ପ୍ରସ୍ତୁତ ବୋଲି ବିଜେଡି କହିଥିଲା । କିନ୍ତୁ ବିଜେଡି ଦ୍ୱାରା ଦିଆଯାଇଥିବା କୌଣସି ପ୍ରସ୍ତାବକୁ ରାଜ୍ୟ ସରକାର ଗ୍ରହଣ କରିନଥିଲେ। ସୋମବାର ଦିନ ଲୋୟର ପିଏମଜି ଠାରେ ସଂଶୋଧିତ ଏମଏମଡିଆର ଆଇନ ପ୍ରତ୍ୟାହାର ଦାବିରେ ଆୟୋଜିତ ଗଣବିକ୍ଷୋଭ କାର୍ଯ୍ୟକ୍ରମକୁ ରାଜ୍ୟବାସୀଙ୍କ ବିପୁଳ ଜନ ସମର୍ଥନ ମିଳିବାରୁ, ଭୟଭୀତ ହୋଇ ରାଜ୍ୟ ସରକାର ବିଧାନସଭାକୁ ଚାରି ଦିନ ପୂର୍ବରୁ ବନ୍ଦ କରିଦେଲେ। ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ଏମଏମଡିଆର ସଂଶୋଧନ ଆଇନ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ରାଜ୍ୟ ବିଧାନସଭାରେ ଆଲୋଚନା ହୋଇ ନପାରିବା, ବାସ୍ତବରେ ଦୁର୍ଭାଗ୍ୟଜନକ। ବିଧାନସଭାରେ ଆଲୋଚନା କରେଇ ନଦେଲେ ମଧ୍ୟ ବିଜେଡି ଏହି ପ୍ରସଙ୍ଗରେ ଚୁପ୍ ବସିବ ନାହିଁ । ଏହି ପ୍ରସଙ୍ଗରେ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବୋଲି ଦଳ ଚେତାବନୀ ଦେଇଛି ।

# ୪୦ ଫୁଟ୍‌ର ମୃତ ତିମି ଉଦ୍ଧାର



ବାଲେଶ୍ୱର,୨୯।୯ (ସମିସ) : ବାଲେଶ୍ୱର ଚାନ୍ଦିପୁର ରେଞ୍ଜ ଅନ୍ତର୍ଗତ ମହିଶାଳୀ ପୋଲ ନିକଟ ସମୁଦ୍ର ଉପକୂଳରେ ପୁଣି ଏକ ବିଶାଳ ତିମିର ଗଳିତ ମୃତଦେହ ଲାଗିବା ଘଟଣା ଉପକୂଳରେ ଚର୍ଚ୍ଚା ସହ ଚିନ୍ତା ବଢ଼ାଇଛି। ତିମିଟିର ଲମ୍ବ ପ୍ରାୟ ୪୦ ଫୁଟ ଏବଂ ଗୋଲେଇ ପ୍ରାୟ ୨୦ ଫୁଟ ବୋଲି ଜଣାପଡ଼ିଛି। ମୃତଦେହଟି ସଂପୂର୍ଣ୍ଣ ପଚିଶଢ଼ି ଯାଇଥିବା ବେଳେ ଶରୀରରୁ ବଡ଼ ବଡ଼ ହାଡ଼ ବାହାରକୁ ଦେଖାଯାଉଛି। ଦୀର୍ଘ ସମୟ ଧରି ସମୁଦ୍ରରେ ଭାସିବା ପରେ ବାତ୍ୟା ପ୍ରଭାବରେ ମୃତ ତିମିଟି ଭାସି ଭାସି ମହିଶାଳୀ ପୋଲ ନିକଟ ଉପକୂଳରେ ଲାଗିଥିବା ପ୍ରାଥମିକ ଭାବେ ଅନୁମାନ କରାଯାଉଛି। ଘଟଣା ସମ୍ପର୍କରେ ଖବର ପାଇ ଚାନ୍ଦିପୁର ରେଞ୍ଜ ଅଫିସର, ଫରେଷ୍ଟର, ଫରେଷ୍ଟ ଗାର୍ଡଙ୍କ ସମେତ ରସାଳପୁର ଭିଏସ୍ ଘଟଣାସ୍ଥଳରେ ପହଞ୍ଚି ମୃତ ତିମିର ମୃତଦେହ ବ୍ୟବଚ୍ଛେଦ କରିଛନ୍ତି। ବିଶେଷକରି ବାଲେଶ୍ୱର ଉପକୂଳରେ ଗତ କିଛି ଦିନ ଧରି ବାରମ୍ବାର ଡଲଫିନ ମୃତ୍ୟୁ ଘଟଣା ସାମ୍ନାକୁ ଆସିଥିବା ବେଳେ ଏବେ ଏକ ବିଶାଳ ତିମିର ଗଳିତ ମୃତଦେହ ମିଳିବା ଉପକୂଳ ପାଇଁ ଚିନ୍ତାର ବିଷୟ ପାଲଟିଛି।

# ଡବ୍ଲ୍ୟୁଏଫ୍‌ଇଓର ପ୍ରଥମ "ଇଣ୍ଟରନାଲ ଅଡିଟ କମିଟି' ଅଧ୍ୟକ୍ଷ ଭାବେ ଇଂ ଅଶୋକ ବସା ମନୋନୀତ



**ଭାରତୀୟ ଇଞ୍ଜିନିୟରିଂ କ୍ଷେତ୍ର ପାଇଁ ଗୌରବ**

ବାରିପଦା, ୨୯।୯(ସମିସ): ବିଶ୍ୱସ୍ତରୀୟ ଇଞ୍ଜିନିୟରିଂ ସଂଗଠନ "ୱାର୍ଲ୍ଡ ଫେଡେରେସନ ଅଫ ଇଞ୍ଜିନିୟରିଂ ଅର୍ଗାନାଇଜେସନ୍ସ' (ଡବ୍ଲ୍ୟୁଏଫ୍‌ଇଓ)ର ପ୍ରଥମ "ଇଣ୍ଟରନାଲ ଅଡିଟ କମିଟି' (ଆଭ୍ୟନ୍ତରୀଣ ଅଡିଟ କମିଟି)ର ଅଧ୍ୟକ୍ଷ ଭାବେ ବରିଷ୍ଠ ଇଞ୍ଜିନିୟର ତଥା "ଇନଷ୍ଟିଚ୍ୟୁସନ ଅଫ ଇଞ୍ଜିନିୟର୍ସ (ଇଣ୍ଡିଆ)'ର ପୂର୍ବତନ ସଭାପତି ଇଂ ଅଶୋକ ବସା ମନୋନୀତ ହୋଇଛନ୍ତି। ସେ ୨୦୨୭ ଶେଷ ପର୍ଯ୍ୟନ୍ତ ଏହି ପଦବୀରେ କାର୍ଯ୍ୟ କରିବେ। ଡବ୍ଲ୍ୟୁଏଫ୍‌ଇଓ ପକ୍ଷରୁ ପ୍ରଥମଥର ପାଇଁ ଏହି କମିଟି ଗଠନ କରାଯାଇଥିବାରୁ ଇଂ ବସା ଏହି ସମ୍ମାନଜନକ କମିଟିର ପ୍ରଥମ ଅଧ୍ୟକ୍ଷ ହେବାର ଗୌରବ ଅର୍ଜନ କରିଛନ୍ତି। ସଂଗଠନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡକ୍ଟର ମୋଏଜ ଚକ୍‌ଚୁକ ପତ୍ର ମାଧ୍ୟମରେ ଏହି ନିଯୁକ୍ତି ସମ୍ପର୍କରେ ଘୋଷଣା କରିବା ସହ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସଂଗଠନର ସ୍ୱଚ୍ଛତା, ଉତ୍ତରଦାୟିତ୍ୱ, ଆର୍ଥିକ ନିୟମାବଳୀର ଅନୁପାଳନ, ସମ୍ପତ୍ତିର ସୁରକ୍ଷା ଓ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ଇଂ ବସା ଏହି କମିଟିର ନେତୃତ୍ୱ ନେବେ।

୧୯୬୮ରେ ୟୁନେସ୍କୋର ଉଦ୍ୟମ ଓ ପଦକ୍ଷେପରେ ପ୍ରତିଷ୍ଠିତ ହୋଇଥିବା ଡବ୍ଲ୍ୟୁଏଫ୍‌ଇଓ ହେଉଛି ବିଶ୍ୱର ସର୍ବବୃହତ ଇଞ୍ଜିନିୟରିଂ ସଂସ୍ଥା। ଯେଉଁଥିରେ ବିଶ୍ୱର ୧୦୦ରୁ ଅଧିକ ଦେଶ ସଦସ୍ୟ ରହିଛନ୍ତି। ଏହି ପ୍ରତିଷ୍ଠିତ ବିଶ୍ୱସ୍ତରୀୟ ସଂସ୍ଥାରେ ଇଂ ବସା ପୂର୍ବରୁ ଆଭ୍ୟନ୍ତରୀଣ ଅଡିଟର ଭାବେ କାର୍ଯ୍ୟ କରିଥିବା ପ୍ରଥମ ଭାରତୀୟ ଓ ଏକଜିକ୍ୟୁଟିଭ୍ ଭାଇସ୍ ପ୍ରେସିଡେଣ୍ଟ ପଦ ଅଳଙ୍କୃତ କରିଥିବା ଦ୍ୱିତୀୟ ଭାରତୀୟ ହୋଇଥିଲେ। ରାଉରକେଲା ଆରଇସି (ବର୍ତ୍ତମାନର ଏନଆଇଟି)ର ପୂର୍ବତନ ଛାତ୍ର ଇଂ ବସାଙ୍କ ପୈତୃକ ଘର ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକର ବଡଚାଟରାରେ ହୋଇଥିବାବେଳେ ସମ୍ପ୍ରତି ସେ ନିଜ ପରିବାର ସହ ଭୁବନେଶ୍ୱରରେ ରହୁଛନ୍ତି। ଏକ ପ୍ରମୁଖ ବିଶ୍ୱସ୍ତରୀୟ ମଞ୍ଚରେ ଜଣେ ଭାରତୀୟ ଇଞ୍ଜିନିୟରଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଭାରତ ତଥା ସମଗ୍ର ଇଞ୍ଜିନିୟରିଂ ସମାଜ ପାଇଁ ଏକ ବିରାଟ ସଫଳତା ଓ ସମ୍ମାନ ଆଣିଦେଇଛି। ଏହି ଖବର ପ୍ରଚାରିତ ହେବା ପରେ ଜିଲ୍ଲା, ରାଜ୍ୟ ତଥା ସମଗ୍ର ଦେଶର ଇଞ୍ଜିନିୟରିଂ ମହଲରେ ଖୁସିର ଲହରି ଖେଳିଯାଇଛି।

# ରାଜ୍ୟ ରାଜକୋଷରେ ପାଣ୍ଠି ନାହିଁ!

## ଭୋକେସନାଲ ଶିକ୍ଷକଙ୍କୁ ମିଳିନି ୬ ମାସର ଦରମା

■ କମ୍ପାନୀକୁ ସରକାର ଦେଇନାହାନ୍ତି ପ୍ରାୟ ୯ ମାସର ବକେୟା
■ ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ; ଆନ୍ଦୋଳନ ଚେତାବନୀ
■ ୬ମାସ ହେଲା ମିଳିନାହିଁ ଏସ୍‌ସି-ଏସଟି ପିଲାଙ୍କୁ ଷ୍ଟାଇପେଣ୍ଡ

ଭୁବନେଶ୍ୱର, ୨୯।୯(ସମିସ): ରାଜ୍ୟ ସରକାରଙ୍କ ପାଖରେ ପାଣ୍ଠି ନାହିଁ। ଫଳରେ ଅନେକ ଆନୁଷଙ୍ଗିକ ଓ ବିଭିନ୍ନ ଅନୁଦାନ ପ୍ରଦାନରେ ସମସ୍ୟା ସୃଷ୍ଟି ହୋଇଛି। ରାଜ୍ୟର ବିଭିନ୍ନ ଏସ୍‌ସି ଓ ଏସ୍‌ଟି ପିଲାମାନଙ୍କୁ ୬ ମାସ ହେଲା ଷ୍ଟାଇପେଣ୍ଡ ମିଳି ନ ଥିବାବେଳେ ଭୋକେସନାଲ ଶିକ୍ଷକମାନେ ମଧ୍ୟ ୬ ମାସ ହେଲା ଦରମା ପାଇ ନାହାନ୍ତି । ଏପରିକି ବୟସ୍କ ନାଗରିକଙ୍କୁ ମିଳୁଥିବା ସାମାଜିକ ସୁରକ୍ଷା ଭତ୍ତା ମଧ୍ୟ କେତେକ ଅଞ୍ଚଳରେ ବନ୍ଦ କରିଦିଆଯାଇଛି । ଯାହାକୁ ନେଇ ସାରା ରାଜ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି ।

ରାଜ୍ୟର ବିଭିନ୍ନ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତ ଭୋକେସନାଲ ଶିକ୍ଷକଙ୍କୁ ଦରମା ମିଳୁନି। ଦୀର୍ଘ ୬ ମାସର ଦରମା ବକେୟା ରହିଛି। ଭୋକେସନାଲ୍ ଟ୍ରେନିଂ ପାର୍ଟନର୍ (ଭିଟିପି) ମାଧ୍ୟମରେ ଠିକା ନିଯୁକ୍ତି ପାଇଥିବା ଶିକ୍ଷକଙ୍କୁ ସମ୍ପୃକ୍ତ କମ୍ପାନୀ ୬ ମାସ ହେଲା ଦରମା ଦେଇନଥିବାବେଳେ କମ୍ପାନୀଗୁଡ଼ିକୁ ସରକାର ପ୍ରାୟ ୯ ମାସ ହେଲା ଦରମା ବାବଦକୁ ଅର୍ଥ ଦେଇ ନଥିବା ଅଭିଯୋଗ ହୋଇଛି। ୨୦୨୫-୨୬ ଶିକ୍ଷାବର୍ଷରେ ଶେଷ ପ୍ରାୟ ୪ ମାସ ଦରମା ଶିକ୍ଷକଙ୍କୁ ମିଳିନି। ସରକାର ଦେୟ ପ୍ରଦାନ ନ କଲେ ମଧ୍ୟ ଶିକ୍ଷକଙ୍କୁ ୩ ମାସ ପର୍ଯ୍ୟନ୍ତ କମ୍ପାନୀ ପକ୍ଷରୁ ଦରମା ଦିଆଯିବାର ପ୍ରାବଧାନ ଥିବାରୁ କମ୍ପାନୀ ମାନେ ନିଜସ୍ୱ ଅର୍ଥରୁ ଦରମା ଦେଇଛନ୍ତି। ସରକାର ପ୍ରାୟ ୭ ମାସର ଦରମା କମ୍ପାନୀଗୁଡ଼ିକୁ ପ୍ରଦାନ କରି ନାହାନ୍ତି। ଅପରପକ୍ଷରେ ୨୦୨୬-୨୭ ଶିକ୍ଷାବର୍ଷରେ ସରକାରଙ୍କ ପକ୍ଷରୁ ଏପ୍ରିଲ୍, ମେ ଓ ଜୁନ୍ ମାସର ଦରମା ବାବଦ ଦେୟ ଦେଇଥିବା ଜଣା ପଡ଼ିଛି। ପୂର୍ବ ଶିକ୍ଷାବର୍ଷର ଦେୟ ବକେୟା ଥିବାରୁ କମ୍ପାନୀଗୁଡ଼ିକ ମଧ୍ୟ କେବଳ ଏହି ୩ ମାସର ଦରମା ଦେବା ପରେ ହାତ ଟେକିଦେଇଛନ୍ତି। ଫଳରେ ଚଳିତ ଶିକ୍ଷାବର୍ଷର ଅବଶିଷ୍ଟ ଆଉ ୨ ମାସର ଦରମା ମଧ୍ୟ ଶିକ୍ଷକଙ୍କୁ ମିଳିପାରି ନାହିଁ। ଦୀର୍ଘ ୬ ମସ ଧରି ଦରମା ମିଳି ନଥିବାରୁ ଶିକ୍ଷକଙ୍କ ମଧ୍ୟରେ ବ୍ୟାପକ ଅସନ୍ତୋଷ ଦେଖାଦେଇଛି। ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ମାଧ୍ୟମରେ ୨୦୧୬ ମସିହାରୁ ପର୍ଯ୍ୟାୟକ୍ରମେ ପ୍ରାୟ ୩୨୨୬ ଭୋକେସନାଲ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ଥିଓରୀ, ପ୍ରାକ୍ଟିକାଲ୍ ସମେତ ବିଭିନ୍ନ ରେକର୍ଡ ପ୍ରସ୍ତୁତି, ଇଣ୍ଡଷ୍ଟ୍ରି ଭିଜିଟ୍, ଏବଂ ବିଦ୍ୟାଳୟର ବିଭିନ୍ନ ବୈଷୟିକ କାର୍ଯ୍ୟରେ ନିୟୋଜିତ ହେଉଛନ୍ତି। ମାତ୍ର ସେମାନଙ୍କୁ ନିୟମିତ ଭାବେ ଦରମା ମିଳୁନଥିବା ଶିକ୍ଷକମାନେ ଅଭିଯୋଗ କରିଛନ୍ତି।

ସୁନ୍ଦରଗଡ଼ ଜିଲ୍ଲାର ୬୦ରୁ ଊର୍ଦ୍ଧ୍ୱ ଛାତ୍ରାବାସ ଓ ଛାତ୍ରୀନିବାସକୁ ମିଶାଇ ରାଜ୍ୟର ୬୦୦ରୁ ଊର୍ଦ୍ଧ୍ୱ ଅନୁସୂଚୀତ ଜାତି ଓ ଜନଜାତି ସ୍କୁଲ ଛାତ୍ରାବାସର ଅନ୍ତେବାସୀଙ୍କୁ ୬ ମାସ ହେଲା ବୃତ୍ତି ମିଳି ନଥିବା ଅଭିଯୋଗ ହୋଇଛି । ଏହି ଅର୍ଥରାଶି ଗରିବ ପରିବାରର ପିଲାଙ୍କ ଶିକ୍ଷା ଖର୍ଚ୍ଚ, ପୁସ୍ତକ, ଖାତା ଓ ଅନ୍ୟାନ୍ୟ ଆବଶ୍ୟକତା ସହ ଛାତ୍ରାବାସରେ ଖାଦ୍ୟ ସାମଗ୍ରୀ କ୍ରୟ ନିମନ୍ତେ ମଧ୍ୟ ବ୍ୟବହାର ହୋଇଥାଏ। ତେଣୁ ଦୀର୍ଘ ସମୟ ଧରି ଟଙ୍କା ନ ମିଳିବା ଶିକ୍ଷକଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି ଓ ଅଭିଭାବକମାନେ ମଧ୍ୟ ଚିନ୍ତିତ ହୋଇପଡ଼ିଛନ୍ତି। ସରକାରଙ୍କ ଦ୍ୱାରା ସିଧାସଳଖ ପରିଚାଳିତ ସ୍କୁଲର ଛାତ୍ରଛାତ୍ରୀଙ୍କୁ ବୃତ୍ତି ମିଳୁଥିବାବେଳେ ଜିଲ୍ଲାସ୍ତରରେ ଅନୁମୋଦିତ ସ୍କୁଲଗୁଡ଼ିକର ଛାତ୍ରଛାତ୍ରୀଙ୍କୁ ଏହି ବୃତ୍ତି ୬ ମାସ ହେଲା ମିଳିନାହିଁ। ଯାହାକୁ ନେଇ ସମସ୍ୟ ସୃଷ୍ଟି ହୋଇଛି । ଗତ ଫେବ୍ରୁଆରୀ ୩ ତାରିଖରେ ଅନୁସୂଚୀତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ନିର୍ଦ୍ଦେଶକ ଏ ସଂକ୍ରାନ୍ତରେ ସବୁ ଜିଲ୍ଲାର କଲ୍ୟାଣ ଅଧିକାରୀଙ୍କୁ ଚିଠି ଲେଖି ୨୦ ତାରିଖ ସୁଦ୍ଧା ଅନୁମତିପ୍ରାପ୍ତ ଛାତ୍ରାବାସ ଓ ଛାତ୍ରୀନିବାସ ଅନ୍ତେବାସୀଙ୍କ ପାକ୍ ମାଟ୍ରିକ୍ ଛାତ୍ରବୃତ୍ତି ସଂକ୍ରାନ୍ତ ତଥ୍ୟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ଆର୍ଥିକ ବର୍ଷର ୬ମାସ ବିତିବାକୁ ବସିଥିଲେ ମଧ୍ୟ ଏହି ଅନୁମତିପ୍ରାପ୍ତ ଛାତ୍ରାବାସ ଓ ଛାତ୍ରୀନିବାସ ଅନ୍ତେବାସୀଙ୍କୁ ପ୍ରାକ୍ ମାଟ୍ରିକ୍ ଛାତ୍ରବୃତ୍ତି ମିଳିନାହିଁ।

ସେହିପରି ରାଜ୍ୟର ବିଭିନ୍ନ ଅଞ୍ଚଳରେ ବରିଷ୍ଠ ନାଗରିକମାନଙ୍କୁ ପ୍ରାୟ ୫ ମାସ ଧରି ଭତ୍ତା ଦିଆଯାଇ ନାହିଁ । ପ୍ରଥମେ ବୈଷୟିକ କାରଣରୁ ଏହି ଭତ୍ତା ଦିଆଯାଇ ପାରିନାହିଁ ବୋଲି କୁହାଗଲା। ନିକଟରେ ବିଧାନସଭାରେ ମଧ୍ୟ ବିଭାଗୀୟ ମନ୍ତ୍ରୀ ଏହାକୁ ସ୍ୱୀକାର କରି ବୈଷୟିକ କାରଣ ପ୍ରସଙ୍ଗକୁ ଦୋହରାଇଛନ୍ତି ଓ ଖୁବ୍ ଶୀଘ୍ର ଏହି ଭତ୍ତା ଅର୍ଥ ପ୍ରଦାନ କରାଯିବ ବୋଲି କହିଛନ୍ତି । ଗୋଟିଏ ପରେ ଗୋଟିଏ ବିଭାଗର ଅନୁଦାନ ପ୍ରଦାନରେ ବିଳମ୍ବିତ ହେଉଥିବାରୁ ରାଜ୍ୟ ସରକାର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଛନ୍ତି କି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି ।

ଉଦୟଗିରିରେ ବୁଦ୍ଧ ବାଟିକା ନିର୍ମାଣ ବିବାଦ

# ପ୍ରକଳ୍ପର ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ

ବାଲିଚନ୍ଦ୍ରପୁର,୨୯।୯ (ସମିସ):



ବିଶ୍ୱ ପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରି ଅନ୍ତର୍ଗତ ଗୋପାଳପୁର ମୌଜାରେ ନିର୍ମାଣଧୀନ "ଧ୍ୟାନ ବାଟିକା'ପ୍ରକଳ୍ପକୁ ବିବାଦ ଲାଗି ରହିଛି। ଏହି ପ୍ରକଳ୍ପକୁ ଗୋଟିଏ ପଟେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆନୁଷ୍ଠାନିକ ଭାବେ ଜମି ଆବଣ୍ଟନ ଓ ସବୁପ୍ରକାର ଅନୁମତି ମିଳିଥିବା ବେଳେ, ଅନ୍ୟପଟେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସଆଇ) ଏହାକୁ ସଂରକ୍ଷିତ ଇଲାକା ଦର୍ଶାଇ କାର୍ଯ୍ୟକୁ ଦୃଢ଼ ବିରୋଧ କରିଛି। ଫଳରେ ଏହି ପ୍ରକଳ୍ପର ଭବିଷ୍ୟତକୁ ନେଇ ନାନା ସନ୍ଦେହ ଦେଖାଦେଇଛି। ଏଏସଆଇର ଏଭଳି ଆପତ୍ତିକୁ ବିରୋଧ କରି ସ୍ଥାନୀୟ ଉଦୟଗିରି ବୁଦ୍ଧ ମହୋତ୍ସବ ସମିତି ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଛି। ସମିତି ସଭାପତି କିଶୋର ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସମିତିର ସମ୍ପାଦକ ମହେଶ୍ୱର ବଳ ଯୋଗ ଦେଇ ଜିଲ୍ଲା ପ୍ରଶାସନ ଏହି ପ୍ରକଳ୍ପ ତଥା ସ୍ଥାନୀୟ ଅଞ୍ଚଳର ଉନ୍ନତି ପାଇଁ ୨୦୧୭ ମସିହାରୁ ଏନ୍‌ଓସି ପ୍ରଦାନ କରିଛନ୍ତି। ତଥାପି ଏଥିରେ ଏଏସଆଇ କାହିଁକି ବାଧା ସୃଷ୍ଟି କରୁଛି ବୋଲି ପ୍ରଶ୍ନ କରାଯାଇଛି। ଏ ସଂପର୍କରେ ବଡ଼ଚଣା ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ସେ ସ୍ପଷ୍ଟ କରିଛନ୍ତି ଯେ,"ଏଏସଆଇ ପକ୍ଷରୁ ଅନୁମତି ମିଳିଲେ ହିଁ ଧ୍ୟାନ ବାଟିକା ନିର୍ମାଣ କାର୍ଯ୍ୟ ଆଗକୁ ବଢ଼ିବ। ସୂଚନା ଯୋଗ୍ୟ କେନ୍ଦ୍ରୀୟ ରେଳ ମନ୍ତ୍ରାଣାଳୟ ଅଧୀନ କଣ୍ଟେନର କର୍ପୋରେସନ ଅଫ ଇଣ୍ଡିଆ ସଂସ୍ଥାର ପାଣ୍ଠି ସହଯୋଗରେ ଉତ୍ତରାଖଣ୍ଡର "ସୁବିଧା' ସଂସ୍ଥା ଏହି ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର କରାଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ୬୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡିଛି। ମାଟି ଖୋଳା ଓ ବେଆଇନ ପକ୍କା ନିର୍ମାଣକୁ ନେଇ ଏଏସଆଇ କଟକଣା ଲଗାଇବା ପରେ ଏହି କୋଟି କୋଟି ଟଙ୍କାର ପାଣ୍ଠି ଖର୍ଚ୍ଚ ଓ ପ୍ରକଳ୍ପର ଭବିଷ୍ୟତ ନେଇ ପ୍ରଶ୍ନ ବାଚୀ ସୃଷ୍ଟି ହୋଇଛି। ଏଏସଆଇର ଜନୈକ ବରିଷ୍ଠ ପଦାଧିକାରୀଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ବିଶ୍ୱ ପ୍ରସିଦ୍ଧ ବୌଦ୍ଧ ପୀଠ ଲଳିତ ଗିରି-ରତ୍ନଗିରି-ଉଦୟଗିରିକୁ ୟୁନୋସ୍କୋ ପକ୍ଷରୁ ବିଶ୍ୱ ଐତିହ୍ୟ କୀର୍ତ୍ତି ଭାବେ ପ୍ରାରମ୍ଭିକ ତାଲିକା ଭୁକ୍ତ କରାଯିବା ପରେ ଏହି ବୌଦ୍ଧ ପୀଠର ଗୁରୁତ୍ୱ ବୃଦ୍ଧି ପାଇଛି। ତେଣୁ ଉଦୟଗିରି ଭଳି ଏକ ପ୍ରାକୃତିକ ସୁଷମା ମଣ୍ଡିତ ଐତିହ୍ୟପୂର୍ଣ୍ଣ କୀର୍ତ୍ତିରାଜି କ୍ଷେତ୍ରରେ କୌଣସି ପ୍ରକାରର ନିୟମ ବିରୁଦ୍ଧକାର୍ଯ୍ୟକୁ କେବେ ପ୍ରଶୟ ଦିଆଯିବ ନାହିଁ। ଏଭଳି ପରିସ୍ଥିତିରେ ଜିଲ୍ଲା ପ୍ରଶାସନ ଏବଂ କେନ୍ଦ୍ରୀୟ ପ୍ରତ୍ନତତ୍ତ୍ୱ ବିଭାଗ ମଧ୍ୟରେ ତୁ ତୁ ମେଁ ମେଁ ଯୋଗୁ ବିଶ୍ୱସ୍ତରୀୟ ହେରିଟେଜ ସାଇଟ ପାଖରେ ହେଉଥିବା ଏହି ଜନକଲ୍ୟାଣ କାରୀ ପ୍ରକଳ୍ପଟି ଅନିଶ୍ଚିତତା ଭିତରକୁ ଚାଲିଯିବ।

### ଏଏସଆଇର ବିନା ଅନୁମତିରେ ପ୍ରକଳ୍ପ ହୋଇପାରିବ ନାହିଁ

## ମହାରାଷ୍ଟ୍ର ପର୍ଯ୍ୟଟକ ଦଳଙ୍କ ବୌଦ୍ଧ ପୀଠ ପରିଦର୍ଶନ



ବାଲିଚନ୍ଦ୍ରପୁର,୨୯।୯ (ସମିସ): ସୁଦୂର ମହାରାଷ୍ଟ୍ରର ପୁନେ ଓ ମୁମ୍ବାଇରୁ ୪୦ଜଣ ମନ୍ଦିର ସ୍ଥପତି ଏବଂ ଐତିହ୍ୟ ପ୍ରେମୀ ପର୍ଯ୍ୟଟକ ପାଞ୍ଚଦିନିଆ ଓଡିଶା ଗସ୍ତରେ ଆସି ହୀରକ ତ୍ରିଭୁଜ ବୌଦ୍ଧପୀଠ ପରିଦର୍ଶନ କରିଛନ୍ତି। ଭୁବନେଶ୍ୱରଠାରେ ଗତକାଲି ବିମାନ ଯୋଗେ ପହଞ୍ଚି ସେମାନେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ବସ ଯୋଗେ ଆଜି ବିଶ୍ୱବିଖ୍ୟାତ ବୌଦ୍ଧ ମହାବିହାର ରତ୍ନଗିରି, ଉଦୟଗିରି ଓ ଲଳିତଗିରିର ବିଭିନ୍ନ କୀର୍ତ୍ତିରାଜି ଏବଂ ବୌଦ୍ଧ ସଂଗ୍ରହାଳୟ ପରିଦର୍ଶନ କରିଥିଲେ। ଯାଜପୁର-କଟକ ଜିଲ୍ଲାର ସୀମାନ୍ତବର୍ତ୍ତୀ ପୁରାତନ ପଞ୍ଚୁପାଣ୍ଡବ ମନ୍ଦିରର ଗଠନ କଳା ସେମାନଙ୍କୁ ବିଶେଷ ଭାବରେ ଅଭିଭୂତ କରିଥିଲା। ଓଡ଼ିଶାର ଗୌରବମୟ ମନ୍ଦିର ଗଠନର ଶୈଳୀ ଏବଂ ବିଶେଷକରି ବୌଦ୍ଧ ସ୍ଥାପତ୍ୟର କଳାକାରିଗରୀରେ ପ୍ରଭାବିତ ହୋଇ ଏହି ପର୍ଯ୍ୟଟକମାନଙ୍କୁ ନେଇ ଗତ କିଛିବର୍ଷ ହେବ ଯୁବ ଗବେଷକ ଶାନ୍ତନୁ ପରାଞ୍ଜପେଙ୍କ ନେତୃତ୍ୱରେ ପର୍ଯ୍ୟଟକମାନେ ପ୍ରତିବର୍ଷ ଦୁଇ ତିନି ଥର ଓଡିଶା ଭ୍ରମଣରେ ଆସୁଛନ୍ତି। ପ୍ରବାସୀ ପର୍ଯ୍ୟଟକମାନଙ୍କୁ ଉଦୟଗିରି-ରତ୍ନଗିରିଠାରେ ସ୍ଥାନୀୟ ବୌଦ୍ଧଐତିହ୍ୟପ୍ରେମୀ ତଥା ଉଦୟଗିରି ବୁଦ୍ଧ ମହୋତ୍ସବ ସମିତିର ବରିଷ୍ଠ ସଦସ୍ୟ ସ୍ନେହାଂଶୁ ମହାନ୍ତି, ସଙ୍ଗଠନ ସମ୍ପାଦକ ଉମେଶ ଚନ୍ଦ୍ର ପ୍ରଧାନ, ଯୁଗ୍ମ ସମ୍ପାଦକ ଶୈଳେନ୍ଦ୍ର ନାରାୟଣ ରାୟ, ଗୋପାଳପୁର ଗ୍ରାମପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଚିନ୍ମୟ କୁମାର ଶାନ୍ତି, ସଦସ୍ୟ ଜ୍ଞାନରଞ୍ଜନ ପ୍ରଧାନ, ଗୋବର୍ଦ୍ଧନ ମହାପାତ୍ର, ଅଶୋକ ଜେନା, ପ୍ରଭାକର ଜେନା ପ୍ରମୁଖ କଳା-ଐତିହ୍ୟପ୍ରେମୀ ପର୍ଯ୍ୟଟକମାନଙ୍କୁ ସ୍ୱାଗତ କରିବା ସହିତ ବୌଦ୍ଧପୀଠ ପରିଦର୍ଶନ କରାଇଥିଲେ।

## ସାର ଦୋକାନରେ ପ୍ରଶାସନିକ ଯାଞ୍ଚ

ବିଞ୍ଝାରପୁର,୨୯।୯ (ସମିସ): ସିଂହପୁର ବଜାର ସ୍ଥିତ ମା' ସନ୍ତୋଷୀ ସାର ଦୋକାନରେ ମଙ୍ଗଳବାର ପ୍ରଶାସନ ପକ୍ଷରୁ ଯାଞ୍ଚ କରାଯାଇଛି। ତହସିଲଦାର ପ୍ରମୋଦ ବାସ୍କେ, ଡେପୁଟି କଲେକ୍ଟର ସାଗରିକା ସାହୁ ଓ ବ୍ଲକ କୃଷି ଅଧିକାରୀ ଅନିରୁଦ୍ଧ ତରାଇଙ୍କ ସମେତ ଯାଞ୍ଚ ଦଳ ଦୋକାନରେ ପହଞ୍ଚି ବିଭିନ୍ନ କାଗଜପତ୍ର ସହ ସାରର ମହଜୁଦ ଷ୍ଟକ୍ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଷ୍ଟକ୍ ରେଜିଷ୍ଟର ଠିକ୍ ଭାବେ ରକ୍ଷଣାବେକ୍ଷଣ କରାଯାଉନଥିବା ନେଇ ଯାଞ୍ଚ ଦଳ ଅସନ୍ତୋଷ ପ୍ରକାଶ କରିଥିଲେ। ସାରର ମହଜୁଦ ଓ ବିକ୍ରି ସମ୍ପର୍କିତ ତଥ୍ୟ ସଠିକ୍ ଭାବେ ଲିପିବଦ୍ଧ ହୋଇନଥିବାରୁ ଏହାକୁ ଗୁରୁତ୍ୱର ସହ ନିଆଯାଇଛି। ଏନେଇ ଯାଞ୍ଚ କମିଟି ପକ୍ଷରୁ ସମ୍ପୃକ୍ତ ସାର ବିକ୍ରେତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ନୋଟିସ୍‌ର ଉତ୍ତର ଓ ଯାଞ୍ଚ ସମୟରେ ମିଳିଥିବା ତଥ୍ୟ ଆଧାରରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ପ୍ରଶାସନିକ ଅଧିକାରୀ ପ୍ରକାଶ କରିଛନ୍ତି।

## ବିଦ୍ୟୁତ ଆଘାତରେ ଟେଣ୍ଟ କର୍ମଚାରୀ ମୃତ



ଧର୍ମଶାଳା,୨୯।୯ (ସମିସ): ଧର୍ମଶାଳା ଥାନା ଅଭୟପୁର ପଞ୍ଚାୟତ ଦିଗାମ୍ବରପୁର ଗ୍ରାମରେ ଟେଣ୍ଟ ଖୋଲୁଥିବା ସମୟରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ଯୁବକର ମୃତ୍ୟୁ ଘଟିଛି। ମୃତକ ଏହି ଥାନା ମାଝୀପାଟଣା ଗ୍ରାମର ଚନ୍ଦ୍ରମଣି ତରେଇଙ୍କ ପୁଅ ଅଜୟ ତରେଇ (୩୨) ବୋଲି ଜଣାପଡିଛି। ସୂଚନା ମୁତାବକ ଦିଗାମ୍ବରପୁର ଗ୍ରାମରେ ଭାଲୁକୁଣି ଓଷା ପାଇଁ ଲାଗିଥିବା ଟେଣ୍ଟ ଆଜି ଖୋଲୁଥିବା ବେଳେ ଅସାବଧାନତା ବଶତଃ ଅଜୟଙ୍କ ହାତରେ ବିଦ୍ୟୁତ ଲାଗିଯାଇଥିଲା ଫଳରେ ସେଠାରେ ସେ ପଡି ଯାଇଥିଲେ। ସ୍ଥାନୀୟ ଲୋକେ ଅଜୟଙ୍କୁ ସେଠାରୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଛନ୍ତି। ଏନେଇ ଧର୍ମଶାଳା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରି ଘଟଣାର ତଦନ୍ତ କରୁଛି।

## ତ୍ରିସିକାଙ୍କ ଚିକିତ୍ସା ପାଇଁ ବିଧାୟକଙ୍କ ସହାୟତା

ଧର୍ମଶାଳା,୨୯।୯ (ସମିସ): ଧର୍ମଶାଳା ବ୍ଲକ ଅରେଇକଣା ପଞ୍ଚାୟତ ରମାପୁର ଗ୍ରାମର ମୁକେଶ ଚନ୍ଦ୍ର ରାୟଙ୍କ ୧୬ ମାସର ଶିଶୁ କନ୍ୟା ତ୍ରିସିକା ସ୍ନାୟୁଜନିତ ସ୍ପାଇନାଲ ମସ୍କୁଲାର ଆଟ୍ରୋଫି ଟାଇପ-୨ ରୋଗରେ ପୀଡ଼ିତ ହୋଇଥିବା ବେଳେ ତାଙ୍କର ଚିକିତ୍ସା ପାଇଁ ଧର୍ମଶାଳାର ବିଧାୟକ ହିମାଂଶୁ ଶେଖର ସାହୁ ନିଜ ଦରମାରୁ ୫ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଏହି ରୋଗର ଚିକିତ୍ସା ନିମନ୍ତେ ୧୬ କୋଟି ଟଙ୍କାର ଆବଶ୍ୟକ ଥିବା ବେଳେ ଅଭାବି ପରିବାର ପକ୍ଷେ ଏତେ ଗୁଡିଏ ଟଙ୍କା ଯୋଗାଡ କରିବା ସମ୍ଭବପର ହେଉନାହିଁ। ଏସମ୍ପର୍କରେ ଖବର ପାଇ ବିଧାୟକ ତ୍ରିସିକାର ଚିକିତ୍ସା ନିମନ୍ତେ ନିଜ ଦରମାରୁ ୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଏଥିସହ ତ୍ରିସିକାର ଚିକିତ୍ସା ନିମନ୍ତେ ଯାଜପୁର ଏବଂ ଓଡିଶାବାସୀ ସହାୟତାର ହାତ ବଢ଼ାଇବା ଲାଗି ବିଧାୟକ ଅନୁରୋଧ କରିଛନ୍ତି। ଏସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସହିତ ଆଲୋଚନା କରି କୁନି ଝିଅଟିର କିଭଳି ଚିକିତ୍ସି କରାଯାଇ ପାରିବ ସେ ନେଇ ତତ୍ପରତା ପ୍ରକାଶ କରିଛନ୍ତି। ଏସମ୍ପର୍କରେ ବିଧାୟକ ଶ୍ରୀ ସାହୁ ସୋସିଆଲ ମିଡିଆରେ ଏକ ଭିଡିଓ ବାର୍ତ୍ତା ଛାଡି ସହାୟତା ହାତ ବଢାଇବା ଲାଗି ସମସ୍ତଙ୍କୁ ଅନୁରୋଧ କରିଛନ୍ତି।

## ଠକୁଛି ଡିଲର, ପ୍ରତିବାଦ କଲେ ମାଡ଼

ପାଣିକୋଇଲି,୨୯।୯ (ସମିସ): ଗରିବ ଲୋକମାନଙ୍କୁ ସରକାରଙ୍କ ପକ୍ଷରୁ ଯୋଗାଯାଉଥିବା ଚାଉଳରେ ରିଟେଲର ଓଜନମାପରେ ଠକୁଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦ କଲେ ମାଡ ଖାଇବାକୁ ପଡୁଛି। ଏଭଳି ଏକ ଅଭିଯୋଗ ପାଣିକୋଇଲି ଥାନାରେ ଅଭିଯୋଗ ହେବା ପରେ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି। ସୂଚନା ଅନୁଯାୟୀ ଗୋଳେଇପୁର ପଞ୍ଚାୟତ ସାନବିରୁହାଁ (ଟିକର) ଗ୍ରାମର ନିରଞ୍ଜନ ମଲିକ ଅଭିଯୋଗ ମୁତାବକ ତାଙ୍କ ରିଟେଲର ତେଲିଆ ଗ୍ରାମର ଗଙ୍ଗାଧର ମହାପାତ୍ର ତାଙ୍କ ହାଟସାହି ଛକରେ ଥିବା ଦୋକନରେ ଚାଉଳ ଯୋଗାଇଥାନ୍ତି। ନିରଞ୍ଜନ ତାଙ୍କ ଚାଉଳ ପାଇଁ ଯାଇଥିବା ବେଳେ ଗଙ୍ଗାଧର ଚାଉଳ ନାହିଁ ବୋଲି କହିଥିଲେ। ନିରଞ୍ଜନ କାହିଁକି ୨୫୦ ଗ୍ରାମ ଲେଖାଁଏ ଚାଉଳ କମ ଦେଉଛ କହିବାରୁ ତାଙ୍କୁ ଗଙ୍ଗାଧର, ବଳିଆ, କୁନା ଓ ଅଶୋକ ମିଶି ଜାତିଆଣା ଗାଳିଗୁଲଜ କରିବା ସହ ମାଡ ମାରିଥିଲେ। ଏହି ସମୟରେ ନିରଞ୍ଜନ ସ୍ତ୍ରୀ ଆସିବାରୁ କାହିଁକି ମାରୁଛ ପଚାରିବାରୁ ତାଙ୍କୁ ମଧ୍ୟ ଟଣାଘୋଷଣା କରି ମାଡ଼ ମାରିଥିଲେ। ଏମିତିକି ଜୀବନରୁ ମାରି ଦେବାକୁ ଧମକ ମଧ୍ୟ ଦେଇଥିଲେ। ନିରଞ୍ଜନର ଜୀବନ ପ୍ରତି ବିପଦ ଥିବାରୁ ସେ ଥାନାର ଆଶ୍ରୟ ନେଇଥିଲେ। ଏନେଇ ଏକ ମାମଲା ୩୫୨/୨୬ ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ଅଙ୍ଗନବାଡି କେନ୍ଦ୍ରରେ ରନ୍ଧନ ଉତ୍ସବ

ମଇଁଦା,୨୯।୯ (ସମିସ): ବିଞ୍ଝାରପୁର ବ୍ଲକ କଲ୍ୟାଣପୁର ପଞ୍ଚାୟତ ଅନ୍ତର୍ଗତ ରୁଦ୍ରପୁର -୨ ଅଙ୍ଗନବାଡି କେନ୍ଦ୍ରରେ ଆଜି ରନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ କର୍ମୀ ବର୍ଷାରାଣୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ବିଦ୍ୟାସାଗର ବେହେରା ଯୋଗଦେଇ ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବାର ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ରୁଦ୍ରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଅରୁଣ କୁମାର ସାମଲ ପରିଷ୍କାର ପରିଚ୍ଛନ୍ନତା ସହ ରୋଷେଇ କରିବା ଓ ପୁଷ୍ଟିସାର ବଜାୟ ରଖିବା ଉପରେ ଗୁରୁତ୍ୱ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ଗୟାଧର ଦାସ ଯୋଗଦେଇଥିଲେ। ଏହି ଅବସରରେ ଆଶାକର୍ମୀ ଅପରାଜିତା ପତି, ଅଙ୍ଗନବାଡି ସହାୟିକା ମଞ୍ଜୁଲତା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଖାଦ୍ୟ ପ୍ରକ୍ରିୟାକରଣ ଜ୍ଞାନକୌଶଳ ପ୍ରତିଯୋଗିତା ପ୍ରଥମ ନିହାର ସାମଲ, ଦ୍ୱିତୀୟ ଶୁଭକାନ୍ତ ବେହେରା, ତୃତୀୟ ବାଇନ ରାଉତଙ୍କୁ ପ୍ରମାଣ ପତ୍ର ସହିତ ଉପହାର ପ୍ରଦାନ କରାଯାଇଥିଲା। ଶ୍ୟାମସୁନ୍ଦର ବେହେରା, ରଶ୍ମିରଞ୍ଜନ ଦାସ, ଦିପ୍ତିରେଖା ମହାଳିକ, ସ୍ମୃତିରେଖା ବେହେରା, ସସ୍ମିତା ସାହୁ ସମେତ ଅଙ୍ଗନବାଡି କର୍ମୀ, ସହାୟିକା, ମା' ଓ ଅଭିଭାବକମାନେ ଉପସ୍ଥିତ ରହି ବିଭିନ୍ନ ପୁଷ୍ଟିକର ବ୍ୟଞ୍ଜନ ପ୍ରସ୍ତୁତ କରିଥିଲେ। ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ପରଷା ଯାଇଥିଲା।

ଝାଡ଼ାବାନ୍ତି ସଚେତନତା ନାଁରେ ହରିଲୁଟ୍

## ଅଭିଯୋଗର ତଦନ୍ତ ଆରମ୍ଭ

ଯାଜପୁର,୨୯।୯ (ସମିସ): ଯାଜପୁର ଜିଲ୍ଲାରେ ଝାଡ଼ାବାନ୍ତି ସଚେତନ୍ତା ନାଁରେ ୧.୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହରିଲୁଟ ପାଇଁ ମସୁଧା ହୋଇଥିବା ଅଭିଯୋଗ ହୋଇଥିଲା। ଏ ସଂପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଆଜି ଏହି ଘଟଣାର ତଦନ୍ତ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ବିଭାଗର ରାଜ୍ୟସ୍ତରୀୟ ତଦନ୍ତକାରୀ ଟିମ ପହଞ୍ଚିଥିଲେ। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଙ୍କ ନେତୃତ୍ୱରେ ଏହି ଚାରିଜାଣିଆ ଟିମରେ ଯୁଗ୍ମ ନିର୍ଦ୍ଦେଶକ ଡ. ଶୁଭ୍ରାଂଶୁ ପ୍ରଧାନ, ଦୀପକ ବିନାୟକ ପ୍ରମୁଖ ଯାଜପୁର ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଖୋଳତାଡ଼ ଜାରି ରଖିଛନ୍ତି। ଝାଡ଼ାବାନ୍ତି ସଚେତନ୍ତା ନାଁରେ ହୋଇଥିବା ହରିଲୁଟ ଘଟଣାର ସମସ୍ତ ଖାତା ଖତିଆନ ସମେତ ସମସ୍ତ ଦସ୍ତାବିଜକୁ ତନ୍ନତନ୍ନ କରି ଯାଞ୍ଚ କରୁଛନ୍ତି ତଦନ୍ତକାରୀ ଟିମ। ଜିଲାର ୧୦ଟି ବ୍ଲକ ଓ ୨ଟି ପୌରାଞ୍ଚଳରେ ଥିବା ପରିବାର ତୁଳନାରେ ଅଧିକ ସଂଖ୍ୟକ ପୋଷ୍ଟର ବ୍ୟବହାର କରାଯାଇଥିବା ଘଟଣାକୁ ସାଧାରଣ ଲୋକ ବିଶ୍ୱାସ କରୁନାହାନ୍ତି। ସେହିପରି ଏହି କାମ ପାଇଁ କୌଣସି ଟେଣ୍ଡର କରା ନଯାଇ ନିର୍ଦ୍ଦିଷ୍ଟ ଗୋଟିଏ ସଂସ୍ଥାକୁ ୧.୫ କୋଟିର କାମ ଯୋଗାଇ ଦେବା ଏବଂ କାର୍ଯ୍ୟ କରିବା ପାଇଁ



ସଂପୃକ୍ତ ସଂସ୍ଥାକୁ ସିଡିଏମଓ କରିଥିବା ଚିଠିରେ ବିଭିନ୍ନ ସାମଗ୍ରୀର ପରିମାଣ ଉଲ୍ଲେଖ ନକରି ପରବର୍ତ୍ତୀ ଅବସ୍ଥାରେ ଉଲ୍ଲେଖ କରିବା ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ମଧ୍ୟ ଜିଲା ପ୍ରଶାସନ ଆଖି ବନ୍ଦ କରି ବସି ରହିବା ଘଟଣା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ବାରମ୍ବାର ଅଭିଯୋଗ ଓ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପରେ ଆଜି ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଘଟଣାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ଟିମ ଯାଜପୁରରେ ପହଞ୍ଚି ସମସ୍ତ କାଗଜପତ୍ରର ଅନୁଧ୍ୟାନ କରୁଛନ୍ତି। ତେବେ ଏହି ଘଟଣାରେ ପ୍ରକୃତରେ କେତେ ହେରଫେର ହୋଇଛି ତାହାର ରିପୋର୍ଟ ତଦନ୍ତ ଶେଷ ହେବା ପରେ ଜଣାପଡିବ।

## ସୁଙ୍ଗୁଡାରେ 'ଆଙ୍ଗନ କା ଉତ୍ସବ'

ବଡ଼ଚଣା,୨୯।୯ (ସମିସ): ସୁଙ୍ଗୁଡ଼ା ଗ୍ରାମରେ ଥିବା ତିନୋଟି ଅଙ୍ଗନବାଡି କେନ୍ଦ୍ରରେ ରାଷ୍ଟ୍ରୀୟ ପୋଷଣ ମାସ ଅନ୍ତର୍ଗତ 'ଆଙ୍ଗନ୍ କା ଉତ୍ସବ' ତିନି ଦିନ ଧରି ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ, ନିର୍ବାଚିତ ଜନ ପ୍ରତିନିଧି, ସାମାଜିକକର୍ମୀ, ଶିଶୁ ଓ ସେମାନଙ୍କ ବାପା ମା', କିଶୋରୀ ବାଳିକା, ଏଏମ୍‌ସିର ସଦସ୍ୟମାନଙ୍କୁ ସାମିଲ କରାଯାଇଥିଲା। ଅଭିଭାବକ ମାନେ ପୋଷଣ ଯୁକ୍ତ ସ୍ୱାଦିଷ୍ଟ ଓ ପୃଷ୍ଟିକର ଖାଦ୍ୟ ପ୍ରସ୍ତୁତ କରି କେନ୍ଦ୍ରକୁ ଆଣିଥିଲେ। ଯାହା ଅଙ୍ଗନବାଡି କେନ୍ଦ୍ରରେ ପ୍ରଦର୍ଶିତ ହୋଇଥଲା। ପିଲାମାନଙ୍କ ମଧ୍ୟରେ ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ, ଗଳ୍ପ, ମଜାଦାର ଖେଳ ଆୟୋଜିତ ହୋଇଥଲା। ସୁଭଦ୍ରା ଯୋଜନା, ମମତା ଯୋଜନା ଉପରେ ଆଲୋଚନା ହୋଇଥିଲା। ଏଥିସହିତ ଉତ୍ସର୍ଗୀକୃତ କାର୍ଯ୍ୟ ପାଇଁ ଅଙ୍ଗନବାଡି କର୍ମୀ, ସହାୟିକା, ଓ ଆଶା କର୍ମୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ସିଡିପିଓ ନନ୍ଦିନୀ ପ୍ରଭା ଲେଙ୍କା, ସୁପର୍ ଭାଇଜର ମଞ୍ଜୁଲତା ବେହେରା, ଉର୍ବଶୀ ସାମଲ, ସରପଞ୍ଚ ଅଞ୍ଜୁଲତ ସ୍ୱାଇଁ, ଅଙ୍ଗନବାଡି କର୍ମୀ ସୁମିତ୍ରା ବିଶ୍ୱାଳ, ଭାରତୀ ତ୍ରିପାଠୀ, ଆର୍ଜୁ ଖାନମ, ସହାୟିକା ଜୟନ୍ତୀ ବାରିକ, ସବ୍‌ନମ ବିବି, ହେନା ସାହୁ, ଶିକ୍ଷୟତ୍ରୀ ଦୀପ୍ତି ମିଶ୍ର, ସ୍ମିତାରାଣୀ ମିଶ୍ର, ଯଜ୍ଞସେନୀ ମିଶ୍ର, ବନ୍ଦନା ମିଶ୍ର, ପୁଷ୍ପାଞ୍ଜଳି ବିଶ୍ୱାଳ, ହରପ୍ରିୟା ସ୍ୱାଇଁ ସମେତ ଆଶା କର୍ମୀ, ସ୍କୁଲ୍ କମିଟି ପରିଚାଳନା କମିଟି ସଦସ୍ୟ, ଅଭିଭାବକ, କିଶୋରୀ ବାଳିକା ପ୍ରମୁଖ ଯୋଗଦେଇଥିଲେ।

## ଆଇଜିଏମ୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ 'ସେବାପକ୍ଷ ଅଭିଯାନ'



ବ୍ୟାସନଗର,୨୯।୯ (ସମିସ): ବ୍ୟାସନଗର ପୌରପରିଷଦ ଅନ୍ତର୍ଗତ ଦଳା ସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ "ସେବା ପକ୍ଷ ଅଭିଯାନ' ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷା ଡ. ହିରଣ୍ମୟୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ଡ. ଦୁଷ୍ମନ୍ତ କୁମାର ନାୟକ ଓ ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ଅଧ୍ୟକ୍ଷା ଲଳିତା ସାହୁ ଯୋଗ ଦେଇ ସବୁଜ ପରିବେଶ, ବୃକ୍ଷରୋପଣ, ସୁସ୍ଥ ଭବିଷ୍ୟତ ଆଦି ସେବପକ୍ଷ ଅଭିଯାନ ସଂପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅଧ୍ୟାପିକା ଆୟେଶା ପରିଡ଼ାଙ୍କ ପରିଚାଳନା ଓ ନାଟ୍ୟକାର ହେମନ୍ତ କୁମାର ବେହେରାଙ୍କ ନିର୍ଦ୍ଦେଶନାରେ ଛାତ୍ରୀମାନଙ୍କ ଦ୍ୱାରା ପଥପ୍ରାନ୍ତ ନାଟ "ସବୁଜ ସ୍ୱପ୍ନର ସୌଦାଗର' ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟାପକ ସୁବାସ ଚନ୍ଦ୍ର ସ୍ୱାଇଁ, ଗୋବର୍ଦ୍ଧନ ନାୟକ, ଜ୍ୟୋତିପ୍ରକାଶ ରାଉତ, ସୁରେନ୍ଦ୍ର କୁମାର ମଲିକ, ହୃଷୀକେଶ ତ୍ରିପାଠୀ, ଅଧ୍ୟାପିକା ଦୀପ୍ତିମୟୀ ରାଉତ, ସ୍ମୃତିଶ୍ରୀ ବେହେରା, କଲ୍ୟାଣୀ ପରିଡା, ପ୍ରଶାନ୍ତୀ ପଣ୍ଡା, ଅଶୋକ ଭଞ୍ଜ, ସୁକାନ୍ତି ଦାସ, ରମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ଜ୍ୟୋତିପ୍ରକାଶ ରାଉତ ଧନ୍ୟବାଦ ଦେଇଥିଲେ।

## ବାଲି ଗାଡ଼ି ଜବତ

ପାଣିକୋଇଲି,୨୯।୯ (ସମିସ): ବ୍ୟାସନଗର ତହସିଲ ତଥା ପାଣିକୋଇଲି ଥାନା ମୂଳାପାଳ ପଞ୍ଚାୟତ ଶାଳବା ନିକଟରୁ ଏକ ବେଆଇନ ବାଲି ବୋଝେଇ ହାଇୱା (ଓଡି୨୨ଭି ୯୨୯୫) ଜବତ କରାଯାଇଛି। ହାଇୱାଟିକୁ ପାଣିକୋଇଲି ଥାନାକୁ ହସ୍ତାନ୍ତର କରାଯିବା ସହ ଯାଜପୁର ଖଣି ଅଧିକାରୀ ମହେଶ ଚନ୍ଦ୍ର ନାଥ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଏକ ମାମଲା ରୁଜୁ କରାଯାଇ ତଦନ୍ତ୍ ଜାରି ରହିଛି।

## ଦେଶୀ ମଦ ଜବତ, ୨ ବେପାରୀ ଗିରଫ

ପାଣିକୋଇଲି,୨୯।୯ (ସମିସ): ପାଣିକୋଇଲି ପୁଲିସ ଦ୍ୱାରା ୨ ଜଣ ଦେଶୀ ମଦ ଚୋରା ବେପାରୀକୁ ଧରିବା ସହ ତାକୁ ଗିରଫ କରାଯାଇଛି। ପ୍ରକାଶଯେ ମଦ ଧରିବାରେପାଣିକୋଇଲି ପୁଲିସ କଡ଼ା ଆଭିମୁଖ୍ୟ ଗ୍ରହଣ କରିଥିବା ବେଳେ ପାଣିକୋଇଲି ଥାନା ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ଖମଣ ପଞ୍ଚାୟତ ନାଉଡ଼ପୁର ଗ୍ରାମର ମାନସ ରଞ୍ଜନ ପାତ୍ର (୩୭) ଚୋରା ଦେଶୀ ମଦ ବ୍ୟବସାୟକରୁଥିବା ବେଳେ ତା'ନିକଟରୁ ୩୦ ଲିଟର (୧୫୦ ବୋତଲ) ଆସ୍କା ଫର୍ଟିର୍, ଠାକୁରପାଟଣା ଗ୍ରାମର ଭୁବନମୋହନ ମଲିକ(୩୫) ଙ୍କ ଠାରୁ ନିକଟରୁ ୨୩ଲିଟର (୧୧୫ ବୋତଲ) ଆସ୍କା ଫର୍ଟି ଜବତ କରାଯାଇଛି। ମଦ ସହ ସେମାନଙ୍କୁ ଧରି ଥାନାକୁ ଆଣିବା ପରେ ୨ଟି ମାମଲା ୫୨ (ଏ) ଓଡିଶା ଅବକାରୀ ଆଇନରେ ରୁଜୁ କରି ତାଙ୍କୁ ଗିରଫ କରାଯାଇଛି।

## ଦୁର୍ଘଟଣାରେ ଭଜନ ଗାୟକଙ୍କ ମୃତ୍ୟୁ

ପାଣିକୋଇଲି,୨୯।୯ (ସମିସ): ଯାଜପୁର ସଦରଥାନା ଅନ୍ତର୍ଗତ ଯାଜପୁର ବ୍ଲକ ଭୁଇଁପୁର ପଞ୍ଚାୟତ କତରାପୁର ଗ୍ରାମର ସନାତନ ବେହେରାଙ୍କ ପୁଅ ଭଜନ ଗାୟକ ଓ ବାଦ୍ୟ ମାଷ୍ଟର ଲକ୍ଷ୍ମଣ ବେହେରା (୫୦)ଙ୍କ ବାଇକ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ପ୍ରକାଶଯେ ଲକ୍ଷ୍ମଣ ବାଇକ ଧରି ସାହାପୁର ବଜାର ଆସୁଥିଲେ। ରାସ୍ତା କଡରେ ବନ୍ଧା ହୋଇଥିବା ଏକ ଗୋରୁ ରାସ୍ତା ମଝିକୁ ଚାଲି ଆସିଥିଲା। ତାର ଦଉଡିରେ ବନ୍ଧା ହୋଇଥିବା ଲୁହା ଖୁଣ୍ଟ ଚକା ମଧ୍ୟରେ ପସିଯାଇଥିଲା। ଲକ୍ଷ୍ମଣ ଭାରସାମ୍ୟ ହରାଇ ପଡିଯିବା ବେଳେ ଉକ୍ତ ଲୁହା ରଡଟି ତାଙ୍କ ଦେହରେ ଫୁଟି ଯାଇଥିଲା। ତାଙ୍କୁ ପ୍ରଥମେ ଯାଜପୁର ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। କଟକରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ସୋମବାର ରାତିରେ ମୃତ୍ୟୁ ଘଟିଥିଲା। ଆଜି ତାଙ୍କ ମରଶରୀରକୁ ଗାଁକୁ ଆଣିବା ପରେ ଯାଜପୁର ବାରୁଣୀ ପଡିଆସ୍ଥିତ ମହାଶ୍ମଶାନରେ ଶେଷକୃତ ସମ୍ପନ୍ନ କରାଯାଇଥିଲା। ତାଙ୍କ ପୁଅ କାହ୍ନା ମୁଖାଗ୍ନି ଦେଇଥିଲେ। ଲକ୍ଷ୍ମଣଙ୍କ ମୃତ୍ୟୁ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

ପୂର୍ତ୍ତ ବିଭାଗ ରାସ୍ତାରେ ଗର୍ତ୍ତ

# ମରାମତି କଲେ ସ୍ଥାନୀୟ ରାଜନେତା

ଦାନଗଦି,୨୯।୯ (ସମିସ): ମିଲିଟାରୀ ଛକ - ମାନପୁର ରାସ୍ତାର ମହାରଣା ଟ୍ରେଡର୍ସ ସମ୍ମୁଖ ରାସ୍ତାଟି ଦୀର୍ଘ ଦିନ ହେଲା ଖାଲଖମାରେ ମରଣଯନ୍ତା ପାଲଟିଥିଲା। ଦୈନନ୍ଦିନ ବହୁ ଯାନବାହାନ ଏଠାରେ ଖସିପଡ଼ିସହ ବହୁ ଧନଜୀବନ ହାନି ଘଟୁଥିଲା। ଏ ନେଇ ବାରମ୍ବାର "ସକାଳ'ରେ ଖବର ପ୍ରସାରଣ କରାଯାଇଥିଲା। ଗତ ୨୫ ତାରିଖ ଦିନ ମଧ୍ୟ ୩/୪ଟି ଗାଡ଼ି ଏହି ପୋଖରୀ ସଦୃଶ ଗାଡ଼ରେ ଖସିପଡ଼ିଥିବାର ଖବର ମଧ୍ୟ ପ୍ରକାଶ ପାଇଥିଲା। ପୂର୍ତ୍ତ ବିଭାଗ ରାସ୍ତାର ଉଭୟ ପାଶ୍ୱର୍ରେ ଡ୍ରେନ ନିର୍ମାଣ ନ କରିବା ଓ ବହୁ ପୁରାତନ ଡ୍ରେନକୁ ମରାମତି ନ କରିବା ଫଳରେ କଲୋନୀ ବର୍ଷାପାଣି ସବୁ ରାସ୍ତା ଉପର ଦେଇ ନିଷ୍କାସନ ହେଉଛି। ଯାହାକି ବଡ଼ ବଡ଼ ଗାଡ଼ ସବୁ ସୃଷ୍ଟି ହୋଇଛି। ଆଜି କିଛି ରାଜନୈତିକ ନେତାମାନେ ଏକତ୍ରିତ ହୋଇ ରାସ୍ତାର ଡ୍ରେନକୁ ଜେସିବି ମେସିନ ଯୋଗେ ସଫା କରିଥିଲେ। ପରେ ରାସ୍ତା ଉପରେ ହୋଇଥିବା ଗାଡ଼ ସବୁକୁ ପଥର ଖଣ୍ଡ ଓ ଡଷ୍ଟ ପକାଇ ରୋଲିଂ କରିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଛି। ହେଲେ ପୂର୍ତ୍ତ ବିଭାଗର ଦେଖା ନ ଥିଲା। ଏହି କାମକୁ ରାଜନେତା ପ୍ରଶାନ୍ତ କୁମାର ରାୟ, ସୁଧାଂଶୁ ଶେଖର ଭଞ୍ଜ, ଦୁଷ୍ମନ୍ତ ସାମନ୍ତରାୟ, ବୁଲବୁଲ ପଟ୍ଟନାୟକ, ରଞ୍ଜନ ସାହୁ ପ୍ରମୁଖ ଛିଡ଼ା ହୋଇ କାମ କରାଇଥିଲେ।



## ରାସ୍ତା ମରାମତି କଲେ ସମାଜସେବୀ

ପାଣିକୋଇଲି,୨୯।୯ (ସମିସ): ପାଣିକୋଇଲି ରଗଡ଼ି ପୂର୍ତ୍ତ ରାସ୍ତାରେ ଶହ ଶହ ସଂଖ୍ୟାରେ ଖାଲ ଯୋଗୁ ଯାତାୟତ ବାଧାପ୍ରାପ୍ତ ହେଉଛି। ଏମିତିକି ବର୍ଷା ପରେ ଖାଲ ଗୁଡିକ ବଡ ହୋଇଯିବାରୁ ଗାଡି ଚଳାଚଳରେ ବାଧା ଉପୁଜିବା ସହ ଛୋଟ ବଡ ଦୁର୍ଘଟଣା ହେଉଛି। ଫଳରେ ବିଭାଗକୁ ଜଣାଇଲେ ମଧ୍ୟ ମରାମତି ଦିଗରେ କୌଣସି ପଦକ୍ଷେପ ନହେବାରୁ ଆଜି ଆର୍ଶିବାଦ ଆଗ୍ରୋ ଇଣ୍ଡଷ୍ଟ୍ରୀର ଶରତ ଚନ୍ଦ୍ର ଦାଶଙ୍କ ନେତୃତ୍ୱରେ ଖାଲ ମରାମତି କରାଯାଇଛି। ରାସ୍ତା ଆରମ୍ଭ ଛକ ନିକଟରେ ଓ ପାକ୍ସ ଆଗ ଏବଂ ନବୋଦୟ ବିଦ୍ୟାଳୟର ପ୍ରବେଶ ପଥ, ନେଙ୍କୁରଶୁଣି ନିକଟ ଖାଲ ସିମେଣ୍ଟ କଂକ୍ରିଟ ଦେଇ ମରାମତି କରାଯାଇଛି। ଶ୍ରୀ ଦାଶଙ୍କ ଏତାଦୃଶ କାର୍ଯ୍ୟକୁ ସାଧାରଣରେ ପ୍ରସଂଶା କରାଯାଇଛି।

## ହୀରାପୁରରେ ରନ୍ଧା ଖାଦ୍ୟ ବଣ୍ଟନ

କୟାଁଗୋଲା,୨୯।୯ (ସମିସ): ବନ୍ୟାରେ ପାଣି ଘେରରେ ରହି ଖାଦ୍ୟ ପାଇଁ ହଇରାଣ ହେଉଥିବା ଲୋକଙ୍କ ନିକଟରେ ପହଞ୍ଚିଛି ମାନବିକତାର ହାତ। ଦଶରଥପୁର ବ୍ଲକ ଶୁଶୁଆ ପଞ୍ଚାୟତ ଅନ୍ତର୍ଗତ ହୀରାପୁର ଗ୍ରାମରେ ଆଜି ବନ୍ୟାପୀଡ଼ିତ ପରିବାରଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି। ଦଶରଥପୁର ବ୍ଲକ ବିରିପଟା ଗ୍ରାମର ସମାଜସେବୀ ବିଜୟ କୁମାର ଧଳଙ୍କ ପକ୍ଷରୁ ଏହି ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଥିଲା। ବନ୍ୟା ଯୋଗୁଁ ହୀରାପୁର ସମେତ ଆଖପାଖ ଅଞ୍ଚଳର ଅନେକ ପରିବାର ପାଣି ଘେରରେ ରହିଥିବାରୁ ଦୈନନ୍ଦିନ ଜୀବନ ପ୍ରଭାବିତ ହୋଇଛି। ବିଶେଷକରି ଖାଦ୍ୟ ସଂଗ୍ରହ କରିବାରେ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଭଳି ସଙ୍କଟ ସମୟରେ ବନ୍ୟାପୀଡ଼ିତଙ୍କ ଦୁଃଖକୁ ବୁଝି ବିଜୟ କୁମାର ଧଳ ସହଯୋଗର ହାତ ବଢ଼ାଇଛନ୍ତି। ପ୍ରସ୍ତୁତ ରନ୍ଧା ଖାଦ୍ୟ ବନ୍ୟାପୀଡ଼ିତ ପରିବାରଙ୍କ ନିକଟରେ ପହଞ୍ଚାଇ ବଣ୍ଟନ କରାଯାଇଥିଲା।

# ବନ୍ୟାଜଳ ଘେରରେ ୨୦୦ ପରିବାର

## ଜଳସମ୍ପଦ ବିଭାଗ ଘେରଉ ଚେତାବନୀ

ବିଞ୍ଝାରପୁର,୨୯।୯ (ସମିସ): ଲଘୁଚାପଜନିତ ଲଗାଣ ବର୍ଷା ଓ ବନ୍ୟା ଯୋଗୁଁ ବିଞ୍ଝାରପୁର ବ୍ଲକରେ ବନ୍ୟା ପରିସ୍ଥିତି ସାମାନ୍ୟ



ସୁଧୁରିଥିଲେ ମଧ୍ୟ ବିପନ୍ନଙ୍କ ଦୁର୍ଦ୍ଦଶା ଏବେ ବି କମିନାହିଁ। ନୂଆମାହାରାରେ ମରାମତି ହୋଇଥିବା ନଦୀବନ୍ଧରେ ପୁଣି ଘାଇ ସୃଷ୍ଟି ହେବାରୁ ହଳଦିଡିହ ପଞ୍ଚାୟତର ପ୍ରାୟ ୨୦୦ ପରିବାର ବନ୍ୟାଜଳ ଘେରରେ ରହିଛନ୍ତି। ପୂର୍ବରୁ ସୃଷ୍ଟି ହୋଇଥିବା ଘାଇର ଦୁର୍ଦ୍ଦଶାରୁ ମୁକୁଳି ଲୋକେ ମାତ୍ର ୭ରୁ ୮ ଦିନ ହେବ ଘରକୁ ଫେରିଥିଲେ। ଏହି ସମୟରେ ପୁଣି ଘାଇ ସୃଷ୍ଟି ହେବାରୁ ସେମାନଙ୍କ ଦୁଃଖ ଦୁଇଗୁଣ ହୋଇଛି। ଘାଇ ଦେଇ ପ୍ରବଳ ବନ୍ୟାଜଳ ପ୍ରବେଶ କରିବାରୁ ହଳଦିଡିହ ପଞ୍ଚାୟତର ଅନେକ ଅଞ୍ଚଳ ଜଳମଗ୍ନ ହୋଇ ରହିଛି। ବର୍ତ୍ତମାନ ବନ୍ୟା ଆଶ୍ରୟସ୍ଥଳୀରେ ୮୦ରୁ ଉର୍ଦ୍ଧ୍ୱଲୋକ ଆଶ୍ରୟ ନେଇଥିବା ବେଳେ ପ୍ରଶାସନ ପକ୍ଷରୁ ପ୍ରାୟ ୨ ହଜାର ଲୋକଙ୍କ ପାଇଁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। ଧୀରେ ଧୀରେ ବନ୍ୟାଜଳ କମୁଥିଲେ ମଧ୍ୟ ବିପନ୍ନ ଅଞ୍ଚଳରେ ରିଲିଫ ବଣ୍ଟନ ପାଇଁ ସାମାଜିକ ସଂଗଠନ କିମ୍ବା ସମାଜସେବୀଙ୍କ ଉପସ୍ଥିତି ଦେଖିବାକୁ ମିଳୁନଥିବା ଜଣାପଡିଛି।ଅନ୍ୟପକ୍ଷରେ ନୂଆମାହାରା ଘାଇକୁ ନେଇ ଅଞ୍ଚଳରେ ଅସନ୍ତୋଷ ତୀବ୍ର ହୋଇଛି। ଗ୍ରାମବାସୀଙ୍କ ଅଭିଯୋଗ, ପୂର୍ବରୁ ହୋଇଥିବା ଘାଇ ମରାମତି କାର୍ଯ୍ୟ ଠିକ୍ ଭାବେ ହୋଇଥିଲା କି ନାହିଁ, ତାହାର ବିଭାଗୀୟ ଯାଞ୍ଚରେ ତ୍ରୁଟି ରହିଥିବାରୁ ପୁଣି ଏଭଳି ପରିସ୍ଥିତି ଉପୁଜିଛି। ଘାଇ ମରାମତିକୁ ଜଳସମ୍ପଦ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ଗୁରୁତ୍ୱ ନଦେବାରୁ ଲୋକଙ୍କୁ ଏଭଳି ଦୁର୍ଦ୍ଦଶା ଭୋଗିବାକୁ ପଡୁଛି ବୋଲି ସେମାନେ କହିଛନ୍ତି। ଆଗକୁ ପୁଣି ଲଘୁଚାପ ଆସିବାର ସମ୍ଭାବନା ଥିବାରୁ ଘାଇ ସୃଷ୍ଟି ହୋଇଥିବା ନଦୀବନ୍ଧକୁ ତୁରନ୍ତ ସୁଦୃଢ଼ କରିବା ସହ ସ୍ଥାୟୀ ମରାମତି କରିବାକୁ ଦାବି ହୋଇଛି। ଜଳସମ୍ପଦ ବିଭାଗ ପକ୍ଷରୁ ଉପଯୁକ୍ତ ପଦକ୍ଷେପ ନିଆନଗଲେ ଏବଂ ପୁଣି ବନ୍ୟା ପରିସ୍ଥିତି ସୃଷ୍ଟି ହେଲେ ହଳଦିଡିହ ସମିତିସଭ୍ୟ କ୍ଷୀରୋଦ ମଲ୍ଲିକଙ୍କ ସମେତ ଗ୍ରାମବାସୀ ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ବନ୍ୟାକ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପାଇଁ ଦାବି



ଯାଜପୁର,୨୯।୯ (ସମିସ): ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକରେ ବୈତରଣୀ ଓ କାଣୀ ନଦୀ ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଯୁବ ଭାରତ କୃଷକ ସଂଘ ପକ୍ଷରୁ ଦାବି କରାଯାଇଛି। ସୂଚନା ମୁତାବକ ଦଶରଥପୁର ବ୍ଲକର ୧୯ ପଞ୍ଚାୟତର ୬୨ ଗ୍ରାମ ଏକ ମାସ ହେଲା ପାଣି ଘେରରେ। କାଣୀ ନଦୀର ନୂଆ ବନ୍ଧ କଣ୍ଟପଡା, ତରପଦା, ମଲ୍ଲିକାପୁରେ ଘାଇ ଯୋଗୁଁ ହଜାର ହେକ୍ଟର ଧାନ, ମୁଗ, ବିରି ଫସଲ ନଷ୍ଟ ହୋଇଯାଇଛି। ରାଜ୍ୟ ସଭାପତି ପ୍ରଭାକର ନାୟକଙ୍କ ନେତୃତ୍ୱରେ ଗତକାଲି ସଂଘ ପକ୍ଷରୁ ବନ୍ୟାଞ୍ଚଳ ଅନୁଧ୍ୟାନ କରିବାକୁ ଯାଇଥିବା ପ୍ରତିନିଧିଦଳ ଆଜି ଜିଲ୍ଲାପାଳଙ୍କୁ ସାକ୍ଷାତ କରି ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ତୁରନ୍ତ ମାଗଣା ରୋଷେଇ, ପାନୀୟ ଜଳ, ସ୍ୱାସ୍ଥ୍ୟ ସେବା, ପରିବାର ପିଛା ୧୦ ହଜାର ଟଙ୍କା ସହାୟତା, ୭ ଦିନରେ ଫସଲ ସର୍ଭେ କରିବାକୁ ଦାବି କରାଯାଇଛି। ଏଥିସହିତ ହେକ୍ଟର ପିଛା ୩୫/୪୫ ହଜାର ଇନପୁଟ ସବସିଡି, ପୂର୍ଣ୍ଣ ଫସଲ ବୀମା, ଫସଲ ଋଣ ଛାଡ ଓ କାଣୀ ବନ୍ଧ ସ୍ଥାୟୀ ମରାମତି, ବନ୍ୟା କ୍ଷୟକ୍ଷତି ବିବରଣୀ ପ୍ରସ୍ତୁତି କ୍ଷେତ୍ରରେ କୃଷକ ସଂଘକୁ ସାମିଲ କରିବାକୁ ମଧ୍ୟ ଦାବି କରାଯାଇଛି। ଆଗାମୀ ୧୫ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ରାଜ୍ୟବ୍ୟାପୀ ଆନ୍ଦୋଳନ ବୋଲି ଶ୍ରୀ ନାୟକ କହିଛନ୍ତି।

# ବନ୍ୟାରେ ଭାସି ଜଣେ ମୃତ, ଜଣେ ନିଖୋଜ

ଦଶରଥପୁର/କୟାଁଗୋଲା,୨୯।୯ (ସମିସ): ବନ୍ୟା ଯୋଗୁଁ ଅଧା ଦଶରଥପୁର ବ୍ଲକବାସୀ ଜଳବନ୍ଦୀରେ ଥିବା ବେଳେ ବନ୍ୟାଞ୍ଚଳରେ ଘଟିଛି ଅଭାବନୀୟ ଘଟଣା। ଜଣେ ଶୌଚ ହେବାକୁ ଯାଇ ଭାସି ଯାଇଥିବା ବେଳେ ଅନ୍ୟ ଜଣେ ବନ୍ୟା ପାଣିରେ ବୁଡ଼ିଥିବା ଗାଁ ରାସ୍ତାରେ ଯାଉଥିବା ସମୟରେ ଭାସି ନିଖୋଜ ହୋଇ ଯାଇଥିଲେ। ଗ୍ରାମବାସୀ, ଅଗ୍ନିଶମ ଓ ଓଡ୍ରାଫ ବାହିନୀ ନିଖୋଜଙ୍କ ମଧ୍ୟରୁ ଜଣେ ମହିଳାଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରିଥିବା ବେଳେ ଅନ୍ୟ ଜଣଙ୍କ ପତ୍ତା ମିଳିନଥିବା ଜଣାଯାଇଛି। ଉଦ୍ଧାର ହୋଇଥିବା ମହିଳା ମଙ୍ଗଳପୁର ଥାନା କୟାଁ ଅଞ୍ଚଳର ମମତା ମହାକୁଡ଼ (୪୨)ବୋଲି ଜଣାଯାଇଛି। ମମତା ଆଜି ଦିନ ପ୍ରାୟ ସାଢ଼େ ୪ଟା ସମୟରେ ବନ୍ୟା ପାଣିରେ ବୁଡ଼ିଥିବା କୟାଁ ପଞ୍ଚାୟତ ଲକ୍ଷ୍ମୀପୁର ଗାଁ ରାସ୍ତାରେ ଯାଉଥିବା ବେଳେ ଗୋଡ଼ ଖସିଯିବାରୁ ରାସ୍ତା କଡ଼କୁ ଖସି ପାଣିରେ ଭାସି ଯାଇଥିଲେ। ସେହିପରି କସପା ପଞ୍ଚାୟତ ଅହିୟାସ ପୁରୁଣାସାହି ଅଞ୍ଚଳର ଗୋବର୍ଦ୍ଧନ ରାଉତ (୫୨) ଆଜି ମଧ୍ୟାହ୍ନରେ କାଣୀ ନଦୀ କୂଳରେ ଶୌଚ ହେବାକୁ ଯାଇଥିବା ବେଳେ ବନ୍ୟା ପାଣିର ପ୍ରଖର ସ୍ରୋତରେ ଭାସି ଯାଇଥିଲେ। ତୁରନ୍ତ ତାଙ୍କୁ ଠାବ କରିବାକୁ ଓଡ୍ରାଫ ଓ ଅଗ୍ନିଶମ ବାହିନୀ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧ୍ୟା ପର୍ଯ୍ୟନ୍ତ ଗୋବର୍ଦ୍ଧନଙ୍କ ପତ୍ତା ମିଳିନଥିବା ସୂଚନା ମିଳିଛି।

# ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି



ଧର୍ମଶାଳା,୨୯।୯ (ସମିସ): ଧର୍ମଶାଳା ବ୍ଲକ ପରିସରରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ସେବା ସଙ୍କଳ୍ପ ଅଭିଯାନ ଚଲିଥିବାରୁ ଚଳିତ ଥର ଧର୍ମଶାଳା ବ୍ଲକ ପରିସରରେ ବଡଚଣା, ଧର୍ମଶାଳା ଓ ରସୁଲପୁର ବ୍ଲକର ଲୋକମାନଙ୍କୁ ଏଥିରେ ସାମିଲ କରାଯାଇଥିଲା। ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଦ୍ୱାରା ପରିଚାଳିତ ଏହି ଜନ ଅଭିଯୋଗ ଶୁଣାଣିରେ ମୋଟ ୧୦୧ଟି ଅଭିଯୋଗ ଆସିଥିବା ବେଳେ ସେଥିମଧ୍ୟରୁ ୩୯ଟି ବ୍ୟକ୍ତିଗତ, ୨ଟି ସାମୂହିକ ଅଭିଯୋଗ, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୬୦ ଜଣଙ୍କୁ ୮୬ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ଆଜିର ଏହି ଜନ ଅଭିଯେଗ ଶୁଣାଣିରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯସପ୍ରତାପ ଶ୍ରୀମଲ,ଏଡିଏମ ଯୁଧିଷ୍ଠିର ନାୟକ, ଏଡିଏମ ଶିବାନନ୍ଦ ସ୍ୱାଇଁ, ସିଡିଓ ଦେବୀପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେଉରୀ, ସିଡିଏମଓ ନଗେନ୍ଦ୍ରନାଥ ମହାପାତ୍ର, ଧର୍ମଶାଳା ବିଡିଓ ଜ୍ୟୋତିର୍ମୟ କର, ତହସିଲଦାର ସମିର ରଞ୍ଜନ ଦାସ, ବିଡିଓ ବଡଚଣା, ବିଡିଓ ରସୁଲପୁର ସମେତ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଉପସ୍ଥିତ ରହି ଜନଶୁଣାଣିରେ ସହଯୋଗ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷାଲାଗି ଧର୍ମଶାଳା ଥାନା ଅଧିକାରୀ ଚିନ୍ମୟୀ ସାହୁଙ୍କ ସମେତ ଥାନାର କର୍ମଚାରୀମାନେ ଉପସ୍ଥିତ ରହିଥିଲେ।

# ‘ଆଙ୍ଗନ କା ଉତ୍ସବ’ କାର୍ଯ୍ୟକ୍ରମ

କବାଟବନ୍ଧ,୨୯।୯ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ରେଖିଦେଇପୁର ଓ ଅନ୍ୟାନ୍ୟ ସ୍ଥାନରେ ରହିଥିବା ଅଙ୍ଗନବାଡି ସେଣ୍ଟର ଗୁଡ଼ିକରେ ‘ଆଙ୍ଗନ କା ଉତ୍ସବ’ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ପ୍ରଥମ ଦିନରେ ସ୍ଥାନୀୟ ସରପଞ୍ଚ ଅତିଥି ଭାବେ ଯୋଗ ଦେଇଥିଲେ। ଅଭିଭାବକ ମାନଙ୍କ ଦ୍ୱାରା ତିଆରି ପୋଷଣ ପିଠା ଶିଶୁମାନଙ୍କୁ ଦିଆ ଯାଇଥିଲା। ଶିଶୁ ମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ଗୀତ ଓ ନାଚ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରଥିବା କୃତି ଶିଶୁମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷ ଦିନରେ ସୁଭଦ୍ରା ହିତାଧିକାରୀଙ୍କ ସମେତ କିଶୋରୀ ବାଳିକାମାନେ ଯୋଗ ଦେଇଥିଲେ। ସୁଭଦ୍ରା ଯୋଜନାରେ ଆର୍ଥିକ ସହାୟତା ଯୋଗୁଁ ମହିଳା ମାନେ ସ୍ୱାବଲମ୍ବୀ ହେବା ସହିତ ସଶକ୍ତ ହେବା ସହିତ ଅନ୍ୟାନ୍ୟ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ରେଖିଦେଇପୁର ଅଙ୍ଗନବାଡି କର୍ମୀ ଜୟନ୍ତୀ ରାଉତଙ୍କ ସମେତ ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ, ଆଶା କର୍ମୀ, ଅଭିଭାବକ, କିଶୋରୀ ବାଳିକା, ପରିଚାଳନା କମିଟିଙ୍କ ସଦସ୍ୟ ସମେତ ଜନସାଧାରଣ ଉପସ୍ଥିତ ଥିଲେ।

# ଲଘୁ ଖଣିଜ ଦ୍ରବ୍ୟ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ



ଯାଜପୁର,୨୯।୯ (ସମିସ): ଯାଜପୁର ଟାଉନସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆଜି ଲଘୁ ଖଣିଜ ଦ୍ରବ୍ୟର ଷ୍ଟୋରେଜ୍ ଲାଇସେନ୍ସ, ଇ-ଲଟେରୀ ବ୍ୟବସ୍ଥା ଏବଂ ସର୍ବାଧିକ ବିକ୍ରୟ ମୂଲ୍ୟ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯାଜପୁର ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଯାଜପୁର ସର୍କଲ ଡିଡିଏମ୍ ଜୟପ୍ରକାଶ ନାୟକ, ଖଣି ଅଧିକାରୀ ଜେକେ ସେଠୀ, ବିଶାଲ ଠାକୁର, ମହେଶ ଚନ୍ଦ୍ର ନାଥ ଏବଂ ଜେଏମ୍ଓ ଅଶୋକ କୁମାର ମହାନ୍ତି, ଛାୟାକାନ୍ତ ମହନ୍ତ ତଥା ଅନ୍ୟାନ୍ୟ ଅଂଶଗ୍ରହଣକାରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କ୍ଷୁଦ୍ର ଖଣିଜ ଦ୍ରବ୍ୟର ସଂରକ୍ଷଣ ପାଇଁ ଆବଶ୍ୟକ ଷ୍ଟୋରେଜ୍ ଲାଇସେନ୍ସ, ଇ-ଲଟେରୀ ବ୍ୟବସ୍ଥାର ପ୍ରକ୍ରିୟା ଏବଂ କ୍ଷୁଦ୍ର ଖଣିଜ ଦ୍ରବ୍ୟର ସର୍ବାଧିକ ବିକ୍ରୟ ମୂଲ୍ୟ ସମ୍ପର୍କରେ ବିସ୍ତୃତ ସଚେତନତା ସୃଷ୍ଟି କରାଯାଇଥିଲା। ଅଂଶଗ୍ରହଣକାରୀମାନେ ସକ୍ରିୟ ଭାବେ ଯୋଗଦେଇ ବିଭିନ୍ନ ବିଷୟରେ ଆଲୋଚନା ଓ ମତବିନିମୟ କରିଥିଲେ।

# ଦିବ୍ୟାଙ୍ଗଙ୍କୁ ଇ- ବାଇକ ପ୍ରଦାନ

ଧର୍ମଶାଳା,୨୯।୯ (ସମିସ): ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଦ୍ୱାରା ପରିଚାଳିତ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ବିଭିନ୍ନ ଗ୍ରାମରେ ଥିବା ଦିବ୍ୟାଙ୍ଗମାନଙ୍କୁ ଚିହ୍ନଟ କରାଯାଇ ଟ୍ରଷ୍ଟ ତରଫରୁ ସେମାନଙ୍କୁ ଇ-ବାଇକ୍ ଯୋଗାଇ ଦିଆଯାଉଛି। ଆଜି ମଧୁପୁରଗଡ଼ ପଞ୍ଚାୟତ ଅଧୀନ ପନ୍ତୁରୀ ଗ୍ରାମର ଦିବ୍ୟାଙ୍ଗ ସତ୍ୟାନନ୍ଦ ଧଳଙ୍କୁ ଏକ ଇଲେକ୍ଟ୍ରିକ ଚାର୍ଜ ବାଇକ ବା ଇ-ସ୍କୁଟି ପ୍ରଦାନ କରାଯାଇଛି। ଦିବ୍ୟାଙ୍ଗ ଶ୍ରୀ ଧଳ ପୂର୍ବରୁ କେଉଁଆଡେ ଯା’ଆସ ହୋଇପାରୁନଥିବା ବେଳେ ଏବେ ୩ ଚକିଆ ସ୍କୁଟି ସହାୟତାରେ ସେ ନିଜ ଇଛା ମୁତାବକ ସବୁ ସ୍ଥାନକୁ ଯାଇପାରିବେ।



■ ବାଲି ଘାଟରେ ଖଣିବିଭାଗର ଚଢ଼ଉ

# ୧୦ରୁ ଉର୍ଦ୍ଧ୍ୱ ବାଲି ବୋଝେଇ ହାଇୱା ଜବତ

ଜେନାପୁର/କୁଆଖିଆ,୨୯।୯ (ସମିସ): ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ଅନ୍ତର୍ଗତ ଜାବରା ବେଆଇନ ବାଲି ଘାଟରୁ ବେଆଇନ ଭାବେ ଉତ୍ତୋଳନ ଓ ପରିବହନ ହେଉଥିବାର ଖବର ପାଇ ଯାଜପୁର ଖଣି ବିଭାଗ ଓ କୁଆଖିଆ ପୁଲିସ ପକ୍ଷରୁ ମିଳିତ ଚଢ଼ଉ କରାଯାଇଛି। ଏଥିରେ ୧୦ଟି ବାଲି ବୋଝେଇ ହାଇୱା ଜବତ କରଯାଇଛି। ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ଜାବରା ବେଆଇନ ବାଲି ଘାଟରୁ ଦୈନିକ ଶହ ଶହ ଟ୍ରିପ୍ ବାଲି ଚୋରାଚାଲାଣ ହେଉଛି। ବାଲି ମାଫିଆ ମାନେ ବ୍ରାହ୍ମଣୀ ନଦୀ ପଠା ଭିତରକୁ ରାସ୍ତା ନିର୍ମାଣ କରି ନଈ ଗର୍ଭକୁ ଚିରି ବଡ ବଡ ମେସିନ୍ ଆଉ ହାଇୱା ସାହାଯ୍ୟରେ ଦୈନିକ ଶହ ଶହ ଟ୍ରିପ୍ ବାଲି ଲୁଟ୍ କରୁଛନ୍ତି। ସାଧାରଣତଃ



ବର୍ଷା ଦିନେ ନଦୀରେ ପାଣି ହୋଇଯିବାରୁ ଅନେକ ବାଲି ଘାଟ ବନ୍ଦ ରହେ। କିନ୍ତୁ ଜାବରା ବାଲିଘାଟରେ ପୂରା ଓଲଟା ପରିଲିଖିତ ହେଉଛି। ମୁନାଫାଖୋର ବାଲି ମାଫିଆମାନେ ଏକ ଅଭିନବ ଉପାୟରେ ବାଲି ଲୁଟ୍ କରୁଛନ୍ତି। ଉଚ୍ଛୁଳା ନଈରେ ମଟର ଡଙ୍ଗା ସାହାଯ୍ୟରେ ନଦୀ ଗର୍ଭରୁ ବାଲି ଉଠାଇ ଗଚ୍ଛିତ କରି ଚୋରା ଚାଲାଣ କରୁଛନ୍ତି। ସ୍ଥାନୀୟ ଅଞ୍ଚଳରୁ ଖବର ପାଇ ଯାଜପୁର ଖଣି ଅଧିକାରୀ ବିଶାଲ ଠାକୁର, କନିଷ୍ଠ ଖଣି ଅଧିକାରୀ ବିଶ୍ୱଜିତ୍ ସ୍ୱାଇଁ ଓ କୁଆଖିଆ ଥାନା ଏସଆଇ ଦିଲୀପ କୁମାର ସିଂଙ୍କ ନେତୃତ୍ୱରେ ମିଳିତ ଅତର୍କିତ ଚଢ଼ଉ କରି ୧୦ରୁ ଉର୍ଦ୍ଧ୍ୱ ବାଲି ବୋଝେଇ ହାଇୱା ଗାଡ଼ି ଜବତ କରିଥିବା ସୂଚନା ମିଳିଛି। ବାଲି ମାଫିଆ ମାନେ ପ୍ରତି ଦିନ ଲକ୍ଷ ଲକ୍ଷ ଟଙ୍କାର ବାଲି ଚୋରା ଚାଲାଣ କରି ନିଜର ପକେଟ ଗରମ କରିଥିବା ବେଳେ ସରକାର ରାଜସ୍ୱ କ୍ଷତି ସହୁଛନ୍ତି। ତେଣୁ ଏହି ଚୋରା ଚାଲାଣଙ୍କୁ ସବୁଦିନ ବନ୍ଦ କରିବାକୁ ସ୍ଥାନୀୟ ଲୋକେ ଦାବି ଜଣାଇଛନ୍ତି।

# ଭୁଜାଲି ଦେଖାଇ ୧୭ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟ୍

ଯାଜପୁର,୨୯।୯ (ସମିସ): ଯାଜପୁର ସଦର ଥାନା ଅନ୍ତର୍ଗତ ଖରସ୍ରୋତା ନଦୀ ବନ୍ଧର ଜୟପୁର ନିକଟରେ ବ୍ୟବସାୟୀଙ୍କ ଠାରୁ ଏକ ବଡ଼ଧରଣର ଲୁଟ୍ ହୋଇଥିବା ଜଣାପଡିଛି। ଜୟପୁର ଗ୍ରାମର ହେମନ୍ତ କୁମାର ନାୟକ ଓ ତାଙ୍କ ପିତା ବ୍ରଜେନ୍ଦ୍ର ନାୟକ ଉଭୟ ବିଭିନ୍ନ ଗ୍ରାମର କୃଷକମାନଙ୍କ ଠାରୁ ବାଦାମ, ବୁଟ, ଡାଲି ଜାତୀୟ ଶସ୍ୟ କିଣି ନିକଟସ୍ଥ ହରିପୁର ହାଟ, କୁଆଖିଆ ବଜାର ଓ କଟକ ମାଲଗୋଦାମ ଆଦି ବ୍ୟବସାୟ ପେଣ୍ଠରେ ବିକ୍ରୟ କରିଥାନ୍ତି। ଗତ ସୋମବାର କଟକରୁ ଏକ ବ୍ୟାଗ୍‌ରେ ନଗଦ ୧୭ ଲକ୍ଷ ୮୦ ହଜାର ଟଙ୍କା ଧରି ବସ୍ ଯୋଗେ ଆସି କୁଆଖିଆରେ ଓହ୍ଲାଇବା ପରେ କାର୍‌କୁ ଅପେକ୍ଷା କରିଥିବା ପୁଅ ହେମନ୍ତଙ୍କୁ ବ୍ୟାଗ୍ ଦେଇଥିଲେ ଏବଂ ନିଜ ବାଇକ୍‌ରେ ଘରକୁ ଫେରିଥିଲେ। ହେମନ୍ତ କାର୍ ପଛ ସିଟରେ ଟଙ୍କା ଭର୍ତ୍ତି ବ୍ୟାଗ୍ ରଖି ନିଜ ଘରକୁ ଫେରୁଥିବା ବେଳେ ରାତି ପ୍ରାୟ ୯ଟା ୪୦ ମିନିଟ୍ ସମୟରେ ନଦୀ ବନ୍ଧର ଜୟପୁର ନିକଟରେ ପଛ ପଟରୁ ଏକ ଆପାଚି ମୋଟର ସାଇକଲରେ ଦୁଇଜଣ ଦୁର୍ବୃତ୍ତ ମୁଣ୍ଡରେ ହେଲ୍‌ମେଟ୍ ଓ ମୁହଁରେ ମାସ୍କ ପିନ୍ଧି କାର୍ ଆଗକୁ ଆସି ଗାଡ଼ିକୁ ଅଟକାଇଥିଲେ। ସେମାନେ ଚାଳକ ପାର୍ଶ୍ୱର କାଚକୁ ଏକ ଭୁଜାଲି ଦ୍ୱାରା ଭାଙ୍ଗି ଗାଡ଼ିର ଚାବି କାଢ଼ି ଫୋପାଡ଼ି ଦେଇଥିଲେ। ଚାଳକ ହେମନ୍ତଙ୍କ ବେକରେ ଜଣେ ଭୁଜାଲି ଲଗାଇବା ସହ ଅନ୍ୟ ଜଣକ ପଛ କାଚ ଭାଙ୍ଗି ଟଙ୍କା ଭର୍ତ୍ତି ବ୍ୟାଗ୍‌ଟିକୁ ଧରି କୁଆଖିଆ ପଟକୁ ଦ୍ରୁତ ଗତିରେ ପଳେଇଯାଇଥିଲେ। ହେମନ୍ତ ସଙ୍ଗେ ସଙ୍ଗେ ଲୁଟ୍ ଖବର ବାପା ବ୍ରଜେନ୍ଦ୍ରଙ୍କୁ ଜଣାଇବା ସହ ସଦର ଥାନାକୁ ଜଣାଇଥିଲେ। ଖବର ପାଇ ସଦର ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିଥିଲେ। ଆଜି ଏ ସମ୍ପର୍କରେ ହେମନ୍ତ କୁମାର ନାୟକ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ କେସ ନମ୍ବର୍ ୩୧୫/୨୦୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଜଣାପଡିଛି।

# ଭିନ୍ନକ୍ଷମ ପ୍ରମାଣ ପତ୍ର ମିଳିବାରେ ବିଳମ୍ବ

ଯାଜପୁର,୨୯।୯ (ସମିସ): ଆବେଦନର ନିର୍ଦ୍ଦିଷ୍ଟ ସୀମା ଭିତରେ ହିତାଧିକାରୀଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିବାର ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। କିନ୍ତୁ ଏଭଳି ନିୟମର ଖୋଲାଖୋଲି ଉଲ୍ଲଙ୍ଘନ ହେଉଥିବା ଅଭିଯୋଗ ହୋଇଛି। ସୂଚନା ଯୋଗ୍ୟ କୋରେଇ ବ୍ଲକ ପରିସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଭାବେ ଭିନ୍ନକ୍ଷମ ସାମର୍ଥ ଶିବିର ଆୟୋଜନ କରାଯାଇଥିଲା। ଯେଉଁଥିରେ ବ୍ୟାସନଗର ପୌରାଞ୍ଚଳ ମୁଣ୍ଡମାଳ ଗ୍ରାମର ଭିନ୍ନକ୍ଷମ ଛାତ୍ର ହିମାଂଶୁ ଶେଖର ପାତ୍ରଙ୍କ ସହ ଏକାଧିକ ଭିନ୍ନକ୍ଷମ ବ୍ୟକ୍ତି ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଆବେଦନ କରିଥିଲେ। ଏହି ଶିବିର ଆୟୋଜନ ପରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ଠାରୁ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଭିନ୍ନକ୍ଷମ ମାନଙ୍କୁ ପ୍ରମାଣପତ୍ର ଅବିଳମ୍ବେ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଆବେଦନର ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଅନ୍ୟାନ୍ୟ ସୁବିଧା ସୁଯୋଗ ତ ଦୂରର କଥା ପ୍ରମାଣପତ୍ର ଦେବାପାଇଁ ବିଭାଗୀୟ ଅଧିକାରୀ ଆଖିବୁଜି ଦେଇଥିବା ଅଭିଯୋଗ ହୋଇଛି। ଜିଲ୍ଲା ସିଭିଲ ସୋସାଇଟି ପକ୍ଷରୁ ଯାଜପୁର ଜିଲ୍ଲାପାଳ ଏଥିରେ ହସ୍ତକ୍ଷେପ କରିବାକୁ ବିଶ୍ୱନାଥ ପାତ୍ର ଦାବି କରିଛନ୍ତି।

# ବଉଳାଙ୍ଗ ଛକରୁ ମଦ ସହ କାର୍ ଜବତ



ମଙ୍ଗଳପୁର,୨୯।୯ (ସମିସ): ଚୋରା ମଦ କାରବାର ଉପରେ ମଙ୍ଗଳପୁର ପୁଲିସର ଚଢ଼ଉ ଜାରି ରହିଥିବା ବେଳେ ବଉଳାଙ୍ଗ ଛକରୁ ବଡ଼ ପରିମାଣର ଦେଶୀ ଓ ବିଦେଶୀ ମଦ ଜବତ ହୋଇଛି। ପୁଲିସ ପକ୍ଷରୁ ମୋଟ ପ୍ରାୟ ୭୦ ଲିଟର ମଦ ଜବତ କରାଯାଇଥିବା ଜଣାପଡ଼ିଛି। ଏହା ସହିତ ମଦ ପରିବହନରେ ବ୍ୟବହୃତ ହେଉଥିବା ଏକ ଟାଟା ଇଣ୍ଡିକା କାରକୁ ମଧ୍ୟ ପୁଲିସ ଜବତ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ସକାଳ ପ୍ରାୟ ୯ଟା ୩୦ମିନିଟ ସମୟରେ ମଙ୍ଗଳପୁର ପୁଲିସ ଗାଡ଼ି ବଉଳାଙ୍ଗ ଛକ ଦେଇ ଯାଉଥିଲା। ଏହି ସମୟରେ ଏକ ଟାଟା ଇଣ୍ଡିକା ଗାଡ଼ିକୁ ନେଇ ପୁଲିସର ସନ୍ଦେହ ହୋଇଥିଲା। ପୁଲିସ ଗାଡ଼ିକୁ ଦେଖି ଉକ୍ତ ଗାଡ଼ିର ଗତିବିଧି ମଧ୍ୟ ସନ୍ଦେହଜନକ ଥିବା ଜଣାପଡ଼ିଥିଲା। ପରେ ପୁଲିସ ଗାଡ଼ିଟିକୁ ଯାଞ୍ଚ କରିବା ସହ ଏଥିରୁ ଦେଶୀ ଓ ବିଦେଶୀ ମଦ ଜବତ କରିଥିଲା। ମଦ କେଉଁଠାରୁ ଆସିଥିଲା, କେଉଁ ସ୍ଥାନକୁ ନିଆଯାଉଥିଲା ଏବଂ ଏହି କାରବାରରେ ଆଉ କେତେଜଣଙ୍କ ସମ୍ପୃକ୍ତି ରହିଛି, ସେ ନେଇ ପୁଲିସ ତଦନ୍ତ ଚଳାଇଛି। ମଙ୍ଗଳପୁର ଥାନା ଅଞ୍ଚଳରେ ଚୋରା ମଦ କାରବାରକୁ ରୋକିବା ପାଇଁ ପୁଲିସ ପକ୍ଷରୁ ନିୟମିତ ଯାଞ୍ଚ ଓ ଚଢ଼ଉ ଜାରି ରହିଛି। ବୋଉଳାଙ୍ଗ ଛକରେ ହୋଇଥିବା ଏହି ଜବତ ଘଟଣା ପରେ ଚୋରା ମଦ ବେପାରୀଙ୍କ ମଧ୍ୟରେ ଛନକା ପଶିଛି। ଏ ସମ୍ପର୍କରେ ମଙ୍ଗଳପୁର ଥାନା ଅଧିକାରୀ ଭୁବନ ମୋହନ ସେଠୀ ସୂଚନା ଦେଇଥିବା ବେଳେ ଘଟଣାର ସମସ୍ତ ଦିଗକୁ ନେଇ ତଦନ୍ତ ଜାରି ରହିଥିବା କହିଛନ୍ତି।

# ବୃକ୍ଷରୋପଣ ଓ ଆଲୋଚନାଚକ୍ର

ବ୍ୟାସନଗର,୨୯।୯ (ସମିସ): ସାମାଜିକ ଅନୁଷ୍ଠାନ ଦୁର୍ଯ୍ୟୋଧନ ରାଉତ ଫାଉଣ୍ଡେସନ ତରଫରୁ ସୋମବାର ସ୍ଥାନୀୟ ବ୍ୟାସସରୋବର ନିକଟସ୍ଥ ଜଗନ୍ନାଥ ମନ୍ଦିର ଓ ମାଉସୀ ମା’ ମନ୍ଦିର ପ୍ରାଙ୍ଗଣରେ ବୃକ୍ଷରୋପଣ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନର ସଭାପତି ଡ. ଦୁଷ୍ମନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ଆଲୋଚନାଚକ୍ରରେ “ପରିବେଶର ସୁରକ୍ଷା ଓ ଆମର ଦାୟିତ୍ୱ” ସମ୍ପର୍କରେ ସଭ୍ୟମାନେ ନିଜ ନିଜର ମନ୍ତବ୍ୟ ରଖିଥିଲେ। ଏଥିରେ ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଚନ୍ଦ୍ରମଣି ସାମଲ, କାଉନସିଲର ଅଶୋକ କୁମାର ରାଉତ, ସମାଜସେବୀ ହୃଷିକେଶ ସାହୁ, ଝାଡେଶ୍ୱର ମହାବିଦ୍ୟାଳୟର ଅଧକ୍ଷ ଡ. ଅକ୍ଷୟ କୁମାର ପଣ୍ଡା, ସମାଜସେବୀ ନରେଶ କୁମାର ମସକରା, ଇଂ.ଦିଗନ୍ତ ରାଉତ, ଶିକ୍ଷାବିତ ଅଶ୍ୱିନୀ କୁମାର ଦାସ, ପ୍ରଶାନ୍ତ କୁମାର ରଥ, ହେମନ୍ତ କୁମାର ଧୀର, ଦାମୋଦର ପଣ୍ଡା, ଅଶୋକ ବୋଷ, ସରୋଜ ଦେ, ଅଶୋକ କୁମାର ସାହୁ, ଦୁର୍ଗେଶ ରଞ୍ଜନ ରାଉତ ପ୍ରମୁଖ ଯୋଗ ଦେଇ ବ୍ୟାପକ ବୃକ୍ଷରୋପଣ କରିଥିଲେ। ସାମ୍ବାଦିକ ଜ୍ଞାନରଞ୍ଜନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ସଭ୍ୟମାନେ ମାଉସୀ ମା’ଙ୍କ ମନ୍ଦିର ପ୍ରାଙ୍ଗଣରେ ବରଗଛମାନ ରୋପଣ କରି ତା’ର ଯତ୍ନ ନେବା ପାଇଁ ସଙ୍କଳ୍ପ ନେଇଥିଲେ।

# ବଦଳିଲା ଯୋଜନା କିନ୍ତୁ ବଦଳିଲାନି ବିଜ୍ଞାପନ

ବରୀ,୨୯।୯ (ସମିସ): ଆଜି ବରୀ ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକ ସ୍ତରର ‘ବିକଶିତ ଭାରତ ନିଶ୍ଚିନ୍ତ ରୋଜଗାର ଜୀବିକା ମିଶନ’ କାର୍ଯ୍ୟକ୍ରମ ବୈଠକରେ ଲଗାଯାଇଥିବା ବ୍ୟାନରରେ ବ୍ୟାପକ ତ୍ରୁଟି ଥିବାର ଦେଖିବାକୁ ମିଳିଛି। ଏହି ବ୍ଲକସ୍ତରୀୟ ଜନ ଶୁଣାଣି ଶିବିରରେ ‘ବିକଶିତ ଭାରତ ନିଶ୍ଚିତ ରୋଜଗାର ଓ ଜୀବିକା ମିଶନ’ (ଭିବି-ଜି-ରାମଜୀ) ପରିବର୍ତ୍ତେ ଏମ୍‌ଜିଏନଆରଜିଇଏସ ଲେଖାଯାଇଥିବା ବ୍ୟାନର ଲଗାଯାଇଥିବାର ଦେଖିବାକୁ ମିଳିଥିଲା। ଉକ୍ତ ବୈଠକରେ ଶ୍ରମିକମାନଙ୍କ ପାଇଁ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଗାଇଦେବା କ୍ଷେତ୍ରରେ ଲୋକପ୍ରତିନିଧି ମାନେ ଉଦ୍ୟମ କରିବା ସହିତ ଏହି କାର୍ଯ୍ୟକ୍ରମରେ ଗ୍ରାମ ସାଥିମାନେ ଅଂଶଗ୍ରହଣ କରି ସେମାନଙ୍କ ଦାୟିତ୍ୱ ସଠିକ ଭାବରେ ନିର୍ବାହ କରିବାକୁ ମଣ୍ଡଳ ଉନ୍ନୟନ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଉକ୍ତ ବୈଠକରେ ଏହି ବ୍ଲକର ୨୯ ଗୋଟି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଯୋଗଦେବାକୁ ବ୍ଲକ ପ୍ରଶାସନ ତରଫରୁ ସୂଚନା ଦିଆଯାଇଥିବା ବେଳେ ବୈଠକରେ ମହିଳା ସରପଞ୍ଚ ସମିତି ସଭ୍ୟଙ୍କ ବଦଳରେ କେତେକ ପଞ୍ଚାୟତର ମହିଳା ସରପଞ୍ଚଙ୍କ ସ୍ୱାମୀ, ଦିଅର, ଶଶୁର, ପୁଅ ଯୋଗଦେଇଥିବାର ଦେଖିବାକୁ ମିଳିଛି। ଏଠାରେ ପ୍ରଶ୍ନ ଉଠେ ସରକାର ମହିଳାମାନଙ୍କୁ ରାଜନୈତିକ କ୍ଷେତ୍ରରେ ଆଗକୁ ଆଣି ସାମାଜିକ ବ୍ୟବସ୍ଥାର ପରିବର୍ତ୍ତନ କରିବାକୁ ବାରମ୍ବାର ଉଦ୍ୟମ କରୁଛନ୍ତି। ମାତ୍ର ଏହି ବ୍ଲକର ସମିତି ବୈଠକ ହେଉ କିମ୍ବା ବ୍ଲକ ପ୍ରଶାସନ ତରଫରୁ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ହେଉଥିବା ବୈଠକରେ ମହିଳା ସରପଞ୍ଚ ସମିତି ସଭ୍ୟା/ସଭ୍ୟ ବଦଳରେ ତାଙ୍କର ପ୍ରତିନିଧିମାନେ ଯୋଗଦେବା ଘଟଣାକୁ ବ୍ଲକ ପ୍ରଶାସନ କିଭଳି ଭାବରେ ଅନୁମତି ଦେଉଛି ତାହା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।



## ଗ୍ରାମାଞ୍ଚଳରେ ଚିନ୍ତା ବଢ଼ାଇଛି ଶବ୍ଦ ପ୍ରଦୂଷଣ

# ଡିଜେକୁ ସମ୍ପୂର୍ଣ୍ଣ ବ୍ୟାନ କରିବାକୁ ଦାବି

ବରୁଆଁ,୨୯।୯ (ସମିସ): ପାର୍ବଣ ଋତୁ ପ୍ରାରମ୍ଭରେ ରାଜ୍ୟର ବିଭିନ୍ନ ସ୍ଥାନରେ ଡିଜେକୁ ନେଇ ବହୁ ଅଘଟଣ ମାନ ଘଟୁଥିବାର ଦେଖାଯାଇଛି। କେଉଁଠି ଡିଜେର କର୍କଶ ଶବ୍ଦରେ ହୃଦ୍‌ରୋଗୀ ମୃତ୍ୟୁବରଣ କରୁଛି ତ କେଉଁଠି ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବ୍ୟାଘାତ ଘଟୁଛି। ଗାଁ ଗହଳିର ଅଣଓସାରିଆ ରାସ୍ତାରେ ଡିଜେ ଯିବାବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ବହୁ ମୂଲ୍ୟବାନ ଧନଜୀବନ ହାନି ଘଟୁଛି। ଡିଜେର ଭାଇବ୍ରେସନ ଦ୍ୱାରା ଘରର ପକ୍କା ଛାତ ଗଳିପଡି ଲୋକ



ମୃତ୍ୟୁବରଣ କରୁଛି ତ ଘର ମାନଙ୍କରେ ଥିବା ଥାକରୁ ଆସବାବପତ୍ର ଖସିପଡି ଭାଙ୍ଗି ରୁଜି ନଷ୍ଟ ହେଉଛି। ଏବେ ଚାଲିଥିବା ଖୁଦୁରୁକୁଣୀ ଓ ଗଣେଶ ଭସାଣିରେ ବିଭିନ୍ନ ସ୍ଥାନରେ ଡିଜେକୁ ନେଇ ଅଘଟଣମାନ ଘଟିଥିବା ଜଣାପଡିଛି। ସଦର ଥାନା ଅନ୍ତର୍ଗତ ଜାହାନପୁର ପଞ୍ଚାୟତ ବାଛିଆରୀ ଗ୍ରାମରେ ଖୁଦୁରୁକୁଣୀ ଭସାଣିରେ ବ୍ୟବହୃତ ଏକ ପିକ୍‌ଅପ ଭ୍ୟାନ ଓଲଟି ପଡିବାରୁ ସେହି ଗ୍ରାମର ନଣ୍ଡା ଦଳେଇଙ୍କ ପୁଅ ମୁଷା ଦଳେଇ ଗାଡି ତଳେ ଚାପି ହୋଇ ମୃତ୍ୟୁବରଣ କରିଥିଲେ। ସେହିପରି ଛତିଶଦେବିଲ ପଞ୍ଚାୟତ ଅନ୍ତର୍ଗତ ମହମ୍ମଦଜମାପୁର ସାହୁସାହିରେ ସୋମବାର ସନ୍ଧ୍ୟାରେ ଖୁଦୁରୁକୁଣୀ ଭସାଣିରେ ବ୍ୟବହୃତ ସାଉଣ୍ଡ ବକ୍ସ ଖସିପଡିବା ଫଳରେ ୭ ଜଣ ଯୁବତୀ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ନିକଟରେ ଖୋର୍ଦ୍ଧା ଜଟଣୀରେ ଗଣେଶ ଭସାଣିରେ ଡିଜେ ଶବ୍ଦରେ ଛାତ ଭାଙ୍ଗି ପଡ଼ିବାରୁ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ବହୁ ଲୋକ ଗୁରୁତର ହୋଇଥିଲେ। ଆଗକୁ ଦୁର୍ଗାପୂଜା, ଲକ୍ଷ୍ମୀ ପୂଜା, କାଳୀପୂଜା ଓ ରାହାସ ଉତ୍ସବ ଆସୁଥିବାରୁ ଏଭଳି ବହୁ ଦୁର୍ଘଟଣା ମାନ ଘଟି ଜୀବନ ହାନି ହେବାର ଆଶଙ୍କା କରାଯାଉଛି। ଏଣୁ ଜିଲ୍ଲା ପୁଲିସ ଓ ପ୍ରଶାସନ ଏଥିପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସମଗ୍ର ସଦର ଅଞ୍ଚଳରେ ଡିଜେ ଭଳି ଉଚ୍ଚଶକ୍ତି ସଂପନ୍ନ ଡାକବାଜି ଯନ୍ତ୍ର ଗୁଡିକୁ ନିଷିଦ୍ଧ ଘୋଷଣା କରାଯିବାକୁ ବହୁ ବୁଦ୍ଧିଜୀବୀ ଓ ସାଧାରଣ ଜନତା ଦାବି କରିଛନ୍ତି।

ସକାଳ
THE SAKALA



# ସମ୍ପାଦକୀୟ



ଅହିଂସାର ପ୍ରଥମ ସୋପାନ ହେଉଛି ଜୀବନର ସବୁକ୍ଷେତ୍ରରେ ନ୍ୟାୟର ସୁନିଶ୍ଚିତତା ।
-ମହାତ୍ମା ଗାନ୍ଧୀ

## ଇଥାନଲ୍: ଏବେ ବଳକା ଚିନ୍ତା

ଇନ୍ଧନରେ ଆମଦାନୀ ନିର୍ଭରଶୀଳତା ହ୍ରାସ ଏବଂ ପରିବେଶ ସୁରକ୍ଷା ଦୃଷ୍ଟିରୁ ଭାରତରେ ଇଥାନଲ୍ ଉତ୍ପାଦନ ବୃଦ୍ଧିକୁ ଗୁରୁତ୍ୱ ଦିଆଯାଉଛି । ସମ୍ପ୍ରତି ପେଟ୍ରୋଲ୍‌ରେ ୨୦% ପର୍ଯ୍ୟନ୍ତ ଇଥାନଲ୍ ମିଶ୍ରଣ ପାଇଁ ନୀତିଗତ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ବେଳେ ଭବିଷ୍ୟତରେ ଅନୁପାତ ବୃଦ୍ଧି ଏବଂ ଡିଜେଲ୍‌ରେ ଇଥାନଲ୍ ମିଶ୍ରଣ ପାଇଁ ଯୋଜନା ହେଉଛି । ଅପରପକ୍ଷରେ ଆଖୁ, ମକା, ସୋୟାବିନ୍ ଓ ଚାଉଳ ଆଦି ଶସ୍ୟର ମୂଲ୍ୟଯୁକ୍ତ ଉପଯୋଗ ପାଇଁ ଇଥାନଲ୍ ଅପୂର୍ବ ବିକଳ୍ପ ଆଣିଛି । ଇଥାନଲ୍ ଉତ୍ପାଦନ ବୃଦ୍ଧି ସହିତ ଭାରତୀୟ କୃଷି ଓ କୃଷକଙ୍କ ପାଇଁ ଏକ ଲାଭଦାୟକ ବଜାର ମଧ୍ୟ ସୃଷ୍ଟି ହୋଇଛି । କିନ୍ତୁ ଇଥାନଲ୍ ଉତ୍ପାଦନରେ ଭାରତର ସଫଳତା ଭିନ୍ନ ଏକ ସମସ୍ୟା ସୃଷ୍ଟି କରିଛି ।

ଜଳ ବହୁଳେ ସୃଷ୍ଟି ନାଶ ଭଳି ଦେଶରେ ଇଥାନଲ୍ ଉତ୍ପାଦନ କ୍ଷମତା ଯେଉଁ ଗତିରେ ବଢ଼ୁଛି ତା' ସହ ତାଳ ଦେଇ ଚାହିଦା ବଢ଼ିପାରୁ ନଥିବାରୁ ଇଥାନଲ୍ ପାଇଁ ଭଣ୍ଡାରଣ ସମସ୍ୟା ସୃଷ୍ଟି ହୋଇଛି । ମାଇଲେଜ୍ ଓ ଯାନ୍ତ୍ରିକ ସମସ୍ୟା ଯୋଗୁଁ ଇଥାନଲ୍ ମିଶ୍ରିତ ପେଟ୍ରୋଲ୍ ଭାରତୀୟମାନଙ୍କ ଦ୍ୱାରା ସମ୍ପୂର୍ଣ୍ଣ ଭାବେ ଗ୍ରହଣୀୟ ହୋଇପାରିନାହିଁ । ସରକାରୀ ତଥ୍ୟ ଅନୁସାରେ, ୨୦୧୩-୧୪ରେ ପେଟ୍ରୋଲରେ ଇଥାନଲ୍ ମିଶ୍ରଣ ମାତ୍ର ୧.୫୩ ପ୍ରତିଶତ ଥିଲା । ୨୦୨୪-୨୫ରେ ଏହା ୧୯.୨୪ ପ୍ରତିଶତରେ ପହଞ୍ଚିଲା । ୨୦ ପ୍ରତିଶତ ମିଶ୍ରଣର ଲକ୍ଷ୍ୟ ମଧ୍ୟ ନିର୍ଦ୍ଧାରିତ ସମୟର ପୂର୍ବରୁ ହାସଲ ହୋଇଛି । ଚଳିତ ବର୍ଷ ଏ ପର୍ଯ୍ୟନ୍ତ ଭାରତର ଇଥାନଲ୍ ଉତ୍ପାଦନ କ୍ଷମତା ପ୍ରାୟ ୨, ୦୦୦ କୋଟି ଲିଟରରେ ପହଞ୍ଚିଛି । ଏହା ନିଶ୍ଚିତ ଭାବେ ଏକ ନୀତିଗତ ସଫଳତା । କିନ୍ତୁ ବର୍ତ୍ତମାନର ଇ୨୦ ଇନ୍ଧନ ଓ ଅନ୍ୟ ଶିଳ୍ପ କ୍ଷେତ୍ରର ଚାହିଦା ତୁଳନାରେ ପ୍ରାୟ ୭୦୦ କୋଟି ଲିଟର ବଳକା ରହିଛି ।

ବହୁ ଆକାଂକ୍ଷିତ ଇଥାନଲ୍ ବୋଝ ହୋଇଯିବା ପରେ ଇଥାନଲ୍ ଶିଳ୍ପ, କୃଷି, ଇନ୍ଧନ ନୀତି, ଖାଦ୍ୟ ସୁରକ୍ଷା ଓ ଗ୍ରାମୀଣ ଅର୍ଥନୀତି ପାଇଁ ଏକ ନୂଆ ଆହ୍ୱାନ ସୃଷ୍ଟି କରିଛି । ତେଣୁ ଇଥାନଲ୍ ନୀତି ପୁନର୍ବିଚାର କରିବା ପାଇଁ ମତ ପ୍ରକାଶ ପାଉଛି । ପରିବେଶ ଓ କୃଷି ବିଶେଷଜ୍ଞମାନେ ଇଥାନଲ୍ ଉତ୍ପାଦନ ବୃଦ୍ଧିକୁ 'ଖାଦ୍ୟ ବନାମ ଇନ୍ଧନ' ତରାଜୁରେ ତଉଲିବା ଆରମ୍ଭ କରିଛନ୍ତି । ପେଟ୍ରୋଲ୍‌ରେ ଇଥାନଲ୍ ମିଶ୍ରଣ ବଢ଼ିଲେ ଯାନବାହନରୁ ନିର୍ଗମନ ଜନିତ ପରିବେଶ ପ୍ରଦୂଷଣକୁ କିଛିମାତ୍ରାରେ ନିୟନ୍ତ୍ରଣ କରାଯାଇପାରିବ । ଅପରପକ୍ଷରେ ଧାନ, ମକା, ଆଖୁ ଭଳି ଫସଲ ଇଥାନଲ୍ ଉତ୍ପାଦନରେ ଅଧିକରୁ ଅଧିକ ଉପଯୋଗ ହେଲେ ଖାଉଟି ବଜାରରେ ଖାଦ୍ୟଶସ୍ୟର ଉପଲବ୍ଧତା ଓ ମୂଲ୍ୟ ଉପରେ ପ୍ରଭାବ ପଡ଼ିବାର ଆଶଙ୍କା ବହୁଗୁଣିତ ହେବ । ଏହି ସବୁ ଶସ୍ୟ ଅଧିକ ଜଳ ଆବଶ୍ୟକ କରୁଥିବାରୁ ଦେଶରେ ଭୂତଳ ଜଳସଙ୍କଟ ସୃଷ୍ଟି ହେବା ଆଶଙ୍କାକୁ ମଧ୍ୟ ଏଡ଼ାଇ ଦେଇ ହେବ ନାହିଁ । ଭାରତର ନୀତି ନିର୍ଦ୍ଧାରକଙ୍କ ପାଇଁ ସାମ୍ପ୍ରତିକ ଇଥାନଲ୍ ବୋଝ ଏହି ଶିକ୍ଷା ଦେଇଛି ଯେ ଉତ୍ପାଦନ କ୍ଷମତା ବଢ଼ାଇବା ପୂର୍ବରୁ ବଜାରର ସ୍ଥିତି, ସୁଯୋଗ ଓ ସମ୍ଭାବନାର ଆକଳନ ଅତ୍ୟାବଶ୍ୟକ ଥିଲା ।

ଭାରତ ଭଳି ବିଶ୍ୱର ସର୍ବବୃହତ୍ ଜନସଂଖ୍ୟା ବିଶିଷ୍ଟ ଦେଶ ପାଇଁ ଏଭଳି ଏକ ଇଥାନଲ୍ ନୀତି ଆବଶ୍ୟକ, ଯେଉଁଥିରେ ଶକ୍ତି ସୁରକ୍ଷା ସହିତ ଖାଦ୍ୟ ସୁରକ୍ଷା ଓ ଜଳ ସୁରକ୍ଷାକୁ ମଧ୍ୟ ସମାନ ଗୁରୁତ୍ୱ ମିଳିବ । ଆହୁରି ମଧ୍ୟ ଦ୍ୱିତୀୟ ପିଢ଼ିର ଇଥାନଲ୍ ଉତ୍ପାଦନ ଦିଗରେ ନୀତି ନିର୍ଦ୍ଧାରକମାନେ ବିଚାର କରିବା ଆବଶ୍ୟକ, ଯେଉଁଥିରେ କୃଷିବର୍ଜ୍ୟ ଓ ଅନ୍ୟାନ୍ୟ ଜୈବ ଅବଶିଷ୍ଟରୁ ଇଥାନଲ୍ ଉତ୍ପାଦନ ହୋଇପାରିବ । ଏହା ଖାଦ୍ୟଶସ୍ୟ ଉପରେ ଚାପ ହ୍ରାସ ସହ ଉଦ୍‌ବୃତ୍ତ କୃଷିବର୍ଜ୍ୟକୁ ଆୟର ଉତ୍ସରେ ପରିଣତ କରିପାରିବ । ସେହିପରି ଇଥାନଲ୍‌କୁ କେବଳ ପେଟ୍ରୋଲ୍‌ରେ ମିଶ୍ରଣ ଲକ୍ଷ୍ୟରେ ସୀମିତ ନରଖି ରାସାୟନିକ ଶିଳ୍ପ, ଔଷଧ, ଜୈବ ଉତ୍ପାଦ ଆଦିରେ ଏହାର ବ୍ୟବହାର ଦିଗରେ ନୂଆ ବିକଳ୍ପ ଚିନ୍ତା କରିବାକୁ ହେବ । ରପ୍ତାନି ବଜାରର ସମ୍ଭାବନା ମଧ୍ୟ ଖୋଜିବା ଆବଶ୍ୟକ । ଅନ୍ୟ ଦୃଷ୍ଟିରେ ଇଥାନଲ୍ ବଳକା ସମସ୍ୟା ଭାରତ ପାଇଁ ସଙ୍କଟ ସହିତ ସୁଯୋଗ ଆଣିଛି । ଇଥାନଲ୍‌କୁ କଞ୍ଚାମାଲ୍ ରୂପେ ବିଚାର କରି ବିଶ୍ୱ ବଜାରରେ ପ୍ରବେଶ କରିବା ଭାରତ ପାଇଁ ଏହା ପ୍ରକୃଷ୍ଟ ସୁଯୋଗ । ଏଥିପାଇଁ କିନ୍ତୁ ଉତ୍ପାଦର ମାନ, ମୂଲ୍ୟ, ଆନ୍ତର୍ଜାତିକ ମାନଦଣ୍ଡ ଓ ବାଣିଜ୍ୟ ନୀତି ମଧ୍ୟରେ ସମନ୍ୱୟ ଆବଶ୍ୟକ । ଏହି ନୀତିଗତ ସନ୍ତୁଳନ ଓ ସମନ୍ୱୟ ହିଁ ଭାରତର ଇନ୍ଧନ ଅର୍ଥନୀତିକୁ ଦୀର୍ଘକାଳୀନ ସମୟରେ ସଫଳତା ଦେଇପାରିବ ।

ସାମ୍ପ୍ରତିକ ପୃଷ୍ଠଭୂମିରେ ଭାରତର ଇଥାନଲ୍ ନୀତିକୁ 'ଅଧିକ ଉତ୍ପାଦନ'ରୁ 'ସନ୍ତୁଳିତ ବଜାର' ଦିଗକୁ ପରିବର୍ତ୍ତନ ହେବା ଆବଶ୍ୟକ । ଭବିଷ୍ୟତର ଚାହିଦା, ଯାନବାହନ ପ୍ରଯୁକ୍ତି, ଶିଳ୍ପ ବ୍ୟବହାର ଓ ରପ୍ତାନି ସମ୍ଭାବନାକୁ ଏକାଠି ରଖି ଉତ୍ପାଦନ କ୍ଷମତାର ଯୋଜନା କରିବାକୁ ପଡ଼ିବ । ନଚେତ ସରକାରୀ ପ୍ରୋତ୍ସାହନରେ ଗଢ଼ିଉଠିଥିବା ଅନେକ କାରଖାନା ନିଜ କ୍ଷମତା ଅନୁଯାୟୀ ବଜାର ନପାଇ ଆର୍ଥିକ ଚାପରେ ରୁଗ୍‌ଣ ଶିଳ୍ପରେ ପରିଣତ ହୋଇ ଦେବାଳିଆ ହୋଇପାରନ୍ତି । ଇଥାନଲ୍ ଭାରତର ଜଳବାୟୁ ଓ ଶକ୍ତି ସୁରକ୍ଷା ନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । କୃଷକ, ଉପଭୋକ୍ତା, ଶିଳ୍ପ ଓ ସରକାରଙ୍କ ଆର୍ଥିକ ନୀତି ସହିତ ଏହା ସହିତ ଜଡ଼ିତ । ତେଣୁ ଆଜିର ବଳକା ସମସ୍ୟାକୁ ସାମୟିକ ବଜାର ଅସୁବିଧା ଭାବେ ନଦେଖି ଭବିଷ୍ୟତ ଇଥାନଲ୍ ନୀତିର ପୁନଃସମୀକ୍ଷାର ସଙ୍କେତ ଭାବେ ଗ୍ରହଣ କରିବା ଦରକାର । ଭାରତ ଏଥିରୁ ଶିକ୍ଷା ଲାଭ କଲେ ଭଲ । ●

## ଫୋନ ପେ ଚଡ଼କ: ଉପଭୋକ୍ତା ମଡ଼କ

ଡ. ନିରଞ୍ଜନ ସାହୁ

ପ୍ରାୟ ଦଶବର୍ଷ ତଳେ 'ନ୍ୟାସନାଲ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ(ଏନ୍‌ପିସିଆଇ)'ଙ୍କ ଦ୍ୱାରା ଡିଜିଟାଲ ପେମେଣ୍ଟର ଯୁଗ ଆରମ୍ଭ ହୋଇଥିଲା ଭାରତରେ । ଏହାକୁ 'ୟୁନାଇଟେଡ୍ ପେମେଣ୍ଟ ଇଣ୍ଟରଫେସ'(ୟୁପିଆଇ) ବୋଲି କୁହାଯାଉଥିଲା । ମାତ୍ର ଗାଁ ଗହଳିଠାରୁ ସହରଯାଏଁ ସମସ୍ତେ 'ଫୋନ ପେ' ଭାବରେ ଏହାକୁ ଜାଣିଥିଲେ । ଏହା ଫଳରେ ଟଙ୍କା ପଇସା ବଦଳରେ ଆକାଉଣ୍ଟରୁ ଆକାଉଣ୍ଟକୁ ସହଜରେ ରାଶି ହସ୍ତାନ୍ତରିତ ହୋଇପାରିଲା, ଯାହା ଆଗରୁ କେବେ ଚିନ୍ତା କରାଯାଇନଥିଲା । କି ଦିନ କି ରାତି, କି ପର୍ବପର୍ବାଣୀ କି ଛୁଟିଦିନ ସବୁଦିନ ସବୁସମୟରେ ଟଙ୍କା ହସ୍ତାନ୍ତର ହୋଇପାରିଥିଲା । ଏହାକୁ ସ୍ୱାଧୀନୋତ୍ତର ଭାରତର ସବୁଠୁ କ୍ରାନ୍ତିକାରୀ ବାଣିଜ୍ୟିକ ପଦକ୍ଷେପ ବୋଲି ବାହାବା ନେଇଥିଲେ କେନ୍ଦ୍ରସରକାର । ଏହାର ସୁବିଧା ବଖାଣିଥିଲେ କେତେ ଆନ୍ତଃରାଜ୍ୟ ଓ ଅନ୍ତର୍ଜାତୀୟ ବୈଠକ ଓ ସମ୍ମିଳନୀରେ ।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏଇ ଅର୍ଥକାରବାରରେ କିଛି ଦେୟ ପଡୁ ନ ଥିଲା । ମାତ୍ର ଏବେ କେନ୍ଦ୍ର ସରକାର ୟୁପିଆଇ ଦେଣନେଣରେ ଅକ୍ଟୋବର ପନ୍ଦର ତାରିଖରେ ଟିକସ ଲଗେଇବେ ବୋଲି ଘୋଷଣା କଲାଦିନରୁ ଯେତେ ବିତର୍କ ସୃଷ୍ଟି ହେଲାଣି ତାହା ଯେମିତି ମୁହେଁଇଛି ବିପରୀତ ନଦୀର ସୁଅ ପରି । ସରକାର କହୁଛନ୍ତି ଏହି ନୂଆ ମାଧ୍ୟମଟି ଏତେ ଲୋକପ୍ରିୟ ହେବା ଫଳରେ ଏଥିରେ କିପରି ସାଇବର ସୁରକ୍ଷାକୁ ଅଧିକ କଡ଼ାକଡ଼ି କରାଯାଇପାରିବ ତାହାକୁ ଧ୍ୟାନରେ ରଖାଯାଇଛି, ଯାହା ଅଧିକ ବ୍ୟୟସାପେକ୍ଷ । ଦ୍ୱିତୀୟ କଥା ହେଲା ଲୋକମାନେ ସୁବିଧାତକ ପାଇଥିବା ବେଳେ ସେଥିରେ ଯେଉଁ ଖର୍ଚ୍ଚ ହେଉଛି ତାହା ଦିନକୁ ଦିନ ଭରଣା କରିବା ଦରକାର ପଡୁଛି । ମୋଟ କାରବାରର ଶତକଡ଼ା ଛୟାନବେ ଭାଗ ଦୁଇହଜାର ଟଙ୍କାରୁ କମ୍ ଦେୟ ବିଶିଷ୍ଟ କାରବାର ହୋଇଥିବାରୁ ଗରିବ ଖାଉଟିମାନଙ୍କୁ ଏଥିରୁ ବାଦ୍ ଦିଆଯାଇଛି । ମାତ୍ର ତା'ଠାରୁ ଅଧିକ ଦେୟ ବିଶିଷ୍ଟ କାରବାରରେ ଶତକଡ଼ା ଶୂନ୍ୟ ଦଶମିକ ଚାରି ହିସାବରେ ଟିକସ ଦେବାକୁ ପଡ଼ିବ ।

ସବୁବେଳେ ସରକାରୀ ହିସାବଗୁଡ଼ିକ ବାହାରକୁ ଚକାଚକ ଲାଗେ । ମାତ୍ର ଯଦି ପ୍ରଶ୍ନ କରାଯାଏ ଶହେରୁ ଚାରିପ୍ରତିଶତ ଦୁର୍ଘଟଣା ହେଲେ ତାହାକୁ କେହି ନିରାପତ୍ତାର ପ୍ରମାଣପତ୍ର ବୋଲି ଗ୍ରହଣ କରିବେ କି? ଦ୍ୱିତୀୟତଃ, ବ୍ୟବସାୟୀମାନେ ଅଧିକ ଖର୍ଚ୍ଚକୁ ଭରଣା କରିବେ ବୋଲି ସରକାରୀ କୈଫିୟତ ଗ୍ରହଣଯୋଗ୍ୟ ଲାଗୁନାହିଁ । ଏହାଫଳରେ ବ୍ୟବସାୟୀମାନେ ପରୋକ୍ଷରେ ପୁଣି ୟୁପିଆଇକୁ ଶୀତଳଭଣ୍ଡାରରେ ରଖି ଆଉ ଥରେ ନଗଦ ଟଙ୍କା ବ୍ୟବହାରକୁ ଆପଣେଇବେ ବୋଲି ଇଙ୍ଗିତ ଦେଲେଣି । ଅର୍ଥାତ୍, ବାରବର୍ଷର ତପସ୍ୟା ପୁଣି ଶୁଖୁଆପୋଡ଼ାରେ ଯିବାକୁ ବସିଛି । ଯାହାପାଇଁ କେନ୍ଦ୍ର ସରକାର ଏତେ ପ୍ରଶଂସା ଗୋଟାଉଥିଲେ ତାହାର ଗୁମର ପଦାରେ ପଡ଼ିଛି । ଗତବର୍ଷ ଏପରି ସମ୍ଭାବନା ସାମାଜିକ ଗଣମାଧ୍ୟମରେ ପ୍ରକାଶିତ ହେଲାପରେ ସ୍ପଷ୍ଟୀକରଣ ଦେଇ କେନ୍ଦ୍ର ଅର୍ଥମନ୍ତ୍ରୀ ତାହା ଗୁଜବ ବୋଲି ଘୋଷଣା କରିଥିଲେ । ମାତ୍ର ଏବେକାର ସରକାରୀ ଘୋଷଣା ପ୍ରମାଣ କରିଦେଲା ଯେ ତାଙ୍କ କଥାରେ ବାସ୍ତବତା କେତେ ।

କିଛିବର୍ଷ ତଳେ ଆମ୍ବାନୀ ପରିଚାଳିତ ରିଲାଏନ୍‌ସ ଟେଲିକମ୍ ସେକ୍ଟରକୁ ପ୍ରବେଶ କଲା ବେଳେ ଗୋଟିଏ ନୂଆ ନାମ ବାଛିଥିଲେ । ତାହା ଥିଲା ଜିଓ । ଉପଭୋକ୍ତାଙ୍କର ମନ ଜିତିବା ପାଇଁ ପ୍ରଥମେ ସେମାନେ ବର୍ଷକ ପାଇଁ ବିନା ଶୁଳ୍କରେ ସୁବିଧା ପ୍ରଦାନ କରିଥିଲେ । ମୋବାଇଲ ଫୋନ୍‌ରେ ବିନା ଖର୍ଚ୍ଚରେ ସୁବିଧାତକ ଉପଲବ୍ଧି କରିବା ଥିଲା ଗ୍ରାହକଙ୍କ ପାଇଁ ଅତିଖୁସିର ସମୟ । କ୍ରମେ ଯେତେବେଳେ ସେମାନେ ବ୍ୟବହାରର ଉପାଦେୟତା ବୁଝିଲେ ଆଉ ତାହାକୁ ଛାଡ଼ିବା ଥିଲା ଏକରକମର ଅସମ୍ଭବ । ସେତିକିବେଳେ ରିଲାଏନ୍‌ସ ଜିଓ ତାଙ୍କର ଅସଲ ରୂପ ଦେଖେଇଲେ ଶୁଳ୍କ ବଢ଼ାଇ । ଅଭ୍ୟାସ ବଦଳେଇ ପାରି ନ ଥିଲେ ଉପଭୋକ୍ତାମାନେ ଏବଂ କିଛିକାଳ ଏକଚାଟିଆ କାରବାର କରିବାର ସୁଯୋଗ ପାଇଲା ଜିଓ । ବର୍ତ୍ତମାନର କେନ୍ଦ୍ର ସରକାର ଭାବୁ ନାହାନ୍ତି ତ ୟୁପିଆଇର ସୁବିଧା ଦଶବର୍ଷ କାଳ ଉପଯୋଗ କରିବା ଭିତରେ ସମଗ୍ର ଦେଶର ଉପଭୋକ୍ତାମାନେ ଏକଦମ ଅଭ୍ୟାସରେ ପଡ଼ିଯାଇଛନ୍ତି? ଆଉ ଏତିକି ବେଳେ ତା'କୁ ଦେୟଯୁକ୍ତ କଲେ ସେମାନେ ସେଥିରୁ ଆଉ ନିଜକୁ ମୁକୁଳେଇ ପାରିବେ ନାହିଁ । ଅକ୍ଟୋପସର ପଞ୍ଝା ଭିତରେ ଶିକାର ଥରେ ପଶିଗଲେ କିମ୍ବା ବୁଢ଼ିଆଣୀର ଜାଲ ଭିତରୁ କୌଣସି କୀଟପତଙ୍ଗ ଯେମିତି ଫେରିପାରେ ନାହିଁ, ସେମିତି ଅବଶ୍ୟାମ୍ଭାବୀ ପରିସ୍ଥିତି ହେବନାହିଁ ତ!

ଦଶବର୍ଷ ତଳେ ଯେତେବେଳେ ପ୍ରଥମେ ୟୁପିଆଇର ପ୍ରଚଳନ ହେଲା ସେତେବେଳେ ବର୍ଷକୁ ହୁଏତ ଦଶକୋଟି ଟଙ୍କାର କାରବାର ହୋଇଥିଲା । ମାତ୍ର ଗତ ମାସରେ (ଅଗଷ୍ଟ୨୦୨୬) ଏହା ମାଧ୍ୟମରେ ଯେଉଁ ଅସୀମ ରାଶିର କାରବାର ହୋଇଛି, ତାହାର ପରିମାଣ ତିରିଶ ଲକ୍ଷ କୋଟି ଟଙ୍କା ପାଖାପାଖି । ୟୁପିଆଇ ଫଳରେ ବାଣିଜ୍ୟ ବ୍ୟବସାୟ ମାତ୍ରାଧିକ ଭାବରେ କାୟାବିସ୍ତାର କରିଛି ଏବଂ ସାରା ପୃଥିବୀରେ ଏଇ ମୁଦ୍ରାବିହୀନ କାରବାର ବିକଶିତ ଦେଶସମୂହକୁ ବି ସ୍ତବ୍ଧ କରିଛି । କ୍ରମବର୍ଦ୍ଧିଷ୍ଣୁ ଏହି ଡିଜିଟାଲ ଭିତ୍ତିଭୂମିକୁ ସମୟ ଉପଯୋଗୀ, ବିଶ୍ୱସନୀୟ ଓ ବିଶ୍ୱସ୍ତରୀୟ ଭାବରେ କ୍ରମାଗତ ବଢ଼େଇ ରଖିବା ଏକ ପ୍ରଚଣ୍ଡ ଆହ୍ୱାନ । ତା' ସାଙ୍ଗକୁ ଆଧୁନିକ ଯୁଗରେ ସାଇବର ଠକମାନଙ୍କ ହାବୁଡ଼ରୁ ସାଧାରଣ ଗ୍ରାହକଙ୍କୁ ରକ୍ଷା କରିବା ମଧ୍ୟ ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହା ବହୁ ଅର୍ଥ ଆବଶ୍ୟକ କରେ ଏଥିସହିତ ସଂଯୁକ୍ତ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପର୍କିତ ଖର୍ଚ୍ଚ ଭରଣା କରିବାକୁ । ତେଣୁ ଏହି ପ୍ରଯୁକ୍ତି ବିଦ୍ୟାକୁ କ୍ରମାଗତ ଚଳେଇ ରଖିବା ପାଇଁ ବହୁ ଅର୍ଥର ଆବଶ୍ୟକତା ରହିଛି - ଏହାକୁ ଅସ୍ୱୀକାର କରାଯାଇପାରିବ ନାହିଁ । ଏଥିରେ କେତେ ଅର୍ଥର ଆବଶ୍ୟକତା ତାହା ସରକାରଙ୍କ ତରଫରୁ କେବେ ପ୍ରକାଶିତ ହୋଇନାହିଁ । ମାତ୍ର ଯେଉଁ ଦେୟ 'ମର୍ଚ୍ଚାଣ୍ଟ ଡିଫେରେନ୍ସିଆଲ୍ ରେଟ୍(ଏମ୍‌ଡିଆର)' ଭାବରେ ବ୍ୟବସାୟୀଙ୍କଠାରୁ ଆଦାୟ କରାଯିବ ତାହା ଏକ ଆକଳନ ଅନୁଯାୟୀ ବାର୍ଷିକ ପନ୍ଦରରୁ ଷୋହଳ ହଜାର କୋଟି ଟଙ୍କା । ବ୍ୟବସାୟୀମାନେ ଏହି ଅତିରିକ୍ତ ଦେୟ ପାଇଁ କାଳେ ଜିନିଷର ଦରବୃଦ୍ଧି କରିବେ, ସେଥିରେ ସରକାର ତୀକ୍ଷ୍ଣ ନଜର ରଖିବେ, ଏହା ମଧ୍ୟ ଖର୍ଚ୍ଚର ପରିମାଣକୁ ବଢ଼ାଇପାରେ ।

ମାଗଣା ଖାଇଲେ ଏକରକମର ପରଜୀବୀ ମନୋଭାବ ସୃଷ୍ଟି ହୁଏ । ଏହାସବୁ ଅର୍ଥନୀତିଜ୍ଞଙ୍କ ମତ । ତା'ର ନିରାକରଣ କରିବାକୁ କ'ଣ ସରକାର ଆଗ୍ରହୀ? ଏହା ଯଦି ସତ ହୋଇଥାଏ ତା'ହେଲେ ପିଏମ୍‌କିଷାନ ଯୋଜନା, ଅନ୍ତ୍ୟୋଦୟ ଅନ୍ନ ଯୋଜନା, ସୁଭଦ୍ରା ଯୋଜନା ପରି ଆହୁରି ଅନେକ ଯୋଜନା ନାଁରେ ସରକାର ଯେଉଁ ମାଗଣା ଟଙ୍କା ଓ ଖାଦ୍ୟଦ୍ରବ୍ୟ ବଣ୍ଟନ କରୁଛନ୍ତି ତାହା କ'ଣ ବନ୍ଦ କରିବେ? ଯଦି ଭୋଟ ରାଜନୀତିର ବାଧ୍ୟବାଧକତା ତାଙ୍କ ବାଟ ଓଗାଳୁଥାଏ, ତା'ହେଲେ ୟୁପିଆଇ କାରବାର ନାଁରେ ସାମାନ୍ୟ ଅର୍ଥ ସରକାର ପାଇଲେ ମଧ୍ୟ ତାହା ତାଙ୍କର ଜନପ୍ରିୟତାକୁ ଭାଙ୍ଗି ଦେବ ନାହିଁ ତ!

ସରକାର ପ୍ରଥମରୁ କିଛି ସତର୍କତା ଅବଲମ୍ବନ କରିଛନ୍ତି ବୋଲି କୁହାଯାଇପାରିବ । କାରଣ ସବୁ କାରବାର ଉପରେ ବ୍ୟବସାୟୀମାନଙ୍କ ମୁନାଫାରୁ ଏଇ ଦେୟ ଭରଣା ହେବ ବୋଲି କହିବା ବେଳେ ଦୁଇ ହଜାର ଟଙ୍କାରୁ କମ୍ କାରବାର ଉପରେ କୌଣସି ଦେୟ ପଡ଼ିବ ନାହିଁ ବୋଲି କୁହାଯାଇଛି ଏବଂ ଏହା ସର୍ବାଧିକ ତିନିଶହଟଙ୍କାରେ ସୀମିତ ରହିବ ବୋଲି କୁହାଯାଇଛି । ବ୍ୟକ୍ତି-ବ୍ୟକ୍ତିଙ୍କ ଭିତରେ କାରବାରକୁ ଏମ୍‌ଡିଆର ଭିତରେ ଅନ୍ତର୍ଭୁକ୍ତ କରାଯାଇନାହିଁ ଏବଂ ରେଳଟିକଟ, ଟେଲିଫୋନ୍ ଦେୟ, ବିଜୁଳି ଓ ପାଣି ଦେୟକୁ ମଧ୍ୟ ଏହାର ପରିସର ବାହାରେ ରଖାଯାଇଛି । ତୈଳ (ପେଟ୍ରୋଲିୟମ୍) କ୍ରୟ ବେଳେ ପ୍ରତି କାରବାରରେ ମାତ୍ର ପାଞ୍ଚଟଙ୍କା ଦେୟ ନିଆଯିବ ବୋଲି ପ୍ରକାଶିତ ବିଜ୍ଞପ୍ତିରୁ ସୂଚିତ ହୋଇଛି । ମାତ୍ର ଏହା ଲୋକଙ୍କ ଭିତରେ ସୃଷ୍ଟି କରିଛି ଭୟ । 'ଅଙ୍ଗୁଳି ପ୍ରବେଶାତ୍ ବାହୁ ପ୍ରବେଶ' ନ୍ୟାୟରେ ଏବେ ଥରେ ଶୁଳ୍କ ଆଦାୟ ଅନାସକ୍ତ ଭାବରେ କରି ପରେ ତାକୁ ପ୍ରସାରିତ କରିବେ ନାହିଁ ତ ସରକାର? ବ୍ୟବସାୟୀମାନେ କ'ଣ ସତରେ ତାଙ୍କର ଲାଭାଂଶରୁ ଏଇ ଦେୟ ଦେବେ ଏକଥା ସାଧାରଣ ଲୋକଙ୍କ ମଗଜକୁ ପଶୁନାହିଁ ।

ଏହା ଯଦି ସରକାରଙ୍କ ଏକ ବିଶେଷ ଲୋକପ୍ରିୟ କାର୍ଯ୍ୟ ଏହାକୁ ଅନ୍ୟ କୌଣସି ଦିଗରୁ ଭରଣା କରାଯାଇ ପାରନ୍ତା । ସରକାରୀ ବିଜ୍ଞାପନ ନାଁରେ ଶହଶହ କୋଟି ଖର୍ଚ୍ଚ କରୁଥିବା ବେଳେ ବହୁ ସଭାସମିତି ନାଁରେ ଅନେକ ଅପବ୍ୟୟ କରୁଛନ୍ତି ବୋଲି ସାଧାରଣ ଲୋକଙ୍କ ଧାରଣା । ଲୋକଙ୍କ ଭିତରେ ଭୟ ଦୂର କରି ସେମାନଙ୍କ ବିଶ୍ୱାସଭାଜନ ହେଲେ ଯାଇ ଏଇ ଦେୟମୁକ୍ତ ବ୍ୟବସ୍ଥା ହୁଏତ ଚଳିପାରେ । ତା' ନହେଲେ ଏହା ସରକାରଙ୍କ ପାଇଁ ଏକ ଡେମୋକ୍ଲିସ୍ ଖଣ୍ଡା ପରି ଉଭା ହେବ । ●

(ପୂର୍ବତନ ପ୍ରଶାସକ)
ଭୁବନେଶ୍ୱର, ମୋ: ୯୪୩୮୪୮୨୯୧୧

## ମାଗଣାଖିଆ ବନାମ ଲୁଟେରା

ଜଗନ୍ନାଥ ବେହେରା

ଏବେ ଖାଲି ଚାରିଆଡ଼େ ଫ୍ରି । ଆଗରୁ କାନ ଶୁଣୁଥିଲା ଶାଗଖିଆକୁ ଦେଖି ସହି ପାରେନା ପେଜ ଖିଆ । ଏବେ ଶୁଣୁଛୁ 'ମାଗଣାଖିଆ'କୁ ଦେଖି ସହି ପାରୁନାହାନ୍ତି 'କିଣିଖିଆ' । କେମିତି ସହିବ! ଜଣେ କିଣି ଖାଇବି, ଆଉ ଆଉଜଣେ ମାଗଣା? ଲୋକ କହୁଛନ୍ତି ସବୁ ଅଳସୁଆ ହୋଇଗଲେ । ସରକାର ଏବେ ଅଡୁଆରେ । ଦେଲେ ମଲେ ନ ଦେଲେ ତିନି ପାଞ୍ଜିରୁ ଗଲେ । କିନ୍ତୁ ମାଗଣା ମିଳୁଛି କେତେ? ବଳକା ହେଉଛି ନା କିଛି ନିଅଣ୍ଟ? ଲୋକ ତ କହିବେ । କାହା କଥା କାହିଁକି ଶୁଣିବା? ପରୀକ୍ଷାନିରୀକ୍ଷା କରି ଦେଖିବା ସତ କେତେ ମିଛ କେତେ ।



ଜଣେ ଖଟାଉଛି କେବଳ ମୁଣ୍ଡ । କିନ୍ତୁ ଗରିବ ଖଟାଉଛି ସାରା ଦେହ । ଜଣେ ଏସିରେ ବସୁଛି ଆଉଜଣେ ଗଛ ଛାଇକୁ ଆଦରି ନେଇଛି । ଜଣେ ଥଣ୍ଡା ପାଣି ପିଉଛି ଆଉଜଣେ ମୁଣ୍ଡ ଝାଳ ତୁଣ୍ଡେ ଦେଉଛି । ଜଣେ ଛ କୁ ନ କରି ପାରୁଛି ଆଉଜଣେ କିନ୍ତୁ ଛ ନ ବୁଝି ପାରୁନି । ଜଣେ ଅନ୍ଧାରି ବେପାର ଆଉଜଣଙ୍କର ଦିନ ଦିପ୍ରହରରେ କାରବାର । ଜଣେ ଗୋଡ଼ି ମିଶେଇ ଚାଉଳ ଦେଉଛି ଆଉଜଣେ ଗୋଡ଼ି ବାଛି ଖାଉଛି । ଜଣେ ମଦ ବିକି ବିକି ଧନୀ ଆଉଜଣେ ପି ପି ଦରିଦ୍ର । ଜଣେ ସିଗାରେଟ ବିକି ବିକି ପ୍ଲେନରେ ଆଉଜଣେ ଯକ୍ଷ୍ମାରେ ପଡ଼ି ବେଡରେ । ଜଣେ କଥା କହି କହି ନେତା ମନ୍ତ୍ରୀ ଆଉଜଣେ ଶୁଣି ଶୁଣି ଭକୁଆ ଭଲା । ନେତା ହୋଇ ଜଣେ ଦରମା ନିଏ ଆଉଜଣେ ଶ୍ରୋତା ହୋଇ ଡାଲମା ଭାତରେ ଶାନ୍ତି ହୁଏ । ଜଣେ ସାହୁକାର ଆଉଜଣେ ନୌକର । ଜଣେ ନିର୍ଦ୍ଦେଶନା ଦଉଛି ଆଉଜଣେ ନାଚୁଛି । ଜଣେ ଶୁଏ ହାତିଦାନ୍ତ ପଲଙ୍କ ଡନଲପରେ ଆଉଜଣେ ଇଟା ତକିଆ ଦେଇ ମାଟିରେ । ଜଣେ ନିଦ୍ରା ବିମୋହିତ ଆଉଜଣେ ରାତିଦିନ ଅନିଦ୍ରା । ଜଣେ କାର ଚଢ଼ୁଛି ଆଉଜଣେ ରିକ୍ସା ଟାଣୁଛି । ଜଣଙ୍କର ମଟର ସାଇକେଲ,ଆଉଜଣଙ୍କର ସାଇକେଲ । ଜଣଙ୍କର ମେଢ଼ ଉପରେ ମେଢ଼ ଆଉଜଣଙ୍କର ରଙ୍ଗଛଡ଼ା ଇନ୍ଦିରା ଆବାସ । ଜଣଙ୍କର ଗୋଟାଏ ପୁଅ ଆଉଜଣଙ୍କର ପୁଞ୍ଜାଏ । ଜଣଙ୍କର ଦିଟା ରୁଟି ଘିଅ ସାଙ୍ଗରେ ଆଉଜଣଙ୍କର ମୁଠାଏ ଭାତ ତୋରାଣି ସାଥିରେ । ଜଣଙ୍କର କଲିଜା ମାଉଁସ ଆଉଜଣଙ୍କର ମୁଣ୍ଡ ଗୋଡ଼ । ଜଣଙ୍କର ବ୍ୟାଙ୍କ ବାଲାନ୍ସ ଆଉଜଣଙ୍କର ଜନଧନ । ଜଣଙ୍କର ପେଟ ଉପରେ ପେଟ ଆଉଜଣଙ୍କର ପେଟପିଠି ସରଳ । ଜଣେ ଜନ୍ମ ହୋଇଛି ସୁନାର ଚାମଚ ଧରି ଆଉଜଣେ ବୁଢ଼ା ଆଙ୍ଗୁଠି ପାଟିରେ ଦେଇ । ଜଣଙ୍କର ଘରଦ୍ୱାର ସହର ମଧ୍ୟରେ ଆଉଜଣଙ୍କର ଗାଁ ମୁଣ୍ଡରେ । ଜଣଙ୍କ ଦାଣ୍ଡରେ ଚିକ୍କଣ ଚକ ଚକ କଂକ୍ରିଟ ରୋଡ୍ ଆଉଜଣଙ୍କର ଦୁଆରେ ଆଁଠୁଏ କାଦୁଅ । ଜଣେ ଲଢ଼େ ମଣିଷ ସଙ୍ଗେ ଆଉଜଣେ ବାଘ ଭାଲୁ ସାଥିରେ । ଜଣେ ଖାଏ ଚିକେନ ମଟନ ଅଣ୍ଡା, ଆଉଜଣେ ଭାଜି ଖାଏ ଦିଟା କୂଜି ଗେଣ୍ଡା । ଜଣେ ଟିକସ ଫାଙ୍କେ ଆଉଜଣେ ଜିଏସଟି ଭରେ । ଜଣଙ୍କର ପିଲେ ପ୍ରାଇଭେଟ ସ୍କୁଲରେ ଆଉଜଣଙ୍କର ସରକାରୀ ଗୁହାଳରେ । ଜଣଙ୍କର ପୁଅ ଡୋନେଶନ ଦେଇ ଡାକ୍ତର ଆଉଜଣଙ୍କର ପୁଅ ଦେଇ ନପାରି ଝାଡୁଦାର । ଜଣଙ୍କର ପୁଅ କୋଚିଂ ନେଇ ଆଇଏଏସ୍ ଆଉଜଣଙ୍କର ପୁଅ ଗାଁରେ ପଢ଼ି ପିଅନ । ଜଣେ ଚିକିତ୍ସା ପାଏ ବିଦେଶରେ ଆଉଜଣେ ଗଛ ମୂଳ ଚେର ଖାଏ । ଜଣେ ମାଗୁଛି ଚୁପଚାପ ଟେବୁଲ ତଳେ ଆଉଜଣେ ମାଗେ ପାଟି କରି । ଜଣେ ଛୁରୀ ଭୁଜାଲି ଦେଖାଇ କୋଟି କୋଟି ଆଉଜଣେ ହାତ ପାତି ମାଗେ ଚାଉଳ ମୁଠାଟି । ଜଣେ କିଣି ଖାଏ ଆଉଜଣେ ମାଗଣା ଖାଏ ।

ଏବେ କୁହ । କଥା କଥାରେ ଜଣକୁ ଅଙ୍ଗୁଠି ଦେଖାଇବା କେତେ ଦୂର ଠିକ । କ୍ରେତା ଥିଲେ ତ ବିକ୍ରେତା ରହିବ । ସମୟ ପରିସ୍ଥିତି ଆଉ ପରିଶ୍ରମ ହିଁ ସବୁରି ମୂଳ କାରଣ । ରାଜା ହରିଶଚନ୍ଦ୍ର ଦିନେ ମାଗଣା ଖାଉଥିଲେ । ପଞ୍ଚୁ ପାଣ୍ଡବ ଦିନେ ପାଞ୍ଚ ପଡ଼ା ମାଗିଥିଲେ । ରାଜା ଶାସନ ବେଳେ ମନ୍ଦିର ପୂଜାରୀ କୁ ଫ୍ରି । ମନ୍ତ୍ରୀକୁ ଫ୍ରି । କବି ଲେଖକକୁ ଫ୍ରି । ବନ୍ୟା ହେଲେ ମରୁଡ଼ି ପଡ଼ିଲେ ଫ୍ରି । କରୋନା ସମୟରେ ଅନେକ ଉଦାହରଣର ଏହି ଆଖି ସାକ୍ଷୀ ଅଛି । ସୃଷ୍ଟି ଆରମ୍ଭରୁ ଏମିତି ଗୋଟିଏ ଭାରସାମ୍ୟ ରକ୍ଷା ହୋଇ ଆସିଛି । ସବୁ ମାଗଣା ଖିଆ ଯଦି କିଣି ଖିଆ ହୋଇଯିବେ ଚାଷ କିଏ କରିବ? ଇଟା କିଏ ପୋଡ଼ିବ । ରାସ୍ତାରେ କଂକ୍ରିଟ ପଡ଼ିବ କେମିତି? ଘର ତିଆରି କରିବ କିଏ? ଜଙ୍ଗଲ ସାରା ଯଦି ବାଘ ରହିବ, ସମୁଦ୍ର ସାରା ଯଦି ବଡ଼ ମାଛ ରହିବ, କେବଳ ଯଦି ଧାରାଶ୍ରାବଣରେ ହିଁ ଖରା ହେବ ସଂସାର ଚାଲିବ ତ?

ଗରିବ ଭାଇ ଦିଟା ଚାଉଳ, ଟିକେ କରେଣ୍ଟ, ଖଣ୍ଡେ ମୋବାଇଲ, ଗୋଟେ ସାଇକେଲ ନେଇ ଗଲେ କ'ଣ କୋଷ ଖାଲି ହେଇଯାଇଛି? ଆଜି ନହେଲେ କାଲି କିଛି ଗୋଟାଏ ସ୍ଥାୟୀ ସମାଧାନ ନିଶ୍ଚୟ ହେବ । କିଛି କିଛି ବି ଘଟିଲାଣି । ସମୟ ଅନୁସାରେ କମି କମି ଆସୁଛି । ଯେମିତି ଆଜିକାଲି ଭିକାରି ସଂଖ୍ୟାରେ ବିରାଟ ପରିବର୍ତ୍ତନ ଘଟିଛି । କିନ୍ତୁ ଏମିତି ଏ ଫ୍ରି ରାଜନୀତି କେତେ ଦିନ? ●

ନବରଙ୍ଗପୁର, ମୋ: ୯୪୩୭୭୮୫୧୫୮

## ପତ୍ନୀ ରଥୀ, ପତି ସାରଥି

### ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ଦ୍ୱାପର ଯୁଗର କଥା । ସେତେବେଳେ ସାରାସଂସାରରେ ଗଦାଯୁଦ୍ଧରେ ପ୍ରଭୁ ବଳରାମଙ୍କ ସମକକ୍ଷ ଯୋଦ୍ଧା କେହି ନ ଥିଲେ । ତେଣୁ କୌରବ ରାଜକୁମାର ଦୁର୍ଯ୍ୟୋଧନ ତାଙ୍କୁ ଗୁରୁପଦରେ ବରଣ କରି ଗଦା ଯୁଦ୍ଧ ଶିକ୍ଷା କରିଥିଲେ ଏବଂ ସେଥିରେ ପାରଦର୍ଶିତା ଲାଭ କରି ଥିଲେ । ପ୍ରଭୁ ବଳରାମ ତାଙ୍କୁ ବହୁତ ଭଲ ପାଉଥିଲେ । ରାଜା ଧୃତରାଷ୍ଟ୍ର ସେସମୟରେ ପିତାମହ ଭୀଷ୍ମଙ୍କ ବାହୁବଳରେ ଭାରତର ରାଜଚକ୍ରବର୍ତ୍ତୀ ଥିଲେ । ଦୁର୍ଯ୍ୟୋଧନ ଥିଲେ ତାଙ୍କର ଜ୍ୟେଷ୍ଠ କୁମାର । ତେଣୁ ବଳରାମ ନିଜର ଭଉଣୀ ସୁଭଦ୍ରାଙ୍କ ସହ ତାଙ୍କର ବିବାହ କରିବା ପାଇଁ ସ୍ଥିର କରି ସେ ବିଷୟରେ ପରିବାରର ବଡ଼ମାନଙ୍କର ସମ୍ମତି ହାସଲ କରିନେଲେ । କିନ୍ତୁ ଶ୍ରୀକୃଷ୍ଣ ଓ ତାଙ୍କ ରାଣୀମାନେ ଜାଣିଥିଲେ ଯେ ସୁଭଦ୍ରା ମଧ୍ୟମପାଣ୍ଡବ ଅର୍ଜୁନଙ୍କୁ ଭଲ ପାଉଥିଲେ । ଧନୁର୍ଦ୍ଧର ଓ ସୌମ୍ୟ ଦର୍ଶନ ଶ୍ରୀକୃଷ୍ଣଙ୍କର ପ୍ରିୟ ସଖା ଥିଲେ ଏବଂ ତାଙ୍କର ପିଉସୀ ପୁଅ ଭାଇ ଥିଲେ । ତେଣୁ ଦ୍ୱାରକା ରାଜପ୍ରାସାଦକୁ ତାଙ୍କର ଅବାଧ ଯିବାଆସିବା ଥିଲା । ଶ୍ରୀକୃଷ୍ଣ ସେ ଦୁଇ ଜଣଙ୍କ ବିବାହ କରାଇବା ପାଇଁ ଚାହୁଁଥିଲେ । କିନ୍ତୁ ରକ୍ଷଣଶୀଳ ଓ କ୍ଷଣକୋପୀ ବଡ଼ଭାଇଙ୍କ ନିଷ୍ପତ୍ତି ବିରୁଦ୍ଧରେ ଯିବାକୁ ସେ ଚାହୁଁ ନ ଥିଲେ ।

ସୁଭଦ୍ରାଙ୍କ ସହ ଦୁର୍ଯ୍ୟୋଧନଙ୍କ ବିବାହର ଦିନ ସ୍ଥିର ହୋଇଗଲା । ଦିନେ ସୁଭଦ୍ରା ନିଭୃତରେ ଅର୍ଜୁନଙ୍କ ପାଖକୁ ଯାଇ ତାଙ୍କୁ ନେଇ ଚାଲି ଯିବାକୁ ଅଳି କଲେ । ଏହା ଶୁଣି ଅର୍ଜୁନ ଅନେକ ଚିନ୍ତା କଲା ପରେ କହିଲେ, 'ଦେବୀ! ମୁଁ ସଖା ଶ୍ରୀକୃଷ୍ଣଙ୍କୁ ଯେତିକି ଭଲ ପାଏ, ଭାଇ ବଳରାମଙ୍କୁ ସେତିକି ସମ୍ମାନ କରେ । ତାଙ୍କ ଇଚ୍ଛା ବିରୁଦ୍ଧରେ ଯିବା ମୋ ପକ୍ଷେ ଅସମ୍ଭବ । ତାଙ୍କର ଅସନ୍ତୋଷ ଆମର ଦାମ୍ପତ୍ୟ ଜୀବନକୁ କେବେ ହେଲେ ସୁଖମୟ କରିବ ନାହିଁ ।' ଏହାପରେ ସୁଭଦ୍ରା ସାନ ଭାଇଙ୍କ ପାଖକୁ ଯାଇ ମନକଥା କହିଲେ । ଗୋବିନ୍ଦ ମନ୍ଦ ମନ୍ଦ ହସି କହିଲେ, 'ସୁଭଦ୍ରା! ଅର୍ଜୁନ ଠିକ କହୁଛି । ସେ କ'ଣ, ମୁଁ ମଧ୍ୟ ବଡ଼ଭାଇଙ୍କ ନିଷ୍ପତ୍ତି ବିରୁଦ୍ଧରେ ଯିବା ପାଇଁ ପ୍ରସ୍ତୁତ ନାହିଁ । କିନ୍ତୁ ଗୋଟିଏ ବାଟ ଅଛି । ତୁ ତ ରଥ ଚାଳନାରେ ଧୂରନ୍ଧର । ତୁ ଅର୍ଜୁନକୁ ଅପହରଣ କରିବାର ନାଟକ କରିବୁ । ଆଜି ରାତିରେ ତାକୁ ନେଇ ରଥରେ ଦ୍ୱାରକା ସୀମା ବାହାରକୁ ଚାଲି ଯିବୁ ଏବଂ ଗୋପନରେ ବିବାହ କରି ନେବୁ । ଏଥିରେ ଦୋଷୀ ହେବୁ ତୁ । କିନ୍ତୁ ଭାଇ ତୋତେ ଭଲ ପାଉଥିବାରୁ କିଛିଦିନ ଅନ୍ତେସେ ତୋର ବିବାହକୁ ସ୍ୱୀକାର କରି ନେବେ । ସେ ଦାୟିତ୍ୱ ମୋ ଉପରେ ଛାଡ଼ି ଦେ । ଆଉ ଗୋଟେ କଥା । ତୁ ଆଜି ସାରଥି ହେବୁ ଆଉ ଅର୍ଜୁନ ରଥୀ ହେବ । ତା'କୁ କହିବୁ କଳିଯୁଗରେ ସେ ତୋର ଏ ଋଣ ପରିଶୋଧ କରିବ । ସେତେବେଳେ ଆମେ ଭାଇ ଓ ସୁଦର୍ଶନଙ୍କ ସହ ନୀଳାଚଳରେ ଆରାଧିତ ହେବା । ଆଷାଢ଼ ମାସରେ ଆମେ ନବ ଦିନ ପାଇଁ ଗୁଣ୍ଡିଚା ମନ୍ଦିରକୁ ରଥରେ ଯାତ୍ରା କରିବା । ସେତେବେଳେ ଅର୍ଜୁନ ତୋ ରଥର ସାରଥି ଦାୟିତ୍ୱ ନିର୍ବାହ କରିବ ।'

ସେଦିନ ରାତିରେ ସୁଭଦ୍ରା ଅର୍ଜୁନଙ୍କୁ ଅପହରଣ କରିବାର ନାଟକ ଦ୍ୱାରକାରେ ଅଭିନୀତ ହେଲା । ସକାଳକୁ ରାଜମହଲରେ ସୁଭଦ୍ରା ନ ଥିଲେ ଏବଂ ଅତିଥି ଭବନରେ ଅର୍ଜୁନ ନ ଥିଲେ । ଲୋକେ କୁହା କୁହି ହେଲେ ଯେ ଅର୍ଜୁନ ସୁଭଦ୍ରାଙ୍କୁ ଅପହରଣ କରି ନେଇଗଲେ । ଖବରଟା ପ୍ରଭୁ ବଳରାମଙ୍କ ଶ୍ରୀଅଙ୍ଗରେ ନିଆଁ ଲଗେଇ ଦେଲା । ସେତତ୍‌କ୍ଷଣାତ୍ ଭାବି ନେଲେ ଯେ ଏ ଘଟଣା ପଛରେ ନିଶ୍ଚୟ କାହ୍ନାର ହାତ ଅଛି । କାରଣ ସେ ଜାଣିଥିଲେ ଯେ କାହ୍ନା ଅର୍ଜୁନକୁ ଯେତିକି ଭଲ ପାଉଥିଲେ, ତା' ଠାରୁ ବେଶୀ ଦୁର୍ଯ୍ୟୋଧନକୁ ନାପସନ୍ଦ କରୁଥିଲେ । ତେଣୁ କାହ୍ନା ପାଖକୁ ଯାଇ କ୍ରୋଧିତ ହୋଇ ଏ ବିଷୟରେ ପଚାରିବାରୁ ଶ୍ରୀକୃଷ୍ଣ କହିଲେ, ଭାଇ! ଅର୍ଜୁନ ସୁଭଦ୍ରାକୁ ନୁହେଁ, ସୁଭଦ୍ରା ଅର୍ଜୁନକୁ ଅପହରଣ କରିଛି । ଆପଣ ଧ୍ୟାନ ବଳରେ ଦେଖିଲେ ସବୁ ଜାଣି ପାରିବେ ।' ପ୍ରଭୁ ବଳରାମ ଧ୍ୟାନସ୍ଥ ହେଲେ । ତା' ପରେ କହିଲେ, 'ଆରେ ସତେ ତ! ସୁଭଦ୍ରା ବିଜୁଳି ରଥ ଚାଳନା କରୁଛି ଓ ଅର୍ଜୁନ ଚୁପଚାପ ରଥରେ ବସିଛି । କିନ୍ତୁ ଏ ସବୁ ତୋରି ବୁଦ୍ଧି, ତୋରି କାଣ୍ଡ । ଜଣେ ବର୍ତ୍ତମାନ କୌରବମାନଙ୍କୁ ମୁହଁ ଦେଖେଇବି କେମିତି?' ଶ୍ରୀକୃଷ୍ଣ କହିଲେ, 'ଭାଇ! ସୁଭଦ୍ରା ଅର୍ଜୁନକୁ ଭଲପାଏ । ସେ ଦୁର୍ଯ୍ୟୋଧନକୁ ବିବାହ କରିବାକୁ ଚାହେଁନାହିଁ । ଆମର ଏକ ମାତ୍ର ଭଉଣୀର ଖୁସି ଆମର ଖୁସି ନା ନାହିଁ? ଆପଣ ସୁଭଦ୍ରାକୁ କେତେ ଭଲପାଆନ୍ତି ସେକଥା ସେ ଓ ମୁଁ ଜାଣୁ । ଆମେ ଜାଣୁ ଆପଣ ତା'କୁ କ୍ଷମା କରିଦେବେ ।' ବଡ଼ଭାଇ ବୁଝିଗଲେ । ଅର୍ଜୁନଙ୍କ ସହ ସୁଭଦ୍ରାଙ୍କ ବିବାହ ସଂପନ୍ନ ହେଲା । ଦ୍ୱାପର ଯାଇ କଳିଯୁଗ ଆସିଲା । ସୁଭଦ୍ରାଙ୍କୁ ଦେଇଥିବା କଥାନୁସାରେ ଘୋଷଯାତ୍ରା ସମୟରେ ଅର୍ଜୁନ ସୁଭଦ୍ରାଙ୍କ ଦର୍ପଦଳନ ରଥର ସାରଥି ଦାୟିତ୍ୱ ନିର୍ବାହ କରୁଛନ୍ତି । ●

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ଆଉଜଣେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ଆଉଜଣେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ

## ସବୁ ନଦୀରେ ଖସୁଛି ପାଣି — ବନ୍ୟା ମୁକାବିଲାରେ ୪୩ ଓଡ୍ରାଫ୍-ଏନ୍‌ଡିଆର୍‌ଏଫ୍ ଟିମ୍; ୪ ଜିଲ୍ଲାକୁ ୧୦ କୋଟି

ଭୁବନେଶ୍ୱର, ୨୯।୯(ସମିସ): ବର୍ଷା କମିବା ସହ ରାଜ୍ୟରେ ବନ୍ୟା ପରିସ୍ଥିତିରେ ସୁଧାର ଆସିଛି। ବିଭିନ୍ନ ନଦୀରେ ଏବେ ବି ଉଚ୍ଛୁଳା ପାଣି ପ୍ରବାହିତ ହେଉଥିଲେ ମଧ୍ୟ ଜଳସ୍ତର ଧୀରେ ଧୀରେ ହ୍ରାସ ପାଉଛି। ତେବେ ସମ୍ଭାବ୍ୟ ଆପତ୍‌କାଳୀନ ସ୍ଥିତି ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ୩୬ ଓଡ୍ରାଫ୍ ଓ ୭ ଏନ୍‌ଡିଆର୍‌ଏଫ୍ ଟିମ୍ ସମେତ ୪୩ଟି ଟିମ୍ ମୁତୟନ କରାଯାଇଛି।

ବାଲେଶ୍ୱରରେ ସର୍ବାଧିକ ୧୪ଟି ଟିମ୍ ମୁତୟନ ହୋଇଥିବା ବେଳେ ଭଦ୍ରକରେ ୯, କୋରାପୁଟ ଓ ଯାଜପୁରରେ ୪ଟି ଲେଖାଏଁ, ଜଗତସିଂହପୁରରେ ୩ ଏବଂ ନବରଙ୍ଗପୁରରେ ୨ଟି ଟିମ୍ ନିୟୋଜିତ ଅଛନ୍ତି। ଏଥିସହ ଓଏସ୍‌ଏପି ୬ଷ୍ଠ ବାଟାଲିୟନ, କଟକ ଏବଂ ଏନ୍‌ଡିଆର୍‌ଏଫ୍ ୩ୟ ବାଟାଲିୟନ, ମୁଣ୍ଡଳୀରେ ରିଜର୍ଭ ଟିମ୍ ପ୍ରସ୍ତୁତ ରଖାଯାଇଛି। ଉଦ୍ଧାର, ସ୍ଥାନାନ୍ତର ଓ ଜରୁରୀକାଳୀନ ସହାୟତା ପାଇଁ ଏହି ଟିମ୍‌ଗୁଡ଼ିକୁ ପ୍ରସ୍ତୁତ ରଖାଯାଇଛି।

ଅନ୍ୟପକ୍ଷରେ ବନ୍ୟା ପରବର୍ତ୍ତୀ ସହାୟତା ଓ କ୍ଷତିପୂରଣ ପାଇଁ ଏସ୍‌ଡିଆର୍‌ଏଫ୍ ପାଣ୍ଠିରୁ ୪ ଜିଲ୍ଲାକୁ ୧୦ କୋଟି ଟଙ୍କା ଦିଆଯାଇଛି। ନବରଙ୍ଗପୁରକୁ ୫ କୋଟି, ଗଞ୍ଜାମ ଓ ଗଜପତିକୁ ୨ କୋଟି ଲେଖାଏଁ ଏବଂ ଝାରସୁଗୁଡ଼ାକୁ ୧ କୋଟି ଟଙ୍କା ମଞ୍ଜୁର ହୋଇଛି। ଘର ଭାଙ୍ଗିବା ଓ ଫସଲ କ୍ଷୟକ୍ଷତି ବାବଦରେ ଏହି ଅର୍ଥରୁ ସହାୟତା ଦିଆଯିବ।

ବର୍ଷା ଓ ବନ୍ୟାରେ ବାଲେଶ୍ୱର, ନବରଙ୍ଗପୁର, ଯାଜପୁର, ଭଦ୍ରକ, ସମ୍ବଲପୁର, ବରଗଡ଼, କନ୍ଧମାଳ ଓ ଜଗତସିଂହପୁରର କେତେକ ଅଞ୍ଚଳ ପ୍ରଭାବିତ ହୋଇଛି। ବାଲେଶ୍ୱରର ୬ ବ୍ଲକ୍, ୭୨ ପଞ୍ଚାୟତ ଓ ୪୭୯ ଗ୍ରାମର ୪୮,୫୬୦ ଜଣ ପ୍ରଭାବିତ ହୋଇଛନ୍ତି। ଭଦ୍ରକର ୫ ବ୍ଲକ୍, ୫୭ ପଞ୍ଚାୟତ ଓ ୧୭୨ ଗ୍ରାମର ୧୮,୬୯୧ ଜଣ ପ୍ରଭାବିତ ହୋଇଛନ୍ତି। ଯାଜପୁରର ୨ ବ୍ଲକ୍, ୧୨ ପଞ୍ଚାୟତ ଓ ୩୬ ଗ୍ରାମର ୫,୦୫୯ ଜଣ ଏବଂ ଜଗତସିଂହପୁରର ୨ ବ୍ଲକ୍, ୬ ପଞ୍ଚାୟତ ଓ ୮ ଗ୍ରାମର ୧,୧୮୮ ଜଣ ପ୍ରଭାବିତ ହୋଇଛନ୍ତି। ନବରଙ୍ଗପୁରରେ ମଧ୍ୟ ୧ ବ୍ଲକ୍, ୨ ପଞ୍ଚାୟତ ଓ ୨ ଗ୍ରାମ ପ୍ରଭାବିତ ହୋଇଛି।

ଏପଟେ ଉତ୍ତର-ପଶ୍ଚିମ ଓ ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାର ପ୍ରଭାବରେ ଆଗାମୀ ୨୪ ଘଣ୍ଟାରେ କେତେକ ଜିଲ୍ଲାରେ ବିଜୁଳି-ଘଡ଼ଘଡ଼ି ସହ ସ୍ୱଳ୍ପ ବର୍ଷା ହୋଇପାରେ। କେତେକ ସ୍ଥାନରେ ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିବାର ମଧ୍ୟ ଆଶଙ୍କା ରହିଛି।

## ଶିମିଳିପାଳ ପାଦଦେଶରେ ବେଆଇନ ପଥର ଖନନ — ଏନ୍‌ଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

କଟକ,୨୯।୯(ସମିସ): ଶିମିଳିପାଳ ଜାତୀୟ ଉଦ୍ୟାନର ପାଦଦେଶରେ ବେଆଇନ ପଥର ଖନନ ପାଇଁ ସ୍ଥାନୀୟ ଗ୍ରାମବାସୀ ବିପଦରେ ପଡିଥିବା ଅଭିଯୋଗକୁ ନେଇ ରୁଜୁ ଆବେଦନର ଶୁଣାଣି କରିଛନ୍ତି ଜାତୀୟ ମାନବାଧିକାର କମିସନ (ଏନ୍‌ଏଚ୍‌ଆର୍‌ସି)। ଅଭିଯୋଗର ତଦନ୍ତ କରିବା ସହିତ ଏ ସଂପର୍କିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ରିପୋର୍ଟ ଦୁଇ ସପ୍ତାହ ଭିତରେ ଦାଖଲ କରିବାକୁ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଏନଏଚଆରସି ନିର୍ଦ୍ଦେଶ ଦେଇଛନ୍ତି। ମାନବାଧିକାର କର୍ମୀ ଅଖଣ୍ଡଙ୍କ ଅଭିଯୋଗର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ ଶିମିଳିପାଳ ଜାତୀୟ ଉଦ୍ୟାନର ପାଦଦେଶରେ, ବିଶେଷ କରି ସାମାଖୁଣ୍ଟା ତହସିଲ ଅଧିନ କେନ୍ଦୁଆ ପଞ୍ଚାୟତର ଶରତଚନ୍ଦ୍ରପୁର ଓ ବାଙ୍କସାହି ଗ୍ରାମ ନିକଟରେ ବେଆଇନ ଭାବେ ପଥର ଖନନ ଚାଲିଥିବା ଅଭିଯୋଗ ହୋଇଛି। ରାତିରେ ଡ୍ରିଲିଂ ମେସିନ୍ ବ୍ୟବହାର କରିବା ସହ ଜେଲାଟିନ୍ ଭଳି ବିସ୍ଫୋରକ ଦ୍ରବ୍ୟ ବ୍ୟବହାର କରି ପଥର ଫଟାଯାଉଛି। ଫଳରେ ମାଟି ଘରଗୁଡ଼ିକରେ ଫାଟ ସୃଷ୍ଟି ହୋଇଛି। ବିସ୍ଫୋରଣ ଓ ଘର ଭାଙ୍ଗିବାର ଆଶଙ୍କା ପାଇଁ ଲୋକଙ୍କ ଧନଜୀବନର ସୁରକ୍ଷା ପ୍ରଭାବିତ ହେଉଥିବା, ମହିଳା, ଶିଶୁ ଓ ବୟସ୍କମାନେ ଅଧିକ ଅସୁବିଧାରେ ପଡୁଥିବା ଅଭିଯୋଗ ହୋଇଛି। ପାହାଡ଼ରୁ ପଥର ଖନନ ଦ୍ୱାରା ଜଙ୍ଗଲ ନଷ୍ଟ ହେଉଛି, ଶବ୍ଦ ଓ ବାୟୁ ପ୍ରଦୂଷଣ ପାଇଁ ପରିବେଶ ଓ ଜୈବ ବିବିଧତା ପ୍ରଭାବିତ ହେଉଥିବାରୁ ତୁରନ୍ତ ବେଆଇନ ପଥର ଖନନ ବନ୍ଦ କରିବା ସହିତ ଏଥିରେ ବ୍ୟବହୃତ ଯନ୍ତ୍ରପାତି ଓ ଯାନବାହନ ଜବତ, ଦୋଷୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ପ୍ରଭାବିତ ପରିବାରକୁ ଅନ୍ତରୀଣ କ୍ଷତିପୂରଣ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ଏନଏଚଆରସିଙ୍କ ନିକଟରେ ନିବେଦନ କରାଯାଇଛି।

## ଭିଜିଲାନ୍ସ ଜାଲରେ ସରକାରୀ ବାବୁ; ଅମାପ ସମ୍ପତ୍ତି ଠାବ

ସମ୍ବଲପୁର, ୨୯।୯ (ସମିସ) : ଭିଜିଲାନ୍ସ ଜାଲରେ ପୁଣି ଜଣେ ସରକାରୀ ବାବୁ। ଏକକାଳୀନ ଭାବେ ତାଙ୍କ ୭ଟି ଜାଗାରେ ଚଢ଼ଉ ଚାଲିଥିବାବେଳେ ୪ଟି ବିଭିନ୍ନ ସହରରେ ତାଙ୍କ ବହୁତଳ କୋଠା ଠାବ ହୋଇଛି। ଏହାସହ ଭିଜିଲାନ୍ସ ବିଭାଗ ତନ୍ନତନ୍ନ କରି ତାଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଯାଞ୍ଚ କରୁଛି। ମାତ୍ର ୧୫ ହଜାର ଦରମାରୁ ଚାକିରି ଆରମ୍ଭ କରି ବାବୁ ଜଣକ ଅମାପ ସମ୍ପତ୍ତି ଠୁଳ କରିଛନ୍ତି। ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସମ୍ବଲପୁରର ଫ୍ୟାକ୍ଟ୍ରି ଓ ବଏଲର୍ ବିଭାଗର ସହକାରୀ ନିର୍ଦ୍ଦେଶକ ଉମାକାନ୍ତ ସାମନ୍ତରାୟଙ୍କ ୭ଟି ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଇଛି। ସମ୍ବଲପୁରଠାରେ କାର୍ଯ୍ୟରତ ଥିବା ଶ୍ରୀ ସାମନ୍ତରାୟଙ୍କ ବିରୋଧରେ ଆୟର ଜଣାଶୁଣା ଉତ୍ସ ତୁଳନାରେ ଅତ୍ୟଧିକ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗ ରହିଛି। ଏହି ପରିପ୍ରେକ୍ଷୀରେ, ସମ୍ବଲପୁର ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତିଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଆଜି ଏକକାଳୀନ ସମ୍ବଲପୁର, ଭୁବନେଶ୍ୱର, ପୁରୀ ଓ ଖୋର୍ଦ୍ଧାସ୍ଥିତ ୭ଟି ସ୍ଥାନରେ ଚଢ଼ଉ କରାଯାଇଛି। ତନ୍ମଧ୍ୟରେ ସମ୍ବଲପୁରସ୍ଥିତ ଫ୍ୟାକ୍ଟ୍ରି ଓ ବଏଲର୍ ବିଭାଗର ଉପ-ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଥିବା ଶ୍ରୀ ସାମନ୍ତରାୟଙ୍କ ଅଫିସ୍ ଚ୍ୟାମ୍ବର ସହ ସମ୍ବଲପୁରର ଧନକଉଡ଼ାସ୍ଥିତ 'ସନ୍‌ସିଟି ଆପାର୍ଟମେଣ୍ଟ'ରେ ଥିବା ଫ୍ଲାଟ୍, ଭୁବନେଶ୍ୱରର ନନ୍ଦନକାନନ ରୋଡ୍, ନନ୍ଦନ ବିହାରସ୍ଥିତ ଡୁପ୍ଲେକ୍ସ ଘର, ଭୁବନେଶ୍ୱରର ଜଟଣୀ ନିକଟ ବାରକୁଡ଼ାସ୍ଥିତ ଇଣ୍ଡସ୍ କଲେଜ ଅଫ୍ ଇଞ୍ଜିନିୟରିଂ ନିକଟରେ ଥିବା କୋଠା, ପୁରୀର ବାଲିଗୁଆଳି, ତୋଟା ବେହେରା ସାହିସ୍ଥିତ ତିନିମହଲା କୋଠା, ଖୋର୍ଦ୍ଧାର ବାଲୁଗାଁ, ସୁଭାସ ମାର୍ଗସ୍ଥିତ ଦୁଇମହଲା କୋଠା ଏବଂ ଖୋର୍ଦ୍ଧାର ବାଲୁଗାଁ, ଅଶୋକ ନଗରସ୍ଥିତ ତାଙ୍କ ପୈତୃକ ସ୍ଥାନରେ ଥିବା ଦୁଇ ମହଲା କୋଠା ରହିଛି। ସହକାରୀ ନିର୍ଦ୍ଦେଶକ ଉମାକାନ୍ତ ସାମନ୍ତରାୟଙ୍କ ୭ଟି ସ୍ଥାନରେ ଚାଲିଥିବା ଚଢ଼ଉ ସମୟରେ, ଶ୍ରୀ ସାମନ୍ତରାୟ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ନାମରେ କୋଟିକୋଟି ଟଙ୍କା ମୂଲ୍ୟର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ଭୁବନେଶ୍ୱରର ନନ୍ଦନକାନନ ରୋଡ୍‌ସ୍ଥିତ ନନ୍ଦନ ବିହାରରେ ପ୍ରାୟ ୨୯୦୦ ବର୍ଗଫୁଟ୍ କ୍ଷେତ୍ରଫଳ ବିଶିଷ୍ଟ ଡୁପ୍ଲେକ୍ସ ଘର, ପୁରୀର ବାଲିଗୁଆଳିସ୍ଥିତ ତୋଟା ବେହେରା ସାହିରେ ପ୍ରାୟ ୪୦୦୦ ବର୍ଗଫୁଟ୍ କ୍ଷେତ୍ରଫଳ ବିଶିଷ୍ଟ ତିନି ମହଲା କୋଠା, ଖୋର୍ଦ୍ଧାର ବାଲୁଗାଁସ୍ଥିତ ସୁଭାଷ ମାର୍ଗରେ ପ୍ରାୟ ୪୦୦୦ ବର୍ଗଫୁଟ୍ କ୍ଷେତ୍ରଫଳ ବିଶିଷ୍ଟ ଦୁଇ ମହଲା କୋଠା, ଭୁବନେଶ୍ୱରର ଜଟଣୀ ନିକଟ ବାରକୁଡ଼ାସ୍ଥିତ ଇଣ୍ଡସ୍ କଲେଜ୍ ଅଫ୍ ଇଞ୍ଜିନିୟରିଂ ନିକଟରେ ପ୍ରାୟ ୨୪୬୦ ବର୍ଗଫୁଟ୍ କ୍ଷେତ୍ରଫଳ ବିଶିଷ୍ଟ କୋଠା ଏବଂ ସମ୍ବଲପୁରର ଧନକଉଡ଼ାସ୍ଥିତ ସନ୍‌ସିଟି ଆପାର୍ଟମେଣ୍ଟରେ ପ୍ରାୟ ୨୦୦୦ ବର୍ଗଫୁଟ୍ କ୍ଷେତ୍ରଫଳ ବିଶିଷ୍ଟ ଆବାସିକ ୩-ବିଏଚ୍‌କେ ଫ୍ଲାଟ୍। ଏହାସହ ୨୪ଟି ମୂଲ୍ୟବାନ ପ୍ଲଟ୍, ଯେଉଁଥିରେ ଭୁବନେଶ୍ୱର ଓ ଜଟଣୀର ପ୍ରମୁଖ ସ୍ଥାନରେ ୮ଟି ପ୍ଲଟ୍, ଖୋର୍ଦ୍ଧା ଉପକଣ୍ଠରେ ୩ଟି ପ୍ଲଟ୍, ସମ୍ବଲପୁର ସହର ଓ ଏହାର ଆଖପାଖ ଅଞ୍ଚଳରେ ୮ଟି ପ୍ଲଟ୍, ବୁର୍ଲାରେ ୩ଟି ପ୍ଲଟ୍ ଏବଂ ରେଙ୍ଗାଲିରେ ୨ଟି ପ୍ଲଟ୍ ଅନ୍ତର୍ଭୁକ୍ତ। ଉକ୍ତ କୋଠା, ଫ୍ଲାଟ୍ ଓ ପ୍ଲଟ୍‌ଗୁଡ଼ିକର ମାପଚୁପ ଏବଂ ମୂଲ୍ୟ ନିର୍ଦ୍ଧାରଣ କାର୍ଯ୍ୟ ଭିଜିଲାନ୍ସର ବୈଷୟିକ ଶାଖା ଦ୍ୱାରା କରାଯାଉଛି। ଏହାବ୍ୟତୀତ ୩୦୦ ଗ୍ରାମ ସୁନା, ୩୬.୭୮ ଲକ୍ଷ ଟଙ୍କାର ଡିପୋଜିଟ୍, ଗୋଟିଏ ଚାରିଚକିଆ ମାରୁତି ହାଇବ୍ରିଡ୍ ଜେଟା ଗାଡ଼ି ଏବଂ ୩ଟି ଦୁଇଚକିଆ ଗାଡ଼ି ଏବଂ ୭.୫ ଲକ୍ଷ ମୂଲ୍ୟର ଘରକରଣା ସାମଗ୍ରୀ ରହିଛି। ନିର୍ଦ୍ଦେଶକ ଶ୍ରୀ ସାମନ୍ତରାୟଙ୍କ ସମ୍ପତ୍ତିର ଉତ୍ସ ସମ୍ପର୍କରେ ଯାଞ୍ଚ କରାଯାଉଛି। ଭିଜିଲାନ୍ସ ପକ୍ଷରୁ ଚଢ଼ଉ ଅଭିଯାନ ଜାରି ରହିଛି। ଆହୁରି ଅନେକ ସମ୍ପତ୍ତି ଠାବ ହେବାର ସମ୍ଭାବନା ରହିଛି। ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ୮ ଜଣ ଡିଏସ୍‌ପି, ୧୧ ଜଣ ଇନ୍‌ସ୍ପେକ୍ଟର, ୧୧ ଜଣ ଏଏସ୍‌ଆଇ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ଚଢ଼ଉରେ ସାମିଲ ରହିଛନ୍ତି।



## ବନ୍ଦହେଲା ହୀରାକୁଦର ୧୧ ଗେଟ୍

ସମ୍ବଲପୁର, ୨୯।୯ (ସମିସ) : ଉପରମୁଣ୍ଡରୁ ହୀରାକୁଦକୁ ପ୍ରବେଶ ଜଳ ପରିମାଣ ହ୍ରାସ ପାଇବା ପରେ ପର୍ଯ୍ୟାୟକ୍ରମେ ନଦୀବନ୍ଧର ଗେଟ୍ ବନ୍ଦ କରାଯାଇଛି। ସୋମବାର ରାତି ଗୋଟାଏ ବେଳେ ୨ଟି ଗେଟ୍ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ମଙ୍ଗଳବାର ସକାଳ ୬ଟା ୨୦ ମିନିଟ୍‌ରେ ୨ଟି ଗେଟ୍, ପୂର୍ବାହ୍ଣ ୧୦ଟା ୧୦ ମିନିଟ୍‌ରେ ୨ଟି ଗେଟ୍, ଅପରାହ୍ଣ ୧ଟାରେ ୨ଟି ଗେଟ୍ ଏବଂ ସନ୍ଧ୍ୟା ୫ଟା ୧୦ ମିନିଟ୍‌ରେ ୩ଟି ଗେଟ୍ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମୋଟ୍ ୧୧ଟି ଗେଟ୍ ବନ୍ଦ କରାଯାଇଥିବାବେଳେ ସମ୍ପ୍ରତି ୧୯ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳସ୍ତର ସର୍ବୋଚ୍ଚ କ୍ଷମତା ୬୩୦ ଫୁଟ୍ ପାଖାପାଖି ରହିଛି। ଆଜି ମଧ୍ୟ ସମ୍ବଲପୁର-ସୁବର୍ଣ୍ଣପୁର ରାସ୍ତାରେ ମାଲତୀ-ଗୁଣ୍ଡେରପୁର ପୋଲ ଉପରେ ପାଣି ଚାଲୁଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇ ରହିଛି। ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୬୭ ଫୁଟ୍ ରହିଛି। ନଦୀବନ୍ଧର ବାମ ପାର୍ଶ୍ୱର ୧୩ଟି ଏବଂ ଡାହାଣ ପାର୍ଶ୍ୱର ୬ଟି ସ୍ଲୁଇସ୍ ଗେଟ୍ ଖୋଲା ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୪,୦୩,୪୯୫ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିକ୍ଷାନୁଷ୍ଠାନ, କେନାଲ ଆଦି ଦେଇ ୩,୯୦,୭୮୬ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୩,୫୩,୭୮୬ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୨୯୨୭ କ୍ୟୁସେକ୍, ଜଳସେଚନ ସକାଶେ ୨୨୧ କ୍ୟୁସେକ୍ ଓ କେନାଲ ପାଇଁ ୪୨୬୬ କ୍ୟୁସେକ୍ ଜଳ ନିଷ୍କାସିତ ହେଉଥିବା ନଦୀବନ୍ଧ କର୍ତ୍ତୃପକ୍ଷ ସୂତ୍ରରୁ ପ୍ରକାଶ। ଅନ୍ୟପକ୍ଷରେ ବେଲଗାଁଠାରେ ୩୨,୨୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପର୍ଥଲାଠାରେ ୭୨,୪୬୦ କ୍ୟୁସେକ୍, ଖଇରମାଲଠାରେ ୫,୯୦,୦୦୦ କ୍ୟୁସେକ୍, ବାରମୁଲଠାରେ ୬,୦୨,୦୦୦ କ୍ୟୁସେକ୍ ଓ ମୁଣ୍ଡଳୀଠାରେ ୭,୫୪,୩୮୫ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୦.୦୬ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ତଳମୁଣ୍ଡରେ ଆଦୌ ବର୍ଷା ହୋଇନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସୁପ୍ରିମକୋର୍ଟକୁ ଟଣାହେବେ...

ମୁତାବକ ନିଷ୍ପତ୍ତି ନେଇଛନ୍ତି। ଆବେଦନକାରୀଙ୍କ ଯୁକ୍ତି ଅନୁଯାୟୀ, ସମ୍ବିଧାନର ଧାରା ୩୨୪(୧) ଅନୁସାରେ ନିର୍ବାଚନ ସମ୍ପର୍କିତ କ୍ଷମତା ଜଣେ ବ୍ୟକ୍ତିଗତ ମୁଖ୍ୟ ନିର୍ବାଚନ କମିସନରଙ୍କ ନୁହେଁ, ବରଂ ବହୁସଦସ୍ୟ ବିଶିଷ୍ଟ ନିର୍ବାଚନ କମିସନଙ୍କ ଅଧୀନ। ତେଣୁ କମିସନର ନିଷ୍ପତ୍ତି ସର୍ବସମ୍ମତି କିମ୍ବା ମତଭେଦ ଥିଲେ ସଂଖ୍ୟାଗରିଷ୍ଠ ମତ ଆଧାରରେ ହେବା ଉଚିତ। ବିଶେଷ କରି ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ସମେତ ବିଭିନ୍ନ ପ୍ରସଙ୍ଗରେ ଦୁଇ ନିର୍ବାଚନ କମିସନର ଗତ ୧୦ ମାସରେ ଅନ୍ତତଃ ୧୪ ଥର ଆପତ୍ତି ଉଠାଇଥିଲେ ମଧ୍ୟ ଏହାକୁ ଖାତିର କରିନଥିଲେ ଜ୍ଞାନେଶ କୁମାର। ଏସଂପର୍କରେ ତାଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିକୁ ବେଆଇନ ଘୋଷଣା କରିବାକୁ ଦାବି କରାଯାଇଛି। ଆବେଦନରେ ଫର୍ମ-୬ରେ ପରିବର୍ତ୍ତନ, ନିର୍ବାଚନ ତଥ୍ୟଭଣ୍ଡାର ପରିଚାଳନା, ଆଇଟି କାର୍ଯ୍ୟ ବଣ୍ଟନ ଓ ପଶ୍ଚିମବଙ୍ଗରେ କମିଶନଙ୍କ ନାମରେ ଦାଖଲ ହୋଇଥିବା ଆବେଦନର ଅନୁମୋଦନ ନେଇ ମଧ୍ୟ ପ୍ରଶ୍ନ ଉଠାଯାଇଛି। ଏହି ସମସ୍ତ ଅଭିଯୋଗର ସତ୍ୟତା ନିର୍ଣ୍ଣୟ ପାଇଁ କମିସନଙ୍କ ବୈଠକର ମିନିଟ୍, ଏଜେଣ୍ଡା, ଫାଇଲ୍ ନୋଟିଂ, ଅନୁମୋଦନ ପତ୍ର ଓ ଡାଟାବେସ୍ ସମ୍ପର୍କିତ ରେକର୍ଡ ଯାଞ୍ଚ କରିବାକୁ ଆବେଦନକାରୀ ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରିଛନ୍ତି।

### ଶାସକ ଦଳରେ ବି...

କଲା। ମାତ୍ର କାର୍ଡରୁ ଟଙ୍କା ସରିଯିବା ପରେ ଉପରୋକ୍ତ ହସ୍ପିଟାଲ ଆଉ ରୋଗୀଙ୍କୁ ଛାଡ଼ିଲା ନାହିଁ। ଟଙ୍କା ନଦେଲେ ତମକୁ ଛଡ଼ାଯିବ ନାହିଁ ବୋଲି ରୋଗୀଙ୍କୁ ସିଧାସିଧା କହିଲା। ତେଣୁ ସରକାର ଏହା ଉପରେ କଡ଼ା ଦୃଷ୍ଟି ଦିଅନ୍ତୁ। ଘରୋଇ ହସ୍ପିଟାଲ ବିରୋଧରେ ସରକାର ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଥିଲେ।

ସେହିପରି ଗତ ୨୫ ତାରିଖରେ ସମାନ ଧରଣର ଏକ ଅଭିଯୋଗ ଆଣିଛନ୍ତି ବ୍ରହ୍ମପୁର ବିଜେଡି ସାଂସଦ ଡ. ପ୍ରଦୀପ ପାଣିଗ୍ରାହୀ। ସାମାଜିକ ଗଣମାଧ୍ୟମ ଏକ୍ସରେ ଏନେଇ ଉଲ୍ଲେଖ କରି ସେ କହିଛନ୍ତି ଯେ ବ୍ରହ୍ମପୁରର ବସନ୍ତ ରାଉଳ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ତାଙ୍କ ପାଖରେ ଆୟୁଷ୍ମାନ ଭାରତ କାର୍ଡ ଥିବା ସତ୍ତ୍ୱେ ହସ୍ପିଟାଲ କର୍ତ୍ତୃପକ୍ଷ ତାଙ୍କୁ ବେଆଇନ ଭାବରେ ଅର୍ଥ ଦାବି କରୁଛନ୍ତି। ଯାହାକୁ ଦୁର୍ଭାଗ୍ୟଜନକ ଅଟେ। ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ଥିବାବେଳେ ମୁଖ୍ୟମନ୍ତ୍ରୀ ତଥା ସ୍ୱାସ୍ଥ୍ୟ ବିଭାଗ ଏନେଇ ତୁରନ୍ତ ହସ୍ତକ୍ଷେପ କରିବାକୁ ସେ ଦାବି କରିଥିଲେ। କେବଳ ଏହି ଦୁଇ ସାଂସଦ କିମ୍ବା ବିଧାୟକ ନୁହନ୍ତି, ପ୍ରତ୍ୟେହ ବିଭିନ୍ନ ମହଲରୁ ଏହି ଯୋଜନାକୁ ନେଇ ସାମାଜିକ ଗଣମାଧ୍ୟମରେ ଶହ ଶହ ଅଭିଯୋଗ ଆସୁଛି। ବିଶେଷ କରି ଘରୋଇ ହସ୍ପିଟାଲମାନେ ଚିକିତ୍ସା କରିବାକୁ ମନା କରିବା, ବିଭିନ୍ନ ରୋଗ ପାଇଁ ପ୍ୟାକେଜ ମୂଲ୍ୟ ବିଏସକେୱାଇଟାରୁ କମ୍ ରହିବା, ହସ୍ପିଟାଲମାନେ ଅତିରିକ୍ତ ଅର୍ଥ ଆଦାୟ କରିବା, ବୈଷୟିକ ତ୍ରୁଟି ପରି ଅଭିଯୋଗ ଏବେ ନିତିଦିନିଆ ପାଲଟିଲାଣି। ପୂର୍ବ ଯୋଜନା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆୟୁଷ୍ମାନ ଭାରତଠାରୁ ବହୁଗୁଣାରେ ଭଲ ଥିବାବେଳେ ସରକାର ସମାନ ସୁବିଧା ଏହି ଯୋଜନାରେ ଲାଗୁ କରନ୍ତୁ ବୋଲି ସାଧାରଣରେ ଦାବି ହେଉଛି।


### ଡକ୍ୟୁମେଣ୍ଟ ହଜିଛି

ମୁଁ ସୁମନ୍ତ ପୁଟେଲ, ପିତା - ଚୂଡ଼ାମଣି ପୁଟେଲ, ବୟସ ୨୩ ବର୍ଷ, ସା- ଧନରଖମନ, ପୋ- ଗଜବାହାଲ, ଥାନା- ମଦନପୁର ରାମପୁର, ଜିଲ୍ଲା- କଳାହାଣ୍ଡି, ଓଡ଼ିଶା, ପିନ୍- ୭୬୬୦୩୧, ଏତଦ୍ୱାରା ଘୋଷଣା କରୁଛି ଯେ ଖାତା ନଂ ୩୩/୮୧ (ମୋଟ କ୍ଷେତ୍ରଫଳ ୦.୦୪୦ ଡେସିମିଲ୍) ଯାହା ଗୋମତୀ ପୁଟେଲଙ୍କ ଠାରୁ କ୍ରୟ କରାଯାଇଥିଲା (ଦଲିଲ ନଂ 12182400797) ଏବଂ ଏହା ସହ ଜଡ଼ିତ ଲିଙ୍କ୍ RSD (ନଂ 10912201819) ତଥା ଖାତା ନଂ ୩୩/୭୨ର ROR ମୋ ଦଖଲରେ ଥିଲା। ଉକ୍ତ ମୂଳ ଲିଙ୍କ୍ RSD (ନଂ 10912201819) ଏବଂ ଖାତା ନଂ ୩୩/୭୨ର ROR କାଗଜପତ୍ରଗୁଡ଼ିକ ତା ୨୮.୦୯.୨୦୨୬ ରିଖ ପୂର୍ବାହ୍ନ ୧୧.୩୦ ସମୟରେ ଘରୁ ବଲାଙ୍ଗୀର ବସ୍ ଷ୍ଟାଣ୍ଡ ଯିବା ବାଟରେ କେଉଁଠାରେ ହଜିଯାଇଛି। ବହୁ ଖୋଜାଖୋଜି ସତ୍ତ୍ୱେ ସେଗୁଡ଼ିକ ମିଳି ପାରିନାହିଁ ଏବଂ ସେଗୁଡ଼ିକ ଆଉ ଉଦ୍ଧାର କରିବା ସମ୍ଭବ ନୁହେଁ। ଯେ କୌଣସି ପକ୍ଷଙ୍କୁ ଏହି ନୋଟିସ ପ୍ରକାଶନ ର 15 ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରିତ ଭାବରେ ତାଙ୍କର ଦାବି ଦାଖଲ କରିବାକୁ ପଡିବ। ଏପରି ନ ହେଲେ ଏହା ଧରି ନିଆଯିବ ଯେ ଉକ୍ତ ଡକୁମେଣ୍ଟ ଗୁଡିକ ସହିତ ଜଡିତ ସମ୍ପତି ଭାରାମୁକ୍ତ ଏବଂ ଆବେଦନ କାରୀ ଏବଂ ବନ୍ଧକ ଭାବରେ କମ୍ପାନୀ ବିରୁଦ୍ଧରେ ଏହି ନୋଟିସ ପ୍ରକାଶନ ର **15ଦିନ** ବିତିବା ପରେ ଏହା ସମ୍ପର୍କର ଯେ କୌଣସି ଦାବି ଗ୍ରହଣ କରାଯିବ ନାହିଁ। ଯଦି କୌଣସି ବ୍ୟକ୍ତି ଉପରୋକ୍ତ ହଜି ଯାଇଥିବା ଡକୁମେଣ୍ଟ (କାଗଜ ପତ୍ର) ପାଆନ୍ତି ତେବେ ଦୟାକରି ଏହି ମୋବାଇଲ ନମ୍ବର ରେ ଯୋଗାଯୋଗ କରନ୍ତୁ।

ବିକାଶ ପ୍ରଧାନ (ଆଡଭୋକେଟ୍)
ମୋ: ୦୭୯୭୮୩ ୭୨୦୨୭

34001/904/2627 — ID: ee.randbjyp@gmail.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, JAYAPUR (R&B) DIVISION, JAYAPUR**
**e-Procurement Notice**
**Bid Identification No. S.E (R&B) 20/2026-27/JYP(K)**

**No. 5302** **Date. 24.09.2026**

Bid Documents consisting of work, Estimated Cost, of Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

1. Name of the Work : Civil Works as mentioned in DTCN.
2. No. of Works : 27 Nos.
3. Estimated Cost : Rs. 1.77 Lakhs to 19.43 lakhs
4. Period of completion : 1 (One) to 4 (Four) Months
5. Date & Time of Bidding : From 11.00 hours of 05.10.2026 Up-to 17.00 hours of 14.10.2026
6. Last date & time for receipt of bids in portal : 17.00 hours of 14.10.2026.
7. Bids received online shall be opened on : 11.00 hours of 15.10.2026.
8. Name and address of the officer inviting Bid : Superintending Engineer, Jayapur (R&B) Division, Jayapur

Further details can be seen from the www.tendersodisha.gov.in.

Superintending Engineer
Jayapur (R&B) Division

OIPR-34001/34027/1/26-27/0021

32001/947/2627

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**MECHANICAL CIRCLE, HIRAKUD, DIST.: SAMBALPUR, ODISHA, PIN-768016**
**Email: semech-eicwr.od@od.gov.in.**

**E-Procurement Notice- B.I. No. ACEMC/MDHKD: 06/2026-27**

1. Name of the Work : Mechanical Gate Works.
2. No. of Work : 05 (Five) Nos.
3. Category of executors : SSI Units registered under DIC/ NSIC/ MSME for Irrigation Shutters/ Hydro Mechanical Gates
4. Bid Identification No. : ACEMC/MDHKD:06/2026-27
5. Estimated Cost : Between 10Lakh to 13Lakh (Excluding GST)
6. Period of Completion : Two Calendar Months.
7. Date & time of availability of bid documents in the Portal : From dt.08.10.2026 (10.00AM) to dt.26.10.2026 (5.30PM)
8. Last date/ time for receipt of bid in the Portal : dt.26.10.2026 (up to 5.30 PM)
9. Date and place of opening of bid : dt.27.10.2026, 11.30 AM onwards in O/o the undersigned
10. Name of the Officer inviting Bids : Additional Chief Engineer, Mechanical Circle, Hirakud.

Further details can be seen only from e-procurement portal https://tendersodisha.gov.in

OIPR-32001/32344/1/26-27/0003 — Additional Chief Engineer

### କଲ୍ୟାଣୀ ସେବା ସମବାୟ ସମିତି ଲିଃ କାର୍ଯ୍ୟାଳୟ

ବିଜ୍ଞାପନ ସଂଖ୍ୟା-୦୧ / ତାରିଖ ୩୦.୦୯.୨୦୨୬

ଏତଦ୍ୱାରା କଲ୍ୟାଣୀ ସେବା ସମବାୟ ସମିତି ଲିଃ, ବାହାନଗାର ସମ୍ପାଦକ ପଦବୀ ପୂରଣ ନିମନ୍ତେ ବାଲେଶ୍ୱର ଜିଲ୍ଲାର ଯୋଗ୍ୟ ପ୍ରାର୍ଥୀଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ଆଗ୍ରହୀ ପ୍ରାର୍ଥୀମାନେ ଆସନ୍ତା ତା ୩୦.୦୯.୨୦୨୬ ରିଖରୁ ତା ୨୩.୧୦.୨୦୨୬ ରିଖ ମଧ୍ୟରେ ଦିବା ୧୧.୦୦ ଘଟିକାରୁ ୪.୦୦ ଘଟିକା ମଧ୍ୟରେ (ଛୁଟି ଦିନ ବ୍ୟତୀତ) କଲ୍ୟାଣୀ ସେବା ସମବାୟ ସମିତି ଲିଃ ରୁ ଟ.୫୦୦/-(ପାଞ୍ଚ ଶତ)ମାତ୍ର ଦାଖଲ କରି ଦରଖାସ୍ତ ଫର୍ମ ପାଇପାରିବେ। ନିର୍ଭୁଲ ଭାବେ ପୂରଣ କରାଯାଇଥିବା ଫର୍ମ ଆବଶ୍ୟକୀୟ ପ୍ରମାଣପତ୍ର ଓ ଅରିଜିନାଲ ରସିଦ ସହିତ ତା ୨୩.୧୦.୨୦୨୬ ରିଖ ସନ୍ଧ୍ୟା ୫.୦୦ ଘଟିକା ସୁଦ୍ଧା କଲ୍ୟାଣୀ ସେବା ସମବାୟ ସମିତି ଲିଃ କାର୍ଯ୍ୟାଳୟ ରେ ଦାଖଲ କରି ପ୍ରାପ୍ତି ସ୍ୱୀକାର ଗ୍ରହଣ କରିବେ। ଉକ୍ତ ଦରଖାସ୍ତ ଫର୍ମ ରେ ନିଯୁକ୍ତି ସମ୍ପର୍କୀୟ ବିଷଦ ବିବରଣୀ ଲିପିବଦ୍ଧ କରାଯାଇଅଛି। ଏତଦ ବ୍ୟତୀତ ବିଜ୍ଞାପନ ର ବିଷଦ ବିବରଣୀ ସମସ୍ତଙ୍କ ଅବଗତି ନିମନ୍ତେ କଲ୍ୟାଣୀ ସେବା ସମବାୟ ସମିତି କାର୍ଯ୍ୟାଳୟ/ସମ୍ପୃକ୍ତ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି, ଜିଲ୍ଲାପରିଷଦ ଙ୍କ କାର୍ଯ୍ୟାଳୟ/ସହକାରୀ ନିବନ୍ଧକ, ସମବାୟ ସମିତି ସମୂହ, ବାଲେଶ୍ୱର ମଣ୍ଡଳ/ଉପନିବନ୍ଧକ, ସମବାୟ ସମିତି ସମୂହ, ବାଲେଶ୍ୱର /ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ/ଶାଖା କାର୍ଯ୍ୟାଳୟ ମାନଙ୍କ ନୋଟିସ ବୋର୍ଡ ରେ ପ୍ରଦର୍ଶନ କରାଯାଇଅଛି। ସବିଶେଷ ବିବରଣୀ ନିମନ୍ତେ ମୋବାଇଲ ନଂ-7735837395 ରେ ଯୋଗାଯୋଗ କରିପାରିବେ।

ଚୟନ କମିଟିର ଅଧ୍ୟକ୍ଷଙ୍କ ଅନୁମୋଦନ କ୍ରମେ।

ସ୍ୱା/- ସମ୍ପାଦକ
କଲ୍ୟାଣୀ ସେବା ସମବାୟ ସମିତି ନିଃ

### ପୂର୍ବ ତଟ ରେଳପଥ
**କେନ୍ଦ୍ରୀୟ ଚିକିତ୍ସାଳୟ, ଭୁବନେଶ୍ୱରରେ ଚିକିତ୍ସକୀୟ ପରାମର୍ଶଦାତା (Consultants) ନିଯୁକ୍ତି**

ସୂଚନା ସଂ.: ECoR/BBS/MD/CH/BBS/Case To Case Consultants Engagement-2026-27/Spl, ତାରିଖ : 23.09.2026

କେସ୍ ଟୁ କେସ୍ (Case to Case) ଭିତ୍ତିରେ ପେଶାଗତ ସେବା ପ୍ରଦାନ ନିମନ୍ତେ ପୂର୍ବ ତଟ ରେଳପଥ କେନ୍ଦ୍ରୀୟ ଚିକିତ୍ସାଳୟ, ମଞ୍ଚେଶ୍ୱର, ଭୁବନେଶ୍ୱର-17ରେ ପରାମର୍ଶଦାତାମାନଙ୍କ ସୂଚୀବଦ୍ଧତା। ଏହି ସନ୍ଦର୍ଭରେ ନିମ୍ନବର୍ଣ୍ଣିତ ବିଷୟ (Discipline)ରେ ପରାମର୍ଶଦାତା ନିଯୁକ୍ତି କରାଯିବ :

**ବିଶେଷଜ୍ଞ (Specialist) :** (1) ଏମ୍‌ଡ଼ି (ଶିଶୁ ବିଶେଷଜ୍ଞ) ନବଜାତ ଶିଶୁ ଯତ୍ନର ଅଭିଜ୍ଞତା ସହିତ, (2) ନିଶ୍ଚେତକ (Anesthesiology)।

**ବିଶିଷ୍ଟ ବିଶେଷଜ୍ଞ (Super Specialist) :** (1) ସ୍ନାୟୁ ରୋଗ (Neurology), (2) କ୍ଲିନିକାଲ ଇମ୍ୟୁନୋଲୋଜି ଏବଂ ରୁମାଟୋଲୋଜି (Rheumatology), (3) DM କ୍ଲିନିକାଲ ହେମାଟୋଲୋଜି (Hematology), (4) ୟୁରୋଲୋଜି (Urology), (5) DM ଏଣ୍ଡୋକ୍ରିନୋଲୋଜି (Endocrinology)।

ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆବଶ୍ୟକତା ଅନୁଯାୟୀ ରୋଗୀ ଦେଖାଶୁଣା କିମ୍ବା ଅସ୍ତ୍ରୋପଚାର ନିମନ୍ତେ ପରାମର୍ଶଦାତାମାନଙ୍କୁ ଡକାଯିବ। ଇଚ୍ଛୁକ ଚିକିତ୍ସକମାନେ ସେମାନଙ୍କର ପେଶାଗତ କାର୍ଯ୍ୟ ଅଭିଜ୍ଞତା ଏବଂ ଯୋଗାଯୋଗ ସମ୍ପର୍କିତ ସବିଶେଷ ବିବରଣୀ ସହିତ ଏହି ବିଜ୍ଞାପନ ପ୍ରକାଶ ପାଇବାର 15 ଦିନ ଭିତରେ **ଚିକିତ୍ସା ନିର୍ଦ୍ଦେଶକ, କେନ୍ଦ୍ରୀୟ ଚିକିତ୍ସାଳୟ, ପୂର୍ବ ତଟ ରେଳପଥ, ମଞ୍ଚେଶ୍ୱର, ଭୁବନେଶ୍ୱର-751017**ଙ୍କୁ ସମ୍ବୋଧନ କରି ନିଜର ବାୟୋଡାଟା ଦାଖଲ କରିପାରିବେ।

ଦ୍ରଷ୍ଟବ୍ୟ : ବିସ୍ତୃତ ବିବରଣୀ ନିମନ୍ତେ ଦୟାକରି ୱେବସାଇଟ୍ **www.eastcoastrail.indianrailways.gov.in ➲ Recruitment Info ➲ Walk-in-Interview / Notifications** ଅବଲୋକନ କରନ୍ତୁ।

PR-470/R/26-27 — ଚିକିତ୍ସା ଅଧୀକ୍ଷକ/କେନ୍ଦ୍ରୀୟ ଚିକିତ୍ସାଳୟ/ଭୁବନେଶ୍ୱର

**ODISHA HYDRO POWER CORPORATION LIMITED**
BALIMELA HYDRO ELECTRIC PROJECT, -POST- BALIMELA : DIST- MALKANGIRI (ODISHA), PIN: 764051
Phones: 06861-232581 (O)/232641 (R) : FAX:06861-232541, E-Mail unb.head_balimela@yahoo.com
4001/335/2627

**REGD. OFFICE: ODISHA HYDRO POWER CORPORATION LIMITED**
(A Govt. of Odisha Undertaking)
HIDANAGAR, JANAPATH, BHUBANESWAR - 751022
Tel: 0674-2542961, 2542963, 2546296, Fax: 0674-2542106, GRAM: HYDROPOWER, E-MAIL: ohpc.co@orissagov.in / md.ohpc@ohpc.com, Web: www.ohpcLtd.com
CIN- U40101OR1995GC003963, GSTIN-21AAACO2575P1Z9

**TENDER CALL NOTICE No.BHEP/TECH/28/2026-27 Dtd. 28.09.2026**

The Sealed tenders are invited in single bid basis from the Manufacturer / Reputed firms /Authorised Dealers for the work as detailed below.

| Sl. No. | Description of Items. | Cost of Tender Paper (In Rs.) |
|---|---|---|
| 1. | Supply, Installation & Commissioning for HYDAC make Pressure Switches for BHEP, Balimela | Rs.7080/- Inclusive of GST @ 18% |

The Sale of Tender Paper will be from : 01.10.2026 to 14.10.2026 (up to 11:00 hrs)
The last date & time of receipt of tenders : Up to 12:00 hrs of 14.10.2026
Date and time of opening of the Bid : at 12:30 hrs 14.10.2026

*For details of tender documents, Terms and Conditions, Eligibility criteria and downloading, please visit our website at* www.ohpcltd.com

C & P Head
BHEP, Balimela

OIPR-4001/4019/1/26-27/0027

**NAVODAYA VIDYALAYA SAMITI**
(An Autonomous Organization under Ministry of Education)
B-15, Sector-62, Gautam Buddha Nagar
Noida, Uttar Pradesh-201309

PM SHRI

**NOTIFICATION FOR LAUNCHING OF ONLINE PORTAL FOR SUBMISSION OF APPLICATIONS FOR CLASSES IX & XI LEST-2027**

Online Registration portal for filling up vacant seats through Lateral Entry Selection Test (LEST)-2027 for admission to classes IX & XI for the session (2027-28) is launched. The candidates may apply free of cost by visiting the following links:

**For class IX:** https://cbseitms.nic.in/2026/nvsx_9
**For class XI:** https://cbseitms.nic.in/2026/nvsxi_11

The last date of submission of online application is **30.09.2026.** The Prospectus is available on the registration portal.

**ISSUED BY NAVODAYA VIDYALAYA SAMITI**

25001/1230/2627 — e-mail: eerwbnjr@gmail.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BHANJANAGAR**
**"e" Procurement Notice for Road Works**
**Identification No. Online Tender /11/ RWDBNJ/2026-2027**

**No.** 2933 **Date: 28.09.2026**

1. Name of the work : Roads Works
2. Total Number of works : 1 (One) No.
3. Estimated cost : 63.03 Lakhs
4. Class of Contractor : 'B' Class Contractor
5. Period of Completion : 02 (Two) Calendar Months
6. Other details :

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W.Division, Bhanjanagar | Online Tender/11/ RWDBNJ/2026-2027 | 08.10.2026 at 10.00 A.M. | 15.10.2026 at 5.00 P.M. |

Further details can be seen from the website : www.tendersodisha.gov.in

Executive Engineer
R.W.Division, Bhanjanagar

OIPR-25001/25174/1/26-27/0015

13001/1994/2627 — Email ID : eephsbp@gmail.com Tel./ Fax No. (0671)-2973399

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, P.H. DIVISION, SAMBALPUR**
**NOTICE INVITING TENDER**
**(NATIONAL COMPETITIVE BIDDING THROUGH e-Procurement)**
**Bid Identification No. SEPHSBP-08/2026-27 Dt. 24.09.2026**

| | | | |
|---|---|---|---|
| 01. | Name of the Work | : | 3 nos Work. |
| 02. | Type of Bid | : | Single Bid System |
| 03. | Estimated Cost | : | Rs. 18.06 lakhs to Rs. 31.10 lakhs |
| 04. | Period of Completion | : | 3 (Three) to 6 (Six) Calendar Months |
| 05. | Date & Time of availability of bid document in the portal | : | From 11.00 AM of dt. 01.10.2026 to 5.00 PM of 15.10.2026 |
| 06. | Last date / time of receipt of bids in the portal | : | 5.00 PM of 15.10.2026. |
| 07. | Date & Time of opening of technical bids | : | At 11.30 AM of 16.10.2026. |
| 08. | Name and Address of the Officer Inviting Bid | : | Superintending Engineer, P.H. Division, Sambalpur, Near V.S.S Stadium, Brooks Hill Dist- Sambalpur-768 001. |

Further details can be seen from the web site http://tenders.ori.nic.in or www.tendersorissa.gov.in

Additional Chief Engineer
P.H. Division, Sambalpur

OIPR-13001/13026/1/26-27/0010

### AFFIDAVIT
I Ashmita Thakur, W/o- Rajesh Kumar Thakur resident of Roth, Nuapada Roth, Ps- Agalpur, Dist- Balangir -767061 declare by this affidavit no-775, Dated 28-09-2026 that now onwards I shall be Known as **Asmita Thakur** for all future purposes.

### AFFIDAVIT
I, JAYANTA KUMAR TRIPATHY, S/O PANCHANAN TRIPATHY resident of At - Aurobinda Nagar, Parabeda, PO/PS - Jeypore, Dist - Koraput, Pin - 764001, Odisha declare by this Affidavit No. 4294, Dated - 29/09/2026, that now onwards I shall be known as **JAYANTA TRIPATHY** for all future purposes.

### AFFIDAVIT
I, Ajit Mohan Kumbhar, S/o- Ainthu Kumbhar, resident of At: House No. 29, Gayatri Bihar, Purunabasti, PO/PS/ Dist- Jharsuguda-768201 (Odisha) declare by this affidavit No.48 dated 28/09/2026 that now onwards I shall be known as **AJIT MOHAN** for all future purposes.

### AFFIDAVIT
By virtue of an affidavit no.16 before the Executive Magistrate, Bhubaneswar, dtd.23.09.2026, I, Hemanta Naik, S/o- Ajit Naik, resident of Khariguda, Po- Dadaralunda, Ps.- Bhanjanagar, Dist.-Ganjam hereby declare that my minor son name has been changed from Blessing Naik to Himansu Naik. Henceforth, my minor son shall be known as **Himansu Naik** for all purposes.

**Sd/- Hemanta Naik**

### AFFIDAVIT
By virtue of an affidavit on dtd-21.08.2026 sworn before The Executive Magistrate, Bhubaneswar. I, Manas Kumar Nayak, S/o Laxaman Nayak, resident of FR-76/11, Phase-II, Sailashree Vihar, Ps: Chandrasekharpur, Bhubaneswar, Dist: Khordha, State: Odisha declare that, In my son's (Sai Pratyush Nayak) school record, student of Class-9 at (Kendriya Vidyalaya, No-IV) my name has been wrongly written as Manas Ranjan Nayak. My correct name is Manas Kumar Nayak as per my Aadhar Card. That, both the name Manas Rajan Nayak and Manas Kumar Nayak is same and one person. Henceforth, I shall be known as **Manas Kumar Nayak** for all official, non-official, and legal purposes.

### AFFIDAVIT
I, **Sri Haresh Kumar Patel,** S/o- Late Lalji Bhai Patel, residing at House No. 282, Purana Power House Road, Near Kali Mandir Road, Jharsuguda, Odisha-768202, do hereby solemnly declare that my name is mistakenly recorded as **HARESH PATEL** instead of **HARESH KUMAR PATEL** in certain educational records of my son, Janak Patel. Vide Affidavit CF No 11024 dated 17.08.2026, sworn before the Executive Magistrate, Jharsuguda, I state that both names **HARESH PATEL** and **HARESH KUMAR PATEL** belong to one and the same person, that is, myself. My true, legal, and correct name is **HARESH KUMAR PATEL** for all official records and future purposes.

### AFFIDAVIT
By virtue of an affidavit (CF No. 09, dtd- 28/09/2026) sworn before The Executive Magistrate, Bhawanipatna, Kalahandi. I, **Abhibadan Pattnaik,** S/o Bishnu Charan Pattnaik, permanent resident of At- Ramsagar Pada, Bhawanipatna, PO/PS- Bhawanipatna Town, Dist- Kalahandi, Odisha declare that I have changed my name from **Abhibadan Patnaik** to **Abhibadan Pattnaik** in my Pass Certificate & Statement of Marks issued by council for the ICSE, New Delhi vide Index No. T/2244/001 though Principal, Vimala Convent School, Bhawanipatna.

**Abhibadan Pattnaik**

### AFFIDAVIT
I, **Kabita Tripathy Panda,** aged about 41 years, D/o- Kishore Chandra Tripathy resident of Sriram Vihar, Golgunda, PO/PS- Burla, Dist- Sambalpur, Odisha, PIN-768020 do hereby declare for my minor daughter **Sarika Panda** (former name) by this affidavit No. 6999, dtd- 21.09.2026, that now onwards she shall be known as **Sarika Tripathy** (new name) for all future purposes.

# ବୈତରଣୀରେ ଷଷ୍ଠ ବନ୍ୟା: ଆରଡ଼ି ଅଞ୍ଚଳବାସୀ ଉବୁଟୁବୁ

## କୁଆଖିଆ-ଆରଡ଼ି ଜାତୀୟ ରାଜପଥରେ ୪ ଫୁଟ୍ ଉଚ୍ଚର ବନ୍ୟାଜଳ ପ୍ରବାହିତ





ଆରଡ଼ି,୨୯।୯ (ସମିସ)

ଜୁଲାଇ ମାସରୁ ସେପ୍ଟେମ୍ବର ମାସ ଶେଷ ହେଲା କିନ୍ତୁ ଆରଡ଼ି ଅଞ୍ଚଳରୁ ବନ୍ୟା ଛାଡ଼ିଲା ନାହିଁ। ଚଳିତ ବର୍ଷର ବନ୍ୟା ପୂର୍ବରୁ କେବେ ବି ପରିଲିକ୍ଷିତ ହୋଇ ନ ଥିଲା। ଦୁଇ ମାସରୁ ଊର୍ଦ୍ଧ୍ୱ ହେଲା ବନ୍ୟା ସମସ୍ୟା ଅଞ୍ଚଳବାସୀଙ୍କ ପିଛା ଛାଡୁନି। ତଳ ମୁଣ୍ଡରୁ ଟିକେ ପାଣି କମିଲା ବେଳକୁ ପୁଣି ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ନଦୀରେ ଜଳସ୍ତର ବଢ଼ି ବନ୍ୟା ମାଡ଼ିଆସୁଛି। ପୁନଶ୍ଚ ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ବୈତରଣୀ ନଦୀ ବଢ଼ି ଲଗାତାର ଷଷ୍ଠ ଥର ଲାଗି ଆରଡ଼ି ଅଞ୍ଚଳବାସୀଙ୍କୁ ବନ୍ୟାର ଦୁର୍ଦ୍ଦଶା ଭୋଗିବାକୁ ପଡ଼ିଛି। ବୈତରଣୀର ଜଳସ୍ତର ଆଖୁଆପଦା ନିକଟରେ ବିପଦ ସଂକେତ ଉପରେ ପ୍ରବାହିତ ହେଉଥିବା ସୂଚନା ମିଳୁଛି।

ଗତ ୨ ମାସ ଭିତରେ ଆରଡ଼ି, ନାନ୍ଦପୁର, ଓଲଗ ଓ ସୁନ୍ଦରପୁର ପଞ୍ଚାୟତର ୨୪ଟି ଗ୍ରାମର ଲୋକମାନଙ୍କୁ ବନ୍ୟା କଲବଲ କଲାଣି। ଘରଦ୍ୱାର ଟିକେ ବନେଇଲା ବେଳକୁ ପୁଣି ବନ୍ୟା ଆସି ନଷ୍ଟ କରିଦେଉଛି। ଏ ଅଞ୍ଚଳର ପିଲାଙ୍କ ପାଠପଢ଼ା ନଷ୍ଟ ହୋଇଗଲାଣି। ବହୁ ବିଦ୍ୟାଳୟରେ ପାଣି ପଶିବା ଯୋଗୁଁ ମାସ ମାସ ଧରି ବନ୍ଦ ରହିଛି। କୁଆଖିଆ-ଆରଡ଼ି ଜାତୀୟ ରାଜପଥ-୨୦ରେ ସାଠିବାଙ୍କୁଡ଼ାଠାରୁ ବୋଡ଼କ ମଧ୍ୟରେ ବନ୍ୟାଜଳ ନଦୀରୁ ରାସ୍ତା ଡେଇଁ ଜନବସତିକୁ ମାଡ଼ି ଆସୁଛି। ଆରଡ଼ି ଅଞ୍ଚଳକୁ ଯେଉଁ ଲଗାତାର ଷଷ୍ଠ ଥର ବନ୍ୟା ଆସିଲାଣି କେବଳ ସେଇ ୨୦ ନମ୍ବର ଜାତୀୟ ରାଜପଥରେ କେତେବେଳେ ଘାଇ ହୋଇଛି ତ ପୁଣି କେତେବେଳେ ରାସ୍ତା ବୁଡ଼ି ଆସୁଛି। ବାରମ୍ବାର ବନ୍ୟା ଆସି ଅଞ୍ଚଳବାସୀଙ୍କୁ କଲବଲ କଲାଣି। ଏ ବର୍ଷ ବନ୍ୟା ଲୋକମାନଙ୍କ ସ୍ଥିତି ସ୍ୱାଭାବିକ ହେବାକୁ ଦେଉନି। ୪ ପଞ୍ଚାୟତର ଅନେକ ଗ୍ରାମକୁ ପୁଣି ଯୋଗାଯୋଗ ବିଚ୍ଛିନ୍ନ ହୋଇଗଲାଣି। ଲୋକମାନଙ୍କୁ ଏ ବନ୍ୟା ନାକରେ କନ୍ଦେଇ ସାରିଲାଣି। କେତେଥର ଲୋକେ ଘର ସଫା କରିବେ, ଦୋକାନ ସଫା କରିବେ। ଏ ବର୍ଷର ବନ୍ୟା ସ୍ଥିତି ଦୟନୀୟ କଲାଣି। ଚାଷ କଥା ଲୋକେ ଭୁଲିଗଲେଣି। ଗତ ତିନିଟି ବନ୍ୟା ଭିତରେ ସରକାର ଓ ଜିଲ୍ଲା ପ୍ରଶାସନ କେବଳ ଚୁଡ଼ା ଓ ଗୁଡ଼ ସହିତ ବିସ୍କୁଟ୍‌ରେ ସୀମିତ ଅଛନ୍ତି। ଆଗକୁ ଦେଖିବାକୁ ବାକି ରହିଲା ଷଷ୍ଠ ବନ୍ୟାରେ ସେହି ଶୁଖିଲା ଖାଦ୍ୟ ନା ଆଉ ଅଲଗା କିଛି ବନ୍ୟାବିପନ୍ନଙ୍କୁ ମିଳିବ। ଦୁଇ ମାସ ଭିତରେ ସରକାର ଗାଈଗୋରୁଙ୍କ ପାଇଁ କେବଳ ଦୁଇ ଥର ଖାଦ୍ୟ ଦେଇ କାମ ସାରିଦେଇଛନ୍ତି। ଏ ପର୍ଯ୍ୟନ୍ତ ପ୍ରଥମ ବନ୍ୟାରେ ଯେଉଁ ଲୋକଙ୍କ ଘର ଭାଙ୍ଗିଥିଲା ସେ ଲୋକଙ୍କୁ ପାଲ ମିଳିପାରିନାହିଁ। ସରକାରୀ ଲୋକ ଖାଲି ଚିଠା ଯାହା ପ୍ରସ୍ତୁତ କରିବାରେ ପାରଙ୍ଗମ। କିନ୍ତୁ ଆଜି ପର୍ଯ୍ୟନ୍ତ ଲୋକଙ୍କୁ କିଛି ମିଳିଲାନାହିଁ। ବନ୍ୟା ସମୟରେ ସରକାର ସାଧାରଣ ଲୋକଙ୍କ ବିଶ୍ୱାସଭାଜନ ହୋଇ ନ ପାରିବା ପ୍ରସଙ୍ଗ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ବନ୍ୟା ଛାଡ଼ିଲା; ପିଇବା ପାଣି ସଙ୍କଟ ମୁଣ୍ଡ ଟେକିଲା



ଦୋବଲ,୨୯।୯ (ସମିସ): ଧାମନଗର ବ୍ଲକ୍‌ରେ ବନ୍ୟା ପରିସ୍ଥିତି ଧୀରେ ଧୀରେ ସୁଧୁରୁଥିବା ବେଳେ ଏବେ ମୁଣ୍ଡ ଟେକିଛି ପିଇବା ପାଣି ସଙ୍କଟ। ବନ୍ୟାଜଳ ହ୍ରାସ ପାଇଥିଲେ ମଧ୍ୟ ଅନେକ ବନ୍ୟା ପ୍ରଭାବିତ ପଞ୍ଚାୟତରେ ନଳକୂଅ ଓ ଟ୍ୟୁବ୍‌ୱେଲ୍‌ର ପାଣି ଗୋଳିଆ ହୋଇଥିବାରୁ ଲୋକେ ବାଧ୍ୟ ହୋଇ ସେହି ପାଣି ବ୍ୟବହାର କରୁଛନ୍ତି। ବନ୍ୟା ପରେ ସୁରକ୍ଷିତ ପାନୀୟଜଳ ଯୋଗାଣ ଓ ନଳକୂଅ ବିଶୋଧନରେ ପ୍ରଶାସନର ତତ୍ପରତା ନେଇ ଏବେ ପ୍ରଶ୍ନ ଉଠିଛି। ଅର୍ଜୁନପୁର, ପଧାନୀ, ସୋହଡ଼ା, ଖଡ଼ିପଦା, ଆନନ୍ଦପୁର, କରଦା, ଦଳାଙ୍ଗ, ଭଟସାହି, ହସନାବାଦ, ମୁସ୍ତଫାପୁର, କୋଠାର, ଅସୁରାଳି, କଟସାହି, ଖପରପଦା, ରଇପୁର ଓ ବୟାଙ୍ଗଡିହି ସମେତ ବିଭିନ୍ନ ପଞ୍ଚାୟତରେ ବନ୍ୟାବିପନ୍ନଙ୍କ ପାଇଁ ସ୍ୱଚ୍ଛ ପାନୀୟଜଳ ଏବେ ବି ସମସ୍ୟା ହୋଇ ରହିଛି। ବହୁ ସ୍ଥାନରେ ନଳକୂଅ ଚାରିପାଖରେ ବନ୍ୟାଜଳ ଜମି ରହିଥିବାରୁ ଦୂଷିତ ପାଣି ବାହାରୁଛି। ବନ୍ୟା ପରେ ନଳକୂଅଗୁଡ଼ିକର ବିଶୋଧନ ଏବଂ ପାଣି ପରୀକ୍ଷା ଅତ୍ୟନ୍ତ ଜରୁରୀ ହୋଇଥିବାବେଳେ ଅନେକ ଅଞ୍ଚଳରେ ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆଯାଇ ନ ଥିବା ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ରହିଛି। ବିଶୋଧନ ନ କରି ଗୋଳିଆ ପାଣି ବ୍ୟବହାର କଲେ ଜଳବାହିତ ରୋଗର ଆଶଙ୍କା ଥିବାରୁ ଏହାକୁ ନେଇ ବନ୍ୟାବିପନ୍ନଙ୍କ ଚିନ୍ତା ବଢ଼ିଛି। ବନ୍ୟା ସମୟରେ ରିଲିଫ୍ ଓ ରନ୍ଧାଖାଦ୍ୟ ଯୋଗାଣ ସହ ପ୍ରଭାବିତ ଲୋକଙ୍କୁ ସୁରକ୍ଷିତ ପାଣି ଯୋଗାଇବା ମଧ୍ୟ ପ୍ରଶାସନର ପ୍ରାଥମିକ ଦାୟିତ୍ୱ। ହେଲେ ବନ୍ୟା ପାଣି ହ୍ରାସ ପାଇବା ପରେ ମଧ୍ୟ ଯଦି ଲୋକେ ଗୋଳିଆ ପାଣି ପିଇବାକୁ ବାଧ୍ୟ ହୁଅନ୍ତି, ତେବେ ବନ୍ୟା ପରବର୍ତ୍ତୀ ପ୍ରସ୍ତୁତିକୁ ନେଇ ପ୍ରଶାସନର ଭୂମିକା ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ଏନେଇ ଧାମନଗର ପାନୀୟଜଳ ବିଭାଗର ଯନ୍ତ୍ରୀ ପ୍ରଦୀପ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଅନେକ ସ୍ଥାନରେ ଏବେ ବି ବନ୍ୟାପାଣି ଛାଡ଼ିନାହିଁ। ବୁଧବାରଠାରୁ ନଳକୂଅ ବିଶୋଧନ ପାଇଁ ପଦକ୍ଷେପ ନିଆଯିବ। ବନ୍ୟା ପାଣି ହ୍ରାସ ପାଇବା ପରେ ତୁରନ୍ତ ନଳକୂଅଗୁଡ଼ିକର ପାଣି ପରୀକ୍ଷା, ବିଶୋଧନ ଓ ପ୍ରଭାବିତ ଅଞ୍ଚଳରେ ବିକଳ୍ପ ସୁରକ୍ଷିତ ପାନୀୟ ଜଳ ଯୋଗାଣ ପାଇଁ ପ୍ରଶାସନ ତ୍ୱରିତ ପଦକ୍ଷେପ ନେବାକୁ ଦାବି ହେଉଛି। ନଚେତ୍ ବନ୍ୟା ପରେ ପିଇବା ପାଣିକୁ ନେଇ ଆଉ ଏକ ସଙ୍କଟ ମୁଣ୍ଡ ଟେକିବା ଆଶଙ୍କା ରହିଛି।

# ଆଜି ଜିଲ୍ଲାର ୫ ବ୍ଲକ୍‌ର ୧୬୬ ସ୍କୁଲ ଛୁଟି

ଭଦ୍ରକ,୨୯।୯ (ସମିସ): ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ବନ୍ୟାଜଳ ଚାରିଆଡ଼େ ଲହଡ଼ି ଭାଙ୍ଗୁଛି। ପୁନରୁଦ୍ଧାର କାର୍ଯ୍ୟକୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀଙ୍କ ସୁରକ୍ଷା ନିମନ୍ତେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶ କ୍ରମେ ଭଦ୍ରକ ଜିଲ୍ଲାର ୫ଟି ବ୍ଲକ୍- ଧାମନଗର, ଭଦ୍ରକ, ଚାନ୍ଦବାଲି, ତିହିଡ଼ି, ବାସୁଦେବପୁରର ୧୬୬ଟି ପ୍ରଭାବିତ ବିଦ୍ୟାଳୟକୁ ବୁଧବାର ପୁଣିଥରେ ଛୁଟି ଘୋଷଣା କରାଯାଇଛି। ଶିକ୍ଷାଗତ ଓ ଅଣଶିକ୍ଷାଗତ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ବନ୍ଦ ରହିବ।

# କାର୍ଯ୍ୟରେ ଅବହେଳା : ଧାମନଗର ଏନ୍‌ଏସି ଇଓ ନିଲମ୍ବିତ

ଭଦ୍ରକ,୨୯।୯ (ସମିସ): ଭଦ୍ରକ ଜିଲ୍ଲା ଧାମନଗର ଏନ୍‌ଏସି ପ୍ରଶାସନରେ ହଟଚମଟ ସୃଷ୍ଟି ହୋଇଛି। ସରକାରୀ କାର୍ଯ୍ୟରେ ଅବହେଳା ଅଭିଯୋଗରେ ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ(ଇଓ) ସନ୍ତୋଷ କୁମାର ନାୟକଙ୍କୁ ସରକାର ନିଲମ୍ବନ କରିଛନ୍ତି। ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସେପ୍ଟେମ୍ବର ୨୮ରେ ଜାରି ଆଦେଶ ନଂ. ୨୭୩୭୩ରେ ଏହି ନିର୍ଦ୍ଦେଶ ଦିଆଯାଇଛି। ବିଭାଗୀୟ ଆଦେଶରେ ଦର୍ଶାଯାଇଛି ଯେ, ଶ୍ରୀ ନାୟକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ବିଚାରାଧୀନ ରହିଛି। ଏହାକୁ ଆଧାର କରି ଓଡ଼ିଶା ସିଭିଲ୍ ସର୍ଭିସ୍ (ସିସି ଆଣ୍ଡ ଏ) ରୁଲ୍ସ, ୧୯୬୨ର ନିୟମ-୧୨ ଅନୁଯାୟୀ, ତାଙ୍କୁ ତୁରନ୍ତ ପ୍ରଭାବରୁ ନିଲମ୍ବନ କରାଯାଇଛି। ନିଲମ୍ବନ ପରେ ଶ୍ରୀ ନାୟକଙ୍କ ମୁଖ୍ୟାଳୟ ଭଦ୍ରକ ସ୍ଥିତ ପ୍ରକଳ୍ପ ନିର୍ଦ୍ଦେଶକ, ଡୁଡାଙ୍କ କାର୍ଯ୍ୟାଳୟ ରହିବ। ପିଡି, ଡୁଡାଙ୍କ ପୂର୍ବାନୁମତି ବିନା ସେ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ। ନିଲମ୍ବନ କାଳରେ ନିୟମାନୁଯାୟୀ ସେ ଗୁଜୁରାଣ ଭତ୍ତା ପାଇବେ। ନିଲମ୍ବନ ଆଦେଶର ନକଲ ଭଦ୍ରକ ଜିଲ୍ଲାପାଳଙ୍କ ସମେତ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପଠାଯାଇଛି। ଧାମନଗର ଏନ୍‌ଏସିର ଶୀର୍ଷ ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ ସରକାରଙ୍କ ଏହି ପଦକ୍ଷେପ ଏବେ ଧାମନଗର ପ୍ରଶାସନିକ ମହଲରେ ଚର୍ଚ୍ଚାର କେନ୍ଦ୍ର ପାଲଟିଛି।

# ୩ ନମ୍ବର ବି' କେନାଲରେ ଗର୍ତ୍ତ



ବାରିକପୁର,୨୯।୯ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରହଣିଆ ପଞ୍ଚାୟତ ଆକୁଳିକଣା ନିକଟସ୍ଥ ୩ ନମ୍ବର ବି' କେନାଲଠାରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ବର୍ଷା ଦିନ ଆରମ୍ଭରୁ ଏହି ଗର୍ତ୍ତ ସୃଷ୍ଟି ହୋଇଥିବା ତାହା ଏବେ ବୃହତ୍ ଆକାର ହୋଇଛି। ମୁଖ୍ୟ କେନାଲଠାରୁ ଆକୁଳିକଣା ମାଇନର ଯେଉଁଠୁ ବାହାରିଛି ଠିକ୍ ସେହି ସ୍ଥାନରେ ଏହି ଖାତ ରହିଛି। ଦିନବେଳେ ଯାହା ଯେମିତି ହେଉ ଲୋକମାନେ ସାବଧାନ ସହକାରେ ଯାତାୟାତ କରୁଛନ୍ତି। ରାତି ହେଲେ ଅଜଣା ପଥିକ ଅନେକ ସମୟରେ ଗର୍ତ୍ତରେ ପଡ଼ି ଆହତ ହେଉଥିବା ସୂଚନା ମିଳିଛି। ଏପରିକି ଅନେକ ଗାଈଗୋରୁ ମଧ୍ୟ ଏଥିରେ ଖସିପଡ଼ି ଆହତ ହୋଇଛନ୍ତି। ଏଥିପାଇଁ କ୍ଷୁଦ୍ର କେନାଲରେ ମଧ୍ୟ ପାଣି ଯିବା ପାଇଁ ବାଧା ସୃଷ୍ଟି ହେଉଛି। କେନାଲ ବନ୍ଧ ଜଳସମ୍ପଦ ବିଭାଗ ଅଧୀନରେ ଥିବା ବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏଠାରେ ରାସ୍ତା ନିର୍ମାଣ କାର୍ଯ୍ୟ କରୁଛି। ତେଣୁ ବିଭାଗ ତୁରନ୍ତ ଗର୍ତ୍ତ ମରାମତି କରିବା ପାଇଁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି।

# ବନ୍ୟାବିପନ୍ନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ



ଧାମନଗର,୨୯।୯ (ସମିସ): ଧାମନଗର ବ୍ଲକ୍ ଅଞ୍ଚଳରେ ୨ ମାସରେ ଷଷ୍ଠ ଥର ବନ୍ୟା ଆସି ତଳିଆ ଅଞ୍ଚଳର ଲୋକମାନଙ୍କ ଧନଜୀବନ, ଧାନ ଓ ପନିପରିବା ଫସଲ ନଷ୍ଟ ହେବା ସହ ବହୁ ଅସୁବିଧା ଭୋଗୁଛନ୍ତି। ବନ୍ୟା ଯୋଗୁଁ ବ୍ଲକ୍‌ର ବିଭିନ୍ନ ଅଞ୍ଚଳର ଅନେକ ଗାଁ ପ୍ରଭାବିତ ହୋଇଥିବାବେଳେ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଛି। ଅନେକ ପରିବାରଙ୍କ ଘରେ ପାଣି ପଶିବା ସହ ରାସ୍ତାଘାଟ ଜଳମଗ୍ନ ହୋଇପଡ଼ିଛି। ଫଳରେ ଦୈନନ୍ଦିନ ଜୀବନଯାପନ ସହ ଖାଦ୍ୟ, ପାନୀୟ ଜଳ ଓ ରହିବା ପାଇଁ ଆଶ୍ରୟକୁ ନେଇ ଲୋକେ ସମସ୍ୟାରେ ପଡ଼ିଛନ୍ତି। ଏହି ଦୁଃଖଦ ସମୟରେ ବିଜେଡି ପକ୍ଷରୁ ପ୍ରଦୀପ ମଲ୍ଲିକ, ଅଜୟ ମଲ୍ଲିକ, ବଜେନ୍ଦ୍ର ମହାନ୍ତି, ଉମେଶ ମହାନ୍ତି, ସନ୍ଦୀପ ସ୍ୱାଇଁ ଓ ଅନ୍ୟ ନେତୃମଣ୍ଡଳୀ ବନ୍ୟାବିପନ୍ନଙ୍କୁ ରିଲିଫ୍ ସାମଗ୍ରୀ ଯୋଗାଇଦେବା ସହ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ସେହିପରି ବିଭିନ୍ନ ଅନୁଷ୍ଠାନ ଓ ସଂଗଠନ ପକ୍ଷରୁ ରିଲିଫ୍ ବଣ୍ଟନ କରାଯାଉଥିବା ବେଳେ ମଙ୍ଗଳବାର କଂଗ୍ରେସ ତରଫରୁ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ସଞ୍ଜୟ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ବନ୍ୟା ପ୍ରଭାବିତ ଅଞ୍ଚଳ ହସନବାଦ ପଞ୍ଚାୟତ ସମେତ ବିଭିନ୍ନ ପଞ୍ଚାୟତରେ ବନ୍ୟାବିପନ୍ନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି। ଏଥିରେ ବ୍ଲକ୍ କଂଗ୍ରେସ ସଭାପତି ଅରବିନ୍ଦ ନାୟକ, ଧାମନଗର ନଗର କଂଗ୍ରେସ ସଭାପତି ପ୍ରମୋଦ କୁମାର ସ୍ୱାଇଁ, କଂଗ୍ରେସ ନେତା ପ୍ରଭାତ ପଣ୍ଡା, ଚିନ୍ତାମଣି ବାରିକ, ବିକ୍ରମ ମହାପାତ୍ର, ମାନସ ତରାଇ, ସତ୍ୟ ପୁହାଣ, ଏସ୍‌କେ ଆଜାଦ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ।

# ବଙ୍ଗୋପ ସାଗରରେ ସମ୍ଭାବ୍ୟ ସୁନାମୀ ପାଇଁ ପ୍ରାକ୍ ପ୍ରସ୍ତୁତି

ଭଦ୍ରକ,୨୯।୯ (ସମିସ): ବଙ୍ଗୋପ ସାଗରରେ ସୁନାମୀ ଭୟ। ଆଉ ଏଥିପାଇଁ ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଦୋସିଙ୍ଗା ପଞ୍ଚାୟତରେ ସମ୍ଭାବ୍ୟ ସୁନାମୀ ମୁକାବିଲା ପାଇଁ ଚାଲିଛି ପ୍ରାକ୍ ପ୍ରସ୍ତୁତି ବୈଠକ। ବଙ୍ଗୋପ ସାଗରରେ ଭୂକମ୍ପ ଓ ଏଥିପାଇଁ ସମ୍ଭାବ୍ୟ ସୁନାମୀ ଆଶଙ୍କାରେ ବିଶ୍ୱ ଭୂକମ୍ପ ବିଜ୍ଞାନ କେନ୍ଦ୍ର ଦ୍ୱାରା ଚିହ୍ନଟ ଦେଶର ସୁନାମୀ ପ୍ରବଣ ଅଞ୍ଚଳଗୁଡ଼ିକୁ ସତର୍କ କରାଯାଇଛି। ଏହି ପରିପ୍ରେକ୍ଷୀରେ ଭାରତୀୟ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ସଂସ୍ଥା ପକ୍ଷରୁ ଭଦ୍ରକ ଜିଲ୍ଲାର ଚାନ୍ଦବାଲି ବ୍ଲକ୍‌ରେ ଥିବା ଦୋସିଙ୍ଗା ପଞ୍ଚାୟତର ୫ଟି ସୁନାମୀ ପ୍ରବଣ ଅଞ୍ଚଳ ଯଥା- ଦୋସିଙ୍ଗା, ରବୀନ୍ଦ୍ର ନଗର, ଅମର ନଗର, ପ୍ରଦ୍ୟୁତ୍ ନଗର, ସାବିତ୍ରୀ ସରାଇ ଗ୍ରାମର ମତ୍ସ୍ୟଜୀବୀ ଓ ଗ୍ରାମବାସୀଙ୍କୁ ସର୍ତକ କରାଇବା ସହିତ ସୁନାମୀ ସମୟରେ କିଭଳି ବୟସ୍କ, ଭିନ୍ନକ୍ଷମ, ଛୋଟ ଛୁଆ, ଗୃହପାଳିତ ପଶୁପକ୍ଷୀଙ୍କୁ ସୁରକ୍ଷିତ ଭାବରେ ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳକୁ ନେଇହେବ ସେଥିପାଇଁ ସତର୍କ କରାଯାଇଛି। ବଙ୍ଗୋପ ସାଗର ଉପକୂଳରେ ଅବସ୍ଥିତ ଏହି ସବୁ ଅଞ୍ଚଳ ସୁନାମୀ ପ୍ରବଣ ଅଞ୍ଚଳ ଭାବରେ ବିଶ୍ୱସ୍ତରୀୟ ସୁନାମୀ ଚେତାବନୀ ଦେଇଥିବା ସଂସ୍ଥା ଏନ୍‌ଟିଆର୍‌ବି ଦ୍ୱାରା ଚିହ୍ନଟ। ତେବେ ଗଭୀର ବଙ୍ଗୋପ ସାଗର ମଧ୍ୟରେ ସୃଷ୍ଟି ହେବାକୁ ଥିବା ଭୂକମ୍ପ ମଧ୍ୟରେ ଆମେରିକୀୟ ସୁନାମୀ ସତର୍କତା ସଂସ୍ଥା ଦ୍ୱାରା ଚିହ୍ନଟ ହେବା ପରେ ସୋମବାର ଧାମରା ନିକଟସ୍ଥ ଦୋସିଙ୍ଗା ପଞ୍ଚାୟତର ଏହି ୫ଟି ଗ୍ରାମର ଅଧିବାସୀମାନଙ୍କୁ ସତର୍କ କରିବା ପାଇଁ ସୁନାମୀ ଚେତାବନୀ ଦେଉଥିବା ବିଶ୍ୱସ୍ତରୀୟ ସଂସ୍ଥାର ବରିଷ୍ଠ ବୈଜ୍ଞାନିକ ଏମ୍.ଭି ସୁନନ୍ଦା, କେ. ଗୌରବ, ବୈଜ୍ଞାନିକ ବି. ଅଜୟ କୁମାର, ସିଏଚ୍ ଗୀତାଞ୍ଜଳି କୁମାର, ଓସ୍‌ଡମାର ସାଧାରଣ ସମ୍ପାଦକ ଅମ୍ବିକା ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ରହି ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କୁ ବିପଦ ସମୟରେ କିପରି ନିଜର ଓ ପରିବାରର ସୁରକ୍ଷା ଦେଇହେବ ସେ ସମ୍ବନ୍ଧରେ ଧାରଣା ଦେଇଥିଲେ।

## ଯୋଗଦେଲେ ବରିଷ୍ଠ ବୈଜ୍ଞାନିକ ଓ ପଦସ୍ଥ ଅଧିକାରୀ

# ଶିରି ହରାଇଲା କୁଳସାହି; ନେତା ଓ ପ୍ରଶାସନ ନିରବଦ୍ରଷ୍ଟା | ଭାସିଗଲା ସବୁଦିନିଆ ରାସ୍ତା; ବାସଗୃହକୁ ବିପଦ



ବାରିକପୁର,୨୯।୯ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଷୋଳମପୁର ପଞ୍ଚାୟତ ତିଖିଲିଆ କୁଳସାହି ଜନବସତି ଏବେ ଶିରି ହରାଇଛି। ବୈତରଣୀ ସଂଲଗ୍ନ ଗେଙ୍ଗୁଟି ନଦୀରେ ବାରମ୍ବାର ବନ୍ୟା ଆସିବା ଯୋଗୁଁ ଜନବସତିର ୩୦ଟି ପରିବାର ବିପଦ ମୁହଁରେ ସମୟ ଅତିବାହିତ କରୁଛନ୍ତି। ରାଜନୈତିକ ନେତୃବୃନ୍ଦ ଓ ପ୍ରଶାସନିକ ଅଧିକାରୀମାନେ ଏ ଦିଗରେ ନିରବଦ୍ରଷ୍ଟା ସାଜିଛନ୍ତି। ସୂଚନା ମୁତାବକ, ଅଗଷ୍ଟ ମାସରେ ଦେଖାଦେଇଥିବା ବନ୍ୟାରେ ଗାଁ ସଂଲଗ୍ନ ପକ୍କା ରାସ୍ତାଟି ଆଂଶିକ କ୍ଷତିଗ୍ରସ୍ତ ହୋଇଥିଲା। ରାସ୍ତା ତଳୁ ମାଟି ଧୋଇଯାଇଥିବା ବେଳେ ମାସେରୁ ଅଧିକ ସମୟ ଧରି ଗମନାଗମନ ପଥଟି ଶୂନ୍ୟରେ ଝୁଲି ରହିଥିଲା। ରାସ୍ତାକୁ ଲାଗି ସମସ୍ତ ବାସଗୃହ ରହିଥିବାବେଳେ ଗୃହସ୍ଥମାନେ ଏଥିପାଇଁ ଭୟଭୀତ ହୋଇ ଯାଇଥିଲେ। ତେଣୁ ରାସ୍ତା ମରାମତି ପାଇଁ ନେତା ମନ୍ତ୍ରୀ ଓ ବିଭିନ୍ନ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଗ୍ରାମବାସୀ ଗୁହାରି କରିଥିଲେ। ରାଜନୈତିକ ଟଣାଓଟରା ଓ ପ୍ରଶାସନିକ ଅବହେଳାରୁ ରାସ୍ତା ମରାମତି ହୋଇ ନ ଥିଲା। ଏହାପରେ ଏବେ ଯେଉଁ ବନ୍ୟା ଆସିଲା ସେଥିରେ ଝୁଲି ରହିଥିବା ରାସ୍ତାର ଅଧା ଭାଗ ଗେଙ୍ଗୁଟି ନଦୀରେ ଲୀନ ହୋଇଯାଇଛି। ଏପରିକି କିଛି ଲୋକଙ୍କ ଦାଣ୍ଡବାରି ଓ ନଳକୂଅ ମଧ୍ୟ ଭାସିଯାଇଛି। ସ୍ଥାନୀୟ ଲୋକମାନେ ପରସ୍ପର ଘରବାରି ଦେଇ ଯାତାୟାତ କରୁଛନ୍ତି। ସାଇକଲ ଓ ବାଇକ୍‌ରେ ଚଳପ୍ରଚଳ କରିବା ସମ୍ଭବ ହେଉନାହିଁ। ସବୁଦିନିଆ ପକ୍କା ରାସ୍ତାଟି ସମ୍ପୂର୍ଣ୍ଣ ନଷ୍ଟଭ୍ରଷ୍ଟ ହୋଇଛି। ପରିସ୍ଥିତି ଏଭଳି ହୋଇଛି ଯେ ନଦୀରେ ପୁଣି ଯଦି ବନ୍ୟା ଆସେ ତାହେଲେ କିଛି ବାସଗୃହ ମଧ୍ୟ ଲୀନ ହେବ ଏଥିରେ ସନ୍ଦେହ ନାହିଁ। ତେଣୁ ସମୟ ଥାଉ ଥାଉ ପ୍ରଶାସନ ଏହା ଉପରେ ଦୃଷ୍ଟି ଦେବା ସହିତ ଜନବସତିକୁ ବଞ୍ଚାଇବା ପାଇଁ ତୁରନ୍ତ ପଦକ୍ଷେପ ନେବା ଜରୁରୀ ହୋଇଛି।

# ବଡ଼ଧରଣର ବର୍ଷା ନାହିଁ; ତଥାପି ବୈତରଣୀରେ ବନ୍ୟା



ବାରିକପୁର,୨୯।୯ (ସମିସ): ଗତ ୨ଦିନ ପୂର୍ବରୁ ଭଣ୍ଡାରିପୋଖରୀ ବ୍ଲକ୍ ଦେଇ ଯାଇଥିବା ବୈତରଣୀନଦୀରେଏକମଧ୍ୟମଧରଣରବନ୍ୟାପରିସ୍ଥିତିସୃଷ୍ଟିହୋଇଥିଲା।ଯଦିଓବ୍ଲକ୍‌ଅଞ୍ଚଳରୁ ବନ୍ୟା ପାଣି ଅପସରି ଯାଇଛି; ତଥାପି ଏବେବି ପଡ଼ୋଶୀ ଧାମନଗର, ଚାନ୍ଦବାଲି ଓ ତିହିଡ଼ି ବ୍ଲକ୍‌ରେ ପରିସ୍ଥିତି ସଙ୍ଗୀନ ରହିଛି। ନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ପୂର୍ବରୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ଚଳିତ ବନ୍ୟାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି।

ସୂଚନା ମୁତାବକ, ଗତ ୨୪ ଓ ୨୫ ତାରିଖରେ ନଦୀର ଉପର ମୁଣ୍ଡରେ ସେଭଳି ବଡ଼ଧରଣର ବର୍ଷା ହୋଇନାହିଁ। କେବଳ କେନ୍ଦୁଝରରେ ଗୋଟିଏ ଦିନ ସର୍ବାଧିକ ୧୨୩ ମି.ମି. ବର୍ଷା ହୋଇଥିଲା। ଉକ୍ତ ସ୍ଥାନକୁ ଛାଡ଼ିଦେଲେ ଆନନ୍ଦପୁରରେ ୯୪ ମିମି ବର୍ଷା ହୋଇଥିଲା। ବିଶେଷକରି ଚମ୍ପୁଆ ବର୍ଷା ନଦୀରେ ବନ୍ୟା ସୃଷ୍ଟି କରେ ବୋଲି ପୂର୍ବରୁ ଦେଖାଯାଇଛି। ଏଥର କିନ୍ତୁ ଚମ୍ପୁଆଠାରେ ଗୋଟିଏ ଦିନ ୧୪ ଓ ଆଉ ଗୋଟିଏ ଦିନ ମାତ୍ର ୪୭ ମିମି ବର୍ଷା ହୋଇଥିଲା। ଏହାସତ୍ତ୍ୱେ ନଦୀରେ ବନ୍ୟା ଦେଖାଦେଇଥିଲା। ଯଦିଓ ଲଘୁଚାପ କାରଣରୁ ନଦୀର ତଳ ଭାଗ ଆଖୁଆପଦାଠାରେ କିଛି ବର୍ଷା ହୋଇଥିଲା କିନ୍ତୁ ପୂର୍ବ ବର୍ଷା ତୁଳନାରେ କମ୍ ଥିଲା। ବର୍ଷା ଏତେ କମ ସତ୍ତ୍ୱେ ନଦୀରେ କାହିଁକି ଏଭଳି ବନ୍ୟା ପରିସ୍ଥିତି ସୃଷ୍ଟି ହେଲା ତାହା ଏବେ ଆଲୋଚ୍ୟର ବିଷୟ ପାଲଟିଛି। କୁହାଯାଉଛି ନଦୀର ଉପରମୁଣ୍ଡରେ ଥିବା ଛୋଟବଡ଼ ଡ୍ୟାମ୍‌ରୁ ଏକାକାଳୀନ ଜଳ ନିଷ୍କାସନ ଓ ପଡ଼ୋଶୀ ଝାଡ଼ଖଣ୍ଡ ସୀମାନ୍ତରେ ଥିବା କେତେକ ପାହାଡ଼ିଆ ନଦୀର ଜଳ ବୈତରଣୀରେ ଆସିବା କାରଣରୁ ମଧ୍ୟମ ଧରଣର ବନ୍ୟା ଦେଖାଦେଇଥିଲା। ଏକଥା ଯଦି ସତ ହୋଇଥାଏ, ତାହେଲେ ପ୍ରକୃତି ସହିତ ମନୁଷ୍ୟକୃତ ତ୍ରୁଟି ଯୋଗୁଁ ବାରମ୍ବାର ବନ୍ୟା ଆସିବା କଥାକୁ ଏଡ଼ାଇ ଦେଇହେବ ନାହିଁ। ଯାହାଫଳରେ ବୈତରଣୀ ତଳ ଭାଗରେ ହଜାର ହଜାର ଜନସାଧାରଣ ନାହିଁ ନ ଥିବା କ୍ଷତିର ସମ୍ମୁଖୀନ ହେଉଥିବାବେଳେ କେତେକ ସ୍ଥାନରେ ଜୀବନ ମଧ୍ୟ ଚାଲିଯାଉଛି। ଏବେ ସବୁକଥା ବିଚାରକୁ ନେଇ ସରକାର ବୈତରଣୀ ବନ୍ୟା ଉପରେ ବିଶ୍ଳେଷଣ କରିବା ଅପରିହାର୍ଯ୍ୟ ହୋଇପଡ଼ିଛି।

## ତିହିଡ଼ି ବ୍ଲକ୍‌ରେ ବନ୍ୟା: ଜଳଘେରରେ ୨୦ ପଞ୍ଚାୟତର ଲୋକ

# ୭୫ ଗାଁ ପ୍ରଭାବିତ; ଶ୍ୟାମସୁନ୍ଦରପୁର, କାଁପଡ଼ା ବାହ୍ୟଜଗତରୁ ବିଚ୍ଛିନ୍ନ



ତିହିଡ଼ି,୨୯।୯ (ସମିସ): ବନ୍ୟାର ପ୍ରକୋପ ବଢ଼ିବାରେ ଲାଗିଛି। ସାଳନ୍ଦୀ ଓ ବୈତରଣୀ ନଦୀ ବଢୁଛି। ସାଳନ୍ଦୀ ନଦୀରେ ବନ୍ୟା ପାଣି ବିପଦ ସଂକେତ ଟପିଛି। ପ୍ରଶାସନ ବନ୍ୟାର ମୁକାବିଲା କରୁଛି। ତିହିଡ଼ି ବ୍ଲକ୍‌ର ବିଭିନ୍ନ ୭ ପଞ୍ଚାୟତ ବନ୍ୟା ପାଣିରେ ଉବୁଟୁବୁ ହେଉଥିବାବେଳେ ଅନ୍ୟ ୨୦ ପଞ୍ଚାୟତ ପ୍ରଭାବିତ ହୋଇଛି। ସାଳନ୍ଦୀ ନଦୀରେ ବନ୍ୟା ଆସିବା ଯୋଗୁଁ ବ୍ଲକ୍‌ର ୭ ପଞ୍ଚାୟତ ଜଳମଗ୍ନ ହେବା ସହିତ ପଞ୍ଚାୟତ ଆଂଶିକ ପ୍ରଭାବିତ ହୋଇଥିଲା। ତେବେ ବନ୍ୟାଜଳ ପ୍ରବେଶ କରିବାରୁ ତିହିଡ଼ି ବ୍ଲକ୍‌ର ୨୦ ପଞ୍ଚାୟତରେ ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବନ୍ୟା ଯୋଗୁଁ ବ୍ଲକ୍‌ର ୭୫ ଗାଁର ହଜାର ହଜାର ଲୋକ ପାଣିଘେରରେ ରହିଥିବା ଜଣାଯାଇଛି। ଯେଉଁଥିପାଇଁ ସେହିସବୁ ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ବିଡିଓ ନିରଞ୍ଜନ ବାରିକ ବନ୍ୟା ପ୍ରଭାବିତ ଅଞ୍ଚଳକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି।

ସାଳନ୍ଦୀ ନଦୀରେ ବନ୍ୟା ଆସିବା ଯୋଗୁଁ ବାରୋ, ବିଲଣା, ବୋଡ଼କ ଓ ତଳଗୋପବିନ୍ଧା ପଞ୍ଚାୟତ ସମ୍ପୂର୍ଣ୍ଣ ରୂପେ ବନ୍ୟାପାଣି ଘେରରେ ରହିଛି। ମୁକୁନ୍ଦପୁର, କୋହ୍ଲ, ସିନ୍ଦୋଳ ପଞ୍ଚାୟତର କିଛି ଗାଁ ପାଣି ଘେରରେ ଥିଲା। ତେବେ ବନ୍ୟା ପାଣି ନଇରେ ପ୍ରବେଶ କରିବାରୁ ଗୁରୁବାର ଦୋଳସାହି ପଞ୍ଚାୟତର ଗାଜିପୁର, ରାଢ଼ଙ୍ଗ ଆଦି ଗ୍ରାମ ଜଳମଗ୍ନ ହୋଇଥିବା ଜଣାଯାଇଛି। ତେବେ ବୈତରଣୀ ନଦୀରେ ବନ୍ୟା ପାଣି ମାଡ଼ିବା ଫଳରେ ଶ୍ୟାମସୁନ୍ଦରପୁର, ବାରସର ଓ ଗୋବିନ୍ଦପୁର ପଞ୍ଚାୟତର ପରିସ୍ଥିତି ଜଟିଳ ହୋଇଛି। କାଁପଡ଼ା, ଶ୍ୟାମସୁନ୍ଦରପୁର ଓ ଗୋବିନ୍ଦପୁର ପଞ୍ଚାୟତ, ବାରସର ପଞ୍ଚାୟତର ୧୨ଟି ଗ୍ରାମ ସମ୍ପୂର୍ଣ୍ଣ ରୂପେ ଜଳମଗ୍ନ ହୋଇ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଥିବା ଜଣାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ମଙ୍ଗରାଜପୁର-ଶ୍ୟାମସୁନ୍ଦରପୁର ଭାୟା ସିନ୍ଦୋଳ-ନୂଆସାହି, କୋହ୍ଲ-ତିଆଡ଼ିସାହି ଭାୟା ଦପା, ଅର୍ଜୁନବିନ୍ଧା-ମଧୁପୁର ଭାୟା ତିଆଡ଼ିସାହି, କାଁପଡ଼ା-ଚକରାସାହି ରାସ୍ତା ବନ୍ୟା ପାଣିରେ ବୁଡ଼ିଯାଇଛି। ଏହିସବୁ ପଞ୍ଚାୟତରେ ଉଦ୍ଧାର କାର୍ଯ୍ୟ ପାଇଁ ଡଙ୍ଗା ନିୟୋଜିତ ହୋଇଛି। ଓଡ୍ରାଫ, ଅଗ୍ନିଶମ ବିଭାଗ କର୍ମଚାରୀମାନେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ବିଭିନ୍ନ ସ୍କୁଲ ଏବଂ ବାତ୍ୟା ଆଶ୍ରୟସ୍ଥଳରେ ଆଶ୍ରୟ ନେଇଥିବା ୫ ହଜାର ବିପନ୍ନଙ୍କୁ ଗୋଟିଏ ଓଳି ପାଇଁ ରନ୍ଧା ଓ ଶୁଖିଲା ଖାଦ୍ୟ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଉଛି। ଏହାଛଡ଼ା ବନ୍ୟାରେ ସବୁଠୁ ଅଧିକ ପ୍ରଭାବିତ ବାରୋ, ବିଲଣା, ବୋଡ଼କ, ତଳଗୋପବିନ୍ଧା, ବାରସର, ଗୋବିନ୍ଦପୁର, ଶ୍ୟାମସୁନ୍ଦରପୁର ଓ କାଁପଡ଼ା ପଞ୍ଚାୟତରେ ଶୁଖିଲା ଓ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି। ଧାନ ଚାଷ ହୋଇଥିବା ଜମିରେ ୫ ଫୁଟ୍ ଉପରେ ବନ୍ୟା ପାଣି ପ୍ରବାହିତ ହେଉଛି। ବ୍ଲକ୍‌ର ୩୦ ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଜମିରେ ଧାନ ଚାଷ ସମ୍ପୂର୍ଣ୍ଣ ରୂପେ ଉଜୁଡ଼ିଯିବାର ସମ୍ଭାବନା ଥିବାରୁ ଚାଷୀମାନଙ୍କର ଆର୍ଥିକ



ମେରୁଦଣ୍ଡ ଭାଙ୍ଗିଯିବା ନିଶ୍ଚିତ ହୋଇଛି। ଏହି ପରିପ୍ରେକ୍ଷୀରେ କ୍ଷତିଗ୍ରସ୍ତ ଚାଷୀମାନଙ୍କ ପାଇଁ ସରକାରୀ ସହାୟତା ପ୍ରଦାନ କରିବାକୁ ଚାଷୀଙ୍କ ମହଲରେ ଦାବି ହୋଇଛି।

‘ସକାଳ’ ପ୍ରଭାବ

## ପୁରୁଷଣ୍ଡ ନୋଡାଲ ବିଦ୍ୟାଳୟ ଶ୍ରେଣୀଗୃହ ନିର୍ମାଣ ପ୍ରସଙ୍ଗ

# ଖବର ପ୍ରକାଶ ପରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଯୁଗ୍ମ ତଦନ୍ତ

ବନ୍ତ/ଆଗରପଡ଼ା,୨୯।୯(ସମିସ)



ଗତ ଅଗଷ୍ଟ ୮ ତାରିଖରେ ‘ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଓ ବିଡିଓଙ୍କ ପ୍ରତିଶ୍ରୁତିକୁ ବର୍ଷେ ବିତିଲା; କାଗଜକଲମରେ ସୀମିତ କାର୍ଯ୍ୟାନୁଷ୍ଠାନ’ ଶୀର୍ଷକ ଖବର ଦୈନିକ ‘ସକାଳ’ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ପୁରୁଷଣ୍ଡ ନୋଡାଲ ବିଦ୍ୟାଳୟର ନୂତନ ଶ୍ରେଣୀଗୃହ ନିର୍ମାଣ ନିମନ୍ତେ ବନ୍ତ ବ୍ଲକ୍ ପ୍ରଶାସନ ତରଫରୁ ମଙ୍ଗଳବାର ବ୍ଲକ୍ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ଶ୍ରଦ୍ଧାସୁମନ ନାଥ ଓ କନିଷ୍ଠ ଯନ୍ତ୍ରୀ ଅସିମା ନାୟକ ବିଦ୍ୟାଳୟକୁ ଆସି ଯୁଗ୍ମ ତଦନ୍ତ କରିଥିବା ଜଣାପଡ଼ିଛି। ଖୁବ୍‌ଶୀଘ୍ର ନୂତନ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାର ସୂଚନା ମଧ୍ୟ ମିଳିଛି।

ସାଂସଦ ଜିଲ୍ଲାପାଳଙ୍କୁ ‘ଏକ୍ସ’ରେ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଅବଗତ କରାଉଛନ୍ତି, ପରେ ଜିଲ୍ଲାପାଳ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଡିଓଙ୍କୁ ନିର୍ଦ୍ଦେଶ ଦେଉଛନ୍ତି ଏବଂ ଜିଲ୍ଲାପାଳଙ୍କ ନିର୍ଦ୍ଦେଶାନୁସାରେ ବିଡିଓ ପ୍ରତିଶ୍ରୁତି ମଧ୍ୟ ଦେଉଛନ୍ତି। କିନ୍ତୁ ଏହି ସବୁ ଭିତରେ ଏକ ବର୍ଷ ବିତିଯିବା ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା କାଗଜକଲମରେ ସୀମିତ ରହିଯିବା ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। କେନ୍ଦ୍ରଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ସମସ୍ତେ ଶିକ୍ଷାର ମାନବୃଦ୍ଧି ନିମନ୍ତେ ବିଭିନ୍ନ ପ୍ରକାର ଯୋଜନା ମାଧ୍ୟମରେ ବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ସୃଷ୍ଟି କରିବାକୁ ଉଦ୍ୟମ କରୁଥିବାବେଳେ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ଯୋଜନାର ସଫଳ ରୂପାୟଣରେ ଅନ୍ତରାୟ ସୃଷ୍ଟି କରୁଥିବା ଜଣାପଡୁଛି। ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଥିଲା ଭଦ୍ରକ ଜିଲ୍ଲା ବନ୍ତ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ତୋଫାବିବି କ୍ଲଷ୍ଟର ଅନ୍ତର୍ଗତ ପୁରୁଷଣ୍ଡ ନୋଡାଲ ବିଦ୍ୟାଳୟରେ। ୨୦୨୫ ଜୁଲାଇ ମାସ ପ୍ରଥମ ସପ୍ତାହରେ ପୁରୁଷଣ୍ଡ ନୋଡାଲ ବିଦ୍ୟାଳୟର ଏକ ଶ୍ରେଣୀଗୃହ ଛାତରୁ ପ୍ଲାଷ୍ଟର ଗଳିପଡ଼ିଥିବାର ଦେଖିବାକୁ ମିଳିଥିଲା। ସୌଭାଗ୍ୟବସତଃ ଶ୍ରେଣୀଗୃହରେ କେହି ପିଲା ଉପସ୍ଥିତ ନ ଥିବାରୁ ଏକ ସୁନିଶ୍ଚିତ ବିପଦରୁ ରକ୍ଷା ମିଳିଯାଇଥିଲା। ପରେ ଉକ୍ତ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ସାଂସଦ ଜିଲ୍ଲାପାଳଙ୍କୁ ‘ଏକ୍ସ’ରେ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଅବଗତ କରାଇଥିଲେ। ଜିଲ୍ଲାପାଳ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଡିଓଙ୍କୁ ନିର୍ଦ୍ଦେଶ ଦେଉଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବନ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ ସୀତାକାନ୍ତ ରାଉତ, ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ଶ୍ରଦ୍ଧାସୁମନ, ବିଆର୍‌ସିସି ହରେକୃଷ୍ଣ ଆପଟ, ବୈଷୟିକ ପରାମର୍ଶଦାତା ଜଗନ୍ନାଥ ବିଶ୍ୱାଳ, କନିଷ୍ଠ ଯନ୍ତ୍ରୀ ପ୍ରଜ୍ଞା ପରମିତା ମହାନ୍ତି, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବୀରକିଶୋର ନାୟକ ପ୍ରମୁଖଙ୍କ ସହ ବିଦ୍ୟାଳୟକୁ ଆସି ଘଟଣାର ତଦାରଖ କରିବା ସହ ସମସ୍ୟାର ସମାଧାନ ପାଇଁ ବିହିତ ପଦକ୍ଷେପ ନେବାର ପ୍ରତିଶ୍ରୁତି ଦେବା ସହ ବିପଦସଙ୍କୁଳ ଶ୍ରେଣୀଗୃହକୁ ନିଷିଦ୍ଧାଞ୍ଚଳ ଘୋଷଣା କରିଥିଲେ।

ଘଟଣାର ତଦାରଖ ସମୟରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଙ୍କ ସମେତ ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ଯୁବନେତା ନିର୍ମଳ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ। ପରେ ବିଡିଓ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୮୭୪/୧୮.୭.୨୫ରେ ଜିଲ୍ଲାପାଳ ଓ ସାଂସଦ, ଭଦ୍ରକ ଏବଂ ଏସ୍‌ଏମ୍‌ଇ ଓଡ଼ିଶାଙ୍କୁ ତାଙ୍କ କାର୍ଯ୍ୟାନୁଷ୍ଠାନର ରିପୋର୍ଟ ପ୍ରଦାନ କରିଥିଲେ। ଉକ୍ତ ରିପୋର୍ଟରେ ସେ ତାଙ୍କ ବିଭାଗର ବିଭିନ୍ନ ଅଧିକାରୀଙ୍କ ସମେତ ଘଟଣାସ୍ଥଳକୁ ପରିଦର୍ଶନରେ ଯିବା ଓ ବିପଦସଙ୍କୁଳ ଗୃହକୁ ନିଷିଦ୍ଧାଞ୍ଚଳ ଘୋଷଣା କରିବା ସହ ଉକ୍ତ ଗୃହରେ ଶିକ୍ଷାଲାଭ କରୁଥିବା ପିଲାଙ୍କୁ ପାଖ କୋଠରିକୁ ସ୍ଥାନାନ୍ତରିତ କରିଥିବା ଉଲ୍ଲେଖ କରିଥିଲେ। ୩ ନଂ ପଏଣ୍ଟରେ ବିପଦସଙ୍କୁଳ ଗୃହର ମରାମତି କରିବା ସମ୍ଭବ ନ ଥିବାରୁ ଏହାକୁ ଭଙ୍ଗାଯିବା ଓ ନୂତନ ଶ୍ରେଣୀଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି ଏବଂ ନିର୍ଦ୍ଧାରିତ ସମୟରେ ଏହା ସରିବ ବୋଲି ଉଲ୍ଲେଖ କରିଥିଲେ। କିନ୍ତୁ ଇତି ମଧ୍ୟରେ ଗୃହକୁ କେବଳ ଭଙ୍ଗାଯାଇଥିବା ଜଣାପଡ଼ିଥିଲା। ବିଡିଓଙ୍କ ଉତ୍ତରକୁ ଇତି ମଧ୍ୟରେ ବର୍ଷେ ବିତିଯାଇଥିଲେ ହେଁ ଉକ୍ତ ସ୍ଥାନରେ କୋ÷ଣସି ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ଜଣାପଡ଼ିଥିଲା। ତେଣୁ ବିଡିଓଙ୍କ ପ୍ରଶାସନକୁ ଏହିପରି ଉତ୍ତର ରଖିବା କେତେଦୂର ଯୁକ୍ତିଯୁକ୍ତ ତାହା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ତେଣୁ ପିଲାଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି ଜିଲ୍ଲାପାଳ ଓ ସାଂସଦ ଘଟଣାର ଅନୁସନ୍ଧାନ କରି ସମସ୍ୟାର ଯଥାଶୀଘ୍ର ସମାଧାନ କରିବାକୁ ବିଭିନ୍ନ ମହଲରୁ ଦାବି ହୋଇଛି।

## ଚୋରି ବିଦ୍ୟୁତ୍ ତାର ଆଗରପଡ଼ାରୁ ଜବତ

ବନ୍ତ/ଆଗରପଡ଼ା,୨୯।୯(ସମିସ): ବନ୍ତ ଥାନା ଅନ୍ତର୍ଗତ ଦେବତାଗଡ଼ିଆ ଅଞ୍ଚଳରୁ ଚୋରି ହୋଇଥିବା ବିଦ୍ୟୁତ୍ ତାର ଆଗରପଡ଼ାସ୍ଥିତ ଏକ ସ୍କ୍ରାପ୍ ଗୋଦାମରୁ ପୁଲିସ ଜବତ କରିଛି। ଗତ ୨୩ ତାରିଖରେ ଦେବତାଗଡ଼ିଆ ଅଞ୍ଚଳରୁ ପ୍ରାୟ ୯୫ ହଜାର ଟଙ୍କାରୁ ଊର୍ଦ୍ଧ୍ୱର ୧୧ କେଭି ବିଦ୍ୟୁତ୍ ତାର ଚୋରି ହୋଇଥିବାର ଥାନାରେ ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ବନ୍ତ ଥାନା କେସ୍ ନଂ ୨୮୦/୨୬ରେ ମାମଲା ରୁଜୁ କରି ପୁଲିସ ତଦନ୍ତ ଚଲାଇଥିଲା। ଚଣ୍ଡିପୁର ଗ୍ରାମର ଅବ୍‌ଦୁଲ ମାଜିଦ୍ ଖାଁଙ୍କୁ ପଚରାଉଚରା ସମୟରେ ଚୋରି ତାର ଆଗରପଡ଼ା ଏକ ସ୍କ୍ରାପ୍ ଗୋଦାମରେ ସେ ବିକ୍ରି କରିଥିଲା ବୋଲି ପୁଲିସ ଜାଣିବାକୁ ପାଇଥିଲା। ଗୋଦାମରେ ଚଢ଼ଉ କରି ପୁଲିସ ଚୋରି ତାର ଓ ଏଥିରେ ବ୍ୟବହୃତ ଗାଡ଼ିକୁ ଜବତ କରିଥିଲା। ଅଭିଯୁକ୍ତ ଦ୍ୱୟଙ୍କୁ ପୁଲିସ ଗିରଫ କରିବା ସହ ଚୋରିରେ ସମ୍ପୃକ୍ତ ଅନ୍ୟମାନଙ୍କୁ ପୁଲିସ ଖୋଜୁଥିବାର ଜଣାପଡ଼ିଛି।

## ସାଳନ୍ଦୀ ଡିଭିଜନ ଡ୍ରେନ୍‌ରୁ ମୃତଦେହ ଉଦ୍ଧାର

ଭଦ୍ରକ,୨୯।୯(ସମିସ): ଭଦ୍ରକ ବାଇପାସ୍‌ସ୍ଥିତ କେନାଲ ଡିଭିଜନ ଅଫିସ ଭିତର ଡ୍ରେନ୍‌ରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ତେବେ ମୁକୁଳା ଡ୍ରେନ୍‌ରେ ପଡ଼ି ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ମଙ୍ଗଳବାର ସକାଳେ ଡ୍ରେନ୍ ଭିତରେ ଜଣେ ବ୍ୟକ୍ତି ପଡ଼ିଥିବା ଦେଖି ଦମକଳ ବାହିନୀ ଓ ପୁଲିସକୁ ଖବର ଦେଇଥିଲେ। ଦମକଳ ବାହିନୀ ପୁଲିସ ଉପସ୍ଥିତିରେ ମୃତଦେହକୁ ଉଦ୍ଧାର କରିଛି। ମୃତକ ହେଉଛନ୍ତି ବାଇପାସ୍ କଲୋନୀର ଅକ୍ଷୟ ପ୍ରଧାନ(୫୨)। ସୋମବାର ଅକ୍ଷୟ ସଜନା ଗଛରୁ ଶାଗ ତୋଳିବା ବେଳେ ଡ୍ରେନ୍‌ରେ ଗଳି ପଡ଼ିଥିବା ସନ୍ଦେହ କରାଯାଉଛି। ଭଦ୍ରକ ସହରାଞ୍ଚଳ ଥାନା ଅଧୀନ ବାଇପାସ୍‌ସ୍ଥିତ ସାଳନ୍ଦୀ କେନାଲ ଡିଭିଜନ ଅଫିସ ପରିସରରେ ଏହି ଘଟଣା ଘଟିଛି। ଅଫିସ ପରିସରରେ ଥିବା ଡ୍ରେନ୍‌ର ଢାଙ୍କୁଣି ନ ଥିବାରୁ ଅକ୍ଷୟ ଗଳିପଡ଼ିଥିବା ସୂଚନା ମିଳିଛି। ତେବେ ଅଫିସ ପରିସରକୁ ଜଣେ ବ୍ୟକ୍ତି କିପରି ଗଲେ ଓ ଡ୍ରେନ୍ କାହିଁକି ମୁକୁଳା ପଡ଼ିଛି ସେନେଇ ତଦନ୍ତ ହେବା ଆବଶ୍ୟକ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଜିଲ୍ଲାସ୍ତରୀୟ ୨ୟ ପର୍ଯ୍ୟାୟ କ୍ରୀଡ଼ା ଉଦ୍‌ଘାଟିତ

ଭଦ୍ରକ,୨୯।୯(ସମିସ): ଭଦ୍ରକ ଜିଲ୍ଲା।ସ୍ତରୀୟ ୨ୟ ପର୍ଯ୍ୟାୟ କ୍ରୀଡ଼ା ପ୍ରତିଯୋଗିତା ଚରମ୍ପା ହନୁମାନଜୀଉ ହାଇସ୍କୁଲ ତତ୍ତ୍ୱାବଧାନରେ ରେଳବାଇ ଖେଳ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ଡ. ଜଗବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଦେବବ୍ରତ ମହାପାତ୍ର ଯୋଗଦେଇ ପିଲାମାନଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ପରିସ୍ଫୁଟନ କରିବାକୁ ସୁଯୋଗ ପ୍ରଦାନ କରିବାର ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ଡ. ପ୍ରଫୁଲ୍ଲ ସାହୁ, ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ଖଟୁଆ ଯୋଗଦେଇଥିଲେ। ଶଶୀଶେଖର କରଶର୍ମାଙ୍କ ସଞ୍ଚାଳନରେ ଅନୁଷ୍ଠିତ ସଭାରେ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ରାଜେନ୍ଦ୍ର ନାୟକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଭୀମଚରଣ ପରିଡ଼ା, ନରେନ୍ଦ୍ର ପ୍ରସାଦ ସାହୁ, ପ୍ରଦୀପ ମହାପାତ୍ର, ମାନସ କୁମାର ନାୟକ, ଜିତେନ୍ଦ୍ର ସାହୁ, ପ୍ରଭୁଦତ୍ତ ପଣ୍ଡା, ମନୋଜ ଶଙ୍ଖୁଆ, ମାନସ ଜେନା, ପ୍ରଭାତ ଜେନା, ସଚ୍ଚିକାନ୍ତ ପଣ୍ଡା, ଅକ୍ଷୟ ସେଠୀ, ରମେଶ ଚୌଧୁରୀ, ତପନ ମିଶ୍ର, ମାନସୀ ପ୍ରଧାନ, ପ୍ରିୟଙ୍କା ମିଶ୍ର, ବିକଶି ସାହୁ, ଅଶୋକ ପଣ୍ଡା, ସେକ୍ ରିୟାଜ୍, ଏସ୍.କେ ସଲିମ୍, ରଞ୍ଜନ ବେହେରା, ଆରକ୍ଷ ରଞ୍ଜନ ବେହେରା, ଉପମନ୍ୟୁ ଖୁଣ୍ଟିଆ, ଜୟନ୍ତୀ ନାୟକ, ରିମା ନାୟକ, ରାଜକିଶୋର ମଲ୍ଲିକ, ସୁଶାନ୍ତ ବାରିକ୍, ସୁକାନ୍ତ ଜେନା, ବିକ୍ରମ ଦାସ, ସତ୍ୟ ନାୟକ ପ୍ରମୁଖ କ୍ରୀଡ଼ା ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ୧୪ ଓ ୧୭ ବର୍ଷରୁ କମ୍ ବାଳକ ଓ ବାଳିକାଙ୍କ ମଧ୍ୟରେ ଦୌଡ଼କୁଦ, ସାଇକେଲିଂ, ଜମ୍ପିଂ, ଥ୍ରୋଇଂ ଆଦିରେ ୭ ବ୍ଲକ୍‌ରୁ ୨୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରୁ ଦୌଡ଼କୁଦ, ଜମ୍ପିଂ, ଥ୍ରୋଇଂରେ ୨୦ ଜଣ ଓ ସାଇକେଲିଂରେ ୧୪ଜଣ ପ୍ରତିଯୋଗୀ ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି।

## ‘ମନରେଗା’ ଜନଶୁଣାଣି ଶିବିର

ବାରିକପୁର,୨୯।୯(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ସଭାଗୃହ ମଧ୍ୟରେ ମଙ୍ଗଳବାର ସାମାଜିକ ସୁରକ୍ଷା ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ମନରେଗା)ରେ ଆୟୋଜିତ ହୋଇଥିବା ସମୀକ୍ଷା ଶିବିରରେ ବ୍ଲକ୍ ଅଧ୍ୟକ୍ଷା ସୁମତୀ ସେଠୀ, ବିଡିଓ ଦେବଦତ୍ତ ଦାଶ, ସହକାରୀ ନିର୍ବାହୀ ଯନ୍ତ୍ରୀ ହୃଦାନନ୍ଦ ଜେନା, ସାମାଜିକ ସୁରକ୍ଷା ଅଧିକାରୀ ଜଗନ୍ନାଥ ପଣ୍ଡା ଯୋଗଦେଇ ୪୦ଟି ପ୍ରକଳ୍ପ ବିଷୟରେ ଜନଶୁଣାଣି କରିଥିଲେ। ୨୦୨୫ ଅକ୍ଟୋବରରୁ ୨୦୨୬ ମାର୍ଚ୍ଚ ମଧ୍ୟରେ ଯୋଜନା ଅନୁସାରେ କେଉଁ କେଉଁ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି ତାକୁ ନେଇ ସମୀକ୍ଷା ହୋଇଥିଲା। ଆର୍ଥିକ ବର୍ଷର ଏହା ପ୍ରଥମ ବୈଠକ ହୋଇଥିବାବେଳେ ଯୋଜନା କାର୍ଯ୍ୟକାରିତାକୁ ନେଇ ଅନେକ ତ୍ରୁଟିବିଚ୍ୟୁତି ଜଣାପଡ଼ିଥିଲା। ଆଗକୁ ଏଥିରେ ସୁଧାର ଆଣିବା ପାଇଁ ପରାମର୍ଶ ଦିଆଯାଇଥିଲା। ଶିବିରରେ ବ୍ଲକ୍‌ର ସମସ୍ତ କନିଷ୍ଠ ଯନ୍ତ୍ରୀ, ପିଇଓ, ଜିଆର୍‌ଏସ୍, ଭିଆଇପିମାନେ ଉପସ୍ଥିତ ଥିଲେ। ଅଶୋକ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ନିଶାମୁକ୍ତ ଭାରତ ଅଭିଯାନ

ବାରିକପୁର,୨୯।୯(ସମିସ): ଭଣ୍ଡାରିପୋଖରୀ ଥାନା ପକ୍ଷରୁ ବିଭିନ୍ନ ବିଦ୍ୟାଳୟରେ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାସହିତ ସାଇବର ଅପରାଧ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ପରାମର୍ଶ ଦିଆଯାଇଛି। ଥାନା ଅଧିକାରିଣୀ ରାଜଲକ୍ଷ୍ମୀ ନାୟକଙ୍କ ସଂଯୋଜନାରେ ଗତ ସୋମବାର ସରସଦା ସରକାରୀ ଉଚ୍ଚ ବିଦ୍ୟାଳୟ ଓ ହାରାମଣୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶିକ୍ଷକ-ଶିକ୍ଷୟିତ୍ରୀମାନେ ନିଶାଦ୍ରବ୍ୟ ବ୍ୟବହାରର କୁପ୍ରଭାବକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ସମ୍ପ୍ରତି ସାଇବର ଅପରାଧକୁ କେଉଁଭଳି ରୋକାଯାଇପାରିବ ସେନେଇ ମଧ୍ୟ ପରାମର୍ଶ ଦିଆଯାଇଥିଲା। ଅନୁରୂପ ଭାବେ ମଙ୍ଗଳବାର ମଧ୍ୟ ମଣୀନାଥପୁର ଓ ମାଳଦା ଉଚ୍ଚ ବିଦ୍ୟାଳୟରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ସୁସ୍ଥ ଭାରତ ଗଠନରେ ଛାତ୍ରଛାତ୍ରୀଙ୍କ ଭୂମିକା ଓ ନିଶାମୁକ୍ତ ସମାଜ ଗଠନ ଦିଗରେ ସମସ୍ତେ ଏକଜୁଟ୍ ହୋଇ କାର୍ଯ୍ୟ କରିବାର ସମୟ ଆସିଛି ବୋଲି ଥାନା ଅଧିକାରିଣୀ ରାଜଲକ୍ଷ୍ମୀ ମତବ୍ୟକ୍ତ କରିଥିଲେ।

## ଭଦ୍ରକରେ ଶତାଧିକ ବର୍ଷର ପ୍ରସିଦ୍ଧ ଶ୍ରୀଅନନ୍ତ ନାରାୟଣଙ୍କ ପୂଜା

ଭଦ୍ରକ,୨୯।୯(ସମିସ): ଭଦ୍ରକ ସହର ଅନ୍ତର୍ଗତ ଠାକୁର ଅନନ୍ତ ନାରାୟଣ ମାର୍ଗ, ନରିପୁର (ଅସ୍ତଳ) ଗାଁରେ ପ୍ରତିବର୍ଷ ପରି ଚଳିତ ବର୍ଷ ପବିତ୍ର ‘ଅନନ୍ତ ବ୍ରତ’ ଉପଲକ୍ଷେ ପ୍ରସିଦ୍ଧ ଠାକୁର ଶ୍ରୀଶ୍ରୀଅନନ୍ତ ନାରାୟଣଙ୍କ ପୂଜା ଉତ୍ସବ ପ୍ରତିକୂଳ ପାଗ ସତ୍ତ୍ୱେ ବିଭିନ୍ନ କାର୍ଯ୍ୟକ୍ରମ ୫ ଦିନ ଧରି ମହାସମାରୋହରେ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବ ସାର୍ବଜନୀନ ଓ ଗଣପର୍ବ ରୂପ ନେଇ ଶହେ ବର୍ଷରୁ ଊର୍ଦ୍ଧ୍ୱ ଧରି ଭକ୍ତି ଓ ନିଷ୍ଠାର ସହ ପାରମ୍ପରିକ ରୀତିରେ ପୁରଷାନୁକ୍ରମେ ପାଳିତ ହୋଇଆସୁଛି। ସାଳନ୍ଦୀ ନଦୀରେ କଳସ ବୁଡ଼ାଯାଇ ଜଳ ଅଣାଯିବା ପରେ ଘଟ, ପୂଜାପାଠ, ହୋମ ଓ ପୂଜାର୍ଚ୍ଚନା ଆଦି ପ୍ରଭୁଙ୍କ ନୀତିକାନ୍ତି ପରମ୍ପରା ଅନୁଯାୟୀ ସମ୍ପନ୍ନ ହୋଇଥିଲା। ବେଙ୍ଗାଲୁରୁ ଓ କୋଲକାତାରୁ ଆସିଥିବା କାରିଗରଙ୍କ ଦ୍ୱାରା ବିଭିନ୍ନ କିସମର ସୁବାସିତ ପୁଷ୍ପମାଲ୍ୟରେ ବିଗ୍ରହଙ୍କୁ ସୁସଜ୍ଜିତ କରାଯାଇ ମନ୍ଦିରର ଶୋଭାବର୍ଦ୍ଧନ କରାଯାଇଥିଲା। ମହାପ୍ରଭୁଙ୍କ ‘ଅନନ୍ତ ଶୟନ’ଦୃଶ୍ୟ ଚିତ୍ତାକର୍ଷକ ହୋଇଥିବାରୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଶ୍ରଦ୍ଧାଳୁମାନେ ଦର୍ଶନ କରିଥିଲେ। ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପୂଜାରେ ପଣ୍ଡିତ ଅମର ପଣ୍ଡା, ପଣ୍ଡିତ ଗୋବର୍ଦ୍ଧନ ମିଶ୍ର, ପଣ୍ଡିତ ସ୍ନେହାଶିଷ ପଣ୍ଡା, ଚିତ୍ତରଞ୍ଜନ ପଣ୍ଡା ପୂଜାପାଠ କରିଥିଲେ। ଏଠାକୁ ବିଭିନ୍ନ ଅଞ୍ଚଳରୁ ଆସିଥିବା ବ୍ରତଧାରୀ ମହିଳାମାନେ ଉପବାସ କରି ମନ୍ଦିରରେ ପ୍ରଭୁଙ୍କ ନାଗ ଓ ବ୍ରତପୂଜା କରିଥିଲେ।



ଏହା ଏକ ସାର୍ବଜନୀନ ଗଣପର୍ବର ରୂପ ନେଇଥିବାରୁ ପ୍ରତିବର୍ଷ ପରି ଚଳିତ ବର୍ଷ ଶ୍ରଦ୍ଧାଳୁମାନେ ପ୍ରଭୁଙ୍କୁ ଦର୍ଶନ କରି ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ। ମନ୍ଦିର ପ୍ରତିଷ୍ଠାତା ରାଜ୍ୟ ଗୋପବନ୍ଧୁ ପୁରସ୍କାରପ୍ରାପ୍ତ ସମାଜସେବୀ ସ୍ୱର୍ଗତ ସୁରେନ୍ଦ୍ର ଚନ୍ଦ୍ର ନାୟକ ଓ ସହଧର୍ମିଣୀ ସ୍ୱର୍ଗତ ହରିପ୍ରିୟା ନାୟକ ମୁଖ୍ୟ ସେବିକା ଭାବେ ଦୀର୍ଘ ବର୍ଷ ଧରି ପ୍ରଭୁଙ୍କୁ ପୂଜା କରି ଆସୁଥିଲେ। ପରେ ଜ୍ୟେଷ୍ଠପୁତ୍ର ଅମର ନାୟକ ମୁଖ୍ୟ କର୍ତ୍ତା ଭାବେ ପୂଜା କରିଆସୁଥିବା ବେଳେ ତାଙ୍କ ଦେହାନ୍ତ ପରେ ଏହି ପୂଜା ପାଳନ କରାଯାଉଛି। ପ୍ରଭୁ ଅନନ୍ତଙ୍କ ନିକଟରେ ଯିଏ ଯାହା ମାନସିକ କରେ ସେମାନଙ୍କର ମନସ୍କାମନା ପୂର୍ଣ୍ଣ ହୋଇଯାଏ ବୋଲି ବିଶ୍ୱାସ ରହିଥିବା କିମ୍ବଦନ୍ତୀ ରହିଛି। ସନ୍ଧ୍ୟାରେ ପୂଜା ମଣ୍ଡପ ସମ୍ମୁଖରେ ଭଜନ ପରିବେଷଣ ହୋଇଥିଲା। ପୂଜା ଉତ୍ସବରେ ବରିଷ୍ଠ ଡାକ୍ତର ଆର୍.କେ.ନାୟକ, ବିଶିଷ୍ଟ ସମାଜସେବୀ କିଶୋର ମହାପାତ୍ର, ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ, ବିଧାୟକ ପ୍ରତିନିଧି ଶେଖର ମହାପାତ୍ର, ଡାକ୍ତର ସୁଧୀରଞ୍ଜନ ନାୟକ, ସରକାରୀ ବରିଷ୍ଠ ଅଧିବକ୍ତା ନିତ୍ୟାନନ୍ଦ ନାୟକ, ଭଦ୍ରକ ଓକିଲ ସଂଘର ସଭାପତି ଅରୁଣ ଚାନ୍ଦ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, କାଉନ୍‌ସିଲର ଜ୍ୟୋତିର୍ମୟୀ ପଟ୍ଟନାୟକ, ଗୀତାଞ୍ଜଳି ଦାସ, ପୂର୍ବତନ କାଉନ୍‌ସିଲର ଗଜେନ୍ଦ୍ର ପଣ୍ଡା, ଶରତ ପଡ଼ିଆରୀ, ସମାଜସେବୀ ସୂର୍ଯ୍ୟକୁମାର ଦାସ, ଉମାକାନ୍ତ ସାହୁ, ଲଲାଟେନ୍ଦୁ ମହାନ୍ତି, କୈଳାସ ଚନ୍ଦ୍ର ମହାପାତ୍ର, ଶାନ୍ତନୁ ରାଉତ, ସୁଧାକର ରାଉତ, ଇଂ. ଅମ୍ବିକା ବଲ୍ଲଭ ସ୍ୱାଇଁ, ଅତିସ୍ ବେହେରା, ସ୍ୱାଧୀନ ସୁନ୍ଦର ଦାସ, ତ୍ରିଲୋଚନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଜ୍ଞାନେଶ କୁମାରଙ୍କୁ ବହିଷ୍କାର ଓ ଗିରଫ ଦାବିରେ ବିକ୍ଷୋଭ

ଭଦ୍ରକ,୨୯।୯(ସମିସ): ଏସ୍‌ଆଇଆର୍ ମାଧ୍ୟମରେ ଆମ ଦେଶର ୧୩ କୋଟି ଭୋଟରଙ୍କୁ ଭୋଟର ତାଲିକାରୁ ବାଦ୍ ଦେଇ ବିଜେପି ଓ ଏନ୍‌ଡିଏ ସହଯୋଗୀମାନଙ୍କୁ ବିଭିନ୍ନ ରାଜ୍ୟର ବିଧାନସଭା ନିର୍ବାଚନଗୁଡ଼ିକରେ ଜିତେଇ ଦେଶଦ୍ରୋହ ଅପରାଧ କରିଥିବା ଭାରତର ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ପଦବୀରୁ ବହିଷ୍କାର ଓ ଗିରଫ କରିବାକୁ ଦାବି କରାଯାଇଛି। ଏସ୍‌ଆଇଆର୍ ମାଧ୍ୟମରେ କାଟିଥିବା ସମସ୍ତ ଭୋଟରଙ୍କୁ ପୁଣି ଯୋଡ଼ିବା, ଏସ୍‌ଆଇଆର୍ ପ୍ରକ୍ରିୟା ସମ୍ପୂର୍ଣ୍ଣ ବାତିଲ୍ କରିବା, ମୁଖ୍ୟ ନିର୍ବାଚନ କମିସନର ଚୟନ କମିଟିରେ ଭାରତର ପ୍ରଧାନମନ୍ତ୍ରୀ, ଲୋକସଭାର ବିରୋଧୀ ଦଳ ନେତା ଓ ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତିଙ୍କୁ ସାମିଲ୍ କରିବା ଦାବିରେ ଭଦ୍ରକ ସହରରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ସମୂହ ଓ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ଏକ ଶୋଭାଯାତ୍ରା ପରିକ୍ରମା କରି ଭଦ୍ରକ ତହସିଲ କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜ୍ଞାନେଶ କୁମାର ଗିରଫ ନ ହେଲେ ଆଗାମୀ ଦିନରେ ତୀବ୍ର ଲଢ଼େଇ ହେବ ବୋଲି ବିକ୍ଷୋଭରେ ଉପସ୍ଥିତ ନେତୃବୃନ୍ଦ ପ୍ରକାଶ କରିଥିଲେ। ଏହି ବିକ୍ଷୋଭରେ ସିଆଇଟିୟୁ ଜିଲ୍ଲା ସଭାପତି ଦିବ୍ୟସିଂହ ନାୟକ, ଉପସଭାପତି ମଳୟ ଭୋଇ, ଓଡ଼ିଶା କୃଷକ ସଭା ରାଜ୍ୟ ଯୁଗ୍ମ ସମ୍ପାଦକ ବିକାଶ ନାଥ, ଏଆଇସିସିଟିୟୁ ଜିଲ୍ଲା ସଭାପତି ସମର ବଳ, ଜୟନ୍ତୀ ବିଶ୍ୱାଳ, ଆଇଏନ୍‌ଟିୟୁସି ନେତା ଶୁଭାଶିଷ ନାୟକ, ବିଶ୍ୱକର୍ମା ଶ୍ରମିକ ସଂଘ ନେତା ଦେବାଶିଷ ରାୟ, ଶ୍ରମିକ ନେତା ବାବୁ ଖାନ୍, ସେକ୍ ହୁସେନ, ଭଦ୍ରକ ଓକିଲ ସଂଘ ପୂର୍ବତନ ଉପସଭାପତି ଅଶୋକ କୁମାର ନାୟକ ପ୍ରମୁଖ ଯୋଗଦେଇ ଭାରତର ନାଗରିକଙ୍କ ଭୋଟ୍ ଦେବାର ଅଧିକାରର ସୁରକ୍ଷା ପାଇଁ ଜ୍ଞାନେଶ କୁମାରଙ୍କୁ ଗିରଫ କରିବାକୁ ପଡ଼ିବ ବୋଲି କେନ୍ଦ୍ର ସରକାରଙ୍କୁ ଚେତାବନୀ ଦେଇଥିଲେ।




## ଅଙ୍ଗନବାଡ଼ି କେନ୍ଦ୍ରରେ ‘ଆଙ୍ଗନ୍ କା ଉତ୍ସବ’ ଉଦ୍‌ଯାପିତ

ବାସୁଦେବପୁର,୨୯।୯(ସମିସ): ବାସୁଦେବପୁର ବ୍ଲକ୍‌ର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ୩ ଦିନ ଧରି ଚାଲିଥିବା ‘ଆଙ୍ଗନ୍ କା ଉତ୍ସବ’ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ୯ମ ରାଷ୍ଟ୍ରୀୟ ପୋଷଣ କାର୍ଯ୍ୟକ୍ରମରେ ବରଣ୍ଡୁଆ ପଞ୍ଚାୟତର ଦୀକ୍ଷିତବିନ୍ଧା ଅଙ୍ଗନବାଡ଼ି କେନ୍ଦ୍ରରେ ଆୟୋଜିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ବରଣ୍ଡୁଆ ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ମଳିକ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ପିଠା ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରତିଯୋଗୀ ଭାବେ ତପସ୍ୱିନୀ ତ୍ରିପାଠୀ, ଦ୍ୱିତୀୟ ଜୟନ୍ତୀ ସାହୁ ଓ ତୃତୀୟ ପୁରସ୍କାର ବୀଣାପାଣି ସାହୁଙ୍କୁ ପ୍ରଦାନ କରାଯାଇଥିଲା। ଅଙ୍ଗନବାଡ଼ି କର୍ମୀ ସଂଯୁକ୍ତା ସେଠୀ, ସହାୟକ ଭାମାମଣୀ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେହିପରି ବାସୁଦେବପୁର ପୌରପାଳିକାର ମୁଦୁଲିସାହି ଅଙ୍ଗନବାଡ଼ି କେନ୍ଦ୍ରରେ ‘ଆଙ୍ଗନ୍ କା ଉତ୍ସବ’ ଅନୁଷ୍ଠିତ ହୋଇଯାଇଛି। ବରେଣ୍ୟ ଅତିଥି ଭାବେ ବିଜୟ ମହାନ୍ତି, ସୁବାସ ଚନ୍ଦ୍ର ନାୟକ ଓ ସାମ୍ବାଦିକ ରମାକାନ୍ତ ଡାଙ୍ଗୁଆ ଯୋଗଦେଇଥିଲେ। ପିଠା ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରତିଯୋଗୀ ରାଜେନ୍ଦ୍ର ଜେନା, ୨ୟ ଲିପକ ମୁଦୁଲି ଓ ଜଗନ୍ନାଥ ମୁଦୁଲିଙ୍କୁ ମାନପତ୍ର ଓ ଫଳଡାଲା ପ୍ରଦାନ କରିଥିଲେ। ଅଙ୍ଗନବାଡ଼ି କର୍ମୀ ସୁଷମାରାଣୀ ପରିଡ଼ା ଓ ସହାୟିକା ଅହଲ୍ୟା ପରିଡ଼ା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମଧୁସୂଦନ ଅଙ୍ଗନବାଡ଼ି କେନ୍ଦ୍ରରେ ଆୟୋଜିତ ଉତ୍ସବରେ ବରେଣ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ସିଡିପିଓ ଶୁଶିଳା ବେହେରା, ବରଣ୍ଡୁଆ ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ମଳିକ, ଜୟପ୍ରକାଶ ମଲ୍ଲିକ ଯୋଗଦେଇଥିଲେ। ପିଠା ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରତିଯୋଗୀ ଭାବେ ଅତିଶ୍ ପାଣିଗ୍ରାହୀ, ଲକ୍ଷ୍ମଣ ବେଜ ଓ ନବକିଶୋର ଜେନାଙ୍କୁ ମାନପତ୍ର ଓ ଫଳଡାଲା ପୁରସ୍କାର ପ୍ରଦାନ କରାଯାଇଥିଲା। ଅଙ୍ଗନବାଡ଼ି କର୍ମୀ ପୁଷ୍ପା ଲେଙ୍କା ଓ ସହାୟିକା ମନୋରମା ବେଜ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



## ସାମ୍ବାଦିକଙ୍କୁ ପୁଲିସ ଅଧିକାରୀଙ୍କ ଦୁର୍ବ୍ୟବହାର

ଅସୁରାଳି,୨୯।୯(ସମିସ): ଧୂଷୁରୀ ଥାନାରେ ଜଣେ ପୁଲିସ ଅଧିକାରୀ ସାମ୍ବାଦିକଙ୍କ ପ୍ରତି ଅଶୋଭନୀୟ ଓ କଟୁ ମନ୍ତବ୍ୟକୁ ନେଇ ସାମ୍ବାଦିକ ମହଲରେ ତୀବ୍ର ଅସନ୍ତୋଷ ଓ ନିନ୍ଦା ପ୍ରକାଶ ପାଇଛି। ଏହି ଘଟଣାର ନିରପେକ୍ଷ ତଦନ୍ତ କରି ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଉତ୍ତରାଞ୍ଚଳ ଡିଆଇଜି ପିନାକ୍ ମିଶ୍ର ଓ ଏସ୍‌ପି ମନୋଜ ରାଉତଙ୍କୁ ଦାବି କରାଯାଇଛି।

ସୂଚନାନୁଯାୟୀ, ଜଣେ ବ୍ୟକ୍ତି ନିଜର ଏକ ଅଭିଯୋଗ ନେଇ ୨ ଦିନ ଧରି ଥାନାକୁ ଦୌଡ଼ିବା ପରେ ମଧ୍ୟ ନ୍ୟାୟ ନ ମିଳିବାରୁ ସେ ସାମ୍ବାଦିକଙ୍କ ସହାୟତା ଲୋଡ଼ିଥିଲେ।

### ସାମ୍ବାଦିକ ମହଲରେ ନିନ୍ଦା; ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

ଏହି ବିଷୟରେ ଜଣେ ଏଏସ୍‌ଆଇଙ୍କ ନିକଟରେ ଚର୍ଚ୍ଚା କରିବା ସମୟରେ, ସମ୍ପୃକ୍ତ ପୁଲିସ ଅଧିକାରୀ ଜଣକ ସମ୍ପୃକ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ସାମ୍ବାଦିକମାନଙ୍କୁ ଲକ୍ଷ୍ୟ କରି ଅଶାଳୀନ ଓ କଟୁ ଭାଷା ପ୍ରୟୋଗ କରିଥିଲେ। ଏହି ଘଟଣାର ଅଡିଓ/ଭିଡିଓ ଭାଇରାଲ ହେବା ପରେ ସାଧାରଣରେ ଓ ସାମ୍ବାଦିକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଲୋକଙ୍କ ସମସ୍ୟା ଶୁଣିବା ଓ ନ୍ୟାୟ ପ୍ରଦାନ କରିବା ପୁଲିସର ମୁଖ୍ୟ ଦାୟିତ୍ୱ ହୋଇଥିବା ବେଳେ ଗଣମାଧ୍ୟମ ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ସେତୁ ଭାବେ କାର୍ଯ୍ୟ କରିଥାଏ। ମାତ୍ର କେତେକ ଦୁର୍ନୀତିଗ୍ରସ୍ତ ପୁଲିସ ଅଧିକାରୀ ସାମ୍ବାଦିକଙ୍କୁ ଦଲାଲ୍, ମାଫିଆ କହିବା ସହ ମିଛ କେସ୍‌ରେ ଛନ୍ଦିଦେବାକୁ ଧମକ ଦେଉଥିବା ଅଭିଯୋଗ ହୋଇଛି।

## ୮୪ତମ ସହିଦ ସ୍ମୃତି ଦିବସ; ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ସାଂସଦ ଓ ବିଧାୟକ

# ରାଜ୍ୟସ୍ତରରେ ପାଳନ ହେଲାନି ସହିଦ ଦିବସ

ବାସୁଦେବପୁର,୨୯।୯(ସମିସ)



ରକ୍ତତୀର୍ଥ ଇରମ ମାଟି ଏକ ସଂଗ୍ରାମ ମାଟି। ଭାରତଛାଡ଼ ଆନ୍ଦୋଳନର ଏକମାତ୍ର ନାରୀ ସଂଗ୍ରାମୀ ପରି ବେୱା ଇରମରେ ସହିଦ ହୋଇଥିଲେ। ଆମର ବୀର ସଂଗ୍ରାମୀଙ୍କର ଇତିହାସର ଗର୍ବ ଓ ଗୌରବକୁ ପରପିଢ଼ିକୁ ଜଣାଇବା, ରକ୍ତତୀର୍ଥ ଇରମ ମାଟିର ବୀରତ୍ୱର ଗାଥାକୁ ସର୍ବଭାରତୀୟ ସ୍ତରରେ ପରିଣତ କରାଯିବା, ପଞ୍ଜାବର ଜାଲିଆନାୱାଲାବାଗ ହତ୍ୟାକାଣ୍ଡଠାରୁ ରକ୍ତତୀର୍ଥ ଇରମର ହତ୍ୟାକାଣ୍ଡ ବହୁ ଊର୍ଦ୍ଧ୍ୱରେ ବୋଲି ଇରମଠାରେ ଆୟୋଜିତ ୮୪ତମ ସହିଦ ଦିବସରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ। ରକ୍ତତୀର୍ଥ ଇରମ ସହିଦ ପୀଠରେ ପାଳିତ ହୋଇଛି ୮୪ତମ ସହିଦ ଦିବସ। ସାଂସଦ, ବିଧାୟକ, ଅଧ୍ୟକ୍ଷ ଓ ଡିଆଇଜି ସହିଦ ପୀଠରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଜଣାଇଥିଲେ। ବାସୁଦେବପୁର ବ୍ଲକ୍‌ର ଇରମ ମେଳନ ପଡ଼ିଆର ବ୍ରିଟିଶ୍ ଗୁଳିରେ ସହିଦ ହୋଇଥିଲେ ୨୯ ଜଣ ସଂଗ୍ରାମୀ। ସ୍ୱାଧୀନତା ସଂଗ୍ରାମର ଭାରତଛାଡ଼ ଆନ୍ଦୋଳନର ବୀରତ୍ୱର ଗାଥାକୁ ଉଜ୍ଜୀବିତ କରିବାକୁ ଆୟୋଜିତ ହୋଇଯାଇଛି ସ୍ମୃତିଚାରଣ ସଭା। ଏଥିରେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ଡିଆଇଜି ପିନାକ୍ ମିଶ୍ର, ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ ଓ ପୌରାଧ୍ୟକ୍ଷା ନିବେଦିତା ବେହେରା ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ସଭାରେ ସହିଦ ସ୍ମୃତି କମିଟି ସଭାପତି ପଦ୍ମନାଭ ଦାଶ ସଭାପତିତ୍ୱ କରିଥିଲେ। ସମ୍ପାଦକ ରତିକାନ୍ତ ପତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ରଞ୍ଜନ ନାୟକ ସଂଯୋଜନା କରିଥିଲେ। ଇରମ ସରପଞ୍ଚ ଧନ୍ୟବାଦ ଅର୍ପଣ କରିଥିଲେ। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଗତ ବର୍ଷ ସହିଦ ଦିବସକୁ ରାଜ୍ୟସ୍ତରୀୟ ଉତ୍ସବ ଭାବରେ ପାଳନ କରାଯାଇଥିବାବେଳେ ଚଳିତ ବର୍ଷ ବ୍ଲକ୍‌ସ୍ତରୀୟ ଉତ୍ସବ ଭାବେ ପାଳନ କରାଗଲା। ଯାହାକି ସହିଦ୍ ଦିବସ ପାଳନ ଆନ୍ତରିକତା ସରକାରୀସ୍ତରରେ କମିକମି ଯାଉଛି। ଆଉ ଏକ ଦୁଃଖର ବିଷୟ ଇରମ ସହିଦ ପୀଠର ଉନ୍ନତୀକରଣ ପାଇଁ ବିଜେଡି ସରକାର ସମୟରେ ମଞ୍ଜୁର ହୋଇଥିବା କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ନ ପାରି ପଡ଼ିରହିଛି। ପ୍ରଶାସନର ଅବହେଳା ନା ଲୋକ ପ୍ରତିନିଧିଙ୍କ ଇଚ୍ଛାଶକ୍ତିର ଅଭାବ ତାହା ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# କେନ୍ଦୁଝରର ଡିଡି ମେଡିକାଲ କଲେଜ
# ସିଟିସ୍କାନ୍ ପାଇଁ ୫ କିଲୋମିଟର ଯନ୍ତ୍ରଣା

କେନ୍ଦୁଝର,୨୯।୯(ସମିସ)

କେନ୍ଦୁଝରରେ ୬୦୦ କୋଟିରୁ ଅଧିକ ଟଙ୍କା ବିନିଯୋଗ କରାଯାଇ ଡିଡି ମେଡିକାଲ କଲେଜ ସ୍ଥାପନ ହେଲା। ଅନେକ ଭିତ୍ତିଭୂମି ସତ୍ତ୍ୱେ ସିଟି ସ୍କାନ ପ୍ରତିଷ୍ଠା ହୋଇ ନପାରିବା କାରଣରୁ ରୋଗୀ ହଇରାଣ ହେଉଛନ୍ତି। ସିଟି ସ୍କାନ ପାଇଁ ରୋଗୀ ଏବଂ ସଂପର୍କୀୟ ୫ କିଲୋମିଟର ଦୂର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଦୌଡୁଛନ୍ତି। ମେଡିକାଲ କଲେଜରୁ ମୁଖ୍ୟ ଡାକ୍ତରଖାନାକୁ ଗମନାଗମନ ସମୟସାପେକ୍ଷ ସାଜିଥିବାବେଳେ ସିଟି ସ୍କାନ ପାଇଁ ରୋଗୀଙ୍କ ଯନ୍ତ୍ରଣା ରୋଗଠାରୁ ବଳି ଯାଉଛି। ଏ ସଂପର୍କରେ ମେଡିକାଲ କଲେଜ କର୍ତ୍ତୃପକ୍ଷଙ୍କ ମତ ଯେ ଧୀରେ ଧୀରେ ସମସ୍ତ ଭିତ୍ତିଭୂମି ପାଇଁ ମେଡିକାଲ କଲେଜରେ ଉଦ୍ୟମ ଜାରି ରହିଛି। ସିଟି ସ୍କାନ ପାଇଁ ସରକାରଙ୍କୁ ଅବଗତ କରାଯାଇଛି। ସିଟି ସ୍କାନ ମେସିନର ମୂଲ୍ୟ ପ୍ରାୟ ୮ କୋଟି ଟଙ୍କା ହୋଇଥିବାବେଳେ ଏହା ଡିଡି ମେଡିକାଲ କଲେଜରେ ସ୍ଥାପନରେ ବିଳମ୍ବ ହୋଇଛି। ଇତିମଧ୍ୟରେ ଏହି ସିଟି ସ୍କାନ ସ୍ଥାପନା ପାଇଁ ଉଦ୍ୟମ କରାଯାଉଛି। ଏବେ ସିଟି ସ୍କାନ ପାଇଁ ମୁଖ୍ୟାଳୟ ଡାକ୍ତରଖାନାକୁ ରୋଗୀଙ୍କୁ ପଠାଯାଉଥିବାରୁ ଲୋକ ନାପସନ୍ଦ କରୁଛନ୍ତି।

କେନ୍ଦୁଝର ସରକାରୀ ମେଡିକାଲ କଲେଜକୁ ତିନିବର୍ଷ ବିତିଛି। ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଉନ୍ନତ ଚିକିତ୍ସା ସୁବିଧା ପାଇବା ପାଇଁ ତତ୍କାଳୀନ ସରକାର ୨୦୨୩ ଫେବୃୟାରୀ ୧୩ ତାରିଖରେ ଏହା ଉତ୍ସର୍ଗୀକୃତ କରିଥିଲେ। ଖଣି, ଖାଦାନ ଅଞ୍ଚଳ ତଥା ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ପାଇଁ ଏହା ଥିଲା ଏକ ମାଇଲଖୁଣ୍ଟ। ହେଲେ ସରକାରୀ ମେଡିକାଲ କଲେଜରେ ଆଜି ପର୍ଯ୍ୟନ୍ତ ସିଟି ସ୍କାନ ଖୋଲି ପାରିଲାନି। ଏକ ବର୍ଷରୁ ଅଧିକ ଅର୍ଥାତ୍ ୨୦୨୫ ମେ' ମାସ ୫ ତାରିଖରେ ଜିଲ୍ଲା ମୁଖ୍ୟାଳୟରୁ ଜିଲ୍ଲା ମୁଖ୍ୟାଳୟକୁ ଅର୍ଥବିଭାଗ ଓ ବହିର୍ବିଭାଗ ମେଡିକାଲ କଲେଜକୁ ସ୍ଥାନାନ୍ତର ହୋଇଥିଲା। ପରବର୍ତ୍ତୀ ସମୟରେ କର୍ଣ୍ଣ, ନାସା ଓ ଗଳା ବିଭାଗ, ଚକ୍ଷୁ ବିଭାଗ, ଭେଷଜ, ଚର୍ମ ଓ ଯୌନ ବିଭାଗ, ଯକ୍ଷ୍ମା ଓ ଛାତି ରୋଗ, ଅସ୍ଥିଶଲ୍ୟ, ଶଲ୍ୟ, ପାକସ୍ଥଳୀ ଓ ଯକୃତ, ଦନ୍ତରୋଗ ପ୍ରଭୃତି ଗୋଟିକ ପରେ ଗୋଟିଏ ମୁଖ୍ୟାଳୟ ଡାକ୍ତରଖାନାରୁ ମେଡିକାଲ କଲେଜକୁ ସ୍ଥାନାନ୍ତର ହୋଇଥିଲା। ନିକଟରେ ପ୍ରସୂତି ଓ ଶିଶୁ ବିଭାଗ ସ୍ଥାନାନ୍ତର ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ମେଡିକାଲ କଲେଜରେ ଡାକ୍ତର ଅଛନ୍ତି। ହେଲେ ଯନ୍ତ୍ରପାତି ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରିବାକୁ ପଡୁଛି। ଅନେକ ସମୟରେ ରୋଗୀକୁ ସଦର ମହକୁମାକୁ ଆଣି ପରୀକ୍ଷା ନିରୀକ୍ଷା କରାଯାଇ ପାରୁ ନ ଥିବାରୁ ଚିକିତ୍ସାରେ ବିଳମ୍ବ ଘଟୁଥିବା ଅଭିଯୋଗ ହେଉଛି। ଏବେ ଶିଶୁ ଓ ପ୍ରସୂତି ବିଭାଗକୁ ଛାଡି ଦେଲେ ଅନ୍ୟ ସମସ୍ତ ବିଭାଗର ରୋଗୀ ସେବା ମେଡିକାଲ କଲେଜରେ ଚାଲୁ ରହିଛି। ହେଲେ ମେଡିକାଲ କଲେଜ କେନ୍ଦୁଝର ସହରଠାରୁ ୫ କିଲୋମିଟର ଦୂରରେ ଅବସ୍ଥିତ ଯୋଗୁଁ ରୋଗୀଙ୍କ ପାଇଁ ଅନେକ ସମସ୍ୟା ଦେଖାଦେଇଛି। ମେଡିକାଲ କଲେଜ ଲୋକାର୍ପଣର ତିନିବର୍ଷ ପରେ ମଧ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରପାତି କଲେଜରେ ନଥିବାରୁ ରୋଗୀଙ୍କ ଜୀବନକୁ ନେଇ ସ୍ୱାସ୍ଥ୍ୟ ବିଭାଗ ସଚେତନ ନଥିବା ବୁଦ୍ଧିଜୀବୀ ଅଭିଯୋଗ କରୁଛନ୍ତି। କେନ୍ଦୁଝର ଡିଏମ୍ଏଫ୍‌ରେ ହଜାର ହଜାର କୋଟି ଟଙ୍କା ଗଚ୍ଛିତ ରହିଥିବାବେଳେ ଜିଲ୍ଲାବାସୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ନିମନ୍ତେ ମେଡିକାଲ କଲେଜରେ ସିଟି ସ୍କାନ ସ୍ଥାପନ ନହୋଇ ରୋଗୀ ହନ୍ତସନ୍ତ ହେବା ଦୁର୍ଭାଗ୍ୟର ବିଷୟ ବୋଲି କ୍ଷୋଭ ପ୍ରକାଶ ପାଇଛି।

## ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପର ଉଲ୍ଲେଖନୀୟ ପରିଚାଳନା ପାଇଁ ପ୍ରକାଶ ଚାନ୍ଦ ଗୋଗିନେନିଙ୍କୁ 'ଇକୋ ୱାରିଅର୍ ଆୱାର୍ଡ-୨୦୨୬' ପ୍ରଦାନ



ବାରିପଦା, ୨୯।୯(ସମିସ): ପ୍ରକୃତି ଓ ବନ୍ୟଜନ୍ତୁ ସଂରକ୍ଷଣ କ୍ଷେତ୍ରରେ ଅତୁଳନୀୟ ଅବଦାନ ତଥା ଦୂରଦର୍ଶୀ ନେତୃତ୍ୱ ପାଇଁ ଓଡ଼ିଶା କ୍ୟାଡ଼ରର ବରିଷ୍ଠ ଭାରତୀୟ ବନସେବା-୨୦୦୯ ବ୍ୟାଚ୍ ଅଧିକାରୀ ଡ ପ୍ରକାଶ ଚାନ୍ଦ ଗୋଗିନେନିଙ୍କୁ ଜାତୀୟ ସ୍ତରର ସମ୍ମାନଜନକ 'ଇକୋ ୱାରିଅର୍ ଆୱାର୍ଡ-୨୦୨୬'ରେ ସମ୍ମାନିତ କରାଯାଇଛି। ଇଣ୍ଡିଆନ୍ ଫରେଷ୍ଟ ସର୍ଭିସ୍ ଆସୋସିଏସନ୍ ଓ ଇଣ୍ଡିଆନ୍ ମାଷ୍ଟରମାଇଣ୍ଡସଙ୍କ ମିଳିତ ସହଯୋଗରେ ନୂଆଦିଲ୍ଲୀରେ ଆୟୋଜିତ ଏକ ଉତ୍ସବରେ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ମୁଖ୍ୟଅତିଥି ଭାବେ ଯୋଗଦେଇ 'ସୁରକ୍ଷିତ କ୍ଷେତ୍ର ପରିଚାଳନା' ବର୍ଗରେ ଡ ଗୋଗିନେନିଙ୍କୁ ଏହି ପ୍ରତିଷ୍ଠିତ ପୁରସ୍କାର ପ୍ରଦାନ କରିଛନ୍ତି। ବିଶ୍ୱପ୍ରସିଦ୍ଧ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା, ଶିକାର ନିରୋଧୀ ଅଭିଯାନକୁ ବ୍ୟାପକ କରିବା, ବନାଗ୍ନି ନିୟନ୍ତ୍ରଣ ପାଇଁ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ତଥା ସ୍ଥାନୀୟ ଆଦିବାସୀ ଓ ବନବାସୀଙ୍କୁ ସାମିଲ କରି ପରିବେଶର ସନ୍ତୁଳନ ବଜାୟ ରଖିବାରେ ତାଙ୍କର ନିରବଚ୍ଛିନ୍ନ ନିଷ୍ଠା ପାଇଁ ଏହି ସ୍ୱୀକୃତି ମିଳିଛି। ପୁରସ୍କାର ଗ୍ରହଣ ଅବସରରେ କେନ୍ଦ୍ରମନ୍ତ୍ରୀ ଡ ଗୋଗିନେନିଙ୍କ କାର୍ଯ୍ୟଧାରାକୁ ଭୂୟସୀ ପ୍ରଶଂସା କରିବା ସହ ଏହା ସମଗ୍ର ଦେଶ ପାଇଁ ଏକ ଅନୁକରଣୀୟ ମଡେଲ ବୋଲି ପ୍ରକାଶ କରିଥିଲେ। ଡ ଗୋଗିନେନି ଏହି ସମ୍ମାନକୁ ଶିମିଳିପାଳର ପ୍ରତ୍ୟେକ ବନ କର୍ମଚାରୀ, ଫିଲ୍ଡ ଷ୍ଟାଫ୍ ଓ ଜଙ୍ଗଲ ସୁରକ୍ଷାରେ ସହଯୋଗ କରୁଥିବା ସ୍ଥାନୀୟ ଜନସାଧାରଣଙ୍କ ତ୍ୟାଗ ଓ ପରିଶ୍ରମ ପ୍ରତି ଉତ୍ସର୍ଗ କରିଛନ୍ତି।

## ଟିପିଏନ୍‌ଓଡିଏଲ୍‌ର ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ



ବାଲେଶ୍ୱର,୨୯।୯(ସମିସ): ଉତ୍ତର ଓଡ଼ିଶାରେ ପିଏମ୍ ସୂର୍ଯ୍ୟ ଘର, ମୁଫ୍ତ ବିଜୁଳି ଯୋଜନା ସମ୍ପର୍କରେ ତୃଣମୂଳ ସ୍ତରରେ ସଚେତନତା ଓ ଉପଭୋକ୍ତାଙ୍କ ସହ ଯୋଗାଯୋଗକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ଟିପିନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନଓଡିଏଲ୍) ପକ୍ଷରୁ ସେବା ସେତୁ ଶିବିର ଏବଂ ସୋଲାର ରଥ ମାଧ୍ୟମରେ ବ୍ୟାପକ ଜନସମ୍ପର୍କ ଓ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ଏହି କ୍ରମରେ ମୟୂରଭଞ୍ଜ ଜିଲ୍ଲାର ଉଦଳା, ବାଲେଶ୍ୱର ଜିଲ୍ଲାର ଭୋଗରାଇ, କେନ୍ଦୁଝର ଜିଲ୍ଲାର ଢେଙ୍କିକୋଟ ଏବଂ ଯାଜପୁର ଜିଲ୍ଲାର ଧର୍ମଶାଳା ଠାରେ ସେବା ସେତୁ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଉପଭୋକ୍ତାମାନେ ଟିପିଏନଓଡିଏଲ୍‌ର ସୋଲାର ସେଲ୍ କର୍ତ୍ତୃପକ୍ଷ, ଗ୍ରାହକ ସେବା ଅଧିକାରୀ ଏବଂ ବ୍ୟବସାୟିକ ସହଯୋଗୀମାନଙ୍କ ସହ ସିଧାସଳଖ ଯୋଗାଯୋଗ କରି ରୁଫ୍‌ଟପ୍ ସୋଲାର ପଞ୍ଜୀକରଣ, ଯୋଗ୍ୟତା, ସରକାରୀ ସବସିଡି ଏବଂ ଆବେଦନ ପ୍ରକ୍ରିୟା ସମ୍ପର୍କରେ ସୂଚନା ଓ ଆବଶ୍ୟକ ସହାୟତା ପ୍ରଦାନ କରଯାଇଥିଲା ଓ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ତଥା ସେବା ସେତୁ ଶିବିର ମାଧ୍ୟମରେ ପାଞ୍ଚଟି ଜିଲ୍ଲାରେ ପ୍ରାୟତଃ ୪୭୫ଜଣ ଉପଭୋକ୍ତା ପଞ୍ଜୀକରଣ କରିଥିଲେ। ଉଦଳାରେ ମୟୂରଭଞ୍ଜ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀ ହେମକାନ୍ତ ସୟଙ୍କ ସମେତ ବହୁ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିବାବେଳେ କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଢେଙ୍କିକୋଟରେ ବିଡିଓ ଖଗେଶ୍ୱର ବରାଳ ଏବଂ ଭୋଗରାଇରେ ବିଡିଓ ପ୍ରଶାନ୍ତ ମହାରଣାଙ୍କ ସମେତ ସ୍ଥାନୀୟ ଅଂଶୀଦାରମାନେ ସଚେତନତା ଶିବିରରେ ସାମିଲ ହୋଇ ଉପଭୋକ୍ତାମାନଙ୍କୁ ପିଏମ୍ ସୂର୍ଯ୍ୟ ଘର ମୁଫ୍ତ ବିଜୁଳି ଯୋଜନା ତଥା ରୁଫ-ଟପ ସୋଲାରର ଉପାଦେୟତା ସମ୍ପର୍କରେ ବୁଝାଇଥିଲେ।

ଧର୍ମଶାଳା କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀ ଅମ୍ବର କୁମାର କର ଯାଜପୁର ଜିଲ୍ଲା ପାଇଁ ସୋଲାର ରଥ ସଚେତନତା ଅଭିଯାନକୁ ସବୁଜପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଯାଜପୁର ଏଡିଏମ୍ ଯୁଧିଷ୍ଠିର ନାଏକ, ଟିପିଏନଓଡିଏଲ୍ ଅଧିକାରୀବୃନ୍ଦ ଓ ସ୍ଥାନୀୟ ଅଂଶୀଦାରମାନେ ଉପସ୍ଥିତ ଥିଲେ।

■ ନାବାଳିକାଙ୍କୁ ଅପହରଣ ଓ ଦୁଷ୍କର୍ମ ମାମଲା

## ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ବାରିପଦା, ୨୯।୯(ସମିସ): ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାର ବିଚାର କରି ମୟୂରଭଞ୍ଜ ଜିଲ୍ଲା ବାରିପଦାସ୍ଥ ସ୍ୱତନ୍ତ୍ର ପକ୍‌ସୋ ଫାଷ୍ଟ ଟ୍ରାକ୍ କୋର୍ଟ ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ଅଦାଲତ ଦୋଷୀ ଉପରେ ଜରିମାନା ଆଦେଶ ଦେବା ସହ ପୀଡ଼ିତାଙ୍କୁ ୩ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ମୁତାବକ, କରଞ୍ଜିଆ ଏନ୍‌ଏସି ୱାର୍ଡ ନଂ ୯ର ବାସିନ୍ଦା ଅଶୋକ ରାଉଳ ଓରଫ ବାବୁଲା (୩୦) ଗତ ୨୦୨୫ ଅକ୍ଟୋବର ୧୯ ତାରିଖ ସନ୍ଧ୍ୟାରେ ଜଣେ ନାବାଳିକାଙ୍କୁ ବାଇକରେ ଅପହରଣ କରି ନେଇଥିଲେ। ପରେ ତାଙ୍କୁ ଏକ ସ୍ଥାନରେ ରଖି ଦୁଷ୍କର୍ମ କରିଥିଲେ। ଏ ନେଇ ନାବାଳିକାଙ୍କ ପିତା କରଞ୍ଜିଆ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ପୀଡ଼ିତାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ମାମଲାର ବିଚାର କରି ପକ୍‌ସୋ କୋର୍ଟର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଏସ୍.କେ. ନାୟକ ୬ ଜଣ ସାକ୍ଷୀଙ୍କ ବୟାନ ଓ ଉପଲବ୍ଧ ପ୍ରମାଣ ଆଧାରରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ପକ୍‌ସୋ ଆକ୍ଟର ଧାରା ୬ ଅନୁଯାୟୀ ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୨୦,୦୦୦ ଟଙ୍କା ଜରିମାନା ଆଦେଶ ହୋଇଛି। ଜରିମାନା ଅନାଦେୟ ଅଧିକ ଏକ ବର୍ଷ କାରାଦଣ୍ଡ ଭୋଗିବାକୁ ପଡ଼ିବ। ବିଏନ୍‌ଏସ୍ ଧାରା ୧୩୭(୨) ଅନୁଯାୟୀ ୩ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦,୦୦୦ ଟଙ୍କା ଜରିମାନା (ଅନାଦେୟ ଅଧିକ ୬ ମାସ ଜେଲ୍) ଦଣ୍ଡାଦେଶ ଶୁଣାଯାଇଛି। ଉଭୟ ଦଣ୍ଡ ଏକାସାଙ୍ଗରେ ଚାଲିବ। ଆଦାୟ ହେବାକୁ ଥିବା ଜରିମାନା ଅର୍ଥ ପୀଡ଼ିତାଙ୍କୁ ପ୍ରଦାନ କରାଯିବ। ଏହାବ୍ୟତୀତ ପୀଡ଼ିତାଙ୍କ ପାଇଁ ୩ ଲକ୍ଷ ଟଙ୍କାର ସହାୟତା/କ୍ଷତିପୂରଣ ରାଶି ମଞ୍ଜୁର କରାଯାଇଛି। ଯାହା ଜିଲ୍ଲା ଆଇନ ସେବା ପ୍ରାଧିକରଣ (ଡିଏଲସିଏ) ଜରିଆରେ ଯୋଗାଇ ଦିଆଯିବ। ଏହି ମାମଲାକୁ ସ୍ୱତନ୍ତ୍ର ପିପି ପି.କେ. ବେହେରା ପରିଚାଳନା କରୁଥିଲେ।

■ ଆନ୍ତଃରାଜ୍ୟ ମୋବାଇଲ୍ ଲୁଟେରା ଗ୍ୟାଙ୍ଗ୍ ଠାବ

## ୫ ଅଟକ, ୧୪ ମୋବାଇଲ୍ ଜବତ

ବାରିପଦା, ୨୯।୯(ସମିସ): ବାରିପଦା ସହରରେ ସକ୍ରିୟ ଥିବା ଏକ ଆନ୍ତଃରାଜ୍ୟ ମୋବାଇଲ୍ ଲୁଟେରା ଗ୍ୟାଙ୍ଗ୍ ଉପରେ ଚଢ଼ଉ କରିଛି ପୁଲିସ। ବାରିପଦା ଟାଉନ୍ ଥାନା ପୁଲିସ ଏହି ଗ୍ୟାଙ୍ଗର ୫ ଜଣ ସଦସ୍ୟଙ୍କୁ ଅଟକ ରଖିବା ସହ ସେମାନଙ୍କ ନିକଟରୁ ୧୪ଟି ଚୋରା ମୋବାଇଲ୍ ଜବତ କରିଛି। ଝାଡ଼ଖଣ୍ଡ ଆସାନସୋଲ ଅଞ୍ଚଳର ଏହି ଲୁଟେରା ସେଠାରେ ଯୋଜନା ପ୍ରସ୍ତୁତ କରି ବସ୍ ଯୋଗେ ଓଡ଼ିଶା ଆସୁଥିଲେ। ଦଳବଦ୍ଧ ଭାବେ ବୁଲି ଭିଡ଼ ଥିବା ହାଟ, ବଜାର ଓ ଜନଗହଳିପୂର୍ଣ୍ଣ ସ୍ଥାନରୁ ଲୋକଙ୍କ ମୋବାଇଲ୍ ଲୁଟି ନେଉଥିଲେ। ବାରିପଦା ସହରରେ କ୍ରମାଗତ ଭାବେ ମୋବାଇଲ୍ ଚୋରି ଅଭିଯୋଗ ଆସିବା ପରେ ଟାଉନ୍ ଥାନା ପୁଲିସ ଟ୍ରାକିଂ ଆରମ୍ଭ କରିଥିଲା। ଟେକ୍ନିକାଲ୍ ସର୍ଭେଲାନ୍ସ ସହାୟତାରେ ପୁଲିସ ପାଲବଣି ଗୋଲେଇ ନିକଟରେ ଚଢ଼ଉ କରି ଏହି ୫ ଜଣଙ୍କୁ କାବୁ କରି ୧୪ଟି ମୋବାଇଲ୍ ଜବତ କରିଥିଲା। ଏହି ଗ୍ୟାଙ୍ଗ୍‌ରେ ଆଉ କେଉଁମାନେ ସାମିଲ ଅଛନ୍ତି ଓ ଏମାନଙ୍କ ପୂର୍ବ ଅପରାଧିକ ରେକର୍ଡ କ'ଣ ରହିଛି, ସେ ନେଇ ପୁଲିସ ଅଧିକ ତଦନ୍ତ ଚଳାଇଛି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ମୁଣ୍ଡାରୀ ସମାଜ ପ୍ରତିନିଧି ଦଳ

ବାରିପଦା, ୨୯।୯(ସମିସ): ମୁଣ୍ଡାରୀ ସମାଜ ସାୱାର ଜାମଡା (ଓଡ଼ିଶା ପ୍ରଦେଶ)ର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ସରକାରୀ ବାସଭବନରେ ସାକ୍ଷାତ କରି ବିଭିନ୍ନ ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ପାରମ୍ପରିକ ଶାଲ ଓ ମୁଣ୍ଡାରୀ ପୁସ୍ତକ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପ୍ରତିନିଧି ଦଳ ପକ୍ଷରୁ ବାରିପଦା ଉପଖଣ୍ଡରେ ମୁଣ୍ଡାରୀ କଲଚରାଲ ଫାଉଣ୍ଡେସନ୍ ଗୃହ ନିର୍ମାଣ ପାଇଁ ଜମି ଯୋଗାଇବା, ମୁଣ୍ଡାରୀ ବାନି ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ଆର୍ଥିକ ସହାୟତା, ବାନି ଲିପି ଛାପିବା ପାଇଁ ପ୍ରେସ ସ୍ଥାପନ, ପାଠ୍ୟପୁସ୍ତକ ଓ ଛାତ୍ରଛାତ୍ରୀଙ୍କୁ ୟୁନିଫର୍ମ ଯୋଗାଣ, ଶ୍ରୀରାମଚନ୍ଦ୍ର ଭଞ୍ଜ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ମୁଣ୍ଡାରୀ ବାନିର ନୂତନ ବିଭାଗ ଖୋଲିବା ଓ ମୁଣ୍ଡାରୀ ବାନି/ଲିପିକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିସ କରିବାକୁ ଦାବି କରିଥିଲେ। ଏହି ସାକ୍ଷାତକାରରେ ସଭାପତି ନନ୍ଦଲାଲ ସିଂ, ସାଧାରଣ ସମ୍ପାଦକ ବଂଶୀଧର ସିଂ, ଉପଦେଷ୍ଟା କମିଟି ସଦସ୍ୟ ରାଜେନ୍ଦ୍ର ସିଂ, ବଳରାମ ସିଂ, ମହେନ୍ଦ୍ର ସିଂ, ଦେବେନ୍ଦ୍ର ସିଂ ଓ ମହିଳା ସଦସ୍ୟା ଭାନୁମତୀ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଫକିର ସିଂ ପ୍ରତିନିଧିଙ୍କ ପରିଚୟ ପ୍ରଦାନ କରିଥିବାବେଳେ ବନ୍ଦିରାମ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

■ ବାଇକ୍-ସ୍କୁଟି ମୁହାଁମୁହିଁ ଧକ୍କା

## ଗର୍ଭବତୀ ମହିଳାଙ୍କ ସମେତ ୩ ଗୁରୁତର

ରାଇରଙ୍ଗପୁର, ୨୯।୯(ସମିସ): ଜାମଦା ଥାନା ଅନ୍ତର୍ଗତ ଲକ୍ଷ୍ମୀପୋଷି କାଜୁସାହି ନିକଟରେ ବାଇକ୍ ଓ ସ୍କୁଟି ମୁହାଁମୁହିଁ ଧକ୍କା ହେବାରୁ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ତେଣ୍ଡରା ଗ୍ରାମର ସୋନୁ ପାତ୍ର, ହେସଲପଟା ଗ୍ରାମର ପକି ତିରିଆ ଓ ତାଙ୍କ ଗର୍ଭବତୀ ସ୍ତ୍ରୀ ଚୁନୁ ବାନସିଂହ। ଜାମଦା ଅଗ୍ନିଶମ ବାହିନୀ ସମସ୍ତଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଛି।

■ ଝାରପୋଖରିଆରେ ବାଲି ମାଫିଆଙ୍କ ଉତ୍ପାତ

## ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ସରପଞ୍ଚ ଓ ଗ୍ରାମବାସୀ

ବାରିପଦା, ୨୯।୯(ସମିସ): ଝାରପୋଖରିଆ ଥାନା ଅନ୍ତର୍ଗତ ଭୁରୁସାଣୀ ପଞ୍ଚାୟତ ତଥା ସୀମାନ୍ତ ଅଞ୍ଚଳରେ ବାଲି ମାଫିଆଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଛି। ସ୍ଥାନୀୟ ଓ ପଡ଼ୋଶୀ ରାଜ୍ୟର ମାଫିଆ ଜାଲ୍ କାଗଜପତ୍ର ବ୍ୟବହାର କରି ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିବା ନେଇ ସ୍ଥାନୀୟ ସରପଞ୍ଚ ବୀଣାପାଣି ମୁର୍ମୁଙ୍କ ନେତୃତ୍ୱରେ ଗ୍ରାମବାସୀ ଏସପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଗତ ଅଗଷ୍ଟ ୪ ତାରିଖରେ ପ୍ରଶାସନ ଦ୍ୱାରା ଜବତ ବାଲି ନିଲାମ ହୋଇଥିଲା। ମାତ୍ର କାର୍ଯ୍ୟାଦେଶ ଉଲ୍ଲଂଘନ କରି କେତେକ ନିଲାମଧାରୀ ସତ୍ୟବ୍ରତ ଦାସ, ଉତ୍ତମ ଦଣ୍ଡପାଟ ଓ ପିଙ୍କୁ ମିଶ୍ର ନିଲାମ ବାହାରେ ଥିବା ବାଲିକୁ ଟ୍ରକ୍ ଓ ଟ୍ରାକ୍ଟର ଯୋଗେ ବାହାର ରାଜ୍ୟକୁ ଚାଲାଣ କରୁଛନ୍ତି। ବିରୋଧ କଲେ ଗ୍ରାମବାସୀଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରାଯାଉଛି। ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ବେଆଇନ ବାଲି କାରବାର ବନ୍ଦ କରିବାକୁ ଦାବି ହୋଇଛି।

## ଲଗାଣ ବର୍ଷା ଯୋଗୁଁ ରାସ୍ତାରେ ଘାଇ, ଯାତାୟାତ ବାଧାପ୍ରାପ୍ତ

ଉଦଳା, ୨୯।୯(ସମିସ): ଲଗାଣ ବର୍ଷାରେ ଉଦଳା ବ୍ଲକ ଅନ୍ତର୍ଗତ ଶାଳମୁଣ୍ଡଳୀ ଗ୍ରାମ ରାସ୍ତାରେ ଘାଇ ସୃଷ୍ଟି ହୋଇଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଶାଳମୁଣ୍ଡଳୀ ବନ୍ଧସାହି ନିକଟରେ ଏହି ରାସ୍ତା ଧୋଇଯାଇ ପ୍ରାୟ ୩୦ ଫୁଟର ଘାଇ ସୃଷ୍ଟି କରିଛି। ଏହାର ମରାମତି ପାଇଁ ଦାବି ହେଉଛି।

## ମଦ ଜବତ, ୩ ଗିରଫ

ବୈଶିଙ୍ଗା, ୨୯।୯(ସମିସ): ବୈଶିଙ୍ଗା ଥାନାଞ୍ଚଳର ନୂଆଗାଁ, ବେଣାପୁରା ଓ ମୁକ୍ତାପୁର ଗ୍ରାମରେ ଅବକାରୀ ବିଭାଗର ସାଟେଲାଇଟ୍ ୟୁନିଟ୍ ପକ୍ଷରୁ ଚଢ଼ଉ କରାଯାଇ ଦେଶୀମଦ ଜବତ ସହ ୩ ଜଣଙ୍କୁ ଗିରଫ କରାଯାଇଛି। ନୂଆଗାଁର ଚମ୍ପା ହେମ୍ବ୍ରମଙ୍କ ନିକଟରୁ ୧୩ ଲିଟର, ବେଣାପୁରାର ବୁଧୁରାମ ସୋରେନଙ୍କ ନିକଟରୁ ୧୧ ଲିଟର ଓ ମୁକ୍ତାପୁରର ଗିରିଶ ପାତ୍ରଙ୍କ ନିକଟରୁ ୪୫ ଲିଟର ଚୋରା ଦେଶୀମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି।

## ନଦୀରେ ମାଛ ଧରିବାକୁ ନେଇ ବିବାଦ, ଥାନାରେ ମାମଲା

କୁଆମରା,୨୯।୯(ସମିସ): ନଦୀରେ ଜାଲ ବସାଇବା ଓ ମାଛ ଧରିବାକୁ କେନ୍ଦ୍ର କରି ଦୁଇପକ୍ଷ ମଧ୍ୟରେ ବିବାଦ ସୃଷ୍ଟି ହେବାରୁ ଖୁଣ୍ଟା ଥାନାରେ ଏକ ମାମଲା ରୁଜୁ ହୋଇଛି। ବାଲେଶ୍ୱର ଓ ମୟୂରଭଞ୍ଜ ସୀମାନ୍ତରେ ପ୍ରସନ୍ନ ନଦୀ ଚାଷ ଜମି ଦେଇ ପ୍ରବାହିତ ହୋଇଛି। ଉକ୍ତ ନଦୀରେ ପ୍ରତିବର୍ଷ ନୀଳଗିରି ବ୍ଲକ ପକ୍ଷରୁ ମାଛ ଧରିବା ନିମନ୍ତେ ଦୁଇ ତିନୋଟି ସ୍ଥାନରେ ଥିବା ଗଣ୍ଡ ନିଲାମ ହୋଇଥାଏ। ଉକ୍ତ ଗଣ୍ଡ ନିକଟରେ ନିଲାମଧାରୀ ଅସ୍ଥାୟୀ ବନ୍ଧ ତିଆରି କରି ପ୍ରତିବର୍ଷ ବର୍ଷା ଋତୁରେ ମାଛ ଧରନ୍ତି। ନୀଳଗିରି ବ୍ଲକର ଲୋକେ ଏହି ନିଲାମ ଧରିବା ପରେ ଗାଁଠାରୁ ନଦୀ ଅନେକ ଦୂର ହୋଇଥିବାରୁ ସଂପୃକ୍ତ ନିଲାମଧାରୀ ଗୋପବନ୍ଧୁନଗର ବ୍ଲକର ଲୋକଙ୍କୁ ଲିଜ ଆକାରରେ ଦେଇଥା'ନ୍ତି। ଚଳିତ ବର୍ଷ ଆରପଟା ପଞ୍ଚାୟତ ଖିରିପଦା ଗ୍ରାମର ଗଣେଶ୍ୱର ଦେହୁରୀ ୫୦ ହଜାର ଟଙ୍କାର ଲିଜ୍ ଆଣି ମାଛ ଧରିବା ପାଇଁ ବନ୍ଧ କରିଥିଲେ। ତାଙ୍କ ବନ୍ଧଠାରୁ କିଛି ଦୂର ଉପରମୁଣ୍ଡାରେ କଡଦା ଗ୍ରାମର କେତେକ ବ୍ୟକ୍ତି ବନ୍ଧ ବସାଇବାରୁ ବିବାଦ ସୃଷ୍ଟି ହୋଇଥିଲା। ଏ ନେଇ ଗଣେଶ୍ୱରଙ୍କ ପୁଅ ନରୋତ୍ତମଙ୍କ ଅଭିଯୋଗ କ୍ରମେ ମାମଲା ରୁଜୁ କରି କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି ତଦନ୍ତ ଚଳାଇଛନ୍ତି।

## ମାଣିଦା ତାରିଣୀ ମନ୍ଦିର ଚୋରି ଘଟଣାରେ ୨ ଗିରଫ

ରାସଗୋବିନ୍ଦପୁର,୨୯।୯ (ସମିସ): ରାସଗୋବିନ୍ଦପୁର ଥାନା ଅଧୀନ ମାଣିଦାସ୍ଥ ମା' ତାରିଣୀ ମନ୍ଦିର ଚୋରି ଘଟଣାରେ ପୁଲିସ ବୈଶିଙ୍ଗା ଥାନା ଅଞ୍ଚଳରୁ ୨ ଜଣଙ୍କୁ ଗିରଫ କରିଥିବାବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ରହିଛି। ରାସଗୋବିନ୍ଦପୁର ଥାନା ଆଇଆଇସି ପଦ୍ମଲୋଚନ ପାଣିଗ୍ରାହୀ ଓ ବଡ଼ାମପୁର ଫାଣ୍ଡି ଅଧିକାରୀ ମନ୍ଦିରରେ ପହଞ୍ଚି ତଦନ୍ତ କରିଥିଲେ। ଅନୁସନ୍ଧାନକାରୀ କୁକୁର ସହାୟତାରେ ତଦନ୍ତ କରି ପୁଲିସ ସେକ୍ ଅଫରୁଦ୍ଦିନ ଓ ମଲ୍ଲିକ ଜୋହରଙ୍କୁ ବୈଶିଙ୍ଗା ଥାନା ଅଞ୍ଚଳରୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଙ୍କଠାରୁ କେବଳ କଂସା ବାସନ ଜବତ ହୋଇଥିବା ଅଳଙ୍କାର ମିଳି ନ ଥିବା ଜଣାପଡ଼ିଛି।

## ସୁନ୍ଦରବସ୍ତିରେ ଅଜଣା ଶିଶୁ ଠାବ



ବଡ଼ବିଲ, ୨୯।୯(ସମିସ): ବଡ଼ବିଲ ଅଞ୍ଚଳର ସୁନ୍ଦରବସ୍ତିରେ ପ୍ରାୟ ୩ ବର୍ଷ ବୟସର ଏକ ଶିଶୁ ଠାବ ହୋଇଥିବା ଜଣାପଡିଛି। ଶିଶୁଟି ନିଜର ନାମ କିମ୍ବା ପରିବାରର ପରିଚୟ କହିପାରୁ ନାହିଁ। ଫଳରେ ତା'ର ପରିଚୟ ଜାଣିବା କଷ୍ଟକର ହୋଇପଡ଼ିଛି। ତେବେ ବଡ଼ବିଲ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶିଶୁଟିକୁ ସେରେଣ୍ଡା ସ୍ଥିତ ତୁଳସୀ ଅପ୍ପାଙ୍କ ଆଶ୍ରମରେ ଛାଡିଥିବା ଜଣାପଡିଛି। ଯଦି କେହି ଏହି ଶିଶୁଟିକୁ ଚିହ୍ନିପାରୁଛନ୍ତି କିମ୍ବା ତା'ର ପରିବାର ସମ୍ପର୍କରେ କୌଣସି ସୂଚନା ଜାଣିଛନ୍ତି, ତେବେ ତାଙ୍କ ପରିବାରକୁ ଖବର ଦେବା ସହ ଶିଶୁଟିକୁ ନିଜ ପରିବାର ସହ ମିଶାଇବାରେ ସହଯୋଗ କରିବାକୁ ବଡ଼ବିଲ ଥାନା ଅଧିକାରୀ ଅଶୋକ କୁମାର ନାୟକ ସୂଚନା ଦେଇଛନ୍ତି।

## ଖଣି ଅଞ୍ଚଳରେ କମ୍ପାନୀ ପକ୍ଷରୁ ପାନୀୟଜଳ ପ୍ରକଳ୍ପ



ଯୋଡ଼ା, ୨୯।୯ (ସମିସ): 'ଜଳ ହିଁ ଜୀବନ' ଉକ୍ତିକୁ ଆଧାର କରି ଲୋକଙ୍କ ପାନୀୟଜଳ ସମସ୍ୟା ଦୂରୀକରଣ ଉଦ୍ଦେଶ୍ୟରେ ରୁଙ୍ଗଟା କମ୍ପାନୀର ସିଏସ୍ଆର ବିଭାଗ ପକ୍ଷରୁ ସୁନ୍ଦରଗଡ଼ ଜିଲ୍ଲାର କୋଇଡା ବ୍ଲକର ବିଭିନ୍ନ ଗ୍ରାମ ଓ ବସ୍ତିରେ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି। ବଡ଼ ଇନ୍ଦୁପୁର ଗ୍ରାମର ମୁଣ୍ଡାବସ୍ତିରେ ନୂତନ ବୋରୱେଲ ଖନନ କରାଯାଇ ଟ୍ୟାପ୍ ମାଧ୍ୟମରେ ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଛି। ସେହିପରି ଭଞ୍ଜପାଲି ଗ୍ରାମରେ ପାନୀୟ ଜଳ ସମସ୍ୟା ଥିବାରୁ ଗ୍ରାମବାସୀ ନିକଟସ୍ଥ ପୋଖରୀ ଉପରେ ନିର୍ଭର କରୁଥିଲେ। ଏହାକୁ ଦୃଷ୍ଟିରେ ରଖି ସୋଲାର ପାୱାର ଚାଳିତ ବୋରୱେଲ ନିର୍ମାଣ କରାଯାଇ ଶତାଧିକ ଲୋକଙ୍କ ପାଇଁ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି। ଏହାଛଡ଼ା ଆରୀୟନ୍ ବସ୍ତି ଓ ଗୋପପୁର ସାହିରେ ଦୁଇଟି ସୋଲାର ପାୱାର ଚାଳିତ ବୋରୱେଲ ନିର୍ମାଣ କରାଯାଇ ୪୦୦ରୁ ଅଧିକ ବସ୍ତିବାସୀଙ୍କୁ ଜଳ ଯୋଗାଣ କରାଯାଇଥିବା କୁହାଯାଇଛି। ସର୍ଗିଗଡ଼ ଗ୍ରାମର ଦେହୁରୀ ସାହି ଓ ଗୋପାଳ ସାହିରେ ମଧ୍ୟ ଦୁଇଟି ସୋଲାର ପାୱାର ବୋରୱେଲ ନିର୍ମାଣ କରାଯାଇ ପ୍ରାୟ ୫୦୦ ଗ୍ରାମବାସୀଙ୍କ ସମେତ ସର୍ଗିଗଡ଼ ସ୍କୁଲ ପାଇଁ ପାନୀୟ ଜଳ ବ୍ୟବସ୍ଥା କରାଯାଇଛି। ରାଣୀସାଲ, ସନୁଆ ଗାଁର ଭାଲିଆଡ଼ିହି ବସ୍ତି, ତିନ୍ତୋ ଓ ଟେହେରେଇ ଗ୍ରାମରେ ମଧ୍ୟ ଗୋଟିଏ ଲେଖାଏଁ ବୋରୱେଲ ଖନନ କାର୍ଯ୍ୟ ସମ୍ପନ୍ନ ହୋଇଥିବା ଏବଂ ଖୁବ୍‌ଶୀଘ୍ର ଏଗୁଡ଼ିକୁ କାର୍ଯ୍ୟକ୍ଷମ କରାଯିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଟେହେରେଇ ଗ୍ରାମର ଖ୍ରୀଷ୍ଟିଆନ ବସ୍ତିରେ ନୂତନ ପାଣି ପାଇପ୍ ସଂଯୋଗ କରାଯାଇ ଟ୍ୟାପ୍ ମାଧ୍ୟମରେ ୧୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ପାନୀୟ ଜଳ ଯୋଗାଣ କରାଯାଇଛି। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ ପାନୀୟ ଜଳ ସମସ୍ୟା ଥିବା ଅଞ୍ଚଳଗୁଡ଼ିକୁ ଚିହ୍ନଟ କରି ଆବଶ୍ୟକତା ଅନୁଯାୟୀ ଜଳ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି।

## ଶୁଳିଆପଦାରେ ନୂତନ ବିଇଓଙ୍କ ଯୋଗଦାନ



ଶୁଳିଆପଦା,୨୯।୯(ସମିସ): ଶୁଳିଆପଦା ଗୋଷ୍ଠୀ ଶିକ୍ଷାକେନ୍ଦ୍ରରେ ଦୀପକ ମିଶ୍ର ନୂତନ ବିଇଓ ଭାବେ ଯୋଗ ଦେଇଛନ୍ତି। ପୂର୍ବତନ ବିଇଓ ମାଳତୀ ଟୁଡୁ ୨୦୨୫ ନଭେମ୍ବର ମାସରେ ଅବସର ନେବାପରେ କୁଳିଅଣା ବିଇଓ ରଶ୍ମିରଞ୍ଜନ ଗିରି ଶୁଳିଆପଦା ଭାରପ୍ରାପ୍ତ ବିଇଓ ଭାବେ ଦାୟିତ୍ୱ ସମ୍ଭାଳୁଥିଲେ। ଶ୍ରୀ ମିଶ୍ର ସ୍ଥାୟୀ ଭାବେ ଯୋଗଦାନ କରିଥିବାରୁ ଶିକ୍ଷକ ମହଲରେ ଆନନ୍ଦର ଲହରି ଖେଳିଯାଇଛି।

## ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

ତୁରୁମୁଙ୍ଗା, ୨୯।୯(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ କେନ୍ଦେଇପଶି ପଞ୍ଚାୟତ ଅଁଳାଡିହା ଗ୍ରାମରେ ମଙ୍ଗଳବାର ଜଣେ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ଅଁଳାଡିହା ଗ୍ରାମର ଡମ୍ବରୁ ମୁଣ୍ଡାଙ୍କ ପୁଅ ରଜତ। ରଜତ ସିଲିପଦା ଗାଁକୁ ଶ୍ରମିକ ଭାବେ କାମ କରିବାକୁ ରାଜମିସ୍ତ୍ରି ପୂର୍ଣ୍ଣ ସହ ଯାଇଥିବା ବେଳେ ସନ୍ଧ୍ୟା ବେଳେ ତାଙ୍କୁ ଏକ ବାଲିଗଦା ଉପରୁ ଗୁରୁତର ଭାବେ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଏଠାରେ ପହଞ୍ଚିବା ପରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରଜତ କିଭଳି ମୃତ୍ୟୁ ଘଟିଲା ତାହା ସ୍ପଷ୍ଟ ଜଣା ପଡି ନଥିବା ବେଳେ ଚିକିତ୍ସା କରିଥିବା ଡ଼ାକ୍ତର ଅଭିଷେକ ସାହୁ ଶବ ବ୍ୟବଚ୍ଛେଦ ପରେ ଘଟଣା ସ୍ପଷ୍ଟ ହେବ ବୋଲି କହିଛନ୍ତି।

## 'ଚିତ୍ରଲିପି' ଓ 'ଉଲଫି' ନାଟକ ମଞ୍ଚସ୍ଥ



ଜାତୀୟ ନାଟ୍ୟ ମହୋତ୍ସବର ଅଷ୍ଟମ ସନ୍ଧ୍ୟା

ବାରିପଦା, ୨୯।୯(ସମିସ): ସ୍ଥାନୀୟ ସହିଦ ସ୍ମୃତି ଭବନରେ "ଆମେ, ବାରିପଦା' ଆନୁକୂଲ୍ୟରେ ଚାଲିଥିବା ଦ୍ୱିତୀୟ ବାର୍ଷିକ ୯ଦିନିଆ ଜାତୀୟ ନାଟ୍ୟ ମହୋତ୍ସବର ଅଷ୍ଟମ ସନ୍ଧ୍ୟା ସଫଳତାର ସହଳ ଶେଷ ହୋଇଛି। ଏହି ସନ୍ଧ୍ୟାରେ ମଞ୍ଚସ୍ଥ ଦୁଇଟି ନାଟକ ଦର୍ଶକଙ୍କ ମନ ମୋହିଥିଲା। ପ୍ରଥମ ପର୍ଯ୍ୟାୟରେ ଅନୁଗୋଳର ନାଟ୍ୟମ ପ୍ରଯୋଜିତ ନାଟକ "ଚିତ୍ରଲିପି' ପ୍ରଦର୍ଶିତ ହୋଇଥିଲା। ଏହାର ରଚନା, ନିର୍ଦ୍ଦେଶନା ସହ ଏକକ ଅଭିନୟ କରିଥିଲେ ସୁଧାଂଶୁ ମୋହନ ଦ୍ୱିବେଦୀ। ଏଥିରେ ଆଲୋକ ପରିଚାଳନାରେ ଅଶୋକ କର, ସଂଗୀତରେ ମାନସ ପରିଡ଼ା ଓ ମଞ୍ଚ ପରିଚାଳନାରେ ରବୀନ୍ଦ୍ର ନାଥ ସାହୁ ସହଯୋଗ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ମିରର ଥିଏଟର ବେଲପାହାଡ଼ ପ୍ରଯୋଜିତ ତଥା ଡା. ସୁବାସ ଚନ୍ଦ୍ର ପ୍ରଧାନଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ "ଉଲଫି' ମଞ୍ଚସ୍ଥ ହୋଇଥିଲା। ଏଥିରେ ବର୍ଷାରାଣୀ ଧଳ, ସନ୍ତୋଷ ସାହୁ, ଶ୍ୟାମସୁନ୍ଦର ପାଣ୍ଡେ, ଗୌରୀଶଙ୍କର କୁମ୍ଭାର, ମମତା ମାଇତି, ସୁଶାନ୍ତ ମହାରଣା ଓ ସଂଯୁକ୍ତା ସାବତ ପ୍ରମୁଖ ଜୀବନ୍ତ ଅଭିନୟ ପ୍ରଦର୍ଶନ କରିଥିଲେ। ଆଲୋକରେ ଜେନାମଣି ସେଠ, ସଂଗୀତ ନିର୍ଦ୍ଦେଶନାରେ ଗୌରୀଶଙ୍କର କୁମ୍ଭାର, ସଂଗୀତ ପରିଚାଳନାରେ ବିନୟ କୁମାର ପ୍ରଧାନ ଓ ମଞ୍ଚ ପରିଚାଳନାରେ ସରସ୍ୱତୀ ପ୍ରଧାନ ଦାୟିତ୍ୱ ନିର୍ବାହ କରିଥିଲେ। ଆୟୋଜକ କମିଟି ସଭାପତି ଡା କୈଳାସ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ ଦାସ, ବାରିପଦା ରୋଟାରୀ କ୍ଲବ ସଭାପତି ତିମିର ଘୋଷ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏ ଅବସରରେ ସମାଜସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ କାଶୀନାଥ ରଣାଙ୍କୁ "ମୟୂରଭଞ୍ଜ ମହାସମ୍ମାନ' ପ୍ରଦାନ କରାଯାଇଥିଲା। ଅଭିନେତା ଅଶୋକ ପଟ୍ଟନାୟକ ଓ କୁନ୍ଦନଲାଲ ଭଞ୍ଜଙ୍କୁ "ପ୍ରତିଭା ସମ୍ମାନ', ଅନୁପ ସାହା, ସୁଧାଂଶୁ ଦ୍ୱିବେଦୀ, ଡା ସୁବାସ ପ୍ରଧାନ ଓ ନାଟ୍ୟକାର ପଞ୍ଚାନନ ଦାଶଙ୍କୁ "ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। କମିଟି ସମ୍ପାଦକ ଚିନ୍ମୟ ଦାସପଟ୍ଟନାୟକ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଗୋକୁଳାନନ୍ଦ ବରାଳ
ଅବସରପ୍ରାପ୍ତ ଅଧିକ୍ଷଣ ଯନ୍ତ୍ରୀ
କୁମାରୀ, ଜାରକା, ଯାଜପୁର
ଆବିର୍ଭାବ - ୨୫.୦୩.୧୯୩୬
ତିରୋଧାନ - ୨୦.୦୯.୨୦୨୬
କିଛି ସ୍ମୃତି ଗଙ୍ଗଶିଉଳି ପରି ତଳେ ପଡିମଧ୍ୟ ଦେବଭୋଗ୍ୟ। ତୁମ ସ୍ମୃତି ସେମିତି କିଛି ନିଆରା, ନିବିଡ଼ତା, ନାନ୍ଦନିକତା ଠାରୁ ଆହୁରି ମହାର୍ଘ। ହେ ପୁଣ୍ୟାତ୍ମା। ଆପଣଙ୍କ ପାଇଁ ମହାକାଳ ଏକ ବ୍ୟର୍ଥ ଆପ୍ତବାକ୍ୟ। ଆପଣଙ୍କ ଆତ୍ମାର ସଦଗତି ହେଉ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକ ସନ୍ତପ୍ତ: ପୁଅ - ବିଜୟ, ସଞ୍ଜୟ ବୋହୂ - ସୁକାନ୍ତି, ମିନାକ୍ଷୀ, ଝିଅ - କଲ୍ୟାଣୀ, କବିତା, ଜ୍ୱାଇଁ - ସଂଗ୍ରାମ, ଶରତ, ନାତି- ସୋନୁ, ଡିମି, ନାତୁଣୀ ବୋହୂ - ପିଙ୍କି, ନାତୁଣୀ- ମାମୁନି, ଟିନୁ, ଆନି, ତୁତୁଲ, ରାଧା, ଧନ, ନାତୁଣୀ ଜ୍ୱାଇଁ -ଜିତୁ, ସୋମ୍ୟ, ସମଲେସ, ବନ୍ଧୁ ଆତ୍ମୀୟ ସ୍ୱଜନ ଓ ବରାଳ ପରିବାର।

ଆଇଚି-ନାଗୋୟା ଏସିଆନ୍ ଗେମ୍ସ

# ନୀରୁ, ମହିଳା ରିଲେ ଟିମ୍‌କୁ ସ୍ବର୍ଣ୍ଣ

- ଭାରତର ସ୍ବର୍ଣ୍ଣ ପଦକ ସଂଖ୍ୟା ୬ ଛୁଇଁଲା
- ତୃତୀୟ ପଦକ ସହ ଗୁଲବୀରଙ୍କ ଇତିହାସ
- ଫାଇନାଲରେ ଦୁଇ ବକ୍ସର, ୨ ପଦକ ପକ୍କା
- ଦେବ ମିନାଙ୍କ ଜାତୀୟ ରେକର୍ଡ ବ୍ୟର୍ଥ
- ଭାରତ-ଶ୍ରୀଲଙ୍କା ପୁରୁଷ କ୍ରିକେଟ ସେମିଫାଇନାଲ

ଟୋକିଓ,୨୯।୯(ଏଜେନ୍ସି)

ସୁଟର ନୀରୁ ଧଣ୍ଡା ଓ ମହିଳା ୪ ଗୁଣା ୪୦୦ ମିଟର ରିଲେ ଟିମ୍ ଜାପାନରେ ଚାଲିଥିବା ଏସିଆନ ଗେମ୍ସର ୧୧ଶ ଦିନରେ ଭାରତ ଲାଗି ସ୍ବର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଏହା ସହ ଆଜି ଭାରତକୁ ୮ଟି ପଦକ ମିଳିଛି। ଏହା ମଧ୍ୟରେ ୨ ସ୍ବର୍ଣ୍ଣ, ୧ ରୌପ୍ୟ ଓ ୫ଟି କାଂସ୍ୟ ପଦକ ରହିଛି। ଏହାକୁ ମିଶାଇ ଭାରତକୁ ମୋଟ ୬ସ୍ବର୍ଣ୍ଣ, ୨୧ ରୌପ୍ୟ ଓ ୨୬ କାଂସ୍ୟ ସହ ମୋଟ ୫୩ଟି ପଦକ ଜିତି ତାଲିକାର ୧୦ମ ସ୍ଥାନକୁ ଉନ୍ନୀତ ହୋଇଛି। ଆଥଲେଟିକ୍ସ, ସୁଟିଂରେ ଭାରତକୁ ଏହି ପଦକ ମିଳିଛି। ନୀରୁ ଧଣ୍ଡା ସ୍ବର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଛନ୍ତି। ମହିଳା ଟ୍ରାପ୍ ଇଭେଣ୍ଟରେ ନୀରୁ ସ୍ବର୍ଣ୍ଣ ଜିତିବା ପୂର୍ବରୁ ଅସିମା ଆହଲୱତ ଓ ମନୀଷା ଖୀରଙ୍କ ସହ ମିଶି ଟିମ୍ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଛନ୍ତି। ଆଥଲେଟମାନେ ସର୍ବାଧିକ ୫ଟି, ସୁଟର ୨ଟି ଓ ବକ୍ସର ଗୋଟିଏ ପଦକ ବିଜୟୀ ହୋଇଛନ୍ତି। ପୁରୁଷ ୫୦୦୦ ମିଟର ଦୌଡ଼ରେ ଗୁଲବୀର ସିଂ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଏହା ଫଳରେ ଚଳିତ ଏସିଆନ ଗେମ୍ସରେ ସେ ବ୍ୟକ୍ତିଗତ ଭାବେ ତୃତୀୟ ପଦକ ଜିତି ମହିଳା ରିଲେ ଟିମ୍ ଭଳି ଇତିହାସ ସୃଷ୍ଟି କରିଛନ୍ତି। ଆଥଲେଟିକ୍ସରେ ମିକ୍ସଡ ୪ ଗୁଣା ୧୦୦ ମିଟର ରିଲେ ଟିମ୍, ୪ ଗୁଣା ୪୦୦ ପୁରୁଷ ରିଲେ ଟିମ୍, ମହିଳା ହାଇ ଜମ୍ପ ଓ ବକ୍ସର ନରେନ୍ଦର ସିଂ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଦୁଇ ଜଣ ବକ୍ସର ପରବିନ ଓ ଅଙ୍କୁଶ ପାଙ୍ଘଲ ଫାଇନାଲରେ ପ୍ରବେଶ କରିବା ଫଳରେ ଆଉ ଦୁଇଟି କାଂସ୍ୟ ପଦକ ନିଶ୍ଚିତ ହୋଇଛି। ବର୍ଷା ଯୋଗୁ କ୍ରିକେଟ ଖେଳ ବାଧାପ୍ରାପ୍ତ ହେବାପରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ସେମିଫାଇନାଲ ମୁକାବିଲା ହେବାକୁ ସ୍ଥିର ହୋଇଛି।

## ଗେମ୍ସ ରେକର୍ଡ ସହ ସୁଟିଂରେ ଧଣ୍ଡାଙ୍କୁ ଡବଲ ମେଡାଲ



ଏସିଆନ ଗେମ୍ସ ସୁଟିଂରେ ଭାରତୀୟ ଟିମ୍ ସୁପର ଫ୍ଲପ୍ ହେବା ପରେ ଟ୍ରାପ୍ ଇଭେଣ୍ଟରେ ଆଜି ଡବଲ ସଫଳତା ମିଳିଛି। ଷ୍ଟାର ସୁଟର ନୀରୁ ଧଣ୍ଡା ଆଜି ଅନୁଷ୍ଠିତ ମହିଳା ଟ୍ରାପ୍ ସୁଟିଂର ଇଣ୍ଡିଭିଜୁଆଲ କାଟାଗୋରୀରେ ଏସିଆନ ଗେମ୍ସ ସହ ସ୍ବର୍ଣ୍ଣ ପଦକ ଓ ଟିମ୍ ଟ୍ରାପ୍ ଇଭେଣ୍ଟରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ମହିଳା ଟ୍ରାପ୍ ଇଣ୍ଡିଭିଜୁଆଲ ଇଭେଣ୍ଟରେ ନୀରୁ ୨୮ ପଏଣ୍ଟ ସ୍କୋର କରି ଏସୀୟ ରେକର୍ଡ ପ୍ରତିଷ୍ଠା କରିବା ସହ ସ୍ବର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଏହା ସହ ସେ ଭାରତ ଲାଗି ୫ମ ତଥା ସୁଟିଂରୁ ଦ୍ୱିତୀୟ ସ୍ବର୍ଣ୍ଣପଦକ କବ୍‌ଜା କରିଥିଲେ।

ପୂର୍ବରୁ ଟ୍ରାପ୍ ଟିମ୍ ଇଭେଣ୍ଟରେ ନୀରୁ, ଅସିମା ଅହଲୱତ୍ ଓ ମନୀଷା ଖୀର ମିଳିତଭାବେ ୩୨୮ ପଏଣ୍ଟ ସ୍କୋର କରି ଚୀନ୍ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଫଳରେ ଏମାନଙ୍କୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ନୀରୁଙ୍କ ଲାଗି ଆଜି ଡବଲ ମେଡାଲ ଜିତିବାର ଦିନ ଥିଲା। କତାରକୁ କାଂସ୍ୟ ପଦକ ମିଳିଥିଲା।

## ଆଥ୍‌ଲେଟିକ୍ସରେ ମହିଳା ରିଲେ ଟିମ୍ ଜିତିଲେ ପ୍ରଥମ ସ୍ବର୍ଣ୍ଣ



ମହିଳା ୪ ଗୁଣା ୪୦୦ ମହିଳା ରିଲେ ଟିମ୍ ଏସିଆନ ଗେମ୍ସ ଆଥଲେଟିକ୍ସରେ ଭାରତ ଲାଗି ପ୍ରଥମ ତଥା ପ୍ରତିଯୋଗିତାରେ ୬ଷ୍ଠ ସ୍ବର୍ଣ୍ଣପଦକ ବିଜୟୀ ହୋଇଛି। ଆଜି ଅନୁଷ୍ଠିତ ଫାଇବାଲରେ କିରା ପାହାଲ, ଏମ୍ଆର୍ ପୂଭାମ୍ମା, ପ୍ରାଚୀ ଓ ବିଥ୍ୟା ରାମରାଜ ୩ ମିନିଟ୍ ୨୯.୬୯ ସେକେଣ୍ଡ ସମୟ ନେଇ ସ୍ବର୍ଣ୍ଣପଦକ ହାସଲ କରିଥିଲେ। ଏହି ଇଭେଣ୍ଟରେ ବାହାରିନ୍‌କୁ ରୌପ୍ୟ ଓ ଚୀନ୍‌କୁ କାଂସ୍ୟ ପଦକ ମିଳିଥିଲା। ଏହା ଫଳରେ ଦୀର୍ଘ ୪୪ ବର୍ଷ ଧରି ଭାରତର ୪ ଗୁଣା ୪୦୦ ମହିଳା ରିଲେ ଟିମ୍ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ରିଲେ ଟିମ୍ ଏହାକୁ ମିଶାଇ ଏସିଆନ ଗେମ୍ସରେ ୭ମ ସ୍ବର୍ଣ୍ଣପଦକ ବିଜୟୀ ହେବାରେ ସଫଳ ହୋଇଛନ୍ତି। ୨୦୧୮ ରେ ଦଳ ଶେଷ ସ୍ବର୍ଣ୍ଣ ଜିତିଥିଲା। ସେହିପରି ବିଥ୍ୟା ରାମରାଜ ମଧ୍ୟ ଏଠାରେ ତୃତୀୟ ପଦକ ଜିତିଛନ୍ତି। ଗତକାଲି ସେ ମହିଳା ୪୦୦ ମିଟର ହର୍ଡଲ୍ସରେ ପିଟି ଉଷାଙ୍କ ଜାତୀୟ ରେକର୍ଡ ଭାଙ୍ଗିବା ସହ କାଂସ୍ୟ ଓ ୪ ଗୁଣା ୪୦୦ ମିଟର ମିକ୍ସଡ ରିଲେରେ ରୌପ୍ୟ ପଦକ କବ୍‌ଜା କରିଥିଲେ।




ରିଲେ ରେସ୍‌ରେ ଭାରତକୁ ଆଉ ଦୁଇଟି ପଦକ ମିଳିଛି। ୪ ଗୁଣା ୪୦୦ ମିଟର ପୁରୁଷ ରିଲେ ଟିମ୍‌କୁ କାଂସ୍ୟ ମିଳିଛି। ଏଥିରେ ବିଶାଳ ଟିକେ, ଧରମବୀର, ମନୁ ଓ ଜୟକୁମାର ଅଂଶଗ୍ରହଣ କରିଥିଲେ। ସେହିପରି ପୁରୁଷ ୪ ଗୁଣା ୧୦୦ ମିଟର ମିକ୍ସଡ ରିଲେ ରେସ୍‌ରେ ମଧ୍ୟ କାଂସ୍ୟ ପଦକ ମିଳିଛି। ହରିତା ଭଦ୍ର, ସ୍ନେହା ଏସ୍ଏସ୍, ଅନିମେଶ କୁଜୁର ଓ ଗୁରିନ୍ଦରବୀର ସିଂହଙ୍କୁ ନେଇ ଗଠିତ ଟିମ୍ ୪୧.୦୬ ସେକେଣ୍ଡ ସମୟ ନେଇ ଜାତୀୟ ରେକର୍ଡ ସୃଷ୍ଟି କରିଥିଲେ ମଧ୍ୟ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ସବୁଠାରୁ ଅଧିକ ପଦକ ଜିତୁଥିବା ଆଥଲେଟିକ୍ସ ଇଭେଣ୍ଟ ଆଜି ଶେଷ ହୋଇଛି। ଭାରତ ଗୋଟିଏ ସ୍ବର୍ଣ୍ଣ, ୯ଟି ରୌପ୍ୟ ଓ ୧୪ଟି କାଂସ୍ୟ ସହ ମୋଟ ୨୪ଟି ପଦକ ହାସଲ କରିଛି।

## ଗୁଲବୀର ସିଂହଙ୍କୁ ହ୍ୟାଟ୍ରିକ୍ ମେଡାଲ



ଲଙ୍ଗ ଡିଷ୍ଟାନ୍ସ ରନର ଗୁଲବୀର ସିଂହ ଆଜି ଅନୁଷ୍ଠିତ ପୁରୁଷ ୫୦୦୦ ମିଟର ରେସ୍‌ରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ସେ ଏହି ଦୂରତାକୁ ୧୩ ମିନିଟ୍ ୩୨.୭୫ ସେକେଣ୍ଡରେ ଜିତି ଚଳିତ ପ୍ରତିଯୋଗିତାରେ ହ୍ୟାଟ୍ରିକ୍ ପଦକ ହାସଲ କରି ରେକର୍ଡ କରିଛନ୍ତି। ଏହା ପୂର୍ବରୁ ସେ ପୁରୁଷ ୧୦,୦୦୦ ମିଟର ଓ ୧୫୦୦ ମିଟର ଦୌଡ଼ରେ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଗତ ୩ ଦିନରେ ଗୁଲବୀର ୩ଟି ପଦକ ଜିତି ଭାରତୀୟ ଆଥଲେଟଙ୍କ ଲାଗି ଉଦାହରଣ ସୃଷ୍ଟି କରିପାରିଛନ୍ତି। ଚଳିତ ଏସିଆନ ଗେମ୍ସରେ ୩ଟି ପଦକ ଜିତିବାରେ ମହିଳା ରନର ବିଥ୍ୟା ରାମରାଜ ସଫଳ ହୋଇଛନ୍ତି। ସେ ଗୋଟିଏ ଇଣ୍ଡିଭିଜୁଆଲ ଓ ୨ଟି ରିଲେ ଟିମ୍‌ରେ ଭାଗ ନେଇ ୩ଟି ପଦକ ଜିତିଛନ୍ତି। ଗୁଲବୀରଙ୍କ ୩ଟି ଯାକ ପଦକ ଇଣ୍ଡିଭିଜୁଆଲ ରେସ୍‌ରୁ ମିଳିଛି।

## ଭାରତ-ଶ୍ରୀଲଙ୍କା ସେମିଫାଇନାଲ

**ପୁରୁଷ କ୍ରିକେଟ**

ନିଶିନ,୨୯।୯(ଏଜେନ୍ସି): ଏଠାରେ ଚାଲିଥିବା ଏସିଆନ ଗେମ୍ସ ପୁରୁଷ କ୍ରିକେଟର ସେମିଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଯାଇଛି। ଅକ୍ଟୋବର ୧ରେ ଖେଳାଯିବାକୁ ଥିବା ସେମିଫାଇନାଲରେ ଭାରତ ସହ ଶ୍ରୀଲଙ୍କାର ଓ ପାକିସ୍ତାନ ସହ ବାଂଲାଦେଶର ମୁକାବିଲା ହେବ। ଏହି ମୁକାବିଲାର ବିଜେତା ଟିମ୍ ସହ ଫାଇନାଲ ମୁକାବିଲା ଅକ୍ଟୋବର ୩ରେ ଖେଳାଯିବ। ପୂର୍ବରୁ ମହିଳା ବିଭାଗରେ ପାକିସ୍ତାନକୁ ହରାଇ ଭାରତ ସ୍ବର୍ଣ୍ଣପଦକ ବିଜୟୀ ହୋଇଥିଲା। କ୍ରମାଗତ ବର୍ଷା ଓ ଖରାପ ପଡ଼ିଆ ଯୋଗୁଁ ଆଜିର ଦୁଇଟି କ୍ୱାର୍ଟର ଫାଇନାଲକୁ ମିଶାଇ କ୍ରମାଗତ ୬ଟି ମ୍ୟାଚ୍ ବାତିଲ ହୋଇଛି। ଆଜି ଖେଳାଯିବାକୁ ଥିବା ମ୍ୟାଚ୍ ବାତିଲ ହେବା ଫଳରେ ମାଲେସିଆ ବିପକ୍ଷରେ ବାଂଲାଦେଶ ଓ ନେପାଳ ବିପକ୍ଷରେ ଶ୍ରୀଲଙ୍କାର ମାନ୍ୟତା ଅଧିକ ଥିବାରୁ ସେମିଫାଇନାଲକୁ ଯାଇଛନ୍ତି। ସେମିଫାଇନାଲ ମୁକାବିଲା ଯଦି ବର୍ଷା ଯୋଗୁ ବାତିଲ ହୁଏ, ତେବେ ଆଇସିସିରେ ଅଧିକ ମାନ୍ୟତା ଭିତ୍ତିରେ ଭାରତ ଓ ପାକିସ୍ତାନ ଫାଇନାଲକୁ ଯିବେ। ଫାଇନାଲ ବାତିଲ ହେଲେ ଉଭୟ ଦଳକୁ ଯୁଗ୍ମ ଚାମ୍ପିଅନ ଘୋଷଣା କରାଯିବ। ଏହାର ଅର୍ଥ ଉଭୟ ସ୍ବର୍ଣ୍ଣପଦକ ମିଳିତଭାବେ ବିଜୟୀ ହେବେ।

## ପୂଜାଙ୍କୁ କାଂସ୍ୟ, ଦେବ ମୀନାଙ୍କ ଜାତୀୟ ରେକର୍ଡ



ଆଉ ଜଣେ ମହିଳା ଆଥଲେଟ ତଥା ଜାତୀୟ ରେକର୍ଡଧାରୀ ପୂଜା ହାଇଜମ୍ପରେ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଏହି ଇଭେଣ୍ଟରେ ସେ ୧.୮୪ ମିଟର ଉଚ୍ଚତାକୁ ଡେଇଁ ତୃତୀୟ ସ୍ଥାନରେ ରହିଥିଲେ। ଚଳିତବର୍ଷ ଆରମ୍ଭରେ ସେ ୧.୯୩ ମିଟର ଉଚ୍ଚତାକୁ ଡେଇଁ ସାହାନା କୁମାରୀଙ୍କ ନାମରେ ଥିବା ୧୪ ବର୍ଷର ଜାତୀୟ ରେକର୍ଡକୁ ଭାଙ୍ଗିଦେଇଥିଲେ। କିନ୍ତୁ ଏଠାରେ ତାହା ଦୋହରାଇ ପାରି ନ ଥିଲେ। ଉଜ୍‌ବେକିସ୍ତାନର ସେଫୁଲାଏଭା ୧.୯୦ ମିଟରକୁ ଡେଇଁ ସ୍ବର୍ଣ୍ଣ ଓ କାଜାଖସ୍ତାନର କ୍ରିଷ୍ଟିନା ଓଭଚିନ୍ନିକୋଭା ୧.୮୭ ମିଟର ଉଚ୍ଚତାକୁ ଡେଇଁ ରୌପ୍ୟ ପଦକ ଜିତିଥିଲେ। ପୁରୁଷ ପୋଲ ଭଲ୍ଟରେ ଦେବ ମୀନା ୫.୫୦ ମିଟର ଉଚ୍ଚତାକୁ ଡେଇଁ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିଲେ ମଧ୍ୟ ଚତୁର୍ଥ ସ୍ଥାନରେ ରହିଥିଲେ। ଏଥିରେ ଭାଗନେଇଥିବା କୁଲଦୀପ ୧୦ମ ସ୍ଥାନରେ ରହିଥିଲେ। ଅନ୍ୟ ପ୍ରତିଯୋଗୀଙ୍କ ମଧ୍ୟରେ ମହିଳା ହାମର ଥ୍ରୋ'ରେ ତାନ୍ୟା ଚୌଧୁରୀ ଚତୁର୍ଥ ଓ ଅନୁଷ୍କା ଯାଦବ ୫ମ, ପୁରୁଷ ୮୦୦ ମିଟର ଦୌଡ଼ରେ ମହମ୍ମଦ୍ ଅଫସଲ ୮ମ ଓ ମହିଳାରେ ପୂଜା ୭ମ ସ୍ଥାନ ଅଧିକାର କରିଥିଲେ।

## ନରେନ୍ଦରଙ୍କୁ କାଂସ୍ୟ, ୨ ବକ୍ସର ଫାଇନାଲରେ

ବକ୍ସିଂରେ ଭାରତ କାଂସ୍ୟ ପଦକରୁ ଖାତା ଖୋଲିଛି। ପୁରୁଷ ୯୦ କେଜିରୁ ଊର୍ଦ୍ଧ୍ୱ କାଟାଗୋରୀରେ ନରେନ୍ଦର ବେରୱାଲ ସେମିଫାଇନାଲରେ କାଜାଖସ୍ତାନର ଆଇବେକ୍ ଓରାଲବେ'ଙ୍କଠାରୁ ୫-୦ରେ ପରାଜିତ ହୋଇଥିଲେ। ଟୁର୍ଣ୍ଣାମେଣ୍ଟ ନିୟମ ଅନୁଯାୟୀ ତାଙ୍କୁ କାଂସ୍ୟ ପଦକ ମିଳିଥିଲା। ତାଙ୍କ ବ୍ୟତୀତ ଆଉ ଦୁଇ ଜଣ ବକ୍ସର ଆଜିର ସେମିଫାଇନାଲ ଲଢ଼େଇରେ ବିଜୟୀ ହୋଇଛନ୍ତି। ସେମାନେ ହେଲେ ପୁରୁଷ ୮୦ କେଜିରେ ଅଙ୍କୁଶ ପାଙ୍ଘଲ ଓ ମହିଳା ୬୫ କେଜିରେ ପରବିନ୍। ଏମାନେ ଫାଇନାଲରେ ପ୍ରବେଶ କରିବା ଫଳରେ ଅତିକମ୍‌ରେ ଆଉ ୨ଟି ପଦକ ଜିତିବା ସ୍ପଷ୍ଟ ହୋଇଛି। ସେହିପରି ଆସନ୍ତାକାଲି ଭାରତର ଆଉ ୩ଜଣ ବକ୍ସର ସେମିଫାଇନାଲ ଖେଳିବେ।

ଆଜି ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଦିନିକିଆ

# ସିରିଜ୍ କବ୍‌ଜା ଲକ୍ଷ୍ୟରେ ଭାରତ

ଗୌହାଟୀ, ୨୯।୯ (ଏଜେନ୍ସି): ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ଓ ଭାରତ ମଧ୍ୟରେ ଦିନିକିଆ ସିରିଜର ଦ୍ୱିତୀୟ ମ୍ୟାଚ୍ ବୁଧବାର ସ୍ଥାନୀୟ ବର୍ଷାପରା କ୍ରିକେଟ୍ ଷ୍ଟାଡିୟମରେ ଖେଳାଯିବ। ପୂର୍ବରୁ ରବିବାର ଖେଳାଯାଇଥିବା ପ୍ରଥମ ମ୍ୟାଚରେ ଘରୋଇ ଭାରତ ୮ ୱିକେଟରେ ବିଜୟୀ ଲାଭ କରିଥିଲା। ୨୯୬ ରନର ଟାର୍ଗେଟକୁ ପିଛା କରିଥିବା ଭାରତ ଅଧିନାୟକ ଶୁବମନ ଗିଲ୍ (୧୦୮ ବଲରେ ୧୧୦ ରନ) ଓ ବିରାଟ କୋହଲି (୮୮ ବଲରେ ୧୩୯* ରନ)ଙ୍କ ଦମ୍‌ଦାର ଶତକ ବଳରେ ମାତ୍ର ୨ଟି ୱିକେଟ ହରାଇ ୫୦ଟି ବଲ୍ ପୂର୍ବରୁ ଲକ୍ଷ୍ୟ ହାସଲ କରିନେଇଥିଲା। ତେଣୁ ଘରୋଇ ଦଳ ଏହି ବିଜୟଧାରା ବଜାୟ ରଖି ଆଗୁଆ ସିରିଜ କବ୍‌ଜା କରିବା ଲକ୍ଷ୍ୟରେ ରହିଛି। ଅପରପକ୍ଷରେ ସାଇ ହୋପଙ୍କ ୱେଷ୍ଟଇଣ୍ଡିଜ ଦଳ ପାଇଁ ଏହି ମ୍ୟାଚ୍ 'କର ବା ମର' ସଦୃଶ ହୋଇଛି। ସିରିଜ ବଞ୍ଚାଇବାକୁ ହେଲେ ଇଣ୍ଡିଜ ଦଳକୁ ଏହି ମ୍ୟାଚ୍‌ରେ ନିଶ୍ଚିତ ବିଜୟ ଆବଶ୍ୟକ କରୁଛି। ତେଣୁ ବୁଧବାର କ୍ରିକେଟ୍‌ପ୍ରେମୀ ଏକ ରୋମାଞ୍ଚକ ମ୍ୟାଚ୍ ଦେଖିବା ଆଶାରେ ରହିଛନ୍ତି।

### ବର୍ଷାପରାରେ ହ୍ୟାଟ୍ରିକ୍ ଶତକ ଲକ୍ଷ୍ୟରେ କୋହଲି

ବର୍ଷାପଡ଼ା ଷ୍ଟାଡିୟମର ରେକର୍ଡ ଉପରେ ନଜର ପକାଇଲେ ଭାରତ ଏଠାରେ ଖେଳିଥିବା ଶେଷ ଦୁଇଟି ଦିନିକିଆରେ ବିଜୟ ଲାଭ କରିଥିଲା। କିଙ୍ଗ୍ କୋହଲି ଉଭୟ ମ୍ୟାଚରେ ଶତକୀୟ ପାଳି ଖେଳି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତେଣୁ କୋହଲିଙ୍କ ପାଇଁ ଏହି ଭେନ୍ୟୁରେ ହ୍ୟାଟ୍ରିକ ଦିନିକିଆ ଶତକ ହାସଲ କରିବାର ମଧ୍ୟ ସୁବର୍ଣ୍ଣ ସୁଯୋଗ ରହିଛି। ପୂର୍ବରୁ ଏହି ଭେନ୍ୟୁରେ ଖେଳାଯାଇଥିବା ୨ଟି ଯାକ ଦିନିକିଆର ଚାରୋଟି ଇନିଂସରେ ୩୦୦ରୁ ଊର୍ଦ୍ଧ୍ୱ ସ୍କୋର ଦେଖିବାକୁ ମିଳିଛି। ତେଣୁ ୩୦୦ ରନ ସ୍କୋର ଏହି ଗ୍ରାଉଣ୍ଡରେ ସୁରକ୍ଷିତ ସ୍କୋର ନୁହେଁ ବୋଲି ରେକର୍ଡରୁ ଜଣାପଡ଼ିଛି।

**ମ୍ୟାଚ୍ ଆରମ୍ଭ: ଅପରାହ୍ଣ ୨ଟା**
**ସ୍ଥାନ: ଗୌହାଟୀ**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ/ଜିଓହଷ୍ଟାର**

## ସିଏସ୍‌କେ'ର ବୋଲିଂ କୋଚ୍ ହେବେ ମୋହିତ୍

ଚେନ୍ନାଇ, ୨୯।୯ (ଏଜେନ୍ସି): ପୂର୍ବତନ ଦ୍ରୁତ ବୋଲର ମୋହିତ ଶର୍ମା ଚେନ୍ନାଇ ସୁପର୍ କିଙ୍ଗ୍‌ସ (ସିଏସକେ)ର ନୂଆ ବୋଲିଂ କୋଚ୍ ହେବେ। ଦକ୍ଷିଣ ଆଫ୍ରିକାର ଏରିକ ସିମନ୍ସଙ୍କ ସ୍ଥାନରେ ୩୮ ବର୍ଷୀୟ ମୋହିତ୍ ଏହି ଦାୟିତ୍ୱ ଗ୍ରହଣ କରିବେ। 'ନୂତନ ମୁଖ୍ୟ କୋଚ୍ ଜାହିର ଖାନ ବର୍ତ୍ତମାନ ସପୋର୍ଟ ଷ୍ଟାଫ୍ ଚୟନ ପ୍ରକ୍ରିୟାକୁ ଚୂଡ଼ାନ୍ତ କରୁଛନ୍ତି। ବୋଲିଂ କୋଚ୍ ଭୂମିକା ପାଇଁ ସେ ମୋହିତଙ୍କୁ ଚୟନ କରିବାର ଯଥେଷ୍ଟ ସମ୍ଭାବନା ରହିଛି' ବୋଲି ସିଏସକେ ସିଓଓ କାଶୀ ବିଶ୍ୱନାଥନ କହିଛନ୍ତି। ଉଲ୍ଲେଖଯୋଗ୍ୟ, ମୋହିତ ୪ଟି ସିଜନ ଧରି ଆଇପିଏଲ୍‌ରେ ସିଏସକେ ପାଇଁ ମୋଟ୍ ୪୮ଟି ମ୍ୟାଚ୍ ଖେଳିଛନ୍ତି। ଓଭରଅଲ୍ ସେ ଆଇପିଏଲ୍‌ରେ ୧୨୦ଟି ମ୍ୟାଚ୍ ଖେଳି ୧୩୪ଟି ୱିକେଟ ନେଇଛନ୍ତି।

■ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଅନ୍‌ଅଫିସିଆଲ୍ ଯୁବ ଟେଷ୍ଟ

## ଭାରତର ଇଂନିସ ବିଜୟ

ରାଜକୋଟ, ୨୯।୯ (ଏଜେନ୍ସି): ସ୍ଥାନୀୟ ନିରଞ୍ଜନ ଶାହ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ଅନ୍‌ଅଫିସିଆଲ୍ ଯୁବ (୧୯ ବର୍ଷରୁ କମ୍) ଟେଷ୍ଟରେ ଭାରତ ଏକ ପାଳି ଓ ୪୮ ରନରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଅଷ୍ଟ୍ରେଲିଆ ୨୧୭ ରନ ଜବାବରେ ଭାରତ ମଙ୍ଗଳବାର ତୃତୀୟ ଦିବସରେ ୪୯୪ ରନ କରି ପ୍ରଥମ ପାଳିରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଘରୋଇ ଦଳ ପକ୍ଷରୁ ଓପନର୍ ଲକ୍ଷ୍ୟ ରାଜେଶ ରାଇଚନ୍ଦନି ୨୧୦ ରନର ମାରାଥନ ଦ୍ୱିଶତକୀୟ ପାଳି ଖେଳିଥିଲେ। ସେହିଭଳି ୧୦ମ ସ୍ଥାନରେ ଆସିଥିବା ମୋହିତ ଉଲଭା ୯୨ ରନର ଉଲ୍ଲେଖନୀୟ ପାଳି ଖେଳିଥିଲେ। ଜବାବରେ ୨୭୭ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଭ୍ରମଣକାରୀ ଅଷ୍ଟ୍ରେଲିଆ ଯୁବ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨୨୯ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ପ୍ରଥମ ପାଳିରେ ଶତକୀୟ (୧୦୨ ରନ) ପାଳି ଖେଳିଥିବା ବ୍ଲେକ କାଟଲେ ଆଜି ମଧ୍ୟ ୧୨୩ ରନ କରିଥିଲେ ମଧ୍ୟ ଅଷ୍ଟ୍ରେଲିଆକୁ ପାଳି ପରାଜୟରୁ ରକ୍ଷା କରିପାରି ନ ଥିଲେ। ଘରୋଇ ଭାରତୀୟ ଦଳ ପକ୍ଷରୁ ଅଧିନାୟକ ତଥା ଅଫ୍-ସ୍ପିନର ଯଶବର୍ଦ୍ଧନ ଚୌହାନ ୬ଟି ଓ ବାମହାତୀ ସ୍ପିନର ଇଶାନ ଓମ୍ ୪ଟି ୱିକେଟ ନେଇ ଭାରତକୁ ଗୋଟିଏ ଦିନ ପୂର୍ବରୁ ବଡ଼ ବିଜୟ ଭେଟି ଦେଇଥିଲେ।

# ଆଜି ଓଡ଼ିଶା ଟି-୨୦ ଲିଗ୍ ଫାଇନାଲ




ଭୁବନେଶ୍ୱର, ୨୯।୯ (ସମିସ): ଆଇକନିକ ବାରବାଟୀ ଷ୍ଟାଡିୟମରେ ଚାଲିଥିବା 'ଭାରତ ମସଲା ଓଡ଼ିଶା ଟି-୨୦ ଲିଗ୍' ଦ୍ୱିତୀୟ ସଂସ୍କରଣ ଫାଇନାଲ ମ୍ୟାଚ୍ ବୁଧବାର ଖେଳାଯିବ। ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱାଧୀନ କେନ୍ଦୁଝର ମାଇନର୍ସ ପ୍ରଥମ ଦଳ ଭାବରେ ଫାଇନାଲରେ ପ୍ରବେଶ କରିଛି। ଗତକାଲି ଲିଗ୍ ପର୍ଯ୍ୟାୟ ସମାପ୍ତପରେ କେନ୍ଦୁଝର ଉନ୍ନତ ରନରେଟ୍ ସହ ୬ ପଏଣ୍ଟ ପାଇ ଶୀର୍ଷରେ ରହି ସିଧାସଳଖ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିଲା। ଅପରପକ୍ଷରେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିବା ସମ୍ବଲପୁର ୱାରିୟର୍ସ ଓ ଭୁବନେଶ୍ୱର ଟାଇଗର୍ସ ମଧ୍ୟରେ ମଙ୍ଗଳବାର ଏକମାତ୍ର କ୍ୱାଲିଫାୟର ଖେଳାଯାଉଛି। ଏହି ମ୍ୟାଚର ଶେଷ ଖବର ସୁଦ୍ଧା ସମ୍ବଲପୁର ୧୩ ଓଭରରେ ୩ ୱିକେଟ ହରାଇ ୧୦୨ ରନ କରିଛି। କ୍ୱାଲିଫାୟର ମ୍ୟାଚର ବିଜୟୀ ଦଳ ବୁଧବାର କେନ୍ଦୁଝର ସହ ରାତି ୭ଟା ୩୦ରେ ଫାଇନାଲ ଖେଳିବ।

ଅପରପକ୍ଷରେ ମଙ୍ଗଳବାର ଓସିଏ ଗ୍ରୀନ ଓ ଓସିଏ ବ୍ଲୁ' ଦଳ ମଧ୍ୟରେ ଏକ ମହିଳା ଟି-୨୦ ପ୍ରଦର୍ଶନୀ ମ୍ୟାଚ୍ ଖେଳାଯାଇଥିଲା। ଏହି ମ୍ୟାଚରେ ଓସିଏ ବ୍ଲୁ ଦଳ ୭ ୱିକେଟରେ ବିଜୟୀ ହୋଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ଗ୍ରୀନ ୨୦ ଓଭରରେ ୭ ୱିକେଟ ହରାଇ ୧୧୨ ରନ କରିଥିଲା। ଦଳ ପକ୍ଷରୁ ସଙ୍ଗୀତା ଖାଡ଼ିଆ ୩୩ ବଲରେ ୩୦ ରନ, ତନ୍ମୟୀ ବେହେରା ୧୫ ବଲରେ ୨୧ ଓ ମୋନାଲିସା ରାଉତ ୨୮ ବଲରେ ୨୫ ରନ କରିଥିଲେ। ବ୍ଲୁ' ପକ୍ଷରୁ ଜିଏମ୍ ଅଳକାନନ୍ଦା ୪ ଓଭରରେ ୧୨ ରନ ବ୍ୟୟରେ ୨ଟି ୱିକେଟ୍ ନେଇଥିଲେ। ଜବାବରେ ଓସିଏ ବ୍ଲୁ ଦଳ ୩ ୱିକେଟ ହରାଇ ଶେଷ ଓଭରରେ ବିଜୟୀ ହୋଇଥିଲା। ଶିଳ୍ପା ସ୍ୱାଇଁ ୩୧ ବଲରେ ୨୬ ଓ ପ୍ରଜ୍ଞା ମହାନ୍ତି ୩୨ ବଲରେ ୨୭ ରନ କରିଥିଲେ। ଅଳକାନନ୍ଦାଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

# ଜାତୀୟ ଜୁନିଅର ଥ୍ରୋ ବଲ୍ : କ୍ୱାର୍ଟରରେ ଓଡ଼ିଶା




ଭୁବନେଶ୍ୱର,୨୯।୯(ସମିସ): ଓଡ଼ିଶାର ଉଭୟ ପୁରୁଷ ଓ ମହିଳା ଦଳ ମହାରାଷ୍ଟ୍ରର ନାସିକ୍‌ଠାରେ ଚାଲିଥିବା ଜାତୀୟ ଜୁନିଅର ଥ୍ରୋବଲ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବାଳକ ବିଭାଗେ ଆନ୍ଧ୍ରପ୍ରଦେଶ, ପୁଡୁଚେରୀ ଓ ଗୋଆକୁ ୨-୦ ଲେଖାଏଁ ସେଟ୍‌ରେ ପରାସ୍ତ କରି ଓଡ଼ିଶା ଦଳ ପୁଲର ଚାମ୍ପିଅନ ହେବା ସହ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ସେହିପରି ପଶ୍ଚିମବଙ୍ଗ, ଗୋଆ ଓ କେରଳକୁ ହରାଇ ବାଳିକା ଦଳ ମଧ୍ୟ ପୁଲ ଚାମ୍ପିଅନ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ବାଳିକା ବିଭାଗରେ ଶୁଭଲକ୍ଷ୍ମୀ ସ୍ୱାଇଁ ଓ ଦୀପକ ବେହେରା ଉନ୍ନତ ଖେଳ ପ୍ରଦର୍ଶନ କରିଛନ୍ତି। କ୍ୱାର୍ଟର ଫାଇନାଲରେ ବିଜୟ ଲାଗି ଓଡ଼ିଶା ଥ୍ରୋ ବଲ ସଂଘ ସଭାପତି ଭୂପିନ୍ଦର ସିଂହ, ସମ୍ପାଦକ ଜିତେନ୍ଦ୍ରନାଥ ଦାସ ଓ ପ୍ରତିଷ୍ଠାତା ସଦସ୍ୟ କୃଷ୍ଣଚନ୍ଦ୍ର ଦାସ ପ୍ରମୁଖ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY